୪୭

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 30/2019 | ★★★★

୪୭ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ମାନ୍ଦାବସ୍ଥା ଝଟକା

## ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଲା

- ୬ ବର୍ଷର ସର୍ବନିମ୍ନ ସ୍ତରକୁ ଚାଲିଗଲା
- ଗତ ବର୍ଷ ଜୁଲାଇ-ସେପ୍ଟେମ୍ବର ଅଭିବୃଦ୍ଧି ୭.୧% ଥିଲା
- ବିତ୍ତୀୟ ନିଅଣ୍ଟ ୭.୨ ଲକ୍ଷ କୋଟି ଛୁଇଁଲା
- କୋର୍ ସେକ୍ଟର ଅଭିବୃଦ୍ଧି ୫.୮% ହ୍ରାସ

**ନୂଆଦିଲ୍ଲୀ,୨୯।୧୧**

ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୭.୧% ରହିଥିବା ଶୁକ୍ରବାର ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ୨୦୧୨-୧୩ ଆର୍ଥିକ ବର୍ଷ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଭାରତ ୪.୩% ସ୍ତରର ଅଭିବୃଦ୍ଧି ହ୍ରାସଲ କରିଥିଲା। ଏହାକୁ ଦେଖିଲେ ବର୍ତ୍ତମାନର ଜୁଲାଇ-ସେପ୍ଟେମ୍ବର ମାସର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଥିବା ଜଣାପଡିଛି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ୬ ମାସ ମଧ୍ୟରେ ଭାରତର ଅଭିବୃଦ୍ଧି ୪.୮% ରହିଛି। ଏହା ଗତ ବର୍ଷ ସମାନ ସମୟରେ ୭.୫% ରହିଥିଲା। ଚଳିତ ଆର୍ଥିକ ବର୍ଷ ଦେଶର ବିକାଶ ହାର ୬.୧% ରହିବ ବୋଲି ରିଜର୍ଭ ବ୍ୟାଙ୍କ ଏହାର ପରିବର୍ତ୍ତିତ ପୂର୍ବାନୁମାନରେ କହିଛି। ଏହା ପୂର୍ବରୁ ଅଭିବୃଦ୍ଧି ୬.୯% ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା।

ଖାଉଟି ଚାହିଦା ହ୍ରାସ, ମାନୁଫାକ୍ଚରିଂ କ୍ଷେତ୍ରରେ ମନ୍ଥରତା, ଘରୋଇ ନିବେଶ ଏବଂ ରପ୍ତାନି ହ୍ରାସ ହେବା ☞ପୃଷ୍ଠା-୪

■ ହାଇଦ୍ରାବାଦରେ ନିର୍ଭୟା ଘଟଣାର ପୁନରାବୃତ୍ତି

# ମହିଳା ଡାକ୍ତରଙ୍କୁ ଗଣବଳାତ୍କାର, ହତ୍ୟା

- ୩୦ କି.ମି. ଦୂର କଲଭର୍ଟ ତଳେ ମିଳିଲା ଅର୍ଦ୍ଧଦଗ୍ଧ ମୃତଦେହ
- ଟ୍ରକ୍ ଡ୍ରାଇଭର, କ୍ଲିନରଙ୍କ ସମେତ ୪ ଗିରଫ

**ହାଇଦ୍ରାବାଦ,୨୯।୧୧ (ପି.ଟି./ଆଇଏଏନ୍ଏସ୍)**

ଅପହରଣ ପରେ ଗଣବଳାତ୍କାର କରି ହତ୍ୟା ଓ ଶେଷରେ ମୃତଦେହକୁ ୩୦ କି.ମି. ଦୂର ଏକ ପୋଲ ତଳେ ଜାଳିଦେଲେ। ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ବୁଧବାର ରାତିରେ ଜଣେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କ କ୍ଷେତ୍ରରେ ଘଟିଛି ଏଭଳି ଲୋମଟାଙ୍କୁରା ବର୍ବର ଘଟଣା। ଏହି କାଣ୍ଡ ଭିଆଇଥିବା ଅଭିଯୋଗରେ ସାଇବରାବାଦ ପୋଲିସ ଶୁକ୍ରବାର ଜଣେ ଟ୍ରକ୍ ଡ୍ରାଇଭର ଓ କ୍ଲିନରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ତେଲଙ୍ଗାନା ସମେତ ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ମହିଳା ପ୍ରାଣୀ ଚିକିତ୍ସକ ଜଣକ ମେହବୁବ୍‌ନଗର ଜିଲା ନୱାବପେଟ ମଣ୍ଡଳର କୋଲ୍ଲୁରସ୍ଥିତ ☞ପୃଷ୍ଠା-୪

# ଜେଇଇ ମେନ୍‌ରେ ଆସିବ ଓଡ଼ିଆ ପ୍ରଶ୍ନପତ୍ର

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଏଣିକି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା 'ଜେଇଇ ମେନ୍'ରେ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆସିବ। ଓଡ଼ିଆ ସମେତ ମୋଟ ୧୧ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ଆସନ୍ତା ୨୦୨୧ରୁ ଏହା ଲାଗୁ ହେବ। ବର୍ତ୍ତମାନ ଇଂଲିଶ, ହିନ୍ଦୀ ଓ ଏକମାତ୍ର ଆଞ୍ଚଳିକ ଭାଷା ଭାବେ ଗୁଜରାଟିରେ ପ୍ରଶ୍ନପତ୍ର ଆସୁଛି। ଅନେକ ରାଜ୍ୟ ନିଜର ଆଞ୍ଚଳିକ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ବାରମ୍ବାର ଦାବି କରୁଥିଲେ। ତାହାକୁ ବିଚାରକୁ ନେଇ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ଆସନ୍ତା ୨୦୨୧ରୁ ଇଂଲିଶ, ହିନ୍ଦୀ ସମେତ ଅନ୍ୟ ୯ ଆଞ୍ଚଳିକ ଭାଷା ଓଡ଼ିଆ, ଅହମିୟା, ବଙ୍ଗଳା, ଗୁଜରାଟି, କନ୍ନଡ଼, ମରାଠୀ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ଭାଷାରେ ପ୍ରଶ୍ନପତ୍ର ଆସିବ। ମୋଟ ୧୧ ଭାଷାରେ ପ୍ରଶ୍ନପତ୍ର କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସମ୍ଭାବ୍ୟ ଅଦଳବଦଳ

**ଆଜିର ମନ୍ତବ୍ୟ**

"ଭାରତ-ଶ୍ରୀଲଙ୍କା ସମ୍ପର୍କକୁ ବହୁ ଉଚ୍ଚକୁ ନେବା ପାଇଁ ଚାହେଁ।

-ଗୋଟାବାୟା ରାଜପାକ୍ସେ, ଶ୍ରୀଲଙ୍କା ରାଷ୍ଟ୍ରପତି







Vencobb CHICKEN

29.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers








ଅଯୋଧ୍ୟାରେ ପ୍ରସ୍ତାବିତ ରାମମନ୍ଦିର ଦେଶରେ ଶାନ୍ତି ଆଣିବା ସହ ସମ୍ପ୍ରଦାୟ ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା।
- ଶ୍ରୀଶ୍ରୀ ରବିଶଙ୍କର, ଆଧ୍ୟାତ୍ମିକ ଗୁରୁ



## ସଂକ୍ଷେପରେ

### ଆଲବାନିଆରେ ଭୂମିକମ୍ପ: ୪୯ ମୃତ



**ଟିରାନା,୨୯।୧୧(ଏଏଫ୍‌ପି):** ଆଲବାନିଆ ଭୂମିକମ୍ପରେ ୪୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୫୦ ଆହତ ହୋଇଛନ୍ତି। ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଭୋର ସମୟରେ ଆଲବାନିଆରେ ୬.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏହାକୁ ଦଶନ୍ଧିର ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଇଛି। ବନ୍ଦର ସହର ଡୁରେସ୍ ଏବଂ ଥୁମାନେରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ଧ୍ୱଂସାବଶେଷ ତଳେ ଅନେକ ଲୋକ ଫସି ରହିଯାଇଥିଲେ।

### ମଧ୍ୟାହ୍ନଭୋଜନରେ ୮୧ ପିଲାଙ୍କୁ ଲିଟରେ କ୍ଷୀର

**ସୋନଭଦ୍ର,୨୯।୧୧(ପି.ଟି.):** ଉତ୍ତରପ୍ରଦେଶର ଚୋପାନ ବ୍ଲକ ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ପଢୁଥିବା ୮୧ ଛାତ୍ରୀଛାତ୍ରଙ୍କୁ ୧ ଲିଟର କ୍ଷୀର ବଣ୍ଟାଯାଉଥିବା ଜଣାପଡ଼ିବା ପରେ ସ୍କୁଲର ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ୧ ଲିଟର କ୍ଷୀରେ ବାଲତିଏ ଗରମ ପାଣି ମିଶାଯାଇ ପିଲାଙ୍କୁ ଦିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ କୋଟା ପଞ୍ଚାୟତର ଶିକ୍ଷାମିତ୍ର (ଠିକା ଶିକ୍ଷକ)ଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ଦୁର୍ନୀତି ରୋକିବାରେ ବିଫଳ ଭାଜପା ସରକାରଙ୍କୁ ସମାଜବାଦୀ ପାର୍ଟି ଓ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ବାଲତିଏ ପାଣିରେ କ୍ଷୀର ମିଶାଇବା କଥାକୁ ପାଚିକା ସ୍ୱୀକାର କରିଛନ୍ତି।

# ଆଜି ମହାରାଷ୍ଟ୍ର ଆସ୍ଥାଭୋଟ

**ମୁମ୍ବାଇ,୨୯।୧୧(ପି.ଟି.)**



ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଦାୟିତ୍ୱ ଗ୍ରହଣ କରିବା ଲାଗି ସଚିବାଳୟକୁ ଯାଉଛନ୍ତି।

- ଆନୁଷ୍ଠାନିକ ଭାବେ ଦାୟିତ୍ୱ ନେଲେ ଉଦ୍ଧବ
- ଆରେ କାର୍ ସେଡ୍ ପ୍ରକଳ୍ପ ସ୍ଥଗିତ
- ଦିଲୀପ ପାଟିଲ କାମଚଳା ବାଚସ୍ପତି

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡି ସରକାର ଶନିବାର ମହାରାଷ୍ଟ୍ର ବିଧାନସଭାରେ ଆସ୍ଥାଭୋଟ ଲୋଡିପାରନ୍ତି। ଏହା ପୂର୍ବରୁ କାମଚଳା ବାଚସ୍ପତି (ପ୍ରୋଟେମ୍ ସ୍ପିକର) ଭାବେ ଏନ୍‌ସିପିର ବରିଷ୍ଠ ନେତା ଦିଲୀପ ୱାଲ୍‌ସେ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଛି। ଡିସେମ୍ବର ୩ ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କୁ ପରାମର୍ଶ ଦେଇଥିଲେ। ଶନିବାର ଆସ୍ଥାଭୋଟ ହେବା ସମ୍ଭାବନା ରହିଛି ବୋଲି ବିଧାନ ଭବନ ସୂତ୍ରରୁ କୁହାଯାଇଛି। ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବା ଲାଗି ଭାଜପା ବିଧାୟକ କାଳିଦାସ କୋଲମ୍ବକରଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଥିଲା। ତାଙ୍କ ସ୍ଥାନରେ ଆମ୍ବେଗାଓଁ ବିଧାୟକ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପ୍ରଥମ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉଦ୍ଧବଙ୍କ ବ୍ୟତୀତ ୬ ଜଣ ମନ୍ତ୍ରୀ ଗୁରୁବାର ଶପଥ ନେଇଥିଲେ। ଆସ୍ଥାଭୋଟ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ଉଦ୍ଧବ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅପରାହ୍ନ ୨ଟାରେ ସେ ମନ୍ତ୍ରଣାଳୟର ଷଷ୍ଠ ମହଲାରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟାଳୟ ବାହାରେ ଥିବା ନାମଫଳକ ବଦଳାଯାଇ ଉଦ୍ଧବ ବାଲାସାହେବ ଠାକ୍‌ରେ ଲେଖାଥିବା ଫଳକ ଲଗାଯାଇଥିଲା। ମନ୍ତ୍ରଣାଳୟରେ ପହଞ୍ଚି ଉଦ୍ଧବ ପ୍ରଥମେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଉଦ୍ଧବ ଆରେ କଲୋନିରେ ମେଟ୍ରୋ କାର ସେଡ୍ ପ୍ରକଳ୍ପ ନିର୍ମାଣକୁ ସ୍ଥଗିତ ରଖିବା ଲାଗି ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସେଠାରେ ବ୍ୟାପକ ଗଛକଟାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକାଶ ନାମରେ ଏତେସଂଖ୍ୟାରେ ଗଛକଟାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଉଦ୍ଧବ କହିଛନ୍ତି। ଆରେ କଲୋନି ଗଛକଟାକୁ ଶିବସେନା ପକ୍ଷରୁ ବିରୋଧ କରାଯାଇଥିଲା।

# ଶ୍ରୀଲଙ୍କାକୁ ୪୫୦ ନିୟୁତ ଡଲାର ଋଣ ଦେବ ଭାରତ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ଶ୍ରୀଲଙ୍କାରେ ଆତଙ୍କବାଦ ଦମନ ଲାଗି ୫୦ ନିୟୁତ ଡଲାର ସମେତ ୪୫୦ ନିୟୁତ ଡଲାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ଫଳପ୍ରଦ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ଆଲୋଚନାରେ ଶ୍ରୀଲଙ୍କାର ତାମିଲ ସମ୍ପ୍ରଦାୟଙ୍କ ଆଶା ଆକାଂକ୍ଷା ପୂରଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାବ୍ୟତୀତ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା, ବାଣିଜ୍ୟ ସମ୍ପର୍କ ଉପରେ ଆଲୋଚନା ହୋଇଥିଲା। ଶ୍ରୀଲଙ୍କାର ଦ୍ରୁତ ବିକାଶ ଲାଗି ଭାରତ ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆତଙ୍କବାଦ ଦମନ ଲାଗି ଆପୋସ ସହଯୋଗକୁ ସୁଦୃଢ଼ କରିବା ଉପରେ ମୋଦି ଗୋଟାବାୟାଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ଶ୍ରୀଲଙ୍କାର ପୋଲିସ ଅଫିସରମାନେ ଭାରତୀୟ ପ୍ରଶିକ୍ଷଣ ଅନୁଷ୍ଠାନରେ ତାଲିମ ନେଉଥିବା ମୋଦି କହିଛନ୍ତି।

ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଥମ



ରାଷ୍ଟ୍ରପତି ଭବନରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଦ୍ୱିପାକ୍ଷିକ ସମ୍ପର୍କକୁ ଶିଖରରେ ପହଞ୍ଚାଇବାକୁ ଚାହେଁ: ଗୋଟାବାୟା

ବିଦେଶ ଗସ୍ତରେ ଭାରତ ଆସିଥିବା ଗୋଟାବାୟା ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଶିଖରରେ ପହଞ୍ଚାଇବାକୁ ଚାହାନ୍ତି ବୋଲି ଗୋଟାବାୟା କହିଛନ୍ତି। ରାଷ୍ଟ୍ରପତି ଭବନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ଗୋଟାବାୟା ଖବରଦାତାମାନଙ୍କୁ କହିଥିଲେ, ଦୁଇଦେଶର ଲୋକଙ୍କ ସୁରକ୍ଷା ଏବଂ ସାମଗ୍ରିକ କଲ୍ୟାଣ ଲାଗି ନୂଆଦିଲ୍ଲୀ ଓ କଲମ୍ବୋ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବା ଗୋଟାବାୟା କହିଛନ୍ତି। ଗୁରୁବାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ଜାତୀୟ ସ୍ୱାର୍ଥ ଏବଂ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।

# ୨ ଥର କ୍ଷମାମାଗିଲେ ପ୍ରଜ୍ଞା

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ 'ଦେଶଭକ୍ତ' କହିବା ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କୁ ମହଙ୍ଗା ପଡିଛି। ଏଥିପାଇଁ ତାଙ୍କୁ ଲୋକ ସଭାରେ ଦୁଇଥର କ୍ଷମା ମାଗିବାକୁ ହୋଇଛି। ପ୍ରଥମେ ତାଙ୍କର ସର୍ତ୍ତମୂଳକ କ୍ଷମାପ୍ରାର୍ଥନା ଅଗ୍ରାହ୍ୟ ହେବା ପରେ ଶୁକ୍ରବାର ପୁଣିଥରେ କ୍ଷମା ମାଗିଥିଲେ। ପ୍ରଥମ କ୍ଷମାପ୍ରାର୍ଥନା ବେଳେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆତଙ୍କବାଦ ମନ୍ତବ୍ୟକୁ ସମାଲୋଚନା କରିଥିଲେ, ଯାହାକୁ ବିରୋଧୀ ଅଗ୍ରାହ୍ୟ କରିଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ଗୃହ ନେତାମାନଙ୍କର ଏକ ବୈଠକ ଡାକିବା ପରେ ପ୍ରଜ୍ଞା ଦ୍ୱିତୀୟ କ୍ଷମାପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ଲୋକ ସଭାରେ ଏସ୍‌ପିଜି ସଂଶୋଧନ ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ଭୋପାଳ ଏମ୍‌ପି ନାଥୁରାମଙ୍କୁ ଦେଶଭକ୍ତ କହିଥିବା ଖବର ପ୍ରକାଶ ପାଇଥିଲା। ତେବେ ସେ ନାଥୁରାମଙ୍କୁ ଦେଶଭକ୍ତ କହିନାହାନ୍ତି, ଏପରିକି ତାଙ୍କ ନାଁ ମଧ୍ୟ ଧରିନାହାନ୍ତି ବୋଲି ପ୍ରଜ୍ଞା ଶୁକ୍ରବାର କହିଛନ୍ତି। ଏହା ସତ୍ତ୍ୱେ ତାଙ୍କ ମନ୍ତବ୍ୟ ଯଦି କାହାକୁ ଆଘାତ ଦେଇଛି, ସେଥିପାଇଁ ସେ ଦୁଃଖପ୍ରକାଶ କରିବା ସହ କ୍ଷମା ମାଗୁଛନ୍ତି ବୋଲି ପ୍ରଜ୍ଞା କହିଥିଲେ। ପ୍ରଜ୍ଞା ଗୃହରେ ପ୍ରବେଶ କରିବା କ୍ଷଣି ବାଚସ୍ପତି ତାଙ୍କୁ ବିଭିନ୍ନ ଦଳର ନେତାମାନଙ୍କ ବୈଠକରେ ଗ୍ରହଣ କରାଯାଇଥିବା ବିବୃତି ପାଠ କରିବାକୁ କହିଥିଲେ। ସେ ଏହାକୁ ପଢ଼ିବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

**ଗଡ୍‌ସେ ବିବାଦ**



### ପ୍ରଜ୍ଞାଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ

**ଇନ୍ଦୋର,୨୯।୧୧(ପି.ଟି.):** ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଦେଶଭକ୍ତ କହିଥିବା ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ବିରୋଧରେ ଇନ୍ଦୋରର ଜଣେ କଂଗ୍ରେସ ନେତା ଥାନାରେ ଦେଶଦ୍ରୋହ ଅଭିଯୋଗରେ ଏତଲା ଦାଏର କରିଛନ୍ତି। ନାଥୁରାମ ଗଡ୍‌ସେଙ୍କ ସମ୍ପର୍କରେ ପ୍ରଜ୍ଞାଙ୍କ ମନ୍ତବ୍ୟ ଦେଶଦ୍ରୋହ ବୋଲି କଂଗ୍ରେସ ନେତା ଦେବେନ୍ଦ୍ର ସିଂ ଯାଦବ ପାଣ୍ଡ୍ରିନାଥ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ପ୍ରଜ୍ଞାଙ୍କ ବିରୋଧରେ ସେଣ୍ଟ୍ରାଲ କୋଟ୍‌ୱାଲି ଥାନାରେ ମଧ୍ୟ କଂଗ୍ରେସ କର୍ମୀମାନେ ଅନୁରୂପ ଏତଲା ଦେଇଛନ୍ତି।

# ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି

**ରାଞ୍ଚି,୨୯।୧୧(ପି.ଟି.)**

### ପ୍ରତିଦ୍ୱନ୍ଦ୍ୱିତାରେ ମନ୍ତ୍ରୀ, ପିସିସି ସଭାପତି

ଝାଡ଼ଖଣ୍ଡ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହେଉଛି। ଏହି ପର୍ଯ୍ୟାୟରେ ୬ଟି ଜିଲାର ୧୩ ଆସନରେ ଭୋଟଗ୍ରହଣ ହୋଇ ୧୮୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରାଯିବ। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ରାମଚନ୍ଦ୍ର ଚନ୍ଦ୍ରବଂଶୀ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ରାମେଶ୍ୱର ଓରାଓଁ ଅଛନ୍ତି। ୧୮ ଲକ୍ଷ ମହିଳାଙ୍କ ସମେତ ମୋଟ ୩୭ ଲକ୍ଷ ୮୩ ହଜାର ୫୫ ଭୋଟର ଏହି ପର୍ଯ୍ୟାୟରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଭୋଟଗ୍ରହଣ ହେବାକୁ ଥିବା ଆସନଗୁଡ଼ିକ ହେଲା ଛତ୍ରା, ଗୁମ୍‌ଲା, ବିଷ୍ଣୁନ୍‌ପୁର, ଲୋହାରଡାଗା, ମାନିକ, ଲାଟେହାର, ପାଙ୍କି, ଡାଲ୍‌ଟନଗଞ୍ଜ, ବିଶ୍ରାମପୁର, ଛତରପୁର, ହୁସେନାବାଦ୍, ଗରୱା ଏବଂ ଭୱନାଥପୁର। ୩୯୦୬ ବୁଥରେ ଭୋଟଗ୍ରହଣ କରାଯିବ ଯେଉଁଥିରୁ ୯୮୯ଟିରେ ୱେବ୍‌କାଷ୍ଟିଂ ସୁବିଧା ରହିଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିଂ କର୍ମଚାରୀମାନଙ୍କୁ ହେଲିକପ୍ଟର ଯୋଗେ ଉପାନ୍ତ ଅଞ୍ଚଳକୁ ନିଆଯାଇଛି। ୧୯୫୦ ନମ୍ବରକୁ ଡାଏଲ କରି ଭୋଟର ନିର୍ବାଚନ ସମ୍ପର୍କିତ ଅଭିଯୋଗ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଭାଜପା ୧୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ହୁସେନାବାଦ୍‌ରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଛି। ବିରୋଧୀ ଜେଏମ୍‌ଏମ୍, କଂଗ୍ରେସ ଏବଂ ଆର୍‌ଜେଡି ଯଥାକ୍ରମେ ୪, ୬ ଏବଂ ୩ ଆସନରେ ଲଢୁଛନ୍ତି। ସକାଳ ୭ରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ।




### ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହାକୁ ଖାରଜ କରିଦେଇଛନ୍ତି। ରାଜନୀତିର ନୈତିକାତାଠାରୁ ସଂସଦୀୟ ନୈତିକତା ଭିନ୍ନ ବୋଲି ଜଷ୍ଟିସ୍ ଏନ.ଭି. ରମାନ୍ନା, ଅଶୋକ ଭୂଷଣ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ଗଣତନ୍ତ୍ରରେ ଅନ୍ୟ ଦଳ ସହ ମେଣ୍ଟ କରିବା ଲାଗି କୌଣସି ରାଜନୈତିକ ଦଳର ଅଧିକାର ଉପରେ କଟକଣା ଜାରି କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ଜନସାଧାରଣ ବିଚାର କରିବେ, କୋର୍ଟ ନୁହେଁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ ଜଣାଇ ଦେଇଛନ୍ତି। ଅଖିଳ ଭାରତ ହିନ୍ଦୁ ମହାସଭାର ପ୍ରମୋଦ ପଣ୍ଡିତ ଜୋଷୀ ଏହି ପିଟିଶନ ଦାଏର କରିଥିଲେ।

### ଶାରଦା ଚିଟ୍‌ଫଣ୍ଡ ମାମଲା ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ବହୁକୋଟି ଟଙ୍କାର ଶାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ପଶ୍ଚିମବଙ୍ଗ କ୍ୟାଡରର ଏହି ଆଇପିଏସ୍ ଅଫିସରଙ୍କୁ ଦିଆଯାଇଥିବା ଆଗୁଆ ଜାମିନକୁ ସିବିଆଇ କୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ପୂର୍ବରୁ ରାଜୀବ କୁମାର କିଛିଦିନ ପାଇଁ ଫେରାର ହୋଇଯାଇଥିଲେ। ସେ ତଦନ୍ତ ସମୟରେ ସଂଗ୍ରହ କରିଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟପ୍ରମାଣକୁ ଚାପି ଦେଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ।






## ରାଜଧାନୀରେ ଆଲୋଡ଼ନ

# ଡଷ୍ଟବିନ୍‌ରୁ ମିଳିଲା ନରକଙ୍କାଳ, ଖପୁରି

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

- ଡିଏନ୍‌ଏ ଟେଷ୍ଟ ପାଇଁ ନମୁନା ସଂଗ୍ରହ
- କୌଣସି ମେଡିକାଲ କଲେଜର ହୋଇଥିବା ସନ୍ଦେହ

ରାଜଧାନୀର ଏକ ଡଷ୍ଟବିନ୍‌ରୁ ନରକଙ୍କାଳ ଓ ଖପୁରି ମିଳିଛି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଶୁକ୍ରବାର ସକାଳେ ନୟାପଲ୍ଲୀ ଥାନା ଅଧୀନ ଆଇଆର୍‌ସି ଭିଲେଜ ହାଇସ୍କୁଲ ପଛପଟେ ଥିବା ଏକ ଡଷ୍ଟବିନ୍‌ରୁ ଏହି କଙ୍କାଳ ଓ ଖପୁରିକୁ ଜବତ କରାଯାଇଛି। ଜଣେ ସଫେଇ କର୍ମଚାରୀ ଡଷ୍ଟବିନ୍ ସଫା କରୁଥିବାବେଳେ କେତେକ ପଲିଥିନରେ ଖପୁରି ସହ କଙ୍କାଳ ବନ୍ଧାହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କହିବା ସହ ପୋଲିସକୁ ଜଣାଇଥିଲେ। ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳର ଅଂଶବିଶେଷକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ପରେ ଫୋରେନ୍ସିକ ଟିମ୍ ପହଞ୍ଚି ଡିଏନ୍‌ଏ ପରୀକ୍ଷା ପାଇଁ ଖପୁରି ଓ କଙ୍କାଳର କେତେକ ନମୁନା ସଂଗ୍ରହ କରିଛି।

ଏ ନେଇ ଜୋନ୍ ଏସିପି ଅନିଲ ମିଶ୍ର କହିଛନ୍ତି ଯେ, ହସ୍ପିଟାଲରେ ପରୀକ୍ଷା ପରେ ଏହି କଙ୍କାଳ ପୁରୁଷ କି ମହିଳାଙ୍କର ତାହା ଜାଣିବା ପାଇଁ ପୋଲିସ ଏହାକୁ କଟକସ୍ଥିତ ଏଫ୍‌ଏମ୍‌ଟି ଲ୍ୟାବ୍‌କୁ ପଠାଇବ। କାରଣ ପରେ ଯଦି କେହି ଏହାକୁ ନିଜ ପରିଜନଙ୍କର ବୋଲି ଦାବି କରନ୍ତି ତା'ହେଲେ ଡିଏନ୍‌ଏ ସହ ମ୍ୟାଚ୍ କରାଯିବ। ତେବେ ଏହି କଙ୍କାଳରେ ଏଲ୍-୧, ଏଲ୍-୨ ଭଳି ମାର୍କିଂ ହୋଇଥିବାରୁ ଏହା କୌଣସି ମେଡିକାଲ କଲେଜର ଶିକ୍ଷାଦାନ ସମ୍ବନ୍ଧିତ ବୋଲି ଅନୁମାନ କରାଯାଉଛି। ମଣିଷ ଶରୀରର ସମସ୍ତ ଅଂଶବିଶେଷ ଯଥା-ଖପୁରି, ପିଞ୍ଜରା, ନିତମ୍ବ ହାଡ଼, ହନୁ ହାଡ଼, ହାତ ଓ ଗୋଡ ହାଡ଼ ଆଦି ଏହି କଙ୍କାଳରେ ରହିଛି। ଏହା ପୁରୁଣା ହୋଇଯାଇଥିବାରୁ କେହି ମେଡିକାଲ ଛାତ୍ର ଏହାକୁ ଆଣି ଡଷ୍ଟବିନ୍‌ରେ ଫିଙ୍ଗିଦେଇ ଥାଇପାରନ୍ତି। ଏ ନେଇ ତଦନ୍ତ କରାଯାଉଛି ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ନାନା ଚର୍ଚ୍ଚା ଚାଲିଛି। କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା କିମ୍ବା ଗୁଣିଗାରେଡ଼ି ଉଦ୍ଦେଶ୍ୟରେ ଏହି କଙ୍କାଳକୁ ବ୍ୟବହାର ପାଇଁ ଏଭଳି ଭାବେ ଲୁଚାଇ ରଖାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

# 'ନୂତନ ଭାରତ ଗଠନ ପାଇଁ ଦାୟିତ୍ୱ ନିଅ'

ସମ୍ବଲପୁର, ୨୯।୧୧(ବ୍ୟୁରୋ)



ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୦ତମ ସମାବର୍ତ୍ତନ ଉତ୍ସବରେ କୁଳାଧିପତି ଗଣେଶୀ ଲାଲ ପଦାର୍ଥବିଜ୍ଞାନୀ ଅଜିତ କୁମାର ମହାନ୍ତି ଓ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କୁ ସମ୍ମାନ ସୂଚକ ଡିଏସ୍‌ସି ଏବଂ ଡିଲିଟ୍ ଉପାଧି ପ୍ରଦାନ କରୁଛନ୍ତି। ପାଖରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଓ ଅନ୍ୟମାନେ।

ଶାନ୍ତି, ପ୍ରଗତି ଆଉ ସମୃଦ୍ଧିର ନୂତନ ଭାରତ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଥିପାଇଁ ଦାୟିତ୍ୱ ବହନ କରିବା ଜରୁରୀ। ନିଜର କର୍ତ୍ତବ୍ୟ ନ କଲେ ଜ୍ଞାନ ଅର୍ଜନ କରିବାର କିଛି ଲାଭ ନାହିଁ। ଆଜି ଯାହା ସଂଗ୍ରହ କରୁଛ ତାହା ଆସନ୍ତା କାଲି ପାଇଁ। ତେଣୁ ବର୍ତ୍ତମାନର ସମୟ ମୂଲ୍ୟବାନ। ଅଧ୍ୟୟନ କରି ନିଜର ଜ୍ଞାନ ବୃଦ୍ଧି କର, ଯାହା ନିଜକୁ ଆଗାମୀ ଦିନରେ ଆଗଧାଡ଼ିରେ ଛିଡ଼ାହେବାକୁ ସାହାଯ୍ୟ କରିବ। ପାଠ ପଢ଼ିବା ସହ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କର ବୋଲି ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର)ର ୩୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନୂତନ ଭାରତର ସଂକଳ୍ପ ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୪ ସୁଦ୍ଧା ଦେଶକୁ ୫ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ମୂଳଲକ୍ଷ୍ୟ ରଖାଯାଇଛି। ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ ଦେଶ ଅଗ୍ରସର ହେଉଛି। ୨୦୧୬ରେ ଦେବାଳିଆ ଏବଂ ଦେବାଳିଆପଣ ସଂହିତା ଲାଗୁ କରାଯାଇଥିଲା। କର୍ପୋରେଟ ସଂସ୍ଥାଗୁଡ଼ିକ ଋଣ ପରିଶୋଧ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଗଲା। ୨୦୧୭ରେ ବସ୍ତୁ ଓ ସେବାକର କାର୍ଯ୍ୟକାରୀ କରାଗଲା। ସାମାଜିକ ବିକାଶ ଓ ନ୍ୟାୟ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହା ସହ ଆୟୁଷ୍ମାନ ଭାରତ, ପିଏମ୍-କିଷାନ ଯୋଜନା ରହିଛି। ଆମ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଏକ ନୂଆ ଶିକ୍ଷାନୀତି ହାତକୁ ନିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ବାସ୍ତବରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ସବୁ ସମୟରେ ମା'ସମଲେଶ୍ୱରୀ ଦୟା କରିଆସୁଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ଭଳି ଅନେକ ବୀର ଏହି ମାଟିରେ ଜନ୍ମଗ୍ରହଣ କରିଛନ୍ତି। ସୁନ୍ଦର ପରିବେଶ ଓ ସବୁଜିମା ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରହିଛି। ଏଠାରୁ ଯେଉଁମାନେ ସ୍ନାତକ, ସ୍ନାତକୋତର, ଡକ୍ଟରେଟ ଡିଗ୍ରୀ, ଉପାଧି ଓ ପଦକ ପାଉଛନ୍ତି ତାହା ସେମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ପ୍ରମୋଦ କହିଥିଲେ। ଏହି ସମାବର୍ତ୍ତନ ଉତ୍ସବରେ କୁଳାଧିପତି ରାଜ୍ୟପାଳ ଗଣେଶୀ ଲାଲ ଅଧ୍ୟକ୍ଷତା କରିଥିଲେ। ସେ କହିଲେ, ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ଛାତ୍ରୀଛାତ୍ର ନିଜ ଉପରେ ବିଶ୍ୱାସ ରଖି ଆଗକୁ ବଢ଼ିବା ଆବଶ୍ୟକ। ତେବେଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ମଣିଷକୁ ଯାହାସବୁ ମିଳୁଛି ତାହା ସବୁ ଭଗବାନଙ୍କ ଦାନ। ତେଣୁ ସବୁ ସ୍ୱୀକାର କରିବା କଥା ଓ ସମସ୍ତଙ୍କୁ ଭଲ ପାଇବା କଥା। ସମାଜରେ ଉତ୍ସର୍ଗୀକୃତ ଭାବେ ସେବା ଯୋଗାଇବା ଆବଶ୍ୟକ। ବର୍ତ୍ତମାନ ସମୟରେ ବିଜ୍ଞାନ ଓ ବୈଷୟିକ ସଂସ୍କୃତି ମୁଣ୍ଡ ଟେକିବାରେ ଲାଗିଛି। ତେଣୁ ଛାତ୍ରୀଛାତ୍ର ସମୟ ସହିତ ନିଜକୁ ଖାପ୍ ଖୁଆଇ ଆଗକୁ ବଢ଼ିବାକୁ ହେବ ବୋଲି ରାଜ୍ୟପାଳ କହିଥିଲେ।

ଏହି ଅବସରରେ ପରମାଣୁ ତଥା ପଦାର୍ଥବିଜ୍ଞାନୀ ଡ. ଅଜିତ କୁମାର ମହାନ୍ତି ସମ୍ମାନସୂଚକ ଡିଏସ୍‌ସି, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ନାଟ୍ୟକାର ଏବଂ ନିର୍ଦ୍ଦେଶକ ଅଟଳ ବିହାରୀ ପଣ୍ଡାଙ୍କୁ ଡିଲିଟ ଉପାଧି ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ଡ. ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କୁଳସଚିବ ଡ. ସଂଯତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୫ ଜଣ ପ୍ରଫେସରଙ୍କୁ ଡିଲିଟ୍ ସମ୍ମାନ, ୮୭ ଜଣଙ୍କୁ ବିଭିନ୍ନ ବିଷୟରେ ପିଏଚ୍‌ଡି ଡିଗ୍ରୀ ଦିଆଯାଇଥିଲା। ସେହିପରି ବିଭିନ୍ନ ବିଷୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୨୯ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଆନ୍ତଃ କଲେଜ ଇଂଲିଶ ଡିବେଟ ପ୍ରତିଯୋଗିତାର ପୀୟୂଷ ପ୍ରତୀକ, ଅଭିଲିପ୍‌ସା ପଟ୍ଟନାୟକ, ଜାହ୍ନବୀ ଶର୍ମା ଓ ଟିକେଟାନ୍ଦ ବେହେରା ଏବଂ ଓଡ଼ିଆ ବକ୍ତୃତାରେ ତେଜସ୍ୱିନୀ ମିଶ୍ର, ତୃପ୍ତିମୟୀ ପାତ୍ର, ଇପ୍‌ସିତା ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜ୍ୟୋତିବିହାରଠାରେ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୦ କାରଣ ଉପରେ ଟ୍ରାଫିକ୍ କଟକଣା।
# ଜିଲାପାଳ, ଏସ୍‌ପିଙ୍କୁ ପରିବହନ କମିଶନରଙ୍କ ଚିଠି

କଟକ ଅଫିସ,୨୯।୧୧

ସଂଶୋଧିତ ମୋଟରଯାନ ଆଇନରେ ଥିବା କଟକଣାକୁ ରାଜ୍ୟ ସରକାର ଆଉ ୩ ମାସ କୋହଳ କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭାରେ ଘୋଷଣା କରିଥିଲେ। ମାତ୍ର ଶୁକ୍ରବାର ସରକାରଙ୍କ ପକ୍ଷରୁ ୧୦ଟି କାରଣ ଉପରେ କଟକଣା ଜାରି କରାଯାଇଛି। ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି କରାଯାଇଛି। ଏହି ଚିଠିରେ ଉଲ୍ଲେଖ ରହିଛି, ନିର୍ଦ୍ଧାରିତ ବେଗଠୁ ଅଧିକ ବେଗରେ ଗାଡି ଚଳାଉଥିଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ନାଲିବତି ଜଳୁଥିବାବେଳେ ଅତିକ୍ରମ କରିବା, ନିଶାଖାଇ ଗାଡ଼ି ଚାଳନା କରିବା, ଟ୍ରାଫିକ ବିପରୀତ ଦିଗରୁ ଗାଡ଼ିଚାଳନା, ଗାଡ଼ି ଚଳାଉଥିବାବେଳେ ମୋବାଇଲ ବ୍ୟବହାର, ବିପଦସଙ୍କୁଳ ଗାଡ଼ିଚାଳନା, ମୋଟରସାଇକେଲରେ ୩ ଜଣ ବସିବା, ବିନା ହେଲମେଟ୍ ଓ ସିଟ୍ ବେଲ୍ଟରେ ଗାଡ଼ି ଚାଳନା ସହିତ ଓଭର ଲୋଡିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଉପରୋକ୍ତ ନିୟମକୁ ଉଲ୍ଲଂଘନ କରୁଥିବା ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି। ଯଦି ଜଣେ ଚାଳକ ଏକାଧିକବାର ଆଇନ ଉଲ୍ଲଂଘନ କରୁଥିବା ପ୍ରମାଣ ମିଳେ ତେବେ ଗାଡ଼ିର ସମସ୍ତ କାଗଜପତ୍ର ତନଖି କରିବାକୁ କୁହାଯାଇଛି। ଯେହେତୁ ସରକାର ୩ ମାସ କଟକଣାକୁ କୋହଳ କରିଛନ୍ତି, ତେଣୁ କେତେକ ଚାଳକଙ୍କ କ୍ଷେତ୍ରରେ ସମସ୍ତ ଆବଶ୍ୟକ କାଗଜପତ୍ର ମିଳିବା ସମ୍ଭବ ନୁହେଁ। ମାତ୍ର ଚେକିଂ କରୁଥିବା କର୍ମଚାରୀଙ୍କ ମନରେ ଯଦି ଚୋରା ଗାଡ଼ି ବୋଲି ସନ୍ଦେହ ହୁଏ ତେବେ ସମ୍ପୃକ୍ତ ଗାଡ଼ିର ସମସ୍ତ କାଗଜପତ୍ର ଦେବାକୁ ବାଧ ହେବେ।

## ଜେଇଇ ମେନ୍‌ରେ ...

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)କୁ ନିର୍ଦ୍ଦେଶ ଦିଆଯାଇଛି। ଜେଇଇ ମେନ୍-୨୦୨୦ରୁ ଏହା ଲାଗୁ କରିବାକୁ ଯୋଜନା ହୋଇଥିଲା। ହେଲେ ପରୀକ୍ଷାର ତାରିଖ ଧାର୍ଯ୍ୟ ହୋଇସାରିଥିବାରୁ ୨୦୨୧ ଜାନୁୟାରୀରେ ହେବାକୁ ଥିବା ପରୀକ୍ଷାରୁ ଏହାକୁ ଲାଗୁ କରାଯିବ। ସୂଚନାଯୋଗ୍ୟ, ଜେଇଇ ମେନ୍ ମାଧ୍ୟମରେ ଛାତ୍ରୀଛାତ୍ର ବିଭିନ୍ନ ଇଞ୍ଜିନିୟରିଂ ପାଠ୍ୟକ୍ରମ ସମେତ ଆର୍କିଟେକଚର୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ ହୋଇଥାନ୍ତି। ବିଶେଷକରି ଏନ୍‌ଆଇଟି, ଆଇଆଇଆଇଟି, ସରକାରୀ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ହେଉଛି।

## ମହିଳା ଡାକ୍ତରଙ୍କୁ ...

ଏକ ହସ୍ପିଟାଲରେ କାର୍ଯ୍ୟକରୁଥିଲେ। ସବୁଦିନ ଭଳି ବୁଧବାର ହସ୍ପିଟାଲକୁ ଯାଇ ସେଠାରୁ ଫେରୁଥିଲେ। ଫେରିବାବେଳେ ଜଣେ ଚ୍ୱଚା ବିଶେଷଜ୍ଞ (ଡାକ୍ତର)ଙ୍କୁ ଭେଟିବା ପାଇଁ ଗାଚିବାଓ୍ୱଲି ଯାଇଥିଲେ। ସେଠାରୁ ରାତି ୮ଟା ପରେ ଘରକୁ ଫେରୁଥିବାବେଳେ ସେ ହଠାତ୍ ନିଖୋଜ ହୋଇଯାଇଥିଲେ। ଗୁରୁବାର ସକାଳେ ହାଇଦ୍ରାବାଦ ସହର ବାହାରେ ଥିବା ଶାଦ୍‌ନଗର ଅଞ୍ଚଳର ହାଇଦ୍ରାବାଦ-ବେଙ୍ଗାଲୁରୁ ଜାତୀୟ ରାଜପଥର ଏକ କଲଭର୍ଟ ତଳେ ତାଙ୍କର ଦଗ୍ଧ ମୃତଦେହ ମିଳିଥିଲା। ତନାଘନା ପରେ ପୋଲିସ ଜାଣିବାକୁ ପାଇଛି ଯେ, ପୀଡ଼ିତା ଜଣକ ତୋଣ୍ଡୁପଲ୍ଲୀସ୍ଥିତ ଓଆର୍‌ଆର୍ ଟୋଲ୍ ପ୍ଲାଜାରେ ତାଙ୍କ ସ୍କୁଟି ରଖି ଏକ କାର୍‌ରେ ହସ୍ପିଟାଲକୁ ଯାଇଥିଲେ। ଫେରିବାବେଳେ ତାଙ୍କ ସ୍କୁଟି ପଙ୍କଚର ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହି ବିଷୟରେ ସେ ନିଜ ସାନଭଉଣୀଙ୍କୁ ରାତି ୯ଟା ୪୫ରେ ଫୋନ୍ କରି ଜଣାଇଥିଲେ। କେତେଜଣ ଅଚିହ୍ନା ବ୍ୟକ୍ତି ତାଙ୍କୁ ସାହାଯ୍ୟ କରିବା ପାଇଁ ଆସିଥିବା ଭଉଣୀଙ୍କୁ ପୀଡ଼ିତା କହିଥିଲେ। ଅଚିହ୍ନା ଲୋକଙ୍କୁ ଦେଖି ସେ ଭୟଭୀତ ହୋଇଯାଇଥିବାରୁ ଭଉଣୀଙ୍କୁ ଫୋନ୍‌ରେ କଥାବାର୍ତ୍ତା ଜାରି ରଖିବା ପାଇଁ ଅନୁରୋଧ କରିଥିଲେ। ଏହାର କିଛି ମିନିଟ ପରେ ତାଙ୍କର ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଫଳରେ ପରିବାର ଲୋକେ ଚିନ୍ତିତ ହୋଇ ଶାମଶାବାଦ ଥାନାରେ ରାତି ୧୧ଟାରେ ତାଙ୍କର ନିଖୋଜ ରିପୋର୍ଟ ଦେଇଥିଲେ। ଇତିମଧ୍ୟରେ ଗୁରୁବାର ସକାଳେ ଟୋଲ୍ ପ୍ଲାଜାରୁ ୩୦ କି.ମି. ଦୂରରେ ଥିବା ଏକ କଲ୍‌ଭର୍ଟ ତଳେ ଜଣେ ମହିଳାଙ୍କ ମୃତଦେହ ଜଳୁଥିବା ଦେଖି ଜଣେ ଚାଷୀ ଥାନାକୁ ଖବର ଦେଇଥିଲେ। ଆଖପାଖ ଥାନା ଓ ପୀଡ଼ିତାଙ୍କ ପରିବାରକୁ ଏନେଇ ତୁରନ୍ତ ଖବର ଦିଆଯାଇଥିଲା। ପୋଲିସ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପ୍ରିୟଙ୍କାଙ୍କର ବୋଲି ଚିହ୍ନଟ କରିଥିଲେ। ଘଟଣାସ୍ଥଳରୁ ପୀଡ଼ିତାଙ୍କ ଜୋତା, ପୋଷାକ ଓ କେତେକ ମଦ ବୋତଲ ମିଳିଥିବାରୁ ଅଭିଯୁକ୍ତମାନେ ତାଙ୍କୁ ସାହାଯ୍ୟ କରିବା ବାହାନାରେ ଗଣବଳାତ୍କାର ପରେ ହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ତାଙ୍କୁ ବଳାତ୍କାର କରିବା ପାଇଁ ଜାଣିଶୁଣି ସ୍କୁଟି ପଙ୍କଚର କରିଥିବା ପୋଲିସ ସନ୍ଦେହ କରୁଛି।

ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନର କହିଛନ୍ତି, ଏହି ମାମଲାକୁ ନେଇ ୧୦ରୁ ଊର୍ଦ୍ଧ୍ୱ ଟିମ୍ ତଦନ୍ତ ଚଳାଇଛନ୍ତି। ଅପରାଧ ପଛର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇନାହିଁ। ଆମେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛୁ ଓ ପ୍ରମାଣ ସଂଗ୍ରହ କରୁଛୁ। ତେବେ ବଳାତ୍କାରକୁ ସେ ଅସ୍ୱୀକାର କରିନାହାନ୍ତି। ପୋଲିସ ସିସିଟିଭି ଯାଞ୍ଚ କରି ଟ୍ରକ୍ ଡ୍ରାଇଭର ଓ କ୍ଲିନରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖରଙ୍କ ପୁଅ ତଥା ମନ୍ତ୍ରୀ କେ.ଟି. ରାମାରାଓ ଶୁକ୍ରବାର ଏହି ଘଟଣାର ନିନ୍ଦା କରିଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ମାନ୍ଦାବସ୍ଥା ଝଟକା

ଯୋଗୁ ଭାରତ ବଜାର ଉପରେ ଏହାର ନକାରାତ୍ମକ ପ୍ରଭାବ ଦେଖାଯାଇଛି। ବିଶ୍ୱ ବଜାର ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଘରୋଇ ବଜାରରେ ଲଗାତର ଅଭିବୃଦ୍ଧି ହ୍ରାସ ହେଉଥିବା ଦେଖାଯାଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ବିକାଶ ହାର ୭ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଯିବାରୁ ଏହାକୁ ନେଇ ବଜାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଜୁଲାଇ-ସେପ୍ଟେମ୍ବରରେ ବିକାଶର ଗତି ୫%ରୁ ନିମ୍ନକୁ ଖସିବ ବୋଲି ଅନେକେ ପୂର୍ବାନୁମାନ କରିଥିଲେ। ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୮% ରହିଥିଲା ମାତ୍ର ଚଳିତ ବର୍ଷ ଲଗାତର ଭାବେ ଏଥିରେ ହ୍ରାସ ପରିଲକ୍ଷିତ ହେଉଛି। ଶୁକ୍ରବାର ପ୍ରକାଶିତ ସରକାରଙ୍କ ତଥ୍ୟ ମୁତାବକ, ଚଳିତ ଆର୍ଥିକ ବର୍ଷ ପ୍ରଥମ ୭ ମାସରେ ଅକ୍ଟୋବର ସୁଦ୍ଧା ବିତ୍ତୀୟ ନିୟଣ୍ଟ ୭.୨ ଲକ୍ଷ କୋଟି ଟଙ୍କା ରହିଛି। ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୦୨.୪%। ଏହାବାଦ ଅକ୍ଟୋବରରେ ୮ କୋର ସେକ୍ଟରର ଶିଳ୍ପ ଅଭିବୃଦ୍ଧି ୫.୮% କମ୍ ହୋଇଛି। ଏଭଳି ତଥ୍ୟକୁ ବିଚାର କଲେ ମାନ୍ଦାବସ୍ଥା କବଳରୁ ଭାରତ ବାହାରିବାକୁ ସକ୍ଷମ ହୋଇ ନ ଥିବା ବିଶେଷଜ୍ଞ ମତ ରଖିଛନ୍ତି। ବଜାରରେ ଆର୍ଥିକ କାର୍ଯ୍ୟକଳାପ ମନ୍ଥର ଥିବା ଯୋଗୁ ଦ୍ୱିତୀୟ ତ୍ରୈମାସ ଅଭିବୃଦ୍ଧି ୪.୭%କୁ ଖସିବ ବୋଲି ଗୁରୁବାର ରଏଟର୍ସ ପୋଲର ବିଶେଷଜ୍ଞ କହିଥିଲେ। ଚଳିତ ବର୍ଷ ଭାରତ ବିଶ୍ୱ ସ୍ତରର ଚାପ, ଉଚ୍ଚ ମୁଦ୍ରାସ୍ଫୀତି ଏବଂ ବିଭିନ୍ନ ରାଜନୈତିକ ଚ୍ୟାଲେଞ୍ଜ ସାମ୍ନା କରୁଥିବା ବେଳେ ଜିଡିପି ହ୍ରାସ ଭଳି ଘଟଣା ଏହି ସମୟରେ ସାମ୍ନାକୁ ଆସିଛି। ଏହି ସମୟ ମଧ୍ୟରେ ଫିଚ୍ ଗ୍ରୁପର ଫାର୍ମ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ଚତୁର୍ଥ ଥର ଲାଗି ବିକାଶ ଅନୁମାନକୁ କମ୍ କରିଛି। ଦେଶର ଜିଡିପି ଅଭିବୃଦ୍ଧି ୪.୭%କୁ ଖସିବ ବୋଲି ଏହା ମଙ୍ଗଳବାର କହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ୫.୬%କୁ ଖସିବ ବୋଲି ଏହି ଏଜେନ୍ସି ପକ୍ଷରୁ କୁହାଯାଇଛି। ଶିଳ୍ପ କ୍ଷେତ୍ରରେ ମନ୍ଥର କାର୍ଯ୍ୟକଳାପ ଯୋଗୁ ଚଳିତ ମାସ ୨୧ ତାରିଖରେ ରେଟିଂ ଏଜେନ୍ସି ଇକ୍ରା ମଧ୍ୟ ଦ୍ୱିତୀୟ ତ୍ରୈମାସ ବିକାଶ ହାରକୁ ୪.୭%କୁ କମାଇଥିଲା। ଦେଶର ଗ୍ରସ ଭାଲ୍ୟୁ ଆଡେଡ୍ (ଜିଭିଏ) ୪.୫% ରହିବ ବୋଲି ଏହା ପୂର୍ବାନୁମାନ କରିଥିଲା। ସେହିଭଳି ଚାଇନାର ବିକାଶ ହାର ଜୁଲାଇ-ସେପ୍ଟେମ୍ବର ସମୟରେ ୨୭ ବର୍ଷର ସର୍ବନିମ୍ନ ସ୍ତର ୬%କୁ ଖସିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଲୋଚନା ପରିସରରେ ବିରୋଧାଭାସ ରହିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟସାଧନ କରିବେ। ଗତକାଲିର ବାକି ରହିଯାଇଥିବା କାମଗୁଡ଼ିକୁ ଆଜି ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଅଶ୍ୱିନୀ ନକ୍ଷତ୍ରର ପିଲାମାନଙ୍କର କିମ୍ବା ସ୍ତ୍ରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ମୃଗଶିରା ନକ୍ଷତ୍ର ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ଶୁଣା ଖବରକୁ ବିଶ୍ୱାସକରି ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରେ ମନସ୍ତାପ କରିପାରନ୍ତି। ଅଟକି ରହିଥିବା କାମଗୁଡ଼ିକ ସହକର୍ମୀଙ୍କ ବଦାନ୍ୟତାରୁ ହୋଇଯିବ। ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତ ହେବେ।

**ମିଥୁନ** – ପୁନର୍ବସୁ ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ ମାତ୍ର ସତର୍କରେ ଚଳନ୍ତୁ ନଚେତ୍ ପରିସ୍ଥିତି ବଦଳିଯାଇପାରେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ଆପଣଙ୍କ ଉପରେ ରାଗିପାରନ୍ତି। ପରିବାରର ଆଜିର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। ବ୍ୟବସାୟରେ ସଫଳତା ହାସଲ କରିପାରିବେ।

**କର୍କଟ** – ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସହକର୍ମୀମାନେ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ସମସ୍ୟା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଆଶଙ୍କା ଅପରାହ୍ନେ ଦୂର ହୋଇଯିବ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ନିର୍ମାଣ ଓ ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** – ବନ୍ଧୁଙ୍କ ଅଶାଳୀନ ବ୍ୟବହାର ହେତୁ ମନ ବେଶି ବିବ୍ରତ ହେବ, କିନ୍ତୁ ପ୍ରକାଶ୍ୟରେ କିଛି ହିଁ କହିପାରିବେ ନାହିଁ। ମଘା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ।

**କନ୍ୟା** – କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ରର ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିପାରନ୍ତି। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣା ବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିବ।

**ତୁଳା** – ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅତ୍ୟଧିକ ଭ୍ରମଣ ଓ ମାନସିକ ଉଦ୍‌ବେଗ ଯୋଗୁ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** – ଅନୁରାଧାର ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଥିଲେ ମଧ୍ୟ ନିଜର ଅବହେଳାଜନିତ କୌଣସି ସମସ୍ୟା ଦେଖାଦେଇପାରେ। ଅପୂରଣୀୟ ଆଶା କ୍ରମଶଃ ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହାଯ୍ୟ କେତେକାଂଶରେ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ଧନୁ** – ମୂଳା ନକ୍ଷତ୍ରର ସମୟ ପ୍ରତ୍ୟେକ ଦିଗରୁ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହୋଇପାରେ। ବାକ୍ ସଂଯମ ଅଭାବରୁ ବିନା ଦୋଷରେ ବନ୍ଧୁଙ୍କ ଘରୋଇ ଝମେଲା ଭିତରକୁ ଟାଣିହୋଇ ଯାଇପାରନ୍ତି। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** – ଶ୍ରବଣା ନକ୍ଷତ୍ରର କାମଗୁଡ଼ିକ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** – ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ସାମାଜିକ ସ୍ତରରେ ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆପଣଙ୍କ ଅନୁରୋଧ କ୍ରମେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** – ସହଜ ଓ ସରଳଭାବରେ ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ କେତେକ କ୍ଷେତ୍ର ସକାଶେ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ ହେତୁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଖୁସି ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଥୀ ଶନିବାର, ନଭେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦିବା ଘ୮ ।୪୨ମି. ଗତେ, ଉତ୍ତରାଷାଢ଼ା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୋ ବିବାହ ପାଣିଗ୍ରହଣ, ଦିବା ଘ୭ ।୩୫ମି. ଗତେ ଘ୯ ।୪୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭ ।୩୧ମି. ଗତେ ଘ୮ ।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮ ।୫୧ମି. ଗତେ ଘ୧୦ ।୧୩ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**




**SALE**

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

Ice factory compressor KC4 kiloskar, 100HP motor, starter. 8917525377. D-15474

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email-enquiry@kttorissa.com D-15185




**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession registration immediately. Contact: 9178660666. D-68192

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାରେ ମିଳୁଅଛି। 8338065148.** D-68420

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

C.V Raman College ପାଖରେ 2000sqft. yellowzone plot ବିକ୍ରିହେବ। Contact: 9778928492. D-68312

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

C.V Raman College ପାଖରେ 1 Acre plot ବିକ୍ରିହେବ। Contact: 9778928492. D-68313

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ସତ୍ୟନଗରରେ 19000sqft. yellowzone, ଘରବାରି plot ବିକ୍ରିହେବ। Contact: 9778928492. D-68314

4/5 BHK Duplex with gated community at Balianta (land- 1400 & construction-2200 @ 60,00,000/ 2600 @ 70,00,000), Mplanets: 9938219397, 9861022055. D-15470

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

2BHK ready Apartment, flats near Tankapani Road Saitemple and Rangabazar (BJEM School-II) @ Rs.25, 27.50, 30 Lakhs including parking, no hidden cost. 9776080988, 9437493502. D-63966

**କଟକ-ଭୁବନେଶ୍ୱର middle point ଫୁଲନଖରାଠାରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7749090720.** D-68436

30ft road connected yellowzone plot for sale at SUM Hospital. 7064229141. D-15471

Yellowzone 30ft road connected plot at Patrapada (Tamando) 9776341255. D-15472

**2 bedroom (apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999.** D-68031

9000 sqft. bunglow with fully interior designed, 3 parking, close to NH Jharpada, Bhubaneswar- 8658182243. D-68033

3900 sqft. land with complete foundations and pillars close to Amri Hospital, Khandagiri, Bhubaneswar- 8658182243. D-68032

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038.** D-68438

"Litigation free 2storied building with parking, 3phase electricity, 24hr water supply over Freehold Plot (60' X 90') for sale at B.J.B. Nagar (POSH Area), Bhubaneswar. Broker Not allowed, Only genuine buyer contact directly: 9776122122". D-15477

Plot having 2150 sqft. for sale near Damana, Bhubaneswar. Price-65 lakh. Contact: 7326084916. D-68198




Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15476




3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405




Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Sai Harbal spa refresh your body with smart and expert therapist. 7608062524. D-68195

Genuine body massage and SPA provide by expert. 9583125287, 7991082881. D-56661

Ayurvedic full body massage ladies/ gents smart experts therapist- 8480939300. D-68712

Kasturi massage Club, fully relaxed by expert lady, home service available- 9178845612. D-68713

**AFFIDAVIT**

By dint of affidavit before Notary Public, my name has changed from Gaurav Gupta to Gaurav Goel. D- 15473

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୃତ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର, ୨୯।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳ ମହୁଲିଆ ପଞ୍ଚାୟତର ରାଜଗଡ଼ ନିକଟରୁ ଗୁରୁବାର ଏକ ୬ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ନଦୀ କୂଳରେ ମଲା କୁମ୍ଭୀର ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ରାଜନଗର ରେଞ୍ଜ ଅଫିସର ସୁରଜିତ କୁମାର ସାହୁ, ବନପାଳ ଅବିନାଶ ରାଉତ, ମହନ୍ତ କୁମାର ମଲ୍ଲିକ ପ୍ରମୁଖ ରାଜଗଡ଼ ଗ୍ରାମରେ ପହଞ୍ଚି କୁମ୍ଭୀରର ମୃତଦେହ ଉଦ୍ଧାର କରିଛନ୍ତି। କୁମ୍ଭର ଦେହରେ କୌଣସି ଚିହ୍ନ ନ ଥିବାରୁ ଏହା ମାଛ ଧରା ଜାଲରେ ଛନ୍ଦି ହୋଇ ମରିଥିବା ସନ୍ଦେହ କରାଯାଉଛି।

# କମିବ ‘ମୋ ବସ୍’ ଭଡ଼ା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

‘ମୋ ବସ୍’ ପ୍ରତି ଯାତ୍ରୀଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପଦକ୍ଷେପ ନେବାପରେ ଏବେ ବସ୍ ଭଡ଼ା କମାଇବାକୁ ନିଷ୍ପତ୍ତି ନେଇଛନ୍ତି କର୍ତ୍ତୃପକ୍ଷ। ବିଶେଷକରି ‘ମୋ ବସ୍’ର ଶୀତତାପ ନିୟନ୍ତ୍ରିତ (ଏସି-ବସ୍)ଗୁଡ଼ିକର ଭଡ଼ା କମାଇବାକୁ କ୍ୟାପିଟାଲ ରିଜିୟନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍) ସ୍ଥିର କରିଛି। ଡିସେମ୍ବର ୧ରୁ ଜାନୁଆରୀ ୩୧ ଯାଏ ଆଗାମୀ ୨ମାସ ପର୍ଯ୍ୟନ୍ତ ‘ମୋ ବସ୍’ର ଏସି-ବସ୍‌ଗୁଡ଼ିକରେ ଯାତ୍ରୀଙ୍କୁ ରିହାତି ଦିଆଯିବ। ତେବେ ଶୀତଦିନକୁ ଦୃଷ୍ଟିରେ ରଖି ଏସି-ବସ୍‌ର ଭଡ଼ାକୁ ୩୮% ପର୍ଯ୍ୟନ୍ତ ହ୍ରାସ କରାଯାଇଥିବା ବେଳେ ମାସିକ ପାସ୍‌ର ଦର ମଧ୍ୟ କମାଯାଇଛି। ପୂର୍ବରୁ ଏସି-ବସ୍‌ଗୁଡ଼ିକରେ ପ୍ରଥମ ୨ କି.ମି. ପାଇଁ ସର୍ବନିମ୍ନ ଭଡ଼ା ୮ ଟଙ୍କା ନିଆଯାଉଥିବା ବେଳେ ଏବେ ଏହାକୁ କମାଇ ୫ ଟଙ୍କା କରାଯାଇଛି। ସେହିଭଳି ସର୍ବାଧିକ ଭଡ଼ା ୧୦୦ ଟଙ୍କା ବଦଳରେ ୭୦ ଟଙ୍କା ସ୍ଥିର ହୋଇଛି। ଏନେଇ ଏକ ଖବରଦାତା ସମ୍ମିଳନୀରେ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର ସୂଚନା ଦେଇଛନ୍ତି।

ବର୍ତ୍ତମାନ ଶୀତତାପ ନିୟନ୍ତ୍ରିତ ବସ୍‌ର ଭଡ଼ା ଅଣଶୀତତାପ ନିୟନ୍ତ୍ରିତ-ବସ୍ ଭଡ଼ାଠାରୁ ୬୦ରୁ ୧୪୦% ଅଧିକ ରହୁଛି। ନୂଆ ଦର ଅନୁଯାୟୀ ଉଭୟ ବସ୍ ମଧ୍ୟରେ ଭଡ଼ା ବ୍ୟବଧାନ ମାତ୍ର ୩୦% ଅଧିକ ରହିବ। ଶୀତଋତୁରେ ଯାତ୍ରୀ ସଂଖ୍ୟା ବୃଦ୍ଧି କରିବା ଏବଂ ଜନସାଧାରଣଙ୍କ କ୍ରମାଗତ ଅନୁରୋଧକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଖୁଚୁରା ଟଙ୍କା ଅଭାବକୁ ଦୃଷ୍ଟିରେ ରଖି ୫, ୮, ୧୦, ୧୩, ୧୫ ଓ ୧୭ ଟଙ୍କା ଥିବା ଅଣଶୀତତାପ ନିୟନ୍ତ୍ରିତ ବସ୍ ଭଡ଼ାକୁ ୫, ୧୦, ୧୫ ଓ ୨୦ ଟଙ୍କାରେ ପରିବର୍ତ୍ତିତ କରିବାକୁ ସ୍ଥିର ହୋଇଛି। ଏହାଦ୍ୱାରା ୪୧% ଅଣଶୀତତାପ ନିୟନ୍ତ୍ରିତ ବସ୍ ଯାତ୍ରୀ ରିହାତି ପାଇବେ ଏବଂ ମାତ୍ର ୯% ଯାତ୍ରୀ ସାମାନ୍ୟ ମୂଲ୍ୟବୃଦ୍ଧିରେ ପ୍ରଭାବିତ ହେବେ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି। ସେହିଭଳି ଅଣଶୀତତାପ ନିୟନ୍ତ୍ରିତ ବସ୍‌ର ମାସିକ ଭଡ଼ା ୬୦୦ରୁ ୫୫୦ ଟଙ୍କାକୁ ହ୍ରାସ କରାଯିବାକୁ ଥିବାବେଳେ ଶୀତତାପ ନିୟନ୍ତ୍ରିତ ଭଡ଼ା ୯୦୦ ଟଙ୍କାରୁ ୭୫୦ ଟଙ୍କାକୁ କମାଯିବ। ଏହାବ୍ୟତୀତ ଅଣଶୀତତାପ ନିୟନ୍ତ୍ରିତ ବସ୍‌ର ମ୍ୟାଜିକ ପାସ୍ ଭଡ଼ା ୧୨୦୦ ଟଙ୍କା ପରିବର୍ତ୍ତେ ୧୧୦୦ ଟଙ୍କା ଏବଂ ଶୀତତାପ ନିୟନ୍ତ୍ରିତ ବସ୍ ପାଇଁ ୧୮୦୦ ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା କରାଯାଇଛି। ପ୍ରଦୂଷଣ ମାତ୍ରା ରୋକିବା ଲାଗି ଲୋକଙ୍କୁ ସାଧାରଣ ପରିବହନ ବ୍ୟବସ୍ଥାର ବ୍ୟବହାର କରିବାକୁ ଉତ୍ସାହିତ କରିବା କ୍ରୁଟ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ମହାପାତ୍ର କହିଛନ୍ତି।

# ୨୮ ହାବିଲଦାରଙ୍କ ପଦୋନ୍ନତି

**କଟକ ଅଫିସ, ୨୯।୧୧:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ୨୮ ଜଣ ହାବିଲଦାରଙ୍କୁ ହାବିଲଦାର ମେଜର ପଦବୀକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ଶୁକ୍ରବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଡ଼ିଶା ପୋଲିସର କେନ୍ଦ୍ରୀୟ ମନୋନୟନ ପରିଷଦ ଏହି ୨୮ ହାବିଲଦାରଙ୍କ ପଦୋନ୍ନତି ପାଇଁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତିକୁ ଡିଜିପି ସତ୍ୟଜିତ୍ ମହାନ୍ତି ଶୁକ୍ରବାର ସ୍ୱୀକୃତି ପ୍ରଦାନ କରିଛନ୍ତି।

## ଜିଲା ଟିଏ
## ଗଜପତି



# ପର୍ଯ୍ୟଟନ ସ୍ଥଳର ବିକାଶ

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ପରିଚିତ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଜିଲା। ଏଠାରେ ଅନେକ ଜଳପ୍ରପାତ ସହ ରହିଛି ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତ। ଜିଲା ସଦର ପାରଳାଖେମୁଣ୍ଡିଠାରୁ ମାତ୍ର ୨୮କିମି ଦୂରରେ ରହିଛି ଗଣ୍ଡାହାତୀ ଜଳପ୍ରପାତ। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଶୀତର ଆଗମନ ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଏ। ଜଳପ୍ରପାତ ଏବଂ ଏହା ଚତୁଃପାର୍ଶ୍ୱରେ ରହିଥିବା ଶାନ୍ତକାନ୍ତ ପରିବେଶକୁ ପର୍ଯ୍ୟଟକମାନେ ଉପଭୋଗ କରନ୍ତି। ନିକଟସ୍ଥ ଜଙ୍ଗଲରେ ବଣଭୋଜିର ମଜା ଉଠାଇଥାନ୍ତି। ଏହା ବ୍ୟତୀତ ଜିଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଜିରାଙ୍ଗ ଗ୍ରାମ ନିକଟ ଗୁଦ୍‌ଗୁଦା ଜଳପ୍ରପାତ, ଆର. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ମାଙ୍କଡ଼ଡିଆଁ ଜଳପ୍ରପାତ, ମୋହନା ବ୍ଲକ୍ ଚନ୍ଦ୍ରଗିରି ନିକଟ ଖସଡ଼ା ଜଳପ୍ରପାତ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳଭାବେ ପରିଚିତ। ପାହାଡ଼, ଝରଣା ଓ ସବୁଜ ବନାନୀ ମଧ୍ୟରେ ଏହି ପର୍ଯ୍ୟଟନ କ୍ଷେତ୍ର ରହିଛି। ପ୍ରକୃତି କୋଳରେ କିଛି ସମୟ କଟାଇବା ପାଇଁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଏ ପର୍ଯ୍ୟନ୍ତ ଗଣ୍ଡାହାତୀ ଜଳପ୍ରପାତ ବ୍ୟତୀତ ଅନ୍ୟ କୌଣସି ଜଳପ୍ରପାତ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇପାରିନାହିଁ। ଗଣ୍ଡାହାତୀ ଜଳପ୍ରପାତରୁ ଆଦାୟ ରାଜସ୍ୱ ଜିଲା ବିକାଶରେ ସହାୟକ ହୋଇପାରିଛି। ହେଲେ ଅନ୍ୟ ଜଳପ୍ରପାତଗୁଡ଼ିକ ପର୍ଯ୍ୟଟନ ମାନଚିତ୍ରରେ ଲୁକ୍‌କାୟିତ ଅବସ୍ଥାରେ ରହିଛି। ଗଣ୍ଡାହାତୀକୁ ବାଦ୍ ଦେଲେ ଅନ୍ୟ ପର୍ଯ୍ୟଟନସ୍ଥଳୀକୁ ଗମନାଗମନର ଠିକ୍ ବ୍ୟବସ୍ଥା ନାହିଁ। ଖାଲଖମା ରାସ୍ତା ପର୍ଯ୍ୟଟକମାନଙ୍କୁ ଅଧିକାଂଶ ସମୟରେ ଅଡୁଆରେ ପକାଉଛି। ପର୍ଯ୍ୟଟନସ୍ଥଳ ଏବଂ ତା’ର ଆଖପାଖ ଅଞ୍ଚଳର ବିକାଶ ହୋଇପାରୁ ନ ଥିବାରୁ ଯେତିକି ପର୍ଯ୍ୟଟକ ପ୍ରତିବର୍ଷ ଆସିବା କଥା ସେହି ସଂଖ୍ୟା ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଜିଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଗମନାଗମନର ବ୍ୟବସ୍ଥା ସହ ସାମଗ୍ରିକ ବିକାଶ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପର୍ଯ୍ୟଟନସ୍ଥଳର ବିକାଶ ହେଲେ ଜିଲାର ଗୌରବ ବୃଦ୍ଧି ପାଇବା ସହ ରାଜସ୍ୱ ବୃଦ୍ଧି ପାଇବ। ଫଳରେ ସେହି ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିବ ଏବଂ ଗ୍ରାମୀଣ ବେକାର ଯୁବତୀ ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

– ରଶ୍ମିରଞ୍ଜନ ମିଶ୍ର

# ‘ବିଏସ୍‌କେୱାଇ’କୁ ସ୍କଚ୍ ସ୍ୱର୍ଣ୍ଣ ପୁରସ୍କାର



ସ୍କଚ୍ ସ୍ୱାସ୍ଥ୍ୟ ଭାରତ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ ଅବସରରେ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏବଂ ଶାଳିନୀ ପଣ୍ଡିତ।

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ସ୍କଚ୍ ସ୍ୱାସ୍ଥ୍ୟ ଭାରତ ସ୍ୱର୍ଣ୍ଣ ପୁରସ୍କାର ମିଳିଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟବାସୀଙ୍କୁ ବିନାମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଓଡ଼ିଶା ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୭୦ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତି ପରିବାରର ମହିଳାଙ୍କୁ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଏହି ଯୋଜନାରେ ମାଗଣାରେ ଔଷଧ, ରୋଗ ନିରୂପଣ, ଡାଏଲିସିସ୍, କେମୋଥେରାପି, ମାଗଣା ଓଟି, ଆଇସିୟୁ ଓ ରକ୍ତ ଆଦି ଯୋଗାଇ ଦିଆଯାଉଛି। ରୋଗୀଙ୍କୁ ଜଟିଳ ରୋଗର ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ପ୍ରାୟ ୨୦୦ ଘରୋଇ ଚିକିତ୍ସାଳୟ ସହିତ ରାଜିନାମା କରିଛନ୍ତି।

# ୪୫ ଗହଣା ଦୋକାନରେ ଚଢ଼ାଉ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

## ୩ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ବୈଧମାପ ବିଜ୍ଞାନ (ଓଜନ ଓ ମାପ) ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶମତେ ଚଳିତ ମାସ ୨୨ରୁ ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସୁନା ଦୋକାନରେ ଚଢାଉ କରାଯାଇଥିଲା। ଏହି ୪ ଦିନରେ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା, ସମ୍ବଲପୁର ଓ ବାଲେଶ୍ୱରରେ ସୁନାଗହଣା ଦୋକାନ ଏବଂ ପ୍ରତିଷ୍ଠାନ ଉପରେ ଅଚାନକ ଚଢ଼ାଉ କରାଯାଇଛି । ସର୍ବମୋଟ ୪୫ ଦୋକାନ ଏବଂ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବାବେଳେ ୨୯ ଦୋକାନ ଏବଂ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମରେ ତ୍ରୁଟି ପରିଲକ୍ଷିତ ହୋଇଛି । ଏହି ବାବଦରେ ୨୭ଟି ଦୋକାନ ଓ ପ୍ରତିଷ୍ଠାନରୁ ୩ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଅନ୍ୟ ଦୁଇଟି ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି ।

ରାଜଧାନୀର ୧୦ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୮ ଦୋକାନରେ ବୈଧମାପ ବିଜ୍ଞାନ ନିୟମ ପାଳନର ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିସହିତ ଏ ବାବଦରେ ୧ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ବ୍ରହ୍ମପୁରରେ ୮ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରୁ ୫ ଦୋକାନ ଓ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି । ତେଣୁ ଜରିମାନା ବାବଦରେ ୪ ଦୋକାନ ଓ ପ୍ରତିଷ୍ଠାନରୁ ୪୫ ହଜାର ଟଙ୍କା ଆଦାୟ କରାଯାଇଛି । ଗୋଟିଏ ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି । କଟକରେ ୮ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୫ ଦୋକାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି । ଏହି ବାବଦରେ ୩୫ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ରାଉରକେଲାରେ ୪ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବାବେଳେ ୨ ଦୋକାନରୁ ୩୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି । ସମ୍ବଲପୁରରେ ଚଢ଼ାଉ କରାଯାଇଥିବା ସମସ୍ତ ୫ ଦୋକାନ ଓ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି ,ଏଥି ସହିତ ୪ ଦୋକାନ ଓ ପ୍ରତିଷ୍ଠାନରୁ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଅନ୍ୟ ଏକ ପ୍ରତିଷ୍ଠାନ ଉପରେ କମ୍ପାଉଣ୍ଡିଂ ନୋଟିସ୍ ଜାରି କରାଯାଇଛି । ବାଲେଶ୍ୱରର ୧୦ ଦୋକାନ ଓ ପ୍ରତିଷ୍ଠାନ ଉପରେ କରାଯାଇଥିବା ଚଢ଼ାଉରୁ ୪ ଦୋକାନରେ ବୈଧମାପ ବିଜ୍ଞାନ ନିୟମର ତ୍ରୁଟି ପରିଲକ୍ଷିତ ହୋଇଛି। ଏ ବାବଦରେ ୫୫ ହଜାର ଟଙ୍କା ଜରିମାନା ଆଦାୟ କରା ଯାଇଛି ।

# ଏ ବର୍ଷ ଶୀତ କମ୍
## ୩ଦିନ ପର୍ଯ୍ୟନ୍ତ କୁହୁଡ଼ି

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ):** ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଅଧିକ ଶୀତ ହେବ ନାହିଁ। ନଭେମ୍ବର ଶେଷ ହେବାକୁ ବସିଲାଣି ହେଲେ ଏ ପର୍ଯ୍ୟନ୍ତ ଭଲ ଭାବରେ ଶୀତ ପଡ଼ିନାହିଁ। ଆଗକୁ ମଧ୍ୟ ସେଭଳି ଶୀତ ହେବାର ସମ୍ଭାବନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ବିଗତବର୍ଷଗୁଡ଼ିକ ତୁଳନାରେ ଏ ବର୍ଷ ଡିସେମ୍ବରଠାରୁ ମାର୍ଚ୍ଚ ମଧ୍ୟରେ କମ୍ ଶୀତ ଅନୁଭୂତ ହେବ। ଏହି ସମୟରେ ହାରାହାରି ତାପମାତ୍ରା ଅନ୍ୟ ବର୍ଷ ତୁଳନାରେ ଅଧିକ ରହିବ। ସାରା ଦେଶରେ ଏପରି ଅନୁଭୂତ ହେବ। ତେବେ ଦେଶର ହିମାଳୟ ପାର୍ବତ୍ୟାଞ୍ଚଳ ଓ ଅତି ଉତ୍ତର ଭାଗରେ ଥଣ୍ଡା ରହିବ ବୋଲି ପାଣିପାଗ ବିଭାଗ କହିଛି। ଆଇଏମ୍‌ଡିର ସୂଚନାନୁସାରେ, ଅତି ଉତ୍ତର ଭାଗକୁ ଛାଡ଼ିଦେଲେ ଦେଶର ଅଧିକାଂଶ ଅଞ୍ଚଳରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୦.୫ ଡିଗ୍ରୀ ସେଲସିୟସ ଅଧିକ ରହିବ। କେନ୍ଦ୍ରୀୟ ଓ ଉପକୂଳବର୍ତ୍ତୀ ଭାରତରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୧ ଡିଗ୍ରୀ ସେଲସିୟସ ଅଧିକ ରହିବ ବୋଲି ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେପଟେ ଓଡ଼ିଶାରେ ମଧ୍ୟ ପୂର୍ବ ବର୍ଷ ଭଳି ଏଥର ବର୍ତ୍ତମାନ ସୁଦ୍ଧା ସେଭଳି ଶୀତ ଅନୁଭୂତ ହୋଇନାହିଁ। ତେବେ ରାତିରେ ବିଭିନ୍ନ ସ୍ଥାନରେ କୁହୁଡ଼ି ପ୍ରବଳ ହେଉଛି। ସକାଳ ପର୍ଯ୍ୟନ୍ତ କୁହୁଡ଼ି ରହୁଛି। ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ କୋରାପୁଟ ଜିଲାରେ କୁହୁଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

KHADI AND VILLAGE INDUSTRIES COMMISSION
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ନିମନ୍ତେ ବର୍ଷ ୨୦୧୯-୨୦ ପାଇଁ ଦରଖାସ୍ତ ଆହ୍ୱାନ।

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଅଧୀନରେ ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ବେରୋଜଗାର ପ୍ରାର୍ଥୀଙ୍କଠାରୁ କେବଳ Online ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରାଯାଉଅଛି।

**ଆବେଦନ କରିବାର ପ୍ରମୁଖ ନିୟମାବଳୀ**

(୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।
(୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG)।
(୩) ପଞ୍ଜୀକୃତ ଅନୁଷ୍ଠାନ, ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି।
(୪) ଗ୍ରାମାଞ୍ଚଳ ପାଇଁ ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ମାର୍ଜିନ ରାଶି ସବ୍‌ସିଡି ଉପଲବ୍ଧ।
(୫) ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ଟ.୧୦.୦୦ ଲକ୍ଷ ପର୍ଯ୍ୟନ୍ତ ଅନୁମତିଯୋଗ୍ୟ ସର୍ବାଧିକ ମୂଲ୍ୟର ପ୍ରକଳ୍ପ ରାଶି (Project Cost) ଧାର୍ଯ୍ୟ କରାଯାଇଅଛି।
(୬) ନକାରାତ୍ମକ ସୂଚୀ (Negative List) ଅନ୍ତର୍ଭୁକ୍ତ ଉଦ୍ୟୋଗ ପାଇଁ ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।
(୭) ଉତ୍ପାଦନଭିତ୍ତିକ ଶିଳ୍ପ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଶିଳ୍ପ ଟ.୫.୦୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଆବେଦନକାରୀ ଅନ୍ୟୁନ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ।
(୮) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
(୯) ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନଟି ମନୋନୀତ କରିଥିବା ବ୍ୟାଙ୍କ ଶାଖାଟିର ସର୍ଭିସ ଏରିଆ ମଧ୍ୟରେ ହୋଇଥିବା ଆବଶ୍ୟକ।
(୧୦) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର / ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି / ମାର୍ଜିନ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ବିବେଚିତ ହେବେ ନାହିଁ।
(୧୧) ଆବେଦନକାରୀଙ୍କର ଆଧାର କାର୍ଡ (Aadhaar Card) କିମ୍ବା ପ୍ୟାନ୍ କାର୍ଡ (PAN Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ:**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ www.kviconline.gov.in/pmegpeportalରେ registration ଏବଂ login କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର Offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା. ରାଜ୍ୟ ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଭୁବନେଶ୍ୱର






ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ସମ୍ଭାବ୍ୟ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାବୁଙ୍କ ଉପରେ ନଜର ରଖିଥିବା ବ୍ୟକ୍ତିମାନେ ଅର୍ଥ ମନ୍ତ୍ରଣାଳୟର ଶୀର୍ଷ ସ୍ତରରେ ଅଦଳବଦଳ ହେବ ବୋଲି ଆଶା ରଖିଛନ୍ତି। ଜମ୍ମୁ–କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ସେଠାରେ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗର ମୁଖ୍ୟ ଜି.ସି. ମୁର୍ମୁଙ୍କୁ ପ୍ରଥମ ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯିବା ପରେ ଏଭଳି ଅଦଳବଦଳର ଆବଶ୍ୟକତା ରହିଥିବା କୁହାଯାଉଛି। ପୁଣି ଅର୍ଥ ସଚିବ ରାଜୀବ କୁମାର ଆସନ୍ତା ବର୍ଷ ଫେବୃୟାରୀରେ ଅବସର ନେବାର ଅଛି। ଏହାପରେ ଆର୍ଥିକ ମାମଲର ସଚିବ ଅତନୁ ଚକ୍ରବର୍ତ୍ତୀ ଏପ୍ରିଲ୍‌ରେ ବି ଅବସର ନେବେ। ଯଦିଓ ରାଜସ୍ୱ ସଚିବ ଏ.ବି.ପି. ପାଣ୍ଡେ ଏହି ପଦରେ ଫେବୃୟାରୀ ୨୦୨୧ ପର୍ଯ୍ୟନ୍ତ ରହିବେ ବୋଲି ଯୋଜନା କରାଯାଇଥିବାର ବିଶେଷ ସୂତ୍ରରୁ ପ୍ରକାଶ ପାଇଛି, ତଥାପି ଗୋପନୀୟ ସୂତ୍ରରୁ ଜଣାପଡେ ଯେ, ମୋଦି ସରକାର ତାଙ୍କୁ ସେଠାରୁ ଅନ୍ୟ ବିଭାଗକୁ ନେଇପାରନ୍ତି। ଯାହା ବିଚାର କରାଯାଉଛି ଏବଂ ଏଥିରୁ ସଙ୍କେତ ବି ମିଳୁଛି ଯେ, ଅର୍ଥନୀତିର ଅତ୍ୟାବଶ୍ୟକ ସଂଖ୍ୟା କ୍ରମାଗତ ତଳକୁ ଖସିଚାଲିଥିବାରୁ ଏ ସମ୍ପର୍କରେ ସରକାର ଅସନ୍ତୁଷ୍ଟ ରହିଛନ୍ତି। ଯଦି ଏହି ଗୁଞ୍ଜରଣ ବାସ୍ତବରେ ସତ ହୁଏ, ତେବେ ଅର୍ଥ ମନ୍ତ୍ରଣାଳୟରେ ଗୋଟିଏ ସେଟ୍‌ର ନୂଆ ମୁହଁ ଅର୍ଥନୀତିକୁ ଚଳାଇବେ ବୋଲି ଆମେ ଆଶା କରିପାରିବା।

### ବାବୁମାନେ ଚିନ୍ତିତ

ପୁନଶ୍ଚ ଇଣ୍ଡିଆନ୍ ଆଡ୍‌ମିନିଷ୍ଟ୍ରେଟିଭ ସର୍ଭିସ (ଆଇଏଏସ୍)ର ଆଧିପତ୍ୟ ବା ପ୍ରଭାବକୁ ଭାଙ୍ଗିଦେବାକୁ କରାଯାଇଥିବା ମୋଦି ସରକାରଙ୍କ ଉଦ୍ୟମରୁ ଯେଉଁ ସେବା ଲାଭ ପାଉଛି ତାହା ହେଉଛି ଭାରତୀୟ ରେଳ ସେବା (ଆଇଆର୍‌ଏସ୍)। ଚଳିତ ବର୍ଷ ଯୁଗ୍ମସଚିବ ସ୍ତରରେ କରାଯାଇଥିବା ୨୨୮ ଜଣ ଅଧିକାରୀଙ୍କ ପ୍ୟାନେଲ ମଧ୍ୟରୁ ୭୮ ଜଣ ଅଧିକାରୀ ହେଉଛନ୍ତି ଆଇଆର୍‌ଏସ୍। ଏହି ପ୍ୟାନେଲରେ ମାତ୍ର ୪୯ ଜଣ ଆଇଏଏସ୍ ଓ ୪୬ ଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ ରହିଛନ୍ତି। ଆଉ ୫୫ ଜଣ ଅଧିକାରୀଙ୍କ ମଧ୍ୟରେ ଆଇପିଏସ୍, ଆଇଏଫ୍‌ଓଏସ୍ ଏବଂ ଅନ୍ୟ ସେବାରୁ ରହିଛନ୍ତି। ଏହି ଧାରା କେବଳ ୨୦୧୯ ପାଇଁ ସୀମିତ ନୁହେଁ। ଆରମ୍ଭରୁ ମଧ୍ୟ ଯୁଗ୍ମସଚିବ ସ୍ତରରେ କରାଯାଇଥିବା ପ୍ୟାନେଲରେ ଆଇଆର୍‌ଏସ୍ ବାବୁମାନଙ୍କ ସଂଖ୍ୟା ଆଇଏଏସ୍ ସମେତ ଅନ୍ୟ ସେବାର ବାବୁମାନଙ୍କଠାରୁ ବେଶି ରହିଛି। ସମ୍ପ୍ରତି କୌଣସି ଏକ ନିର୍ଦ୍ଦିଷ୍ଟ ପଦବୀ ପାଇଁ ପ୍ୟାନେଲରେ ସ୍ଥାନ ପାଇବାକୁ ହେଲେ ଜଣେ ଆଇଏଏସ୍ ଅଧିକାରୀଙ୍କ ପାଇଁ ଦକ୍ଷତା ମାପଦଣ୍ଡ ସେଣ୍ଟ୍ରାଲ୍ ଷ୍ଟାଫ୍ ସ୍କିମ୍ (କେନ୍ଦ୍ରୀୟ କର୍ମଚାରୀ ଯୋଜନା) ଅଧୀନରେ ଥିବା ଅନ୍ୟ ସେବାଗୁଡିକରୁ ଆସିଥିବା ପ୍ରତିପକ୍ଷଙ୍କଠାରୁ ଦୁଇ ବର୍ଷ କମ୍ ରଖାଯାଇଛି। ଏଭଳି ଫାଇଦାକୁ ଅନ୍ୟମାନେ ଭେଦଭାବପୂର୍ଣ୍ଣ ବ୍ୟବସ୍ଥା ବୋଲି ବିଚାର କରୁଛନ୍ତି। ସିଭିଲ ସର୍ଭିସର ଉପର ସ୍ତରରେ ଥିବା ସବୁ କ୍ଷେତ୍ରରେ ସମନ୍ୱୟ ଆଣିବାକୁ ମୋଦି ସରକାର ସ୍ଥିର କରିବା ପରେ ଅନ୍ୟ ସର୍ଭିସକୁ ସେମାନଙ୍କ ସଂଖ୍ୟା ଅନୁପାତରେ ପ୍ୟାନେଲଭୁକ୍ତ କରାଯାଉଛି। ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, 'ସ୍ୱର୍ଗରେ ଜାତ' କୁହାଯାଉଥିବା ଏହି ଅଫିସରମାନେ ଏହି ଧାରାରେ କେବେ ବି ସନ୍ତୁଷ୍ଟ ନୁହନ୍ତି ଏବଂ ଆଇଏଏସ୍‌ଙ୍କ ବିରୋଧରେ ସରକାରଙ୍କ ପକ୍ଷପାତ ନୀତି ସମ୍ପର୍କରେ ସେମାନେ ଅଧିକ ଆଲୋଚନା କରୁଛନ୍ତି। ତେବେ କ୍ଷମତାସମ୍ପନ୍ନ ଆଇଏଏସ୍ ଅଧିକାରୀମାନେ ଯୁଗ୍ମସଚିବ ସ୍ତରରେ ସେମାନଙ୍କ ସଂଖ୍ୟା ହରାଉଥିବାବେଳେ ଏହି ସେବା ଏଯାବତ୍ ଅତିରିକ୍ତ ସଚିବ ଓ ସଚିବ ସ୍ତରରେ ଆଧିପତ୍ୟ ବିସ୍ତାର କରି ରହିଛି।

### ଆଇପିଏସ୍ ସଂଘ ଆଇନସଙ୍ଗତ ନୁହେଁ

ଏକ ଆର୍‌ଟିଆଇ ଆବେଦନର ଜବାବରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)କୁ କହିଛନ୍ତି ଯେ, ଆଇପିଏସ୍ ସଂଘ ପାଖରେ ସରକାରଙ୍କର 'ଏକ୍ସପ୍ରେସ୍ ସାଙ୍କଶନ' (ସ୍ୱାଧୀନଭାବରେ ମତ ଦେବାର ଅନୁମତି) ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପୁନଶ୍ଚ ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ପୋଲିସ ବାହିନୀ କୌଣସି ସଂଘ ଗଢ଼ିବାର ଅଧିକାର ନାହିଁ। ଆଇପିଏସ୍ ସଂଘକୁ ଏକ ବେଆଇନ ସଂଗଠନ ବୋଲି କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ପଦକ୍ଷେପରେ ଆଇପିଏସ୍ ସଂଘ ପୂରା ବିଚଳିତ ହୋଇଯାଇଛି। ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ଆଇପିଏସ୍ ସଂଘର ସମ୍ପାଦକ ପି.ଭି.ଆର୍. ଶାସ୍ତ୍ରୀଙ୍କ ଅନୁସାରେ ଅଲ୍ ଇଣ୍ଡିଆ ସର୍ଭିସ ରୁଲସ ବା ଅଖିଳ ଭାରତୀୟ ସେବା ନିୟମ ଅଧୀନରେ ଆଇପିଏସ୍ ଅଧିକାରୀମାନେ ନିଯୁକ୍ତ ହେଉଛନ୍ତି ଓ ଶାସିତ ବି ହେଉଛନ୍ତି। ଏଥିରେ ଏହି ଅଧିକାରୀମାନଙ୍କୁ ସଂଘ ଗଠନ କରିବାକୁ ନିଷିଦ୍ଧ କରାଯାଇ ନାହିଁ। ସୂତ୍ରରୁ ପ୍ରକାଶ ଯେ, ଅସନ୍ତୁଷ୍ଟ ଆଇପିଏସ୍ ଅଧିକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରୁଥିବାବେଳେ ସେମାନଙ୍କ ପ୍ରତିପକ୍ଷ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ ଅନୁଭବ କରୁଛି ଯେ, ଆଇପିଏସ୍ ସଂଘ ସମ୍ବନ୍ଧରେ ମନ୍ତ୍ରଣାଳୟ ସେମାନଙ୍କ ଦୃଷ୍ଟିକୋଣକୁ ଠିକ୍ ଭାବେ ଉପସ୍ଥାପନ କରିଛି। ତେବେ ଆଇପିଏସ୍ ଅଧିକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଥିବା ସେମାନଙ୍କର ଆଇଏଏସ୍ ସାଥୀମାନେ ପକ୍ଷପାତ ନୀତି ପ୍ରଦର୍ଶନ ସହ ଅଯଥା ବିବାଦ ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି।

Email: dilipcherian@gmail.com

# ପରିବର୍ତ୍ତନ ସହ ତାଳ ଦେଇ ଚାଲିବା



ଡ. ପ୍ରମୋଦ କୁମାର ମିଶ୍ର

ଆଜି ଆପଣମାନେ (ଛାତ୍ରୀଛାତ୍ରମାନେ) ଯେତେବେଳେ ଜୀବନର ନୂତନ ପର୍ଯ୍ୟାୟରେ ପାଦ ଥାପୁଛନ୍ତି, ଆପଣମାନଙ୍କ ଆଗରେ ବ୍ୟାପକ ସମ୍ଭାବନା ଓ ସୁଯୋଗ ରହିଛି। ଦେଶରେ ଉତ୍ସାହ ଓ ଗତିଶୀଳତାର ଏକ ନୂତନ ଭାବନା ଦେଖିବାକୁ ମିଳୁଛି। ଆମ ପ୍ରଧାନମନ୍ତ୍ରୀଙ୍କ ନୂତନ ଭାରତର ସଂକଳ୍ପ ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ଆର୍ଥିକ ଦୃଷ୍ଟିକୋଣରୁ ୨୦୨୪ ସୁଦ୍ଧା ସେ ଦେଶକୁ ୫ଟ୍ରିଲିୟନ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ଏହା ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ହୋଇଥିବାରୁ, ଆମେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ ଏହି ଦିଗରେ ଅଗ୍ରସର ହେଉଛୁ।

ଆମର ଆର୍ଥିକ ମୂଳଦୁଆ ବେଶ୍ ସୁଦୃଢ଼। ୨୦୧୪ରୁ ୨୦୧୯ ମଧ୍ୟରେ ଆମର ହାରାହାରି ବାର୍ଷିକ ଜିଡିପି ଅଭିବୃଦ୍ଧି ୭.୫ ପ୍ରତିଶତ ରହିଛି, ଯାହାକି ସ୍ୱାଧୀନତା ପରେ ସର୍ବାଧିକ। ଏହା ମଧ୍ୟ ଜି–୨୦ ଦେଶ ମଧ୍ୟରେ ସର୍ବୋଚ୍ଚ। ସମଷ୍ଟିଗତ ଅର୍ଥନୈତିକ ସ୍ଥିରତା ଗତ ୫ ବର୍ଷ ମଧ୍ୟରେ ବେଶ୍ ସୁଦୃଢ଼ ରହିଛି, ଯାହା ଆଧାରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇ ପାରିଛି। ଆମେ ମୁଦ୍ରାସ୍ଫୀତିକୁ ନିମ୍ନରେ ରଖିପାରିଛୁ, ବିତ୍ତୀୟ ବ୍ୟୟ ଶୃଙ୍ଖଳିତ ରହିଛି ଏବଂ ଚଳନ୍ତି ଖାତା ନିଅଣ୍ଟ ନିୟନ୍ତ୍ରଣାଧୀନ ରହିଛି। ଯଦି ଆମେ ୨୦୦୯–୧୪ ଅବଧିକୁ ୨୦୧୪–୧୯ ଅବଧି ସହିତ ତୁଳନା କରିବା ତେବେ ମୁଦ୍ରାସ୍ଫୀତି ୧୦.୩ ପ୍ରତିଶତରୁ ହ୍ରାସ ପାଇ ୪.୫ ପ୍ରତିଶତରେ ପହଞ୍ଚିଛି, ବିତ୍ତୀୟ ନିଅଣ୍ଟ ଜିଡିପିର ୫.୩ ପ୍ରତିଶତରୁ ଖସି ୩.୪ ପ୍ରତିଶତରେ ପହଞ୍ଚିଛି ଏବଂ ଚଳନ୍ତି ଖାତା ନିଅଣ୍ଟ ୩.୩ ପ୍ରତିଶତରୁ ହ୍ରାସ ପାଇ ଜିଡିପିର ୧.୪ ପ୍ରତିଶତରେ ପହଞ୍ଚିଛି।

ବିଭିନ୍ନ ମୌଳିକ, ଯୁଗାନ୍ତକାରୀ ସଂସ୍କାର ଲାଗୁ କରାଯାଇଛି। ୪/୫ ବର୍ଷ ପୂର୍ବରୁ କେହି ଭାବିପାରୁ ନ ଥିଲେ ଯେ, ବ୍ୟବସ୍ଥା ସହିତ ଖେଳିଲେ ବୃହତ୍ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ମଧ୍ୟ ମୂଲ୍ୟ ଦେବାକୁ ପଡ଼ିବ, ଋଣ ଶୁଝି ନ ପାରିଲେ ସେମାନଙ୍କୁ ନିଜ ସମ୍ପତ୍ତି ହରାଇବାକୁ ପଡ଼ିବ। ୨୦୧୭ରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଲାଗୁ କରାଗଲା, ଏହା ଆର୍ଥିକ ଦୃଷ୍ଟିରୁ ଭାରତକୁ ଗୋଟିଏ ବଜାରରେ ପରିଣତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ପାରଦର୍ଶିତା ଓ ବ୍ୟବସାୟିକ ସୁଗମତା ଆଣିପାରିଲା। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ଉନ୍ମୁକ୍ତ ଓ ଉଦାରୀକରଣ କରାଯିବା ଦ୍ୱାରା ଦେଶକୁ ବିଦେଶୀ ପୁଞ୍ଜିର ପ୍ରବାହ ବଢ଼ିଛି। ସାମାଜିକ ବିକାଶ ଓ ନ୍ୟାୟ ପାଇଁ ଅନେକ ପ୍ରଭାବୀ ପଦକ୍ଷେପ ନିଆଯାଇଛି। ଏଥି ମଧ୍ୟରେ ଆୟୁଷ୍ମାନ୍ ଭାରତ ଭଳି ଯୁଗାନ୍ତକାରୀ କାର୍ଯ୍ୟକ୍ରମ ରହିଛି, ଯାହା ଗରିବଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବ। କୃଷକମାନଙ୍କୁ ଆୟ ସମର୍ଥନ ଯୋଗାଇ ଦେବା ଲାଗି ପିଏମ୍–କିଷାନ ଯୋଜନା ଓ ଆମ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ନୂଆ ଶିକ୍ଷାନୀତି ହାତକୁ ନିଆଯାଇଛି।

ଗତ କିଛିମାସ ଧରି ଭାରତର ଜିଡିପି ହ୍ରାସ ପାଇଛି। ବୈଶ୍ୱିକ ଅଭିବୃଦ୍ଧିରେ ମାନ୍ଦାବସ୍ଥା ଦେଖାଦେଇଛି। ପାରଦର୍ଶିତା ଆଣିବା, ବାଟମାରଣା ରୋକିବା ଏବଂ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ତ୍ୱରିତ ପଦକ୍ଷେପ କାରଣରୁ କେତେକ କ୍ଷଣସ୍ଥାୟୀ ଗତିରୋଧ ସୃଷ୍ଟି ହୋଇଛି। ଆଇନର ଶାସନ ଓ ଅର୍ଥବ୍ୟବସ୍ଥାର ଔପଚାରିକତା ଲାଗି ବିଗତ ପାଞ୍ଚବର୍ଷ ମଧ୍ୟରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଯୋଗୁ କେତେକ କ୍ଷଣସ୍ଥାୟୀ ନକାରାତ୍ମକ ପ୍ରଭାବ ପଡ଼ିବା ସ୍ୱାଭାବିକ।

ତଥାପି ସରକାର ସଜାଗ ଓ ସକ୍ରିୟ ଅଛନ୍ତି। ଆର୍ଥିକ କ୍ଷେତ୍ର ଏବଂ ବାସ୍ତବ ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଭୂମି, ଶ୍ରମ ଓ ପୁଞ୍ଜି ଭଳି ଉତ୍ପାଦନ କାରକର ଉତ୍ପାଦକତା ବୃଦ୍ଧି ଲାଗି ଐତିହାସିକ ପଦକ୍ଷେପମାନ ନିଆଯାଇଛି। ଦୃଢ଼ ଭିତ୍ତିଭୂମି ପ୍ରଦାନ ସହ ଐତିହାସିକ ସ୍ୱଚ୍ଛତା ଅଭିଯାନ ଏବଂ ମହତ୍ତ୍ୱାକାଂକ୍ଷୀ ସଂସ୍କାରକୁ କାର୍ଯ୍ୟକାରୀ କରାଯାଇଛି। ଆଗାମୀ ଦିନରେ ଭାରତ ଅଧିକ ଦ୍ରୁତଗତିରେ ବିକାଶ ଲାଭ କରିବ।

ସ୍ମାର୍ଟ ଫୋନ ବିପ୍ଳବ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବିଗ୍ ଡାଟା ଆନାଲିଟିକ୍ସ, ଅଗ୍‌ମେଣ୍ଟେଡ ରିୟଲିଟି, ଥ୍ରୀଡି ପ୍ରିଣ୍ଟିଂ, ରୋବୋଟିକ୍ସ ଏବଂ ବ୍ଲକ୍‌ଚେନ ଟେକ୍ନୋଲୋଜି ମୌଳିକ ଭାବେ ଆମ ବିଶ୍ୱ ଏବଂ ଆମର ଜୀବନଧାରାକୁ ପ୍ରଭାବିତ କରୁଛି। ପ୍ରତିଦିନ ଅଭୂତପୂର୍ବ ଗତିରେ ଏହି ପରିବର୍ତ୍ତନ ହୋଇଚାଲିଛି। ଆମେ ପରସ୍ପର ସହ କଥା ହେବା କିମ୍ବା ସମ୍ପର୍କ ଯୋଡ଼ିବାଠାରୁ ଆରମ୍ଭ କରି, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିବା, ଟଙ୍କା ପଠାଇବା ଏବଂ ଗ୍ରହଣ କରିବା କିମ୍ବା ଆମେ ଆମ ଖାଦ୍ୟ ପାଇବା ଆଦି ପର୍ଯ୍ୟନ୍ତ ସବୁକିଛିର ପଦ୍ଧତି ବଦଳିବାରେ ଲାଗିଛି। ଏହା ଏକ ଭିନ୍ନ ବିଶ୍ୱ, ବିଗତ ଏକ ଦଶନ୍ଧି ପୂର୍ବର ପରିସ୍ଥିତି ସହ ମଧ୍ୟ ବର୍ତ୍ତମାନର ବିଶ୍ୱକୁ ତୁଳନା କରିହେବ ନାହିଁ।

ଏସବୁ ସମ୍ଭାବନା ଅନେକ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ଯେ ପର୍ଯ୍ୟନ୍ତ ଆମେ ପରିବର୍ତ୍ତନ ସହ ତାଳଦେଇ ଚାଲିବା ନାହିଁ, ନୂଆ କଥା ଶିଖିବା ନାହିଁ କିମ୍ବା ଅନ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବା ନାହିଁ, ଆମେ ପଛରେ ପଡ଼ିଯିବା। ଏହି ଆହ୍ୱାନକୁ ସମସ୍ତେ ଗ୍ରହଣ କରିବା ଉଚିତ। ଆମ ଶାସ୍ତ୍ରରେ ଜ୍ଞାନର ମୂଲ୍ୟ ଓ ନିରନ୍ତର ଜ୍ଞାନ ଆହରଣର ମହତ୍ତ୍ୱ ବିଷୟରେ କୁହାଯାଇଛି। ଏହା ଏବର ଦ୍ରୁତ ପରିବର୍ତ୍ତିତ, ପ୍ରଯୁକ୍ତିପରିଚାଳିତ ବିଶ୍ୱରେ ଆହୁରି ପ୍ରାସଙ୍ଗିକ ହୋଇପଡ଼ିଛି। ଜ୍ଞାନର ମହତ୍ତ୍ୱ ବିଷୟରେ ଭର୍ତ୍ତୃହରି କହିଛନ୍ତି–

''ବିଦ୍ୟା ନାମ ନରସ୍ୟ ରୂପମଧିକଂ ପ୍ରଚ୍ଛନ୍ନଗୁପ୍ତଂ ଧନମ୍, ବିଦ୍ୟା ଭୋଗକରୀ ଯଶଃସୁଖକରୀ ବିଦ୍ୟା ଗୁରୂଣାଂ ଗୁରୁଃ। ବିଦ୍ୟା ବନ୍ଧୁଜନୋ ବିଦେଶଗମନେ ବିଦ୍ୟା ପରଂ ଦୈବତମ୍, ବିଦ୍ୟା ରାଜସୁ ପୂଜ୍ୟତେ ନ ହି ଧନଂ ବିଦ୍ୟାବିହୀନଃ ପଶୁଃ ।।''

ଅର୍ଥାତ୍ ଜ୍ଞାନ ମଣିଷର ରୂପ ଓ ବ୍ୟକ୍ତିତ୍ୱକୁ ସମ୍ପ୍ରସାରିତ କରିଥାଏ। ଏହା ସେହି ଗୁପ୍ତ ଧନ, ଯାହାକୁ କେହି ନେଇପାରିବେ ନାହିଁ। ଏହା ଆନନ୍ଦ ଏବଂ ଗୌରବ ପ୍ରଦାନ କରିଥାଏ। ଏହା ସମସ୍ତ ଗୁରୁମାନଙ୍କ ଗୁରୁ ଏବଂ ଏହା ବିଦେଶ ମାଟିରେ ଆମର ବନ୍ଧୁ। ଜ୍ଞାନ ହେଉଛି ପରମ ଈଶ୍ୱର, ଯାହାକୁ ରାଜାମାନେ ଭୌତିକ ସମ୍ପତ୍ତି ଅପେକ୍ଷା ଅଧିକ ପୂଜା କରିଥାନ୍ତି। ଅଜ୍ଞାନ ମନୁଷ୍ୟ ପଶୁ ସହ ସମାନ।

ଏହି ଜ୍ଞାନ କେବଳ ଏଇଠି ସରିଯାଉ ନାହିଁ, ଏହା ଆହୁରି ଗଭୀର ଗୁଣାବଳୀ ଓ ମୂଲ୍ୟବୋଧ ଦିଗରେ ଆଗେଇ ନେଇଥାଏ। ବିଦ୍ୟା ମଣିଷକୁ ବିନୟୀ କରାଇଥାଏ, ବିନମ୍ରତା ବା ଶାଳୀନତାରୁ ଯୋଗ୍ୟତା ବା ପାତ୍ରତା ଉତ୍ପନ୍ନ ହୁଏ, ଯୋଗ୍ୟତାରୁ ଧନ, ଧନରୁ ଧର୍ମ ଏବଂ ସେଥିରୁ ସୁଖ ଉତ୍ପନ୍ନ ହୋଇଥାଏ। ଶାସ୍ତ୍ରକାର କହିଛନ୍ତି–

ବିଦ୍ୟା ବିବାଦାୟ ଧନଂ ମଦାୟ ଶକ୍ତିଃ ପରେଷାଂ ପରିପୀଡ଼ନାୟ। ଖଳସ୍ୟ ସାଧୋର୍ବିପରୀତମେତତ୍ ଜ୍ଞାନାୟ ଦାନାୟ ଚ ରକ୍ଷଣାୟ ।।

କୁଟିଳ ଲୋକମାନେ ଜ୍ଞାନର ବ୍ୟବହାର ତର୍କ ପାଇଁ କରିଥାନ୍ତି, ସମ୍ପତ୍ତିର ଅହଂକାର ଦେଖାନ୍ତି, କ୍ଷମତା ବଳରେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି। କିନ୍ତୁ ସାଧୁମାନେ ଜ୍ଞାନର ସଦୁପଯୋଗ କରନ୍ତି, ଧନ ଦାନ କରିଥାନ୍ତି ଏବଂ ଦୁର୍ବଳଙ୍କୁ ସୁରକ୍ଷା ଦେବା ଲାଗି ଶକ୍ତିର ପ୍ରୟୋଗ କରନ୍ତି।

୨୬ ନଭେମ୍ବର, ୨୦୧୯ରେ ଦେଶ ସମ୍ବିଧାନ ଦିବସ ପାଳନ କରିଥିଲା। ଏହାପରେ ଆସନ୍ତା ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ଆମ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟ। ଆମେ ସବୁବେଳେ ଆମ ଅଧିକାର ବିଷୟରେ ଚିନ୍ତା କରିଥାଉ। ତେବେ ଆମ କର୍ତ୍ତବ୍ୟ ଏବଂ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଗାନ୍ଧିଜୀ କହିଥିଲେ, ଯଦି ଆମେ ସମସ୍ତେ ଆମର କର୍ତ୍ତବ୍ୟ ପାଳନ କରିବା, ତା'ହେଲେ ଆମକୁ ଆମ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ। ଯଦି ଆମେ କର୍ତ୍ତବ୍ୟ ପାଳନ କରିବା ନାହିଁ ତା'ହେଲେ ଆମକୁ ଅଧିକାର ପଛରେ ଗୋଡ଼ାଇବାକୁ ପଡ଼ିବ, କିନ୍ତୁ ତାହା ଆମଠାରୁ ଦୂରେଇ ଦୂରେଇ ଚାଲିଥିବ। ଏପରି କି ୧୯୪୭ରେ ଗାନ୍ଧିଜୀ 'ମାନବାଧିକାର' ଉପରେ ଏକ ପ୍ରବନ୍ଧ ଲେଖିବା ଲାଗି ତତ୍କାଳୀନ ମିଳିତ ଜାତିସଂଘର ମହାସଚିବ ଜୁଲିଆନ ହକ୍ସଲେଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସେ କହିଥିଲେ, ମୁଁ ମୋ ଅଶିକ୍ଷିତ କିନ୍ତୁ ବୁଦ୍ଧିମତୀ ମା'ଙ୍କଠାରୁ ଶିଖିଛି ଯେ ଭଲଭାବେ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ହିଁ ସମସ୍ତ ନ୍ୟାଯ୍ୟ ତଥା ପ୍ରାପ୍ୟ ଅଧିକାର ପ୍ରାପ୍ତ ହୋଇଥାଏ। ତେଣୁ ବଞ୍ଚିବାର ସମସ୍ତ ଅଧିକାର ଆମକୁ ସେତିକିବେଳେ ହିଁ ପ୍ରାପ୍ତ ହୁଏ ଯେତେବେଳେ ଆମେ ବିଶ୍ୱ ନାଗରିକତାର କର୍ତ୍ତବ୍ୟ ପାଳନ କରିଥାଉ। ଆମକୁ ଆମ କର୍ତ୍ତବ୍ୟ ବିଷୟରେ ସଚେତନ କରୁଥିବା ମହାତ୍ମା ଗାନ୍ଧୀଙ୍କର ଏହି ମୌଳିକ ଶିକ୍ଷା ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

(ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୦ତମ ସମାବର୍ତ୍ତନ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ମିଶ୍ରଙ୍କ ଉଦ୍‌ବୋଧନର ସାରାଂଶ)

# ଶିକ୍ଷା ହେଉ ଜୀବନର ମୂଳଦୁଆ



ଆଶିଷ ଧାୱନ

ଉଚ୍ଚମାନର ଶିକ୍ଷା ଜଣେ ବ୍ୟକ୍ତିଙ୍କ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ। ଏହା କେବଳ ଶିକ୍ଷାର୍ଥୀ ମନରେ ମହତ୍ତ୍ୱାକାଂକ୍ଷା ସୃଷ୍ଟି କରେ ନାହିଁ, ବରଂ ତାକୁ ଚରିତାର୍ଥ କରିବା ପାଇଁ ସୁଯୋଗ ମଧ୍ୟ ପ୍ରଦାନ କରିଥାଏ। ତେଣୁ ଭାରତ ଭଳି ଏକ ଯୁବ ରାଷ୍ଟ୍ର ଯେଉଁଠାରେ ୬ରୁ ୧୪ ବର୍ଷ ବୟସ୍କ ସ୍କୁଲ ଯାଉଥିବା ପିଲାଙ୍କ ସଂଖ୍ୟା ୨୬ କୋଟିରୁ ଅଧିକ, ସେଠାରେ ଉଚ୍ଚମାନର ଶିକ୍ଷା କେତେ ଶକ୍ତିଶାଳୀ ହୋଇପାରେ, ତାହା ସହଜରେ ଅନୁମେୟ।

ତେବେ କେବଳ ସ୍କୁଲ ପାଠ୍ୟକ୍ରମରୁ ନୁହେଁ, ଭଲ କଥା ଶିଖିବା ଦ୍ୱାରା ପିଲାଟିର ଯେଉଁ ବୌଦ୍ଧିକ ବିକାଶ ହୁଏ, ତାହାକୁ ବୁଝିବା ମଧ୍ୟ ସମାନ ଭାବେ ଜରୁରୀ। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍କୁଲରେ ପିଲାଙ୍କୁ 'ଶିଖେଇବା'ର ଏହି ପ୍ରକ୍ରିୟାଟି ଠିକ୍ ଭାବେ ହୋଇପାରୁ ନ ଥିବାରୁ ଭାରତର ମାନବ ସମ୍ବଳର ସମୁଚିତ ବିକାଶ ହୋଇପାରୁ ନାହିଁ। ସ୍କୁଲ ଯାଉଥିବା ୬ରୁ ୮ ବର୍ଷର ପିଲାମାନେ ସ୍କୁଲରେ ପ୍ରକୃତରେ କ'ଣ ଶିଖୁଛନ୍ତି, ତାକୁ ନେଇ ଶିକ୍ଷାବିତ୍‌ମାନେ ଏକ ରିସର୍ଚ୍ଚ କରିଥିଲେ। ଏଥିରୁ ଜଣାପଡ଼ିଲା, ପାଖାପାଖି ପଚାଶ ପ୍ରତିଶତ ପିଲା ସ୍କୁଲ ଯାଆନ୍ତି ସିନା, ହେଲେ ସେଠାରେ କିଛି ଶିଖନ୍ତି ନାହିଁ। ଏହାର କାରଣ ହେଲା, ପିଲାମାନେ ବହିରେ ଲେଖା ହୋଇଥିବା ପାଠ ପଢ଼ି ସେଥିରୁ ବ୍ୟାବହାରିକ ଅର୍ଥ ବାହାର କରିପାରନ୍ତିନି। ବହିରେ ଲେଖାଯାଇଥିବା ପାଠକୁ ପଢ଼ି ସେଥିରୁ ଠିକ୍ ଅର୍ଥ ବୁଝିବାର ଦକ୍ଷତା ହେଉଛି ବ୍ୟକ୍ତି ଜୀବନର ଗୋଟିଏ ମୌଳିକ ଆବଶ୍ୟକତା। ଆଠବର୍ଷର ପିଲାଟିଏ ଯେମିତି ଗୋଟିଏ ସାଧାରଣ ବାକ୍ୟ ପଢ଼ି ତାହାର ଅର୍ଥ ବାହାର କରିପାରିବ, ଏ କଥାକୁ ସୁନିଶ୍ଚିତ କରିବା ନିହାତି ଜରୁରୀ।

୨୦୧୬ରେ ପ୍ରକାଶ ପାଇଥିବା ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଏଏସ୍‌ଇଆର ୨୦୧୬) ଅନୁଯାୟୀ ତୃତୀୟ ଶ୍ରେଣୀରେ ପଢୁଥିବା ମାତ୍ର ଏକ ଚତୁର୍ଥାଂଶ ଛାତ୍ରୀଛାତ୍ର ସରଳ ବାକ୍ୟରେ ଲେଖା ହୋଇଥିବା କ୍ଷୁଦ୍ରଗଳ୍ପ ପଢ଼ିପାରନ୍ତି ଏବଂ ବୁଝିପାରନ୍ତି କିମ୍ବା ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ନେଇ ଫେଡାଣ କରିପାରନ୍ତି। ଭାରତ ସରକାରଙ୍କ ନ୍ୟାଶ୍‌ନାଲ ଆଚିଭ୍‌ମେଣ୍ଟ ସର୍ଭେ (ଏନ୍‌ଏଏସ୍) ମଧ୍ୟ ସୂଚାଇ ଦେଇଛି ଯେ, ଅନେକ ଛାତ୍ରୀଛାତ୍ର କୌଣସି ଲେଖା ପଢ଼ି ଏହାର ଅର୍ଥ ବୁଝିବାକୁ ସମର୍ଥ ନୁହନ୍ତି। ଆଜିର ଦୁନିଆରେ ଯେଉଁଠି ଶିଖିବା କହିଲେ ପାଠ ପଢ଼ିବାକୁ ବୁଝାଏ, ସେଠି ପଢ଼ି ପାରୁ ନ ଥିବା ପିଲାଟି ଶିକ୍ଷାଲାଭ କରିବ କେମିତି? ଏହା ଚାଲି ଜାଣି ନ ଥିବା ପିଲାଟିକୁ ଦୌଡ଼ିବାକୁ କହିଲା ଭଳି କଥା ହେବ।

ଅନ୍ତତଃ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର କୌଣସି ଲେଖାକୁ ପଢ଼ି ଅର୍ଥ ବୁଝିପାରିବା ଓ ସରଳ ଗାଣିତିକ ପ୍ରଶ୍ନର ସମାଧାନ କରିପାରିବାର ମୌଳିକ ଦକ୍ଷତା ହାସଲ କରିଥିବା ଦରକାର। ଆମ ଶିକ୍ଷା ବ୍ୟବସ୍ଥାର ଜଟିଳତାକୁ ଦେଖିଲେ ଏହାର ବିଶେଷ ଆବଶ୍ୟକତା ଥିବା ମନେ ହୁଏ। କାରଣ ଦେଶରେ ଶିକ୍ଷାର୍ଥୀମାନଙ୍କ ଭିତରୁ ଅନେକେ ଏଭଳି ପରିବାରରୁ ଆସିଥାନ୍ତି, ଯାହାଙ୍କର ମାତାପିତା ଅଳ୍ପଶିକ୍ଷିତ ବା ନିରକ୍ଷର। ଆର୍ଥିକ ଅଭାବ କାରଣରୁ ମଧ୍ୟ ଅନେକ ପରିବାର ପିଲାମାନଙ୍କ ପାଇଁ ନିଜ ଘରେ ଶିକ୍ଷା ହାସଲର ଉପଯୁକ୍ତ ପରିବେଶ ଦେଇପାରନ୍ତି ନାହିଁ। ଏଭଳି ସ୍ଥିତିରେ ଯଦି ସ୍କୁଲଗୁଡ଼ିକରେ ଉପଯୁକ୍ତ ପରିବେଶ ନ ରୁହେ, ତା'ହେଲେ ପିଲାଟି ଅଶିକ୍ଷାର ଅନ୍ଧକାରରେ ପଡ଼ିରହିବା ସ୍ୱାଭାବିକ।

ଏହି ସମସ୍ୟା ସମାଧାନର ବାଟ ବାହାର କରିବା ଦରକାର। ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ସଂସ୍କାର ସମାଜରେ ମୁକ୍ତ ଚିନ୍ତାଧାରା ବିକାଶରେ ସହାୟକ ହେବା ସହିତ ନୂଆ ଆବିଷ୍କାର ଓ ଉନ୍ନତି ପାଇଁ ବାଟ ଫିଟାଇବ। ଏଥିପାଇଁ ପ୍ରଥମେ ଆମକୁ ବ୍ୟାବହାରିକ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ। ତୃତୀୟ ଶ୍ରେଣୀର ପିଲାଟିଏ କେମିତି ଠିକ୍ ଭାବରେ ବର୍ଣ୍ଣ ଚିହ୍ନିପାରିବ, ଅର୍ଥ ବୁଝିପାରିବ ଓ ଅଙ୍କ କଷିପାରିବ, ସେଥିରେ ତାକୁ ସହାୟତା କରିବାକୁ ପଡ଼ିବ। ଏହି ସମୟରେ ସେ କେତେ ପାଠ ବୁଝୁଛି, ତାକୁ ଠିକ୍ ଭାବେ ଅନୁଧ୍ୟାନ କରିବାକୁ ପଡ଼ିବ। କେବଳ ସରକାର ଓ ପ୍ରଶାସନ ନୁହେଁ, ଶିକ୍ଷକ, ଅଭିଭାବକ ଓ ଶିକ୍ଷା ବ୍ୟବସ୍ଥାରେ ସମ୍ପୃକ୍ତ ସମସ୍ତଙ୍କର ମିଳିତ ଉଦ୍ୟମରେ ହିଁ ଏହା ସମ୍ଭବ ହୋଇପାରିବ।

ଦ୍ୱିତୀୟ କଥା ହେଲା, ଶିକ୍ଷକ ଓ ସ୍କୁଲ ଉଭୟେ ପିଲାମାନଙ୍କୁ ଉଚ୍ଚମାନର ଶିକ୍ଷା ଦେବା ପାଇଁ ତାଲିମ ପ୍ରାପ୍ତ ହେବା ଉଚିତ। କେବଳ ଶିକ୍ଷାର୍ଥୀ ନୁହେଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପ୍ରଯତ୍ନ କରିବାକୁ ପଡ଼ିବ, ସମୟୋପଯୋଗୀ ଜ୍ଞାନ ବାଣ୍ଟିବା ସହ କୋମଳମତି ଶିକ୍ଷାର୍ଥୀମାନଙ୍କ ମନକୁ ବୁଝି ତାଙ୍କୁ ବୁଝେଇବା ପାଇଁ ଯେଉଁ ସ୍ୱତନ୍ତ୍ର କଳା ଆବଶ୍ୟକ, ଶିକ୍ଷକମାନଙ୍କ ଭିତରେ ତାହାର ବିକାଶ ଲାଗି ବ୍ୟବସ୍ଥିତ ଦକ୍ଷତା ବିକାଶ ପ୍ରଣାଳୀ ପ୍ରୟୋଜନ। ପ୍ରାଥମିକ ଶିକ୍ଷା ସ୍ତରରେ ପାଠ ବହି କେମିତି ଶିଶୁ ମନସ୍ତତ୍ତ୍ୱକୁ ଆଖି ଆଗରେ ରଖି ତିଆରି ହେବ ଓ କେମିତି ମଜାଳିଆ ଢଙ୍ଗରେ ଶିକ୍ଷାଦାନ ହେବ, ସେ ବିଷୟରେ ଗଠନମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

ଶେଷରେ ସବୁସ୍ତରରେ କିପରି ସଂସ୍କାର ପ୍ରକ୍ରିୟା ଉପରେ ନଜର ରଖାଯିବ, ସେକଥା ସୁନିଶ୍ଚିତ କରିବାକୁ ହେବ। ପଛୁଆ ରହିଯାଇଥିବା ନିର୍ଦ୍ଦିଷ୍ଟ ବିଦ୍ୟାଳୟଗୁଡ଼ିକୁ ଚିହ୍ନଟ କରି ସେଥିରେ ସୁଧାର ଆଣିବାର ପ୍ରକ୍ରିୟା ଜିଲା ସ୍ତରରେ ହେବା ଉଚିତ। ସେଠାରେ ଆବଶ୍ୟକ ପାଠ୍ୟପୁସ୍ତକ, ତାଲିମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯେପରି ଜିଲା ସ୍ତରରୁ ପହଞ୍ଚି ପାରିବ, ସେନେଇ ଚିନ୍ତା କରାଯିବା ଉଚିତ।

ଭାରତରେ ବର୍ତ୍ତମାନ ମହଜୁଦ ଥିବା ସମ୍ବଳକୁ ଦେଖିଲେ ମାତ୍ର ୫ ବର୍ଷ ଭିତରେ ସମ୍ପୂର୍ଣ୍ଣ ଦେଶରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ସମ୍ଭବ ମନେ ହୁଏ। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ସହ ଆବଶ୍ୟକ ଢାଞ୍ଚାଗତ ସୁଧାର ଆଣିପାରିଲେ ଦେଶର ବିକାଶରେ ଏହା ଏକ ନିର୍ଣ୍ଣାୟକ ପ୍ରଗତି ହେବ।

## ଏଇ ଭାରତରେ

ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ଆୟୋଜିତ ଏକ ନିଆରା ବାହାଘର ନଜରକୁ ଆସିଛି ଉତ୍ତରପ୍ରଦେଶରେ। ବିନା ଯୌତୁକରେ ଓକିଲ ବର ସହ ପୋଲିସ କନ୍ୟାଙ୍କ ମଧ୍ୟରେ ବାହାଘର ହେବା ସହ ବରଯାତ୍ରୀଙ୍କୁ ଚାରା ବଣ୍ଟାଯାଇଛି। ରେବାଡି ଜିଲା ଶହବାଜପୁର ଖାଲ୍‌ସା ନିବାସୀ ଓକିଲ ପରିକ୍ଷିତ ଯାଦବଙ୍କର ବାହାଘର ମହେନ୍ଦ୍ରଗଡର ଚନ୍ଦପୁରାର ଅଳକା ଯାଦବଙ୍କ ସହ ଅନୁଷ୍ଠିତ ହୋଇଛି। ଅଳକା ଦିଲ୍ଲୀ ପୋଲିସରେ ଚାକିରି କରନ୍ତି। ପରିକ୍ଷିତ ପେସାରେ ଓକିଲ। ବାହାଘର ପୂର୍ବରୁ ପରିକ୍ଷିତ କାଗଜ ବଦଳରେ ରୁମାଲରେ ନିମନ୍ତ୍ରଣ କାର୍ଡ ଛପାଇ ବାଣ୍ଟିଥିଲେ। ଏହି ରୁମାଲକୁ ଧୋଇଲା ପରେ ତାହାକୁ ବ୍ୟବହାର କରାଯାଇପାରିବ ଏବଂ ଏହାଦ୍ୱାରା କାଗଜ ବଞ୍ଚିବ ଓ ବାହାଘର ପରେ କାଗଜ ଏଣେତେଣେ ବି ପଡିବନି ବୋଲି କହିଛନ୍ତି ପରିକ୍ଷିତ। କନ୍ୟାପିତା ବରଯାତ୍ରୀଙ୍କୁ ୨୦୧ ଚାରା ଦେଇଛନ୍ତି। ବରଯାତ୍ରୀମାନେ ଏହି ଗଛକୁ ସେମାନଙ୍କ ବାଡିରେ ଲଗାଇବା ଲାଗି ଦିଆଯାଇଛି। ଏହି ବାହାଘରରେ ବରକୁ କେବଳ ଏକ ଟଙ୍କା ଓ ଗୋଟିଏ ନଡିଆ ଦିଆଯାଇଛି। ଏହି ବାହାଘରକୁ ବାଣ ଓ ମଦଠାରୁ ମୁକ୍ତ ରଖାଯାଇଥିଲା। ବାହାଘର ପରେ ନବ ଦମ୍ପତି ୨୧ଟି ଗଛ ଲଗାଇ ନୂଆ ଜୀବନ ଆରମ୍ଭ କରିଛନ୍ତି।

## ଚିରନ୍ତନୀ

ଜାପାନ, ଚାଏନା, ବ୍ରହ୍ମ, ଭାରତ, ପାରସ୍ୟ ଆଫଗାନ,
ଆରବ, ତୁର୍କି, ଆଫ୍ରିକା, ରୁଷିଆ, ୟୁରୋପ,
ଅଷ୍ଟ୍ରେଲିଆ, ଆମେରିକା ମହାଦେଶେ ଉଡ଼ଇ ନିଶାଣ
କୁମେରୁ ସୁମେରୁ ବେଢ଼ି ଉଠେ ଭୂମିକମ୍ପ।

(ଶତାବ୍ଦୀ–ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୪

- ଉତ୍ତର–ପୂର୍ବ ଚାଇନାର ଏକ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟି ୧୩୫ ମହିଳାଙ୍କ ସହ ୨୩୩ ମୃତ।
- ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ନେପାଳୀ କମ୍ୟୁନିଷ୍ଟ ପାର୍ଟିର ନେତା ମନମୋହନ ଅଧିକାରୀଙ୍କ ଶପଥ ଗ୍ରହଣ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | | | | 1 | B | | 8 | E | | 4 | | |
| 7 | | | | 1 | | | 9 | | 3 | 6 | | C | | |
| | | 1 | E | | C | | | A | | | | | | D |
| | 2 | | | 3 | B | | E | | 0 | | | 9 | | |
| | B | | | | | 7 | 5 | | D | | | 6 | | |
| | | | | B | 3 | 0 | | 5 | | | | | | |
| 8 | | | D | | | | | | | | E | | | |
| | | 2 | | | A | | | E | 9 | | 6 | 1 | | |
| | 5 | | | | 0 | | 2 | | | | | B | A | |
| | | D | | | | | 8 | | 5 | | 2 | | | |
| | | 6 | | 8 | 4 | | | | C | | | | | |
| | 4 | | | | 9 | 3 | | | | 2 | B | 7 | 5 | |
| 0 | 9 | | B | 7 | | 4 | 1 | | | 8 | | | | |
| | | 8 | | | D | 5 | | | | | | | C | |
| | | | 0 | E | | | C | 2 | | 5 | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 5 | 6 | D | 3 | 2 | 4 | 9 | B | 7 | C | 0 | A | 1 | 8 |
| 3 | 7 | C | A | 8 | E | 1 | 6 | 0 | D | B | 2 | 4 | 5 | 9 |
| B | 4 | 8 | 0 | C | 1 | D | A | 2 | E | 9 | 5 | 7 | 6 | 3 |
| 9 | A | D | 5 | B | 6 | 3 | C | 7 | 1 | 4 | 8 | E | 2 | 0 |
| 1 | 2 | 0 | 4 | 7 | 9 | 5 | 8 | E | A | 3 | 6 | C | B | D |
| 4 | 6 | B | 7 | 9 | 8 | A | 5 | D | 2 | E | 1 | 3 | 0 | C |
| 2 | D | A | 6 | 0 | 3 | 7 | E | C | 9 | 5 | B | 1 | 8 | 4 |
| 7 | 3 | 1 | C | E | D | B | 0 | 8 | 6 | A | 4 | 2 | 9 | 5 |
| C | 8 | 5 | 2 | 4 | B | 9 | 1 | 3 | 0 | 7 | D | 6 | A | E |
| 0 | 9 | E | 1 | 5 | A | 2 | 4 | 6 | 3 | 8 | C | B | D | 7 |
| 5 | 0 | 2 | E | 1 | 7 | C | B | 4 | 8 | 6 | 9 | D | 3 | A |
| D | C | 4 | 9 | 2 | 0 | 8 | 3 | A | B | 1 | E | 5 | 7 | 6 |
| A | B | 9 | 3 | D | C | 6 | 2 | 5 | 4 | 0 | 7 | 8 | E | 1 |
| 6 | E | 7 | 8 | A | 4 | 0 | D | 1 | 5 | 2 | 3 | 9 | C | B |
| 8 | 1 | 3 | B | 6 | 5 | E | 7 | 9 | C | D | A | 0 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### 'ମୋ ସରକାର'ର ବାସ୍ତବତା

ମହାଶୟ,

ଧରିତ୍ରୀ(୨୨।୧୦)ରେ ସହଦେବ ସାହୁଙ୍କ 'ମୋ ସରକାର–ସ୍ୱପ୍ନ ବଡ଼ ରାତି ଛୋଟ' ପ୍ରସଙ୍ଗଟି ତଥ୍ୟଭିତ୍ତିକ ହେବା ସହିତ ଏହାର କାର୍ଯ୍ୟକାରିତା କେତେଦୂର ହୋଇପାରିବ, ତାହା ଆଗାମୀ ଦିନରେ ଜଣାପଡିବ। କିନ୍ତୁ ଆମ ରାଜ୍ୟରେ ଏବେ ସୁଦ୍ଧା ଲୋକଙ୍କ ଧାରଣା ଥାନା ବା ଆର୍‌ଆଇ ଅଫିସକୁ ଗଲେ ବିନା ପଇସାରେ କିଛି ହେବନାହିଁ। ଏହି ଧାରଣା ଲୋକଙ୍କ ମନରୁ ସମ୍ପୂର୍ଣ୍ଣ ଦୂର ହେବା ସହିତ ଯଦି ସମସ୍ତ ଅଫିସ୍‌ରେ ଅଫିସର ଓ ଅଧସ୍ତନ କର୍ମଚାରୀମାନେ ସଚ୍ଚୋଟ ଉପାୟରେ ଓ ସ୍ୱଚ୍ଛତା ଅବଲମ୍ବନ କରି ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବେ, ତେବେ 'ମୋ ସରକାର' କାର୍ଯ୍ୟକ୍ରମ ସଫଳ ହେବ। ପୁଣି ବିଭିନ୍ନ ଅଫିସ ଓ ହସ୍ପିଟାଲରେ ଖାଲି ପଡିଥିବା ପଦବୀଗୁଡ଼ିକରେ ଯଦି ନିଯୁକ୍ତି ଦିଆଯିବ, ଗ୍ରାମାଞ୍ଚଳରେ ଡାକ୍ତରମାନଙ୍କୁ ରହିବା ପାଇଁ ବାଧ କରାଯିବ ଏବଂ ବିଦ୍ୟାଳୟରେ ଶିକ୍ଷକମାନଙ୍କ କାର୍ଯ୍ୟ ଉପରେ କଡ଼ା ନଜର ରଖାଯିବ, ତେବେ ମୁଖ୍ୟମନ୍ତ୍ରୀଙ୍କ '୫–ଟି' ଓ 'ମୋ ସରକାର' ବାସ୍ତବରେ ପରିଣତ ହେବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଆମେ କ୍ଷତି ସହିବୁ କାହିଁକି

ବିଭିନ୍ନ ଏଟିଏମ୍‌ରୁ ଜାଲ୍ ଓ ଚିରାଫଟା ନୋଟ୍ ବାହାରୁଥିବାର ଖବର ଅନେକଥର ପ୍ରକାଶ ପାଇଛି। ଏଟିଏମ୍‌ଗୁଡ଼ିକରେ ଟଙ୍କା ଭର୍ତ୍ତି କରିବାର କାମ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକର। ଏଥିପାଇଁ ସ୍ୱତନ୍ତ୍ର କର୍ମଚାରୀ ସହ ଗାଡ଼ି ମଧ୍ୟ ନିଯୁକ୍ତ ହୋଇଛି। ତେବେ ଏହା ସମ୍ପୃକ୍ତ କର୍ମଚାରୀମାନଙ୍କ କାର୍‌ସାଦି ନିଶ୍ଚୟ। କିନ୍ତୁ ଆମେ ଏଟିଏମ୍‌ରୁ ଜାଲ୍ ନୋଟ ପାଇ ବ୍ୟାଙ୍କ ଯାଇ ନିରାଶ ହୋଇ ଆର୍ଥିକ କ୍ଷତି ସହୁଛୁ। ଆମେ ବ୍ୟାଙ୍କରେ ଟଙ୍କା ରଖି ଏଟିଏମ୍‌ରୁ ଜାଲ୍ ନୋଟ ପାଇ ଆର୍ଥିକ କ୍ଷତି ସହିବୁ କାହିଁକି? ଲୋକଟିଏ ଯଦି ଏଟିଏମ୍‌ରୁ ଜାଲ୍ ନୋଟ ପାଇଲା, ସିଏ କରିବ କ'ଣ?

ଯଦୁନାଥ ଦାସ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ, ରୋଗୀ ଭୟଭୀତ

**କେନ୍ଦ୍ରାପଡା ଅଫିସ,୨୯।୧୧:** କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି । ବିଦ୍ୟୁତ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ପୂର୍ବାହ୍ନରେ ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ ଏକ କୋଠରିରୁ ଅନ୍ୟ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ଦିଆଯାଉଥିଲା । ଏହି ସମୟରେ ଶର୍ଟ ସର୍କିଟ ହୋଇ ବିଦ୍ୟୁତ୍ ବୋର୍ଡ ଜଳି ଉଠିଥିଲା । ଏହା ଦେଖି ଚିକିତ୍ସାଳୟର କେତେକ ରୋଗୀ ଭୟରେ ପଦାକୁ ବାହାରି ଆସିଥିଲେ। ତେବେ ଅଗ୍ନିକାଣ୍ଡ ଘଟିବା ଦେଖି ଚିକିତ୍ସାଳୟର କର୍ମଚାରୀ ଏହାକୁ ସଙ୍ଗେ ସଙ୍ଗେ ଆୟତ୍ତ କରି ନେଇଥିଲେ । ଏ ସମ୍ପର୍କରେ ସିଡିଏମଓ ଡା. ଉର୍ମିଳା ମିଶ୍ର କହିଛନ୍ତି ଯେ, ଅଗ୍ନିକାଣ୍ଡ ସାମାନ୍ୟ ଧରଣର ହୋଇଥିବା ବେଳେ ବିଶେଷ କିଛି କ୍ଷୟକ୍ଷତି ହୋଇନାହିଁ।

### ନାବାଳିକାଙ୍କୁ ଅସଦାଚରଣ ମାମଲାରେ ୩ ବର୍ଷ ଜେଲ

**କେନ୍ଦ୍ରାପଡା ଅଫିସ,୨୯।୧୧:** ସଦର ଥାନା ଜାଗୁଲାଇପଡା ଗ୍ରାମ ନିକଟ ରାସ୍ତାରେ ଗତ ୨୦୧୮ରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିଲା। ଏଥିନେଇ ହୋଇଥିବା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି । ଏଡିଜେ ଏମ. ଡି. ଦୋରା ଏହି ମାମଲାରେ ଜାଗୁଲାଇପଡା ଗ୍ରାମର ହେମନ୍ତ ମୁଦୁଲି (୩୫)ଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଏଥିସହିତ ୫ ହଜାର ଟଙ୍କା ଜରିମାନା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ଅଭିଯୋଗ ଅନୁଯାୟୀ, ସଂପୃକ୍ତ ୧୧ ବର୍ଷୀୟା ନାବାଳିକା ନିକଟସ୍ଥ ବଜାରରୁ ଜାଗୁଲାଇପଡା ରାସ୍ତାରେ ୨୦୧୮ ମେ ୨୬ ତାରିଖରେ ଘରକୁ ଫେରୁଥିଲେ । ଏହି ସମୟରେ ହେମନ୍ତ ଏକ ବାଇକରେ ଆସି ପୀଡିତାଙ୍କ ସାଇକେଲକୁ ଧକ୍କା ଦେବା ସହିତ ଅସଦାଚରଣ କରିଥିଲେ । ଏନେଇ ପୀଡିତାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ସଦର ପୋଲିସ ଜିଆର କେସ ନଂ ୬୬୧/ ୧୮ରେ ଆଇପିସି ୩୫୪, ୩୫୪ (କ ଓ ଘ), ପୋକ୍ସୋ ଆକ୍ଟ ୮ରେ ମାମଲା ରୁଜୁ କରିଥିଲେ । ଏହି ମାମଲାକୁ ଏପିପି ମନୋଜ କୁମାର ସାହୁ ପରିଚାଳନା କରିଥିବା ଏପିପି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ।

### ସଞ୍ଜ ନିଆଁରୁ ୨ ବଖରା ଜଳିଗଲା

**ପଟ୍ଟାମୁଣ୍ଡାଇ, ୨୯।୧୧ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶୁକ୍ରବାର ସନ୍ଧ୍ୟା ୬ଟା ବେଳେ ଶିବପ୍ରସାଦ ପଣ୍ଡାଙ୍କ ୨ ବଖରା ଜଳିଯାଇଛି। ଘରେ ସଞ୍ଜ ବତୀ ଦିଆଯାଇଥିବା ବେଳେ ସେଥିରୁ ନିଆଁ ଧାସ ଉଠି ଚାଳରେ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘରର ସବୁ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଦମକଳ ବାହିନୀ ବିଳମ୍ବରେ ପହଞ୍ଚିବାରୁ ଲୋକମାନଙ୍କ ରୋଷର ଶିକାର ହୋଇଥିଲେ। ଦମକଳ ଅଫିସ୍ ଟେଲିଫୋନ୍ ଖରାପ ଥିବାରୁ ବିଳମ୍ବରେ ଖବର ମିଳିବାରେ ବିଳମ୍ବ ହୋଇଥିଲା ବୋଲି ଦମକଳ କର୍ମଚାରୀ ଦର୍ଶାଇଥିଲେ। ଅଗ୍ନିକାଣ୍ଡରେ ଶିବପ୍ରସାଦଙ୍କ ଘରର ସମସ୍ତ ଆସବାବ ପତ୍ର ଓ ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନ ପରବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ମାନୀ ମଲ୍ଲିକ ଓ ଗ୍ରାମବାସୀ ଦାବି କରିଛନ୍ତି।

# କଲେଜରେ ପାଠ ପଢ଼ାଇଲେ ଜିଲାପାଳ

- ଲୋକନାଥ ମହାବିଦ୍ୟାଳୟକୁ ଅଚାନକ ଗସ୍ତ
- ଶିଶୁ ଯତ୍ନ ଅନୁଷ୍ଠାନ ଓ ବାସୁଦେବ ସୁଧାର ଗୃହ ପରିଦର୍ଶନ

**ପାଟକୁରା, ୨୯।୧୧ (ଡି.ଏନ୍.ଏ.)**


ଗରଦପୁର ଗସ୍ତ ସମୟରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଶୁକ୍ରବାର ଗରଦପୁର ବ୍ଲକ ଗସ୍ତ କରି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। କିଛିଦିନ ତଳେ କୋରୁଆସ୍ଥିତ ଲୋକନାଥ ମହାବିଦ୍ୟାଳୟର କେତେଜଣ ଛାତ୍ର ଜିଲାପାଳଙ୍କୁ ଭେଟି କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହି ଅଭିଯୋଗ ଆଧାର କରି ଜିଲାପାଳ ବର୍ମା ଅଚାନକ ଲୋକନାଥ ମହାବିଦ୍ୟାଳୟରେ ପହଞ୍ଚି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢାଇବା ସହିତ ବିଜ୍ଞାନ ବିଭାଗ ଲାବରେଟୋରିକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ପ୍ରଧାନ, ପ୍ରାଧ୍ୟାପକ ରାସବିହାରୀ ନାୟକ, ସଚ୍ଚିଦାନନ୍ଦ ସାମନ୍ତରାୟ, ଅଧ୍ୟାପକ ଶଶିକାନ୍ତ ନାୟକ, ଡଃ. ପ୍ରଫୁଲ୍ଲ କୁମାର ଜେନା, ରମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହି ଆଲୋଚନ କରିଥିଲେ। ଏହି ଅବସରରେ କଲେଜରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ପାଚେରୀ ନିର୍ମାଣ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗକୁ ସୁପାରିସ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ ଜିଲାପାଳ କୋରୁଆସ୍ଥିତ ପଲ୍ଲିଶ୍ରୀ ମହିଳା ସମିତି ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ଓ ବାସୁଦେବ ସୁଧାର ଗୃହ ପରିଦର୍ଶନ କରିଥିଲେ। ଏହାପରେ କୋରୁଆଠାରେ ଥିବା ମଙ୍ଗଳା ତନ୍ତୁବାୟ ସହଯୋଗ ସମିତି ପକ୍ଷରୁ ବୁଣାଯାଉଥିବା ଲୁଗା ଓ ତନ୍ତଗୁଡିକୁ ଜିଲାପାଳ ବୁଲି ଦେଖିବା ସହିତ ବୁଣାକାରମାନଙ୍କ ଅଭାବ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହାପରେ କୋରୁଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତାକୁ ଢଳେଇ କରିବା ପାଇଁ ଜିଲାପାଳ ସ୍ଥାନୀୟ ସରପଞ୍ଚଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କୋରୁଆ ହାଇସ୍କୁଲରେ ନିର୍ମାଣ କରାଯାଇଥିବା ମିନି ଷ୍ଟାଡିୟମ ପରିଦର୍ଶନ କରିବା ପରେ ଅର୍ଜୁନପୁରଠାରେ ନିର୍ମାଣାଧୀନ ଲାଇବ୍ରେରି, ଧାନମଣ୍ଡଳ ପାର୍କ, କଲ୍ୟାଣ ମଣ୍ଡପ, ଭଗବାନପୁର ପାର୍କ, ରାଧାରମଣ ହାଇସ୍କୁଲ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତରେ ଗରଦପୁର ବିଡିଓ ଧରଣୀଧର ବେହେରା, ତହସିଲଦାର ଉମାକାନ୍ତ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ସୁଧୀର କୁମାର ବେହେରା ପ୍ରମୁଖ ସାମିଲ ଥିଲେ।

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଉପସହକାରୀ ଅଡିଟର ଜେନେରାଲଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ,୨୯।୧୧**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସମବାୟ ସମିତିର ଉପ ସହକାରୀ ଅଡିଟର ଜେନେରାଲ ଶିବ ପ୍ରସାଦ ମଲ୍ଲିକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ମଲ୍ଲିକଙ୍କ ଭୁବନେଶ୍ୱରସ୍ଥିତ ଆବାସିକ କୋଠା, ଭୁବନେଶ୍ୱରରେ ଥିବା ସମ୍ପର୍କୀୟଙ୍କ ଘର, କେନ୍ଦ୍ରାପଡ଼ା କୁତରଙ୍ଗା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ କଟକସ୍ଥିତ ଅଫିସରେ ଏକକାଳୀନ ଯାଞ୍ଚ କରାଯାଇ ମୋଟ ୭୧ ଲକ୍ଷ ୨୫ହଜାର ୨୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ମଲ୍ଲିକ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକର ହୋଇଥିବା ମୂଲ୍ୟାୟନ ଅନୁଯାୟୀ ଭୁବନେଶ୍ୱରରେ ତାଙ୍କର ୪ ମହଲା କୋଠା ରହିଛି। ଏହାର ମୂଲ୍ୟ ୫୨ ଲକ୍ଷ ୫୦ହଜାର ୪୪୬ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ସେହିପରି ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରେ ତାଙ୍କର ୮ଟି ପ୍ଲଟ ରହିଛି, ଯାହାର ମୂଲ୍ୟ ୯ ଲକ୍ଷ ୪୮ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯାଞ୍ଚ ସମୟରେ ମଲ୍ଲିକଙ୍କ ଘରୁ ୨ ଲକ୍ଷ ୭୧ ହଜାର ୪୯୮ ଟଙ୍କାର ସୁନା, ରୂପା ଗହଣା ଠାବ କରାଯାଇଛି। ସେହିପରି ତାଙ୍କର ୪୨ ହଜାର ଟଙ୍କାର ଗୋଟିଏ ମୋଟରସାଇକେଲ ରହିଛି। ବିଭିନ୍ନ ବ୍ୟାଙ୍କରେ ମଲ୍ଲିକ ୧ ଲକ୍ଷ ୪୬ହଜାର ୫୮୩ ଟଙ୍କା ଜମା ରଖିଥିବାବେଳେ ଯାଞ୍ଚ ସମୟରେ ଘରୁ ନଗଦ ୩୯ହଜାର ଟଙ୍କା ଠାବ କରାଯାଇଛି। ସେହିପରି ମଲ୍ଲିକଙ୍କ ଘରୁ ୪ ଲକ୍ଷ ୨୭ହଜାର ୫୦୨ ଟଙ୍କାର ଆସବାବପତ୍ରକୁ ଭିଜିଲାନ୍ସ ଠାବ କରିଛି।

# 'ନାରୀ ସୁରକ୍ଷା ଦିଗରେ ସଚେତନତା ଆବଶ୍ୟକ'



ଆଲୋଚନାଚକ୍ରରେ ଅଧ୍ୟାପିକାଅଧ୍ୟାପକମାନେ।

**ପଟ୍ଟାମୁଣ୍ଡାଇ, ୨୯।୧୧ (ସ୍ୱ.ପ୍ର.)**

ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ନିର୍ଯାତନା ପାଇଁ ସରକାର କଡ଼ା ଆଇନ ପ୍ରଣୟନ କରିଛନ୍ତି। ଏହାସତ୍ତ୍ୱେ ନାରୀ ନିର୍ଯାତନା ଦିନକୁ ଦିନ ବଢୁଥିବା ବେଳେ ଏ ଦିଗରେ ସମସ୍ତେ ସଚେତନ ହେବା ଜରୁରୀ ହୋଇପଡ଼ିଛି। ନାରୀମାନଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଦରକାର ବୋଲି ପଟ୍ଟାମୁଣ୍ଡାଇ କଲେଜ ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ 'ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଏହାର ପ୍ରତିକାର' ସମ୍ପର୍କିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ବଲପୁର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ସମାଜ ବିଜ୍ଞାନୀ ଡ. ସମରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ସତ୍ୟସାଇ ମହିଳା କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡ. ସଞ୍ଜୟ କୁମାର ଜେନା ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କର ନାରୀ ହିଂସା ନିୟନ୍ତ୍ରଣରେ ଥିବା ଭୂମିକା ଉପରେ ରାଜ୍ୟ ମହିଳା କମିଶନ ସଭ୍ୟା ଡ. ମମତା ଦାଶ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ କଲେଜର ପ୍ରଫେସର ହିମାଂଶୁ ପରିଡ଼ା, ଡ. ମଥୁରୀ ନାୟକ, ପ୍ରେମାନନ୍ଦ ପ୍ରଧାନ, ଭୁବନମୋହନ ଜେନାଙ୍କ ସମେତ ଅଧ୍ୟାପିକାଅଧ୍ୟାପକମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ମୁଖ୍ୟ କ୍ୟାପଟେନ୍ ମନୋଜ ପରିଡ଼ା ଆଲୋଚନାଚକ୍ରର ବିଷୟବସ୍ତୁ ପାଠ କରିଥିଲେ। ପ୍ରାଧ୍ୟାପକ ରଞ୍ଜିତ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ଦୁଃଶାସନ ପରିଡ଼ା, ଡ. ଅଜୟ କୁମାର ଦାଶ, ଡ. ନୀଳମଣି ଲେଙ୍କା, ଡ. ପ୍ରେମଲତା ରାଉତ, ଡ. ରମେଶ କୁମାର ସାହୁ, ପ୍ରମୋଦ କୁମାର ସ୍ୱାଇଁ, ଅରବିନ୍ଦ ପାଣ୍ଡବ, ଜିତେନ୍ଦ୍ର ମଲ୍ଲିକ, ମାନସ ନାୟକ, ରଞ୍ଜନ ବେହୁରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ମଦ୍ୟପାନ କରି ଡଙ୍ଗା ଚଳାଉଛନ୍ତି ନାଉରିଆ

# ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

**ଆଳି, ୨୯।୧୧ (ଡି.ଏନ୍.ଏ.)**

ସାରା ରାଜ୍ୟରେ ଅନେକ ଡଙ୍ଗା ବୁଡ଼ି ଘଟଣା ଘଟୁଥିବା ବେଳେ ଗତ ଜାନୁୟାରୀରେ ମହାକାଳପଡ଼ାର ହୁକିଟୋଲାଠାରେ ଡଙ୍ଗା ବୁଡ଼ି ଘଟଣା ଏବେ ବି ଉପକୂଳବାସୀଙ୍କ ମନରେ ଭୟ ସୃଷ୍ଟି କରୁଛି। ଏହି ଘଟଣା ପରେ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ନାନା କଟକଣା ଲାଗୁ କରାଯାଇଥିବା ବେଳେ ଏବେ ଆଉ ସେସବୁ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଫଳରେ ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ନଦୀପାର ହେଉଥିବା ଦେଖାଯାଉଛି। ଆଳି ବ୍ଲକ ଅଧୀନ ଏକମାଣିଆ ପଞ୍ଚାୟତକୁ ଚତୁଃପାର୍ଶ୍ୱରେ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଘେରି ରହିଥିବାରୁ ସେମାନେ ଯା'ଆସ ପାଇଁ ମୁଖ୍ୟତଃ ଡଙ୍ଗା ଉପରେ ନିର୍ଭର କରନ୍ତି। ହେଲେ ଏହି ପଞ୍ଚାୟତବାସୀ ଡଙ୍ଗାରେ ଏପାରିରୁ ସେପାରିକୁ ନେଉଥିବା ନାଉରିଆ ମଦ୍ୟପାନ କରି ଡଙ୍ଗା ଚଳାଉଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହେଉଥିବା ବେଳେ ଡଙ୍ଗାରେ ଯା'ଆସ କରିବାକୁ ଲୋକେ ଭୟ କରୁଛନ୍ତି। ବିଭିନ୍ନ କାମ ପାଇଁ ଲୋକମାନେ ଡଙ୍ଗାରେ ଯିବାକୁ ବାଧ ହେଉଥିବା ବେଳେ ନାଉରିଆଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁ ଶହଶହ ଲୋକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ଡେରାବିଶର ଯଶ ରଖିଲେ ଯଶ୍ମିନ୍

# ଓଡ଼ିଶୀ ସଙ୍ଗୀତରେ ପାଇଲେ ରାଜ୍ୟପାଳ ଟ୍ରଫି

**ଡେରାବିଶ, ୨୯।୧୧ (ସ୍ୱ.ପ୍ର.)**


ଯଶ୍ମିନ ମହାନ୍ତିଙ୍କୁ ରାଜ୍ୟପାଳ ଗଣେଶୀ ଲାଲ୍ ପୁରସ୍କୃତ କରୁଛନ୍ତି।

ସଂସ୍କୃତି, ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଜିଲା ତଥା ରାଜ୍ୟରେ ସୁନାମ ଲାଭ କରିଥିବା ଡେରାବିଶ ମାଟିର ପୁଣିଥରେ ଯଶ ଆଣିଛନ୍ତି ଛାତ୍ରୀ ଯଶ୍ମିନ ମହାନ୍ତି (୧୬) । ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦୧୭-୧୮ ବର୍ଷ ପାଇଁ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ରାଜ୍ୟପାଳ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡା ଗ୍ରାମର ସ୍ୱର୍ଗତ ପ୍ରଦୀପ୍ତ ମହାନ୍ତିଙ୍କ ଝିଅ ତଥା କେନ୍ଦ୍ରାପଡାସ୍ଥିତ ଭାରତୀ ବିଦ୍ୟାମନ୍ଦିରର +୨ ଛାତ୍ରୀ ଯଶ୍ମିନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଛନ୍ତି । ଓଡିଶୀ ସଙ୍ଗୀତରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ତାଙ୍କୁ ପ୍ରମାଣପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ବିଭାଗୀୟ ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶରେ ଆନନ୍ଦର ଲହରି ଖେଳିଯାଇଛି। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ଡେରାବିଶ ମହୋତ୍ସବ କମିଟିର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ, ଡେରାବିଶ ସେବା ପରିଷଦ ପକ୍ଷରୁ ଅଭିମନ୍ୟୁ ରାଉତଙ୍କ ସମେତ ବହୁ ବ୍ୟକ୍ତି ଯଶ୍ମିନ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପୁରସ୍କାର ପାଇ ଯଶ୍ମିନ ଘରକୁ ଫେରିବା ପରେ ଜିଲାପାଳ ସମର୍ଥ ବର୍ମା ତାଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ନିଜ ପ୍ରତିକ୍ରିୟାରେ ଯଶ୍ମିନ୍ କହିଛନ୍ତି ,ତାଙ୍କର ଗୁରୁ ସଙ୍ଗୀତଜ୍ଞ ହରେକୃଷ୍ଣ ରାଉତଙ୍କ ଆଶୀର୍ବାଦ, ମା' ମାନସୀ, ବଡବାପା ଭରତ ମହାନ୍ତିଙ୍କ ପ୍ରେରଣା ଆଜି ତାଙ୍କୁ ଏହି ସଫଳତା ଆଣି ଦେଇଛି । ଯଶ୍ମିନ୍ ଗୁରୁ ହରେକୃଷ୍ଣଙ୍କ ଠାରୁ ନିଜ ଘରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ୨୦୧୭ ମସିହାରେ ସେ ଭାରତୀ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ଥିବା ବେଳେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଲାଭ କରି ରାଜ୍ୟପାଳଙ୍କ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

# ଏସ୍ଏସ୍‌ଜି ସଦସ୍ୟାଙ୍କୁ ପନିପରିବା ଚାଷ ପ୍ରଶିକ୍ଷଣ

**ମାର୍ଶାଘାଇ, ୨୯।୧୧ (ଡି.ଏନ୍.ଏ.)**


ଶିବିରରେ ଉପସ୍ଥିତ ପ୍ରଶିକ୍ଷକମାନେ।

ମାର୍ଶାଘାଇ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଶୁକ୍ରବାର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପନିପରିବା ଚାଷ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜଖାଙ୍ଗସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କୃଷିବିଭାଗ ଓ ଉଦ୍ୟାନ କୃଷିବିଭାଗ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ବୈଜ୍ଞାନିକ ପଦ୍ଧତିରେ ଚାଷ ସମ୍ବନ୍ଧିତ ପ୍ରଶିକ୍ଷଣ ଦେବା ସକାଶେ ରାଜ୍ୟ ସରକାର ଯୋଜନା ପ୍ରଣୟନ କରିଥିବା ବୈଜ୍ଞାନିକ ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହିଳାମାନେ ସାବଲମ୍ବୀ ହେବା ପାଇଁ ବାଡ଼ିରେ ସ୍ୱଳ୍ପ ସମୟରେ ପନିପରିବା ଚାଷ କରିବା ଦରକାର ବୋଲି ଜିଲା କୃଷି ବିଜ୍ଞାନ କେନ୍ଦ୍ରର ସହକାରୀ ଉଦ୍ୟାନ ଅଧିକାରିଣୀ ଶୁଭଶ୍ରୀ କର ମତବ୍ୟକ୍ତ କରିଥିଲେ। ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କଲେ ଦୀର୍ଘ ଦିନ ପର୍ଯ୍ୟନ୍ତ ନିରୋଗ ପନିପରିବା ଅମଳ କରିହେବ। ଛୋଟ ଛୋଟ ପାନ ବରଜ ଓ ଛତୁ ପ୍ରଭୃତି ଚାଷ କରିଲେ ମହିଳାମାନେ ଅଧିକ ଲାଭବାନ ହୋଇପାରିବ ବୋଲି ମହାକାଳପଡ଼ା ସହକାରୀ ଉଦ୍ୟାନ ଅଧିକାରୀ ଧର୍ମପଦ ମହାରଣା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମମତା ପ୍ରଧାନ, ବିଡିଓ ଦେବେନ୍ଦ୍ର ନାଥ ସ୍ୱାଇଁ, ଗରଦପୁର ସହକାରୀ ଉଦ୍ୟାନ ଅଧିକାରିଣୀ ବିନୋଦିନୀ ମାହାଳି, ଉଦ୍ୟାନ ଅଧିଦର୍ଶକ ବସନ୍ତ କୁମାର ଦାସ, ମାର୍ଶାଘାଇ ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ ଶରତ କୁମାର ବେହୁରା, ଗରଦପୁର ଉଦ୍ୟାନ ସଂପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ବିରଞ୍ଚି ନାରାୟଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକର ୬୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ମହିଳାମାନଙ୍କୁ ଉଦ୍ୟାନ ବିଭାଗ ତରଫରୁ ବିଭିନ୍ନ ପ୍ରକାର ପନିପରିବା ମଞ୍ଜି ପ୍ୟାକେଟ୍ ବଣ୍ଟନ କରାଯାଇଥିଲା।




- ପୁଷ୍ଟିକର ଖାଦ୍ୟ ହଡ଼ପ ଅଭିଯୋଗ ଆଣିଲେ ଗ୍ରାମବାସୀ

# ଅଙ୍ଗନୱାଡି କେନ୍ଦ୍ରରେ ତାଲା

**ମାର୍ଶାଘାଇ, ୨୯।୧୧ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଅଧୀନ ଦଶିପୁର (କ) ଅଙ୍ଗନୱାଡି କେନ୍ଦ୍ରରେ ନାନା ଅନିୟମିତତା ଅଭିଯୋଗରେ ଅଭିଭାବକ ଓ ଗ୍ରାମବାସୀ ଶୁକ୍ରବାର ତାଲା ପକାଇ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ଉକ୍ତ କେନ୍ଦ୍ରର କର୍ମୀ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ ନିଜ ଘରେ ରଖୁଛନ୍ତି। କେନ୍ଦ୍ରକୁ କମ୍ ପିଲା ଆସୁଥିବା ବେଳେ ଉପସ୍ଥାନ ଖାତାରେ ଅଧିକ ଦର୍ଶାଉଛନ୍ତି। ଏଥିସହ କୌଣସି କଥା କମିଟିକୁ ଜଣାଉଥିବା ବେଳେ ଗ୍ରାମବାସୀମାନଙ୍କୁ ଖରାପ ଆଚରଣ ଦେଖାଉଛନ୍ତି ବୋଲି ଗ୍ରାମବାସୀ ସିଡିପିଓ ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସିଡିପିଓ ତ୍ରିପାଠୀ ଗତ ବୁଧବାର ଦଶିପୁର (କ) କେନ୍ଦ୍ରକୁ ଯାଇ ସ୍ଥାନୀୟ ସରପଞ୍ଚ ବିକ୍ରମ କେଶରୀ ଦାଶ ଏବଂ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ସମସ୍ତ ଶିଶୁ ଖାଦ୍ୟ କେନ୍ଦ୍ରରେ ମହଜୁଦ ରଖି ବଣ୍ଟନ କରିବାକୁ ଉକ୍ତ କେନ୍ଦ୍ରର କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗୁରୁବାର ପିଲାଙ୍କ ପାଇଁ ଆସିଥିବା ଖାଦ୍ୟ ଛତୁଆକୁ ଅଙ୍ଗନୱାଡି କର୍ମୀ ନିଜ ଘରେ ରଖିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣୁ ଶୁକ୍ରବାର ସକାଳୁ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଖବରପାଇ ଦାୟିତ୍ୱରେ ଥିବା ସୁପରଭାଇଜର ସୁଶ୍ରୀସଙ୍ଗୀତା ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହିତ ସମସ୍ତ ସାମଗ୍ରୀ ଅଙ୍ଗନୱାଡି କେନ୍ଦ୍ରରେ ରଖିବାର ବ୍ୟବସ୍ଥା କରିବା ସହିତ ସମସ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ଆଗାମୀ ଦିନରେ ଅନିୟମିତତା ଅଭିଯୋଗ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିପିଓ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ସେବତୀ ସ୍ୱାଇଁଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।



## ସଂକ୍ଷେପରେ

### ମୃତ ଚାଷୀ ପରିବାରକୁ ଭେଟିଲେ ସମାଜବାଦୀ ପାର୍ଟି ପ୍ରତିନିଧି ଦଳ

**ରାଜନଗର,୨୯।୧୧(ଡି.ଏନ.ଏ.):** ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ନୁରୁଗାଁର ଯୁବଚାଷୀ ରାମଚନ୍ଦ୍ର ବାରିକଙ୍କ ଆତ୍ମହତ୍ୟା ଘଟଣା ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ଅପରାହ୍ନରେ ସମାଜବାଦୀ ପାର୍ଟିର ପ୍ରତିନିଧି ଦଳ ମୃତ ଚାଷୀଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା, କୃଷକ ସଂଯୋଜକ ବିଜୟ ବେହେରା, କେନ୍ଦ୍ରାପଡା ଜିଲା ସଭାପତି ସନ୍ତୋଷ କୁମାର କର ପ୍ରମୁଖ ନୁରୁଗାଁରେ ପହଞ୍ଚି ମୃତ ଚାଷୀଙ୍କ ପରିବାରକୁ ଭେଟିଥିଲେ। ବୁଲବୁଲ କ୍ଷୟକ୍ଷତି ପରେ ଉପକୂଳ ଓଡିଶାରେ ଏହା ପ୍ରଥମ ଚାଷୀ ଆତ୍ମହତ୍ୟା ବୋଲି କୁହାଯାଉଛି । ରାମଚନ୍ଦ୍ର ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କର ଚାରି ଝିଅ, ପୁଅ ନାହାଁ ଚାରି ଝିଅଙ୍କ ପାଠ ପଢିବା ପାଇଁ ୧୦ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବା, ସମସ୍ତ ଋଣ ଛାଡ କରିବା, ବିଜୁ ପକ୍କାଘର ପ୍ରଦାନ କରାଯାଉ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏଥିସହିତ କେନ୍ଦ୍ର ସରକାର ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ନ ଦେଲେ ରାମଚନ୍ଦ୍ରଙ୍କ ଭଳି ବହୁ ଚାଷୀ ଆତ୍ମହତ୍ୟା କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ବେହେରା କହିଛନ୍ତି।

### ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

**ଡେରାବିଶ,୨୯।୧୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅନ୍ତର୍ଗତ ଖମୋଳ ପଞ୍ଚାୟତ ବଡଫୋଗଳ ଗ୍ରାମରେ ସାପ କାମୁଡାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଉକ୍ତ ଗ୍ରାମର ପଦ୍ମନାଭ ଜେନା (୬୩) ସକାଳୁ ଚାଷ ଜମିର ଧାନ ଫସଲ ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ବାଟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପଦ୍ମନାଭଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚାଷୀ ଆତ୍ମହତ୍ୟା ଘଟଣାର ତଦନ୍ତ

**ରାଜନଗର,୨୯।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ନୁରୁଗାଁର ଯୁବ ଚାଷୀ ରାମଚନ୍ଦ୍ର ବାରିକ ବିଷପିଇ ଆତ୍ମହତ୍ୟା କରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାମଚନ୍ଦ୍ର କାହିଁକି ଆତ୍ମହତ୍ୟା କଲେ ସେନେଇ ସରକାରୀ ସ୍ତରରେ ଖୋଳତାଡ଼ ଆରମ୍ଭ ହୋଇଛି। ଶୁକ୍ରବାର ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ,ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମହାନ୍ତି, ସୁପରଭାଇଜର ବୈଷ୍ଣବ ଚରଣ ଦ୍ୱିବେଦୀ ମୃତ ଚାଷୀଙ୍କ ଘର ନିକଟରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ ପ୍ରଶାସନିକ ଅଧିକାରୀମାନେ ବୁଲ୍‌ବୁଲ୍‌ରେ ଭାଙ୍ଗି ଯାଇଥିବା ତାଙ୍କର ଚାଳ ଛପର ଘର ଦେଖିବା ସହ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ପ୍ରଧାନମନ୍ତ୍ରୀ ଆବାସ ଦେଖିଥିଲେ। ଏଥିସହ ରାମଚନ୍ଦ୍ରଙ୍କ କୁକୁଡା ଫାର୍ମ ଦେଖିଥିଲେ। ମାତ୍ର ଫାର୍ମରେ କୁକୁଡା ନ ଥିଲେ। ଏହି ଅବସରରେ ସେମାନେ ପରିବାର ସଦସ୍ୟଙ୍କ ବିବରଣୀ ସଂଗ୍ରହ କରିବା ସହ ରାସ୍ତା କଡରେ ଥିବା ଚାଷ ଜମି ଦେଖିଥିଲେ। ରାଜସ୍ୱ ନିରୀକ୍ଷକ ଓ କୃଷି ଅଧିକାରୀ ଆସି ସମସ୍ତ ଚାଷ ଜମି ଦେଖିବା ସହ ଫସଲ ନଷ୍ଟର ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଏହାଛଡା ମୃତ ରାମଚନ୍ଦ୍ର ଓ ତାଙ୍କ ବାପାଙ୍କ ନାଁରେ କେତେ ଜମି ରହିଛି ଓ କେତେ ଜମି ଭାଗ ଚାଷ କରୁଥିଲେ ସେ ନେଇ ପ୍ରଶାସନ ପକ୍ଷରୁ ରେକର୍ଡ ସଂଗ୍ରହ କରାଯାଇଛି। ଅପରାହ୍ନରେ ରାଜସ୍ୱ ନିରୀକ୍ଷକ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ପରେ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ବୁଧବାର ଭୋରରୁ ରାମଚନ୍ଦ୍ର ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ନିଆଯାଇଥିଲା । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ବୁଲବୁଲରେ ଫସଲ ନଷ୍ଟ ହୋଇ ଯାଇଥିବା ବେଳେ ଚାଷ ପାଇଁ ଆଣିଥିବା ଋଣ କିପିର ଶୁଝିବେ ସେହି ଚିନ୍ତାରେ ମ୍ରିୟମାଣ ହୋଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି । ଏହି ଘଟଣା ନେଇ ଅଞ୍ଚଳବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବିରେ ଗୁରୁବାର ଗାଁ ପାଖ ରାସ୍ତାକୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ।

# ପ୍ରଧାନମନ୍ତ୍ରୀ ନିଯୁକ୍ତି ସମ୍ପ୍ରସାରଣ ଯୋଜନାର ସମୀକ୍ଷା ବୈଠକ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ,୨୯।୧୧**

ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ କମିଶନ ସହ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ପ୍ରଧାନମନ୍ତ୍ରୀ ନିଯୁକ୍ତି ସମ୍ପ୍ରସାରଣ ଯୋଜନାର ଜିଲାସ୍ତରୀୟ ସମୀକ୍ଷା ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ପାଇଁ ଋଣ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଜିଲାର ୨୭ଟି ବ୍ୟାଙ୍କ ଶାଖାକୁ ମୋଟ ୨୫୩ ଜଣ ଯୁବ ଉଦ୍ୟୋଗୀ ଋଣ ପ୍ରଦାନ ନିମନ୍ତେ ଦରଖାସ୍ତ ଦେଇଥିଲେ । ଏଥିମଧ୍ୟରୁ ୧୧ ବ୍ୟାଙ୍କ ଶାଖା ୨୮ଟି ପ୍ରକଳ୍ପକୁ ଋଣ ପ୍ରଦାନ ନିମନ୍ତେ ମଞ୍ଜୁରୀ ଦେଇଛି। ଏଥିପାଇଁ ୭୩.୭୩ ଲକ୍ଷ ଟଙ୍କାର ମାର୍ଜିନ ମନି ଜିଲା ଶିଳ୍ପ କେନ୍ଦ୍ରରୁ ପାଇବାକୁ ଥିବା ଜଣାପଡିଛି । ସେହିପରି ବ୍ୟାଙ୍କ ପକ୍ଷରୁ ୧୯ଟି ପ୍ରକଳ୍ପ ନିମନ୍ତେ ୫୦.୧୬ଲକ୍ଷ ଟଙ୍କା ଶିଳ୍ପ କେନ୍ଦ୍ର ଠାରୁ ଦାବି କରାଯାଇଛି। ଅପରପକ୍ଷରେ ଶିଳ୍ପ କେନ୍ଦ୍ର ପକ୍ଷରୁ ୨୦ଟି ପ୍ରକଳ୍ପ ନିମନ୍ତେ ୪୨.୬ଲକ୍ଷ ଟଙ୍କାର ମାର୍ଜିନମନି ବ୍ୟାଙ୍କ ଗୁଡିକୁ ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି । ଜିଲାପାଳ ବର୍ମା ଏହି ଯୋଜନାରେ ହିତାଧିକାରୀଙ୍କୁ ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଗୁଡିକ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ସନ୍ତୋଷ କୁମାର ମିଶ୍ର, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସୁନିଲ ପୁରୋହିତ, ଶିଳ୍ପ ସଂପ୍ରସାରଣ ଅଧିକାରୀ ଦେବାଶିଷ ଜେନା, ନିରଞ୍ଜନ ଦାସ, କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ଜିଲାର ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ମହିଳାଙ୍କ ଗିରଫକୁ ବିରୋଧ



ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡା ଅଫିସ,୨୯।୧୧**

ଡେରାବିଶ ବ୍ଲକ ନାଗେଶ୍ୱରପୁର ଗ୍ରାମର ୬୮ ବର୍ଷୀୟା ବ୍ରଜବାଳା ନାୟକଙ୍କୁ ସଦର ପୋଲିସ ଗିରଫ କରିବା ଘଟଣାକୁ ଅଲଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମଏସଏସ) ଶୁକ୍ରବାର ବିରୋଧ କରିଛି। ନାଉପାଳସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତା ହୀରାମଣି ରାଉତ, ଏଲିନା ସାମନ୍ତରାୟ, ସରୋଜିନୀ ପ୍ରଧାନ ପ୍ରମୁଖ ଏନେଇ ସୂଚନା ଦେଇଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ନାଗେଶ୍ୱରପୁର ଗ୍ରାମରେ ଦୀର୍ଘଦିନ ଧରି ବେଆଇନ ମଦ ବ୍ୟବସାୟ ହେଉଥିଲା । ଜିଲା ପ୍ରଶାସନକୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗତ ୧୩ ତାରିଖରେ ଶତାଧିକ ମହିଳା ଏକାଠି ହୋଇ ମଦ ବ୍ୟବସାୟ ଚାଲିଥିବା ଦୋକାନକୁ ଭାଙ୍ଗି ଦେଇଛନ୍ତି । ଏହାକୁ ନେଇ ସଦର ଥାନାରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ନାମରେ ମାମଲା ହୋଇଥିବା ବେଳେ ସଂପୃକ୍ତ ବ୍ୟବସାୟୀ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏହି ଦୁଇଟି ମାମଲାରେ ମଦ ବ୍ୟବସାୟୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ । ବ୍ରଜବାଳାଙ୍କୁ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ଘଟଣାରେ ପୋଲିସ କର୍ମଚାରୀ ଅଶାଳୀନ ବ୍ୟବହାର ଦେଖାଇବା ସହ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ସଂପୃକ୍ତ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏମନ୍ତ ମଜାରେ କହିଯାଉଥିବ**
**କେହି ନ କହିବେ ଛୁଟ**
**ଏମନ୍ତ ସକରେ ବସି ଯାଉଥିବ**
**କେହି ନ କହିବେ ଉଠ୍**
**ଏମନ୍ତ ମଜାରେ ଚାଲି ଯାଉଥିବ**
**କେହି ନ କହିବେ ଥୁଃ**

କଥା କହିବାରେ ସଂଯମତା ତଥା ବସାଉଠା କରିବାରେ ଯଥାର୍ଥତା ଅବଲମ୍ବନ କରିବା ଉଚିତ। ସ୍ଥାନ କାଳ ପାତ୍ର ଅନୁସାରେ କହିବା, ବସିବା ଏବଂ ଚାଲିବା ଶୋଭନୀୟ ହୋଇଥାଏ। ଯାଳବିଶେଷରେ ଏହିପରି ସ୍ୱଭାବ ପ୍ରଶଂସନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏସା କରେଙ୍ଗେ ତେସା କରେଙ୍ଗେ**
**ସିପାହି ଦେଖିଲେ ଶୋଇ ପଡ଼େଙ୍ଗେ ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି କିନ୍ତୁ ଅସଲ ଗଣ୍ଡଗୋଳ ଲୋକ ହାତୁଡରେ ପଡ଼ିଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି । ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ପ୍ରେଣ୍ଡସ୍ ପବ୍ଲିଶର୍ସ


**ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା**
ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବା।
ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ,
ଜଙ୍ଗଲ ନଷ୍ଟ କରିବା ନାହିଁ
ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା।
ପରିବେଶପ୍ରେମୀ, ରେଢ଼ାଖୋଲ

**ଗଜପତି ଜିଲ୍ଲା କୃଷି ବିଭାଗ ତରଫରୁ କୃଷକମାନଙ୍କ ପାଇଁ ସୂଚନା**
**(କ୍ଷେତ ପୋଖରୀ ଖନନ ପାଇଁ ଆବେଦନ)**
ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଆଗ୍ରହୀ ଚାଷୀମାନଙ୍କ ଜମିରେ କ୍ଷେତ ପୋଖରୀ ଖନନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ଚାଷୀମାନେ ଉପଯୁକ୍ତ ଦରଖାସ୍ତ ଫର୍ମ ବିନା ମୂଲ୍ୟରେ ଆପଣମାନଙ୍କ ଅଞ୍ଚଳର [illegible] (MGNREGS) [illegible]
ସ୍ୱା./- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, (ଆତ୍ମା), ଗଜପତି
ସ୍ୱା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ (ଆତ୍ମା), ଗଜପତି

**PRESS NOTICE**
**NOTICE INVITING BIDS**
No. O-561
Government of Odisha
Rural Development Department
O/o the Superintending Engineer, Rural Works Circle,Balasore
PRESS NOTICE (for inviting tenders)
NIB No.e-procurement notice no.2657,Date. 25.11.2019

Superintending Engineer, R.W.Circle, Balasore on behalf of the employer invites online item rate Bids from eligible bidders for construction of road and CD works including Maintenance for five years of Rural Roads under Pradhan Mantri Gram Sadak Yojana (ADB Rural Connectivity Investment Program).

Period of availability of tenders on-line: The details are as follows:

| Procurement Officer | Bid Identification NO. | No. of Packages | Availability of Tender on-line for bidding From | To |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, RuralWorks, Circle, Balasore | ADB Assisted PMGSY On-line NCB No.263 | 1 | 29.11.2019 at 11.00 A.M | 12.12.2019 upto 11.00A.M |

List of Packages under procurement officer, Superintending Engineer, R. W. Circle, Balasore (1 Package)

| Sl. No. | Package No. | No. of Roads | No. of LSB | Length of roads in Km. |
|---|---|---|---|---|
| 1 | 2 | 3 | 4 | 5 |
| R.W. Division, Bhadrak (Dist-Bhadrak) | | | | |
| 1 | OR-04-ADB-24/TII (Balance work) | 1 | - | 3.30 |

Sd/- Superintending Engineer Rural Works Circle,Balasore
Detailed NIB and other details can be viewed on our website http://pmgsytenders.gov.in 25105/11/0012/1920

**ପଞ୍ଚାୟତ ସମିତି, ରେଢ଼ାଖୋଲ**
**ବିଜ୍ଞପ୍ତି**
ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ବିଜୁ ପକ୍କାଘର (ସ୍ୱତନ୍ତ୍ର) ହିତାଧିକାରୀମାନଙ୍କୁ ଜଣାଇ ଦିଆଯାଉଛି କି, [illegible] ସୋଜନ୍ୟ:- ପଞ୍ଚାୟତ ସମିତି, ରେଢ଼ାଖୋଲ

**ଭବାନୀପାଟଣା ପୌର ପରିଷଦ, ଭବାନୀପାଟଣା**
**ନିବେଦନ:**
[illegible]
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଭବାନୀପାଟଣା

**CLASSIFIED DISPLAY**
**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
!! ଋଣ ଋଣ ଋଣ !! ୧ରୁ ୫୦ ଲକ୍ଷ ପର୍ଯ୍ୟନ୍ତ ... !! ରିଦ୍ଧି ଫାଇନାନ୍ସ !! E-mail :- ridhifinanceonlinem.p@gmail.com 9911473748 Add :- 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ... ୧ ରୁ ୫୦ ଲକ୍ଷ ପର୍ଯ୍ୟନ୍ତ ... ୧% ସୁଧ ୫୦% ଛାଡ଼ !! ନମୋ ନମୋ ଫାଇନାନ୍ସ !! E-mail :- namonamoonlinem.p@gmail.com 9911321841 Add :- 41/14, Sec-1 Pushp Vihar, Delhi

ଶକ୍ତିର ଦେଖନ୍ତୁ ଚମତ୍କାର ... 7578028866 ... ବାବା କବିର ଖାନ 9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ ୨ ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ ... ବାବା ଆମିଲ ସୁଫି 9540938429 9903852257

ଗୁରୁ ସାହି ଖାନ ... A to Z Problem Solution 9818298397 9953959390

AMERICAN TOWER CORPORATION ... atc4gnetwork@gmail.com MOB - 9471965297

LISAS'IAS CELEBRATES 27th YEAR OF SUCCESS FREE MOCK INTERVIEW SESSIONS FOR OAS (VIVA-VOCE) JOIN IMMEDIATELY LISAS' SUCCESS IN OAS 2017 : 41 (5 in Top 20) 2016 : 58 (4 in Top 20) 2015 : 155 (6 in Top 20) 2011 : 154 (Topper, 5 in Top 10 & 10 in Top 20) 2010 : 180 (Lady Topper & 6 in Top 10) 2000 : 93 (Topper, Lady Topper & 6 in Top 10) 1997 : 55 (Topper, Lady Topper) 1996 : 7 (Topper) 1995 : 7 LISAS'IAS 2, Budha Nagar (Near Kalpana Chowk), BBSR-6 9338222113 9337594620 CORRESPONDENCE COURSE ALSO AVAILABLE

BARSA FINANCE ... ସୁଧ=1% MOB - 9853098838 7656825259 7656825281 Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY — BUSINESS — EDUCATION

ବାବା କମାଲ ଖାନ୍ ... 9911786155 9911786154

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ATC TOWER COMPANY (REGD.) All Odisha ... Address : - Head Office G-79, Adarsh Nagar, Karol Bagh 7082322494 7496805598

SESSION 2019-21 B.Ed. Shirdi Sai College of Education Markapur, Prakasam Dist. NCTE Approved Acharya Nagarjuna University Equivalent to Govt. of Odisha 9885051696 9985646958

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ... ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL-169




# ODISHA The New Manufacturing Hub of India

**Odisha has emerged as the #1 investment destination in India, with 18% share of all investments nationally during April-September, 2019**

After the 7 phases of ground-breaking/inauguration and the successful organization of Make in Odisha Conclave 2018, Invest Odisha is pleased to announce...

## 8th Phase of Ground-breaking/Inauguration of 27 New Industrial Projects* spanning 10 Sectors across 11 districts

by

## Shri Naveen Patnaik

**Hon'ble Chief Minister**

**30th November 2019**

### Inauguration

OCL India Ltd, Sundergarh | Omjay EV, Jajpur | Pro-minerals, Keonjhar | Shree Cement Ltd., Cuttack | Suraj Products, Sundergarh

### Ground-breaking

Aditya Birla Renewable, Boudh | Agrasen Sponge Pvt. Ltd., Sundergarh | Anand Glass, Puri | Chemflo Industries (India) Pvt. Ltd, Khurdha | Deo Residency and Resorts Pvt. Ltd, Jajpur | Gopu Hill View Resort, Ganjam | Hindalco Industries Limited, Sambalpur | Highland Agro, Balasore | Inox Fab India Pvt. Ltd, Khurdha | Jayashree Enterprises, Balangir J.M Industries Unit–II, Balasore | Kalinga Alloys Pvt. Ltd, Jajpur | Kasturi Flour Mill, Khurdha | Om Oil and Flour Mills Ltd, Cuttack | Page Industries Ltd., Cuttack | Rashmi Enterprises, Balasore | RND Laboratories, Cuttack | Shoukeen Industries Ramdaspur Unit, Cuttack | Shree Sai Enterprises, Cuttack | Suguna Foods, Khurdha | Swosti Vacations Club Pvt. Ltd, Ganjam | Utkal Feeds Private Limited, Khurdha

***Investment of ₹8,939 crore with potential employment for 12,142**

14005/13/0012/1920

#Source: Center for Monitoring Indian Economy (CMIE)

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app
Follow us on @investInOdisha /InvestOdisha



ଜାନୁୟାରୀ ୬ରେ ରିଲିଜ୍ ହେବାକୁ ଥିବା 'ହଙ୍ଗାମା-୨'ରେ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସେ ଭେଟେରାନ୍ ପରେଶ ରାୱଲଙ୍କ ବିପକ୍ଷରେ ଅଭିନୟ କରିବେ ବୋଲି ନିର୍ଦ୍ଦେଶକ ପ୍ରିୟଦର୍ଶନ ସୂଚନା ଦେଇଛନ୍ତି।

# ଛୁଟି ପାଇଁ ମିଛ

## ୫ରୁ ୨ଜଣ କରିଥାନ୍ତି ବାହାନା



**ନୂଆଦିଲ୍ଲୀ:** କାର୍ଯ୍ୟକ୍ଷେତ୍ରରେ ଛୁଟି ପାଇଁ ଅନେକେ କରିଥାନ୍ତି ବାହାନା। ଏହା ଭାରତ ଭଳି ଦେଶରେ ସାଧାରଣ କଥା। ହେଲେ ଏକଥା ଜାଣି ଆଶ୍ଚର୍ଯ୍ୟ ହେବେ ବିଶ୍ୱର ଅନ୍ୟତମ ବିକାଶିତ ରାଷ୍ଟ୍ର ବ୍ରିଟେନ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଏଠାକାର କର୍ମଚାରୀମାନେ ମାଲିକ (ବସ୍)ଙ୍କୁ ମିଛ କହି ଛୁଟି ନେଇଥାନ୍ତି। ସବୁଠାରୁ ବଡ଼ କଥା ଅଧିକାଂଶଙ୍କ ଛୁଟିର କାରଣ ସ୍ୱାସ୍ଥ୍ୟଗତ। ହାରାହାରି ୫ଜଣ କର୍ମଚାରୀଙ୍କ ଭିତରୁ ୨ଜଣ ଏପରି କରିଥାନ୍ତି। ଏକ ପ୍ରତିଷ୍ଠିତ ଖବର ସରବରାହ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେରୁ ଏପରି ତଥ୍ୟ ପଦାକୁ ଆସିଛି।

କାର୍ଯ୍ୟକ୍ଷେତ୍ରରେ ନୈତିକତାକୁ ନେଇ କରାଯାଇଥିବା ସର୍ଭେରେ ଅଧିକାଂଶ କର୍ମଚାରୀ ସ୍ପଷ୍ଟ ମତ ରଖିଥିଲେ। ଛୁଟି ପାଇଁ ମିଛରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇବା, ଅଫିସରୁ ଚୋରି କରିବା, ଅନ୍ୟ ଲୋକର କାମ ପାଇଁ ନିଜେ ଶ୍ରେୟ ନେଉଥିବା ସେମାନେ ଦର୍ଶାଇଥିଲେ। ବ୍ରିଟେନର ଅଫିସ ଫର୍ ନ୍ୟାଶନାଲ ଷ୍ଟାଟିଷ୍ଟିକ୍ସର ତଥ୍ୟ ଅନୁଯାୟୀ, ଜଣେ କର୍ମଚାରୀ ବର୍ଷକୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହାରାହାରି ୪ଦିନ ଛୁଟି ନେଇଥାନ୍ତି। ୨୦୧୮ରେ କର୍ମଚାରୀମାନେ ଅଫିସ ନ ଆସିବାର ପ୍ରମୁଖ କାରଣ ସର୍ଦ୍ଦି, ଥଣ୍ଡା, ପିଠି ପୀଡ଼ା ଏବଂ ମାନସିକ ଅସୁସ୍ଥତା ବୋଲି ଦରଖାସ୍ତରେ ଉଲ୍ଲେଖ କରିଥିଲେ।

ସର୍ଭେରୁ ଆହୁରି ମଧ୍ୟ ଜଣାପଡ଼ିଛି, ସିନିୟରଙ୍କ ତୁଳନାରେ ଜୁନିୟର କର୍ମଚାରୀମାନେ ଅଧିକ ମିଛ କହିଥାନ୍ତି। ଏ କ୍ଷେତ୍ରରେ କନିଷ୍ଠମାନେ ସେମାନଙ୍କ ସହଯୋଗୀଙ୍କୁ ସର୍ବଦା ସହାୟତା କରିବାକୁ ପ୍ରସ୍ତୁତ ରହିଥାନ୍ତି। ମହିଳାଙ୍କ ତୁଳନାରେ ପୁରୁଷଙ୍କ ନିକଟରେ ଅନ୍ୟ ଜଣଙ୍କ କାମର ଶ୍ରେୟ ନେବା ପ୍ରବୃତ୍ତି ଦୁଇଗୁଣ। ସେହିପରି ୬୬% କର୍ମଚାରୀ ସେମାନଙ୍କ ସହକର୍ମୀ ଅସୁସ୍ଥ ନ ଥାଇ ଛୁଟିରେ ରହିଥିବା ଜାଣିଥିବା ସତ୍ତ୍ୱେ ଏହି ସୂଚନା ଲୁଚାଇଥାନ୍ତି। ସର୍ଭେରେ ସାମିଲ ହୋଇଥିବା ଏକ ତୃତୀୟାଂଶ ସଦସ୍ୟ କହିଥିଲେ, ସେମାନେ ଅଫିସରୁ ଷ୍ଟାପଲର, ନୋଟବୁକ୍ ଭଳି ଛୋଟ ଛୋଟ ଜିନିଷ ଚୋରି କରିଛନ୍ତି। କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ମାମଲାରେ ୩୪ବର୍ଷରୁ କମ୍ ବୟସର କର୍ମଚାରୀ ବୟସ୍କଙ୍କ ତୁଳନାରେ ଅଧିକ ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ଯୌନ ଟିପ୍ପଣୀ ମାମଲାରେ ୭୦% ଯୁବ କର୍ମଚାରୀ ପୀଡ଼ିତାଙ୍କ ସହ ଛିଡ଼ା ହୋଇଥାନ୍ତି, ଯେଉଁଠି ୫୫ବର୍ଷରୁ ଊର୍ଦ୍ଧ୍ୱ ବୟସର କର୍ମଚାରୀମାନେ ଏପରି ଘଟଣାରୁ ନିଜକୁ ଦୂରେଇ ରଖିବାକୁ ପସନ୍ଦ କରିଥାନ୍ତି ଅଥବା ସହଯୋଗ ପାଇଁ ପଛଘୁଞ୍ଚା ଦେଇଥାନ୍ତି। ୧୬ବର୍ଷରୁ ଊର୍ଦ୍ଧ୍ୱ ୩୬୫୫ ଜଣ ବୟସ୍କ ଲୋକଙ୍କୁ ନେଇ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଏ ନେଇ ବ୍ୟବସାୟିକ ମନୋବିଜ୍ଞାନୀ ହେଲ୍ ଲୁଇସ୍ କୁହନ୍ତି, କାମରୁ ଫୁରସତ ପାଇଁ କର୍ମଚାରୀମାନେ ଛୁଟି ପାଇଁ ବେମାର ରହିବା ବାହାନା କରିଥାନ୍ତି। ମାଲିକଙ୍କ ଭଲ ଦୃଷ୍ଟିରେ ରହିବାକୁ ସେମାନେ ପ୍ରାଣପଣେ ଚେଷ୍ଟା କରିଥାନ୍ତି। ଏଥିପାଇଁ ଆବଶ୍ୟକ ପଡ଼ିଲେ ବସ୍‌ଙ୍କ ଖାଇବା ଟେବୁଲ ଆଖପାଖରେ ଉପସ୍ଥିତି ଜାହିର କରି ତାଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥାନ୍ତି।



# ଟୁଇଟରରେ ଭୂମିଙ୍କୁ ବିବାହ ପ୍ରସ୍ତାବ

**ମୁମ୍ବାଇ:** ଭୂମି ପାଡନେକର ଆଜିକାଲି ଖୁବ୍ ଚର୍ଚ୍ଚାରେ। ତାଙ୍କ ଭର୍ସାଟାଇଲ ଆକ୍ଟିଂ ସାଙ୍ଗକୁ ସିମ୍ପଲ୍ ଆଉ ଷ୍ଟାଇଲିଶ୍ ଲୁକ୍ ଫ୍ୟାନ୍‌ମାନଙ୍କୁ ଆକର୍ଷିତ କରୁଛି। ତେବେ ଭୂମି ଏବେ ନିଜ ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର ୱ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହା ପୂର୍ବରୁ ତାଙ୍କର ଦୁଇଟି ଫିଲ୍ମ 'ସୋନ୍‌ଚିଡ଼ିଆ' ଏବଂ 'ସାଣ୍ଢ କି ଆଁଖ' ରିଲିଜ୍ ହୋଇଥିଲା। ଏହି ଦୁଇଟି ଫିଲ୍ମରେ ସେ ନନ୍-ଗ୍ଲାମରସ୍ ଲୁକ୍‌ରେ ନଜରକୁ ଆସିଥିଲେ। ହେଲେ 'ପତି, ପତ୍ନୀ ଔର ୱ' ଫିଲ୍ମରେ ସେ ଷ୍ଟାଇଲିଶ୍ ହାଉସ୍‌ୱାଇଫ୍ ଭୂମିକାରେ ନଜରକୁ ଆସିବେ। ଭୂମି ଗୋଟିଏ ପରେ ଗୋଟିଏ ଫିଲ୍ମ କରିଚାଲିଛନ୍ତି। ତାଙ୍କ ଅଭିନୟକୁ ମଧ୍ୟ ଖୁବ୍ ପ୍ରଶଂସା ମିଳିଚାଲିଛି। ହେଲେ ଏତେ ବ୍ୟସ୍ତତା ଭିତରେ ମଧ୍ୟ ସେ ସୋସିଆଲ ମିଡିଆରେ ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେବାକୁ ଭୁଲନ୍ତି ନାହିଁ। ସେ ପ୍ରାୟତଃ ନିଜର ଗ୍ଲାମ୍ ଲୁକ୍ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ଏହାରି ଭିତରେ ଟୁଇଟରରେ ଜଣେ ଫ୍ୟାନ୍ ତାଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି। ଏନେଇ ଭୂମିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଫ୍ୟାନ୍ ଜଣକ ଲେଖିଛନ୍ତି, "ହାଲୋ ସୁନ୍ଦରୀ ମ୍ୟାଡାମ୍। ଆପଣଙ୍କ ଫଟୋ ନ ଦେଖି ମୁଁ ଗୋଟିଏ ଦିନ ମଧ୍ୟ ରହିପାରିବିନି। ଆପଣ ଖୁବ୍ ସୁନ୍ଦର। ହୁଏତ ଆପଣ ଜଣେ ସାଧାରଣ ଝିଅ ହୋଇଥାଇପାରନ୍ତି, କିନ୍ତୁ ଆପଣ ଜଣେ ବଡ଼ ସେଲିବ୍ରିଟି। ମୁଁ କେତେ ବି ଭଲ ପାଇଲେ ଆପଣ ଜଣେ ସାଧାରଣ ବ୍ୟକ୍ତିକୁ ବିବାହ କରିବା ସମ୍ଭବ ନୁହେଁ, ସେଥିପାଇଁ ଦୁଃଖ ଲାଗେ।"

ଟୁଇଟରରେ ଫ୍ୟାନ୍‌ଙ୍କ ନିକଟରୁ ଏଭଳି ବିବାହ ପ୍ରସ୍ତାବ ପାଇବା ପରେ ଭୂମି ମଧ୍ୟ ମଜାଦାର ଉତ୍ତର ଦେଇଛନ୍ତି। ସେ ଲେଖିଛନ୍ତି, ସେଲିବ୍ରିଟି ହୁଅନ୍ତୁ ବା ସାଧାରଣ ବ୍ୟକ୍ତି, ବାହାଘର ଚାନ୍ସ ଏବେ ବି କମ୍ ରହିଛି। କିନ୍ତୁ ଆପଣ ମୋତେ ମିସ୍ କରିବେ, ସେ କଥା ମୁଁ ହେବାକୁ ଦେବିନାହିଁ। ଯଥାସମ୍ଭବ ବଡ଼ ପରଦାରେ ମୁଁ ଆସୁଥିବି ବୋଲି ଭୂମି ଉତ୍ତର ଦେଇଛନ୍ତି। ଏହା ପରେ ଫ୍ୟାନ୍ ଜଣକ ପୁଣି ଭୂମିଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରି ଜୀବନରେ ମରିବା ପୂର୍ବରୁ ଅନ୍ତତଃ ଥରେ ତାଙ୍କୁ ସାକ୍ଷାତ୍ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ଏହା ପରେ ଅନ୍ୟ ଫ୍ୟାନ୍‌ମାନେ ମଧ୍ୟ କମେଣ୍ଟ ଦେବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଭୂମି, କାର୍ତ୍ତିକ ଆର୍ୟନ ଏବଂ ଅନନ୍ୟା ପାଣ୍ଡେ ଅଭିନୀତ ଫିଲ୍ମ 'ପତି, ପତ୍ନୀ ଔର ୱ' ଡିସେମ୍ବର ୬ରେ ରିଲିଜ୍ ହେବ।

# ନିରାମିଷ ଖାଦ୍ୟକୁ ପ୍ରୋତ୍ସାହନ ମିଳୁ

## ମୋଦିଙ୍କୁ ଚିଠି ଲେଖିଲେ ପାମେଲା



**ନୂଆଦିଲ୍ଲୀ:** ବେୱାଚ୍ ଆଇକନ୍ ତଥା ବିଗ୍‌ବସ୍‌ର ପୂର୍ବତନ ଗେଷ୍ଟ ପାମେଲା ଆଣ୍ଡରସନ୍ ନିରାମିଷ ଖାଦ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ସମସ୍ତ ସରକାରୀ ବୈଠକ ଓ କାର୍ଯ୍ୟକ୍ରମରେ ନିରାମିଷ ଖାଦ୍ୟ ପରିବେଷଣ ପାଇଁ ସେ ପିପୁଲ୍ ଫର୍ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା) ତରଫରୁ ଅନୁରୋଧ କରିଛନ୍ତି। ଭାରତର ଜଳବାୟୁ ପରିବର୍ତ୍ତନ ନିରୋଧୀ ଲଢ଼େଇ ପାଇଁ ସୁସ୍ୱାଦୁ ବ୍ୟଞ୍ଜନ (ସମ୍ପୂର୍ଣ୍ଣ ଶାକାହାରୀ) ବିଶେଷ ସହାୟକ ହେବ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ମାଂସ, ଅଣ୍ଡା ଆଦି ପାଇଁ ପ୍ରାଣୀ ହତ୍ୟା ଏକ-ପଞ୍ଚମାଂଶ ମାନବକୃତ ସବୁଜଗୃହ ଉତ୍ସର୍ଜନ କରାଇଥାଏ। ତେଣୁ ନ୍ୟୁଜିଲାଣ୍ଡ, ଚାଇନା ଓ ଜର୍ମାନୀ ଭଳି ଭାରତରେ ମଧ୍ୟ ଶାକାହାରୀ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ୫୨ ବର୍ଷୀୟା ଅଭିନେତ୍ରୀ ତଥା ପେଟା ଡାଇରେକ୍ଟର ପାମେଲା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## [ଇତିହାସର ଆଇନାରେ]

### ନଭେମ୍ବର ୩୦ର ପ୍ରମୁଖ ଘଟଣା

୧୯୬୭ ନଭେମ୍ବର ୩୦ରେ ଜୁଲ୍‌ଫିକର ଅଲି ଭୁଟ୍ଟୋ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଗଠନ କରିଥିଲେ। ସେ ଏହି ରାଜନୈତିକ ଦଳର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ୧୯୭୦ ନିର୍ବାଚନରେ ଏହି ଦଳ ପଶ୍ଚିମ ପାକିସ୍ତାନରେ ଅଧିକାଂଶ ଆସନରେ ବିଜୟୀ ହୋଇଥିଲା।



୧୯୮୮ ନଭେମ୍ବର ୩୦ରେ ସାମୁଦ୍ରିକ ଝଡ଼ରେ ବାଂଲାଦେଶ ଓ ପଶ୍ଚିମବଙ୍ଗରେ ୬୨୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୯ରେ ଏହା ବାଂଲାଦେଶ-ଭାରତ ସୀମାରେ ସ୍ଥଳଭାଗ ଛୁଇଁବା ସହ ଘଣ୍ଟାପ୍ରତି ୨୦୦ କିଲୋମିଟର ବେଗରେ ପବନ ବହିଥିଲା। ବାତ୍ୟା ଯୋଗୁ ପଶ୍ଚିମବଙ୍ଗରେ ୫୩୮ ଜଣ ଓ ବାଂଲାଦେଶରେ ୫୭୦୮ ଜଣ ପ୍ରାଣ ହରାଇଥିଲେ। ବାଂଲାଦେଶରେ ୭୦ ଭାଗ ଫସଲ ଉଜୁଡ଼ି ଯାଇଥିଲା।



# ହିମବାହ ତରଳାଇବ ଆମାଜନ ନିଆଁ

**ରିଓ ଡି ଜେନିରୋ:** ଚିରହରିତ୍ ଅରଣ୍ୟ ଆମାଜନରେ ଲାଗିଥିବା ନିଆଁ ଯୋଗୁ ହିମବାହ ତରଳିବା ବୃଦ୍ଧିପାଇବ ବୋଲି ଗବେଷକମାନେ ସତର୍କ କରାଇଦେଇଛନ୍ତି। ଦକ୍ଷିଣପଶ୍ଚିମ ଆମାଜନିଆ (ବ୍ରାଜିଲ, ପେରୁ ଓ ବଲିଭିଆରେ ଥିବା ଆମାଜନ)ରେ ଲାଗିଥିବା ନିଆଁ ଲିଭୁନାହିଁ। ଏଥିଯୋଗୁ ଆଣ୍ଡିଜ୍ ଓ ଦକ୍ଷିଣ ଆମେରିକାରେ ଥିବା ଉଷ୍ମ ମଣ୍ଡଳୀୟ ହିମବାହଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ତରଳିବ ବୋଲି ଏକ ଗବେଷଣାରୁ ସେମାନେ ଜାଣିବାକୁ ପାଇଛନ୍ତି।

ଦୂରଭାଷ :୯୪୩୭୩୫୮୨୦୨, ୦୬୮୦-୨୨୬୦୬୧୬

**ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ବିଦ୍ୟାଳୟ ବିବେଚିତ**

**ନାମଲେଖା ବିଜ୍ଞାପନ**

୧. ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷରେ ପ୍ଲେସ୍କୁଲ ଓ ଶିଶୁପ୍ରାରମ୍ଭ ଶ୍ରେଣୀରେ ପ୍ରବେଶ ନିମନ୍ତେ ଆବେଦନ ଫର୍ମ ତା.୧୫.୧୧.୨୦୧୯ରିଖ ସକାଳ ୯ଘ.୩୦ମି. ଠାରୁ ଅପରାହ୍ନ ୨ଘ.୩୦ମି. ମଧ୍ୟରେ ବିଦ୍ୟାଳୟ କାର୍ଯ୍ୟାଳୟରେ ଦିଆଯାଉଛି ।
୨. ଶିଶୁଙ୍କ ବୟସ ତା.୦୧.୦୪.୨୦୨୦ରିଖ ସୁଦ୍ଧା ୩ ବର୍ଷରୁ ଉର୍ଦ୍ଧ ଏବଂ ୪ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ।
୩. ପ୍ଲେସ୍କୁଲ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଅଛି ।
୪. ଶିଶୁଙ୍କ ସୁଗମ ଓ ନିରାପଦ ଯାତାୟତ ପାଇଁ ବସ୍ ଓ ଭ୍ୟାନ୍‌ର ସୁବିଧା ରହିଅଛି ।

**ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ**

ଶିକ୍ଷାଗତ ଯୋଗ୍ୟତା :I.A / I.Sc. ସହିତ C.T. କିମ୍ବା B.A..B.Sc. ସହିତ B.Ed. ହୋଇଥିବା ଆବଶ୍ୟକ । ଅଭିଜ୍ଞତା ଥିବା ଓ O.T.E.T. ପାସ୍ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

* ମୂଳ ପ୍ରମାଣପତ୍ର ସହ ତାହାର ନକଲ ଏବଂ BIODATA FORM ସହ ଆସନ୍ତା ତା.୦୧.୧୨.୨୦୧୯ରିଖ (ରବିବାର) ଦିନ ସକାଳ ଘ.୯.୦୦ମି ସମୟରେ ସାକ୍ଷାତକାର ପାଇଁ ଉପସ୍ଥିତ ରହିବେ ।
* ଅଭିଜ୍ଞତା ଭିତ୍ତିରେ ଉପଯୁକ୍ତ ଦରମା ସକାଶେ ଆଲୋଚନା କରାଯିବ ।

ଯୋଗାଯୋଗ : ୭୦୦୮୧୮୧୨୨୦
ସ୍ୱା-ସମ୍ପାଦକ

## ସଂକ୍ଷେପରେ

### ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀରେ ଭାଗନେବେ ନାରାୟଣ



ବାଲିଆ,୨୯।୧୧(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ଉତ୍ତରଶାସନ ପଞ୍ଚାୟତ ମଧଶାସନ ଗ୍ରାମର ବାଲୁକା ଶିଳ୍ପି ନାରାୟଣ ବେହେରା ଆସନ୍ତା ୧ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗାର କୋଣାର୍କ ମନ୍ଦିରଠାରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନରେ ଭାଗ ନେବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଉତ୍ସବରେ ଦେଶ ବିଦେଶର ବହୁ ବାଲୁକା ଶିଳ୍ପି ଯୋଗ ଦେଉଥିବା ବେଳେ ବେହେରାଙ୍କୁ ଏଥିରେ ମନୋନୀତ କରାଯାଇଥିବାରୁ ବିରିଡି ବ୍ଲକ ଅଞ୍ଚଳବାସୀ ବେହେରାଙ୍କଚ ଶୁଭେଚ୍ଛା ଜଣାଇଛନ୍ତି।

### ତିର୍ତ୍ତୋଲରେ ଡ୍ରାଇଭିଂ ଲାଇସେନ୍ସ କେନ୍ଦ୍ର ଖୋଲିବାକୁ ଦାବି

ତିର୍ତ୍ତୋଲ,୨୯।୧୧(ଡି.ଏନ.ଏ.): ନୂତନ ମୋଟରଯାନ ଆଇନ କାର୍ଯ୍ୟକାରୀ ହେବା ପରେ ଲର୍ଣ୍ଣିଂ ଓ ଡ୍ରାଇଭିଂ ଲାଇସେନ୍ସ ନିମନ୍ତେ ଆରଟିଓ ଅଫିସଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରତ୍ୟକ ବ୍ଲକରେ ଲର୍ଣ୍ଣିଂ ଓ ଡ୍ରାଇଭିଂ ଲାଇସେନ୍ସ କେନ୍ଦ୍ର ଖୋଲିବାକୁ ଘୋଷଣା କରିଥିଲେ। ହେଲେ ତିର୍ତ୍ତୋଲ ବ୍ଲକରେ ଏପର୍ଯ୍ୟନ୍ତ ଉକ୍ତ ଲାଇସେନ୍ସ କେନ୍ଦ୍ର ଖୋଲିବା ସମ୍ଭବ ହୋଇନାହିଁ। ଫଳରେ ଅନେକ ସମୟରେ ବ୍ଲକବାସୀ ଲାଇସେନ୍ସ ଆବେଦନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଏହି ବ୍ଲକରେ ଡ୍ରାଇଭିଂ ଲାଇସେନ୍ସ କେନ୍ଦ୍ର କୋଲିବା ନିମନ୍ତେ କୌଣସି ପଦକ୍ଷେପ ଆରମ୍ଭ ହୋଇ ନ ଥିବା ଜଣାଯାଇଛି। ତେଣୁ ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ତୁରନ୍ତ ବ୍ଲକରେ ଲାଇସେନ୍ସ କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ପଚାରିବାରୁ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ମିଳିଲେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଟ୍ରେନ୍‌ରୁ ଖସିପଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ

ଜେନାପୁର,୨୯।୧୧(ଡି.ଏନ୍.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ରେଲ୍‌ୱେ ଷ୍ଟେଶନ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କ ଟ୍ରେନ୍‌ରୁ ଖସିପଡି ମୃତ୍ୟୁ ହୋଇଛି। ମୃତ ଯବକ ଜଣଙ୍କ ବିହାର ରାଜ୍ୟ ମିରା ମୋସହାରି ଗ୍ରାମର ଭିଜୟୀ ମାଞ୍ଜିଙ୍କ ପୁଅ ଶୋଭନାଥ ମାଞ୍ଜୀ (୪୦)। ସେ ଥାରୁ ଆଣ୍ଡ ଶନ୍ ନାମକ ଏକ ଠିକା ସଂସ୍ଥା ଅଧୀନରେ ୨୨୬୧୩ ନମ୍ବର ଚେନ୍ନାଇ ହଳଦିଆ ଏକ୍ସପ୍ରେସରେ ଟ୍ରେନ୍ ୨ ବର୍ଷ ହେବ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ଯାଜପୁର ରେଲ୍‌ୱେ ପୋଲିସ ଘଟଣାସ୍ଥଳେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି। ପ୍ରକାଶ ଯେ, ଶୋଭନାଥ ଚେନ୍ନାଇ ହଳଦିଆ ଏକ୍ସପ୍ରେସ୍‌ରେ ସଫେଇ କାମ କରୁଥିବାବେଳେ କୌଣସି କାରଣରୁ ସେ ଟ୍ରେନ୍‌ରୁ ଖସି ପଡିଥିବା ଅନ୍ୟକର୍ମଚାରୀମାନେ କହିଛନ୍ତି।

## ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

# ବିବେକାନନ୍ଦ ଯୁବ ସମାଜର ଆଦର୍ଶ

ଜଗତ୍‌ସିଂହପୁର ଅଫିସ୍, ୨୯।୧୧



ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଯୁବ ସମାଜର ଆଦର୍ଶ। ତାଙ୍କର ପ୍ରତ୍ୟେକଟି ବାଣୀ ଯୁବ ଚେତନାକୁ ଉନ୍ମେଷ କରିଥାଏ। ବିବେକାନନ୍ଦଙ୍କ ମାନବିକ ଚିନ୍ତାଧାରାରେ ଅନୁପ୍ରାଣିତ ହେଲେ ବ୍ୟକ୍ତିତ୍ୱର ବିକାଶ ଘଟିବ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଆୟୋଜିତ ଜିଲାସ୍ତରୀୟ ଯୁବ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ଚଳିତବର୍ଷ ପ୍ରତି ଜିଲାରେ ଯୁବ ମହୋତ୍ସବ ୨ଦିନ ଧରି ପାଳନ କରିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ ୨୯ ଓ ୩୦ ତାରିଖ ୨ଦିନ ଧରି ଜିଲାସ୍ତରୀୟ ଯୁବ ମହୋତ୍ସବ ହେଉଛି। ଆସନ୍ତା ବର୍ଷ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଜଗତ୍‌ସିଂହପୁରରେ କରାଯିବା ପାଇଁ ପ୍ରଚେଷ୍ଟା କରାଯାଉଛି ବୋଲି ଜିଲାପାଳ କହିଥିଲେ। ଏହି ଉତ୍ସବରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ପୌରୋହିତ୍ୟ କରି ଜଗତ୍‌ସିଂହପୁର ଜିଲାର ଗାରିମା ସମ୍ପର୍କରେ ବଖାଣିଥିଲେ। ଏକ କଳାର ମାଟି। ଏହି ମାଟିରେ ଅନେକ ପ୍ରତିଭାବାନ ବ୍ୟକ୍ତି ଜନ୍ମ ନେଇ ବିଭିନ୍ନ କ୍ଷେତ୍ରରେ ପ୍ରତିଭାର ପରାକାଷ୍ଠା ପ୍ରତିପାଦନ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଏହି ମାଟିରୁ ଆହୁରି ଅନେକ ପ୍ରତିଭାବାନ ବ୍ୟକ୍ତିତ୍ୱ ବାହାରି ମାଟି ପାଇଁ ଗର୍ବ ଓ ଗୌରବ ଆଣିବେ ବୋଲି ମହାନ୍ତି ଆଶାବକ୍ତ କରିଥିଲେ।

ଉତ୍ସବରେ ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ମଞ୍ଜରୀ ଦାସ ଯୁବ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଭଳି ଉତ୍ସବର ଆୟୋଜନ ହେବା ଦ୍ୱାରା ଗ୍ରାମାଞ୍ଚଳର ଯୁବତୀଯୁବକଙ୍କ ପ୍ରତିଭାର ବିକାଶ ଦିଗରେ ସହାୟକ ହେଇପାରୁଛି। ଆମ ଜିଲା କଳା, ସଂସ୍କୃତି ଓ ଶିକ୍ଷା ଆଦି କ୍ଷେତ୍ରରେ ଆଗରେ ରହିଛି। ଏହିପରି କାର୍ଯ୍ୟକ୍ରମମାନ ପୁଣି ଥରେ ଆମ ଜିଲାକୁ ରାଜ୍ୟ ତଥା ଜାତୀୟସ୍ତରରେ ପରିଚିତ କରାଇପାରିବ ବୋଲି ଆଶା ରହିଥିବା ଦାସ କହିଥିଲେ। ଉତ୍ସବରେ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ସଂଯୋଜକ ଅଶୋକ କୁମାର ଦାସ ପ୍ରତିଭା ବିକାଶ ଦିଗରେ କେନ୍ଦ୍ରର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଜଗତ୍‌ସିଂହପୁରକୁ କଳାକାରଙ୍କ ଜିଲା କହିବା ସହ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ଆଗକୁ ଆଣିବାରେ ମହୋତ୍ସବ ବେଶ୍ ସହାୟକ ହେଉଥିବା ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ ଆମ ଭିତରେ ଥିବା ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ନେବାରେ ସହାୟକ ହେବ। କାର୍ଯ୍ୟକ୍ରମର କଳେବର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଏହାର ସୁଯୋଗ ନେବା ପାଇଁ ସେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ସହାୟକ ଜିଲାପାଳ ତଥା ଜିଲା କ୍ରୀଡ଼ା ଅଧିକାରିଣୀ ବିନୀତା ଦାଶ ଧନ୍ୟବାଦ ଦେଇଥିଲେ। ଯୁବ ମହୋତ୍ସବର କାର୍ଯ୍ୟକ୍ରମକୁ ଆକାଶବାଣୀ କଟକ କେନ୍ଦ୍ରର ଉପସ୍ଥାପକ ରବିନାରାୟଣ ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ପ୍ରଥମ ଦିନରେ ଲୋକ ନୃତ୍ୟ, ଲୋକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଏକକ ଅଭିନୟ ଆଦି କ୍ଷେତ୍ରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ମରଣଯନ୍ତା ପାଲଟିଛି ଏନ୍‌ଏଚ୍-୫୫

## ବିଭାଗର ରହୁନାହିଁ ଆନ୍ତରିକତା

ବାଲିଆ,୨୯।୧୧(ଡି.ଏନ୍.ଏ.)



କଟକ-ନୂଆଗାଁ ୫୫ନଂ ଜାତୀୟ ରାଜପଥ ମାନ୍ୟତା ପାଇବାର ଇତିମଧ୍ୟରେ ୫ବର୍ଷ ବିତିଲାଣି। ତେବେ ଏହାର ସମ୍ପ୍ରସାରଣ କାର୍ଯ୍ୟ କରାଯାଉ ନ ଥିବାରୁ ରାସ୍ତାଟି ଜନସାଧାରଣଙ୍କ ପାଇଁ ମରଣଜନ୍ତା ପାଲଟିଛି। ଯାହାକୁ ନେଇ ବିରିଡି ବ୍ଲକ ୧ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା ଆପତ୍ତି ଉଠାଇବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ରାସ୍ତାର ଅବସ୍ଥା ନେଇ ଗତ ୪ମାସ ତଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଅଣା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇ ପାରୁ ନ ଥିବା ଘୋର ପରିତାପର ବିଷୟ ପାଲଟିଛି ବୋଲି ପ୍ରତାପ କହିଛନ୍ତି। ଏହି ୫୫ ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଅହେତୁକ ବିଳମ୍ବ ଏବଂ ବିଭାଗୀୟ ଅବହେଳା ଯୋଗୁ ରାସ୍ତାପାର୍ଶ୍ୱରେ ଅନାବନା ଗଛସବୁ ଉଠି ରାସ୍ତା ଉପରକୁ ମାଡ଼ି ଆସିଲାଣି। ଯାହାଫଳରେ ଅନେକ ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।

ପ୍ରକାଶ ଯେ, ୫୫ ନଂ ଜାତୀୟ ରାଜପଥ କଟକଠାରୁ କନ୍ଦରପୁର ଭାୟା ବିରିଡି ବ୍ଲକ, ଜଗତସିଂହପୁର ବ୍ଲକ ଅତିକ୍ରମ କରି ବାଲିକୁଦା ବ୍ଲକର ନୂଆଗାଁ ପର୍ଯ୍ୟନ୍ତ ୯୫ କିଲୋମିଟର ରାସ୍ତା କରାଯିବାର ପ୍ରସ୍ତାବ ରହିଛି। ଏହା ପୂର୍ବରୁ ପୂର୍ତ୍ତବିଭାଗ ଅଧୀନରେ ଉକ୍ତ ରାସ୍ତାଟି ଥିଲା। ସେତେବେଳେ ବିଭାଗ ଠିକ୍ ବର୍ଷା ପରେପରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତାକୁ ସଫା କରିବା ସହ ରସ୍ତାକୁ ଓସାରଆ କରି ରଖୁଥିଲେ। ଯାହା ଦ୍ୱାରା ଗାଡିମୋଟର ଅତିକ୍ରମ କରିବାରେ ବେଶେଷ ଅସୁବିଧା ହେଉ ନ ଥିଲା। ମାତ୍ର ବର୍ତ୍ତମାନ ଜାତୀୟ ରାଜପଥ ମାନ୍ୟତା ପାଇବାପରେ ରାସ୍ତାର ଅବସ୍ଥା ସୁଧାରିବା ପରିବର୍ତ୍ତେ ବିପଦପୂର୍ଣ୍ଣ ହୋଇଯାଇଛି। ଏହି ରାସ୍ତାର ବରଡା ଛକଠାରୁ ଦଳେଇ ଘାଇ ବାଙ୍କ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ଦୂର କେନାଲ ଝର ପାଣି ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ ଭିତର ସାରା ଅନାବନା ଗଛ ବହୁ ମାତ୍ରାରେ ଉଠି ଡ୍ରେନେଜ ଆଦୌ ଦେଖାଯାଉ ନାହିଁ। ଫଳରେ ଏହି ରାସ୍ତା ଦେଇ ବିଶେଷକରି ଯେଉଁମାନେ ପ୍ରଥମଥର ପାଇଁ ଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅନେକେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଯେଉଁ ଅନାବାନା ଗଛ ସବୁ ଉଠି ଯାତାୟତରେ ବାଧା ସୃଷ୍ଟି କରୁଛି ତାକୁ ତୁରନ୍ତ ସଫା କରିବାକୁ ସାଧାରଣରେ ଦାବି ହେଉଛି।

### ମଦ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

ଯାଜପୁର ଟାଉନ,୨୯।୧୧(ଡିଏନଏ)

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଯାଜପୁର ଜିଲା କମିଟି ଆହ୍ୱାନରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶହଶହ ମହିଳା କିଆନାଳିଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଶିଶୁ ଓ ମହିଳାଙ୍କ ଉପରେ ଚାଲିଥିବା ବଳାତ୍କାର ରୋକି ସେମାନଙ୍କୁ ସୁରକ୍ଷା ଦେବା, ଅଶ୍ଳୀଳତା ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଯାଜପୁର ବଡ ଡାକ୍ତରଖାନାର ଅବ୍ୟବସ୍ଥା ଦୂର କରିବା ଓ ନୂତନ ମୋଟରଯାନ ଆଇନରେ ଜୋରିମାନା ରାଶିର ବୃଦ୍ଧିକୁ ପ୍ରତ୍ୟାହାର କରିବା ଆଦି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲା ସଭାନେତ୍ରୀ ଶାନ୍ତିଲତା ପଣ୍ଡାଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ଯୋଗଦେଇ ଜିଲାର କୋଣ ଅନୁକୋଣରେ ମଦ ବିକ୍ରି ହେଉଥିବାବେଳେ ୨ବର୍ଷର ଶିଶୁଠାରୁ ଆରମ୍ଭ କରି ୮୦ ବର୍ଷର ବୃଦ୍ଧା ଆଦି କେହି ଘରେ ବାହାରେ କେଉଁଠାରେ ସୁରକ୍ଷିତ ନୁହେଁ ବୋଲି କହିଥିଲେ। ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଜିଲା କମିଟିର ନେତୃମଣ୍ଡଳୀ ଯଥା ଜିଲା ଉପସଭାନେତ୍ରୀ ସଂଯୁକ୍ତା ନାୟକ, ସୁଲୋଚନା ପ୍ରଧାନ, ସମ୍ପାଦିକା ତରଙ୍ଗିଣି ଦାସ, ମାଧବୀ ମଲ୍ଲିକ ଓ ଲିଲି ମହାନ୍ତ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ଯୋଗ ଦେଇଥିଲେ।

# ୧୦ ମିନିଟ୍‌ରେ ଗାନ୍ଧିଜୀଙ୍କ ପ୍ରତିକୃତି

କଟକ ଅଫିସ,୨୯।୧୧

ସମଗ୍ର ଦେଶରେ ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଉଛି। ସରକାରୀ ଏବଂ ବେସରକାରୀ ଭାବେ ଏ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ କଟକର ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ମାତ୍ର ୧୦ମିନିଟ୍ ମଧ୍ୟରେ ମାଟିରେ ଗାନ୍ଧିଜୀଙ୍କ ପ୍ରତିକୃତି ତିଆରି କରି ରାଜ୍ୟବାସୀଙ୍କ ମନରେ ଗାନ୍ଧୀ ଭାବଧାରା ପହଞ୍ଚାଇବା ପାଇଁ ରଥଙ୍କ ଏହି ପ୍ରୟାସ। ଚଳିତବର୍ଷ ୧୫୦ଟି ସ୍ଥାନରେ ଗାନ୍ଧିଜୀଙ୍କ ପ୍ରତିକୃତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଏହି କ୍ରମରେ ଶୁକ୍ରବାର କଟକରେ ଥିବା ଏକ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବରେ ପ୍ରାୟ ୧ହଜାର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସେ ଗାନ୍ଧିଜୀଙ୍କ ପ୍ରତିକୃତି ତିଆରି କରିଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନଗୁଡିକରେ ସେ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଇଚ୍ଛୁକ ରହିଛନ୍ତି। ଗତ ଅକ୍ଟୋବର ୨ରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏବେ ସୁଦ୍ଧା ୧୩ଟି ସ୍ଥାନରେ ଗାନ୍ଧିଜୀଙ୍କ ପ୍ରତିକୃତି ପ୍ରସ୍ତୁତ କରି ସାରିଥିବା ରଥ କହିଛନ୍ତି।

# ଜିଓ ଟ୍ୟାଗ ପରେ ପୁଣି ଯାଞ୍ଚ ଆରମ୍ଭ

ବାଲିଆ,୨୯।୧୧(ଡି.ଏନ୍.ଏ.)

ବିରିଡି ବ୍ଲକରେ ଥିବା ସମସ୍ତ ୨୧ଟି ପଞ୍ଚାୟତରେ ପକ୍କାଘର ପାଇବା ନମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ଘର ଯାଞ୍ଚ ପ୍ରକ୍ରିୟା ବ୍ଲକ ପ୍ରଶାସନ ପକ୍ଷରୁ ପୁନର୍ବାର ଆରମ୍ଭ କରାଯାଇଛି। ପୂର୍ବରୁ ପଞ୍ଚାୟତସ୍ତରରେ ରାଜସ୍ୱ ନିରୀକ୍ଷକମାନେ ପ୍ରଥମେ ଘରଘର ବୁଲିଥିଲେ ଏବଂ ବାତ୍ୟା ଫନୀରେ କାହାର ଘର ଭାଙ୍ଗିଛି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କରିଥିଲେ। ସେହି ତଥ୍ୟ ଆଧାରରେ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା (ଜିଆର୍‌ଏସ୍) ଗ୍ରାମ ରୋଜଗାର ସେବକମାନେ ଘରଘର ବୁଲିବା ସହ ଯାହାର ଘର ଭାଙ୍ଗିଛି ସେମାନଙ୍କ ଜିଓ ଟ୍ୟାଗ କରିଥିଲେ। ମାତ୍ର ଏଥିରେ ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡ଼ି ଯାଇଥିଲେ। ଏପରି କି କେତେକ ଅଯୋଗ୍ୟ ହିତାଧିକାରୀ ତଦନ୍ତ ଅଧିକାରୀଙ୍କୁ ମିଛ ସତ କହି ଜିଓଟ୍ୟାଗ କରାଇ ନେଇଥିଲେ। ଏହା ଜଣାପଡ଼ିବା ପରେ ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ, ଜିଲାପାଳଙ୍କୁ ଯୋଗ୍ୟ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଏପରି କି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ଭାଜପା ଦାବି କରିଥିଲା। ସୂଚନା ଅନୁଯାୟୀ ବ୍ଲକ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରାଯିବା ସହ ପକ୍କାଘର ଯୋଜନାରେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ଆଣିବା ପାଇଁ ବର୍ତ୍ତମାନ ପୁର୍ନବାର ତଦନ୍ତ ଆରମ୍ଭ କରାଯାଇଥିବା ଜଣା ପଡିଛି। ଏହି ଯାଞ୍ଚବେଳେ ଯୋଗ୍ୟ ହିତାଧିକାରୀ ଯେଭଳି ବଞ୍ଚିତ ନ ହେବେ ଏବଂ ଅଯୋଗ୍ୟ ହିତାଧିକାରି ବା ଥିଲା ବାଲା ଯେମିତି ସରକାରୀ ଯୋଜନାକୁ ବା ପକ୍କାଘର ହାତେଇ ନ ନେବେ ସେଥିପାଇଁ ତୀକ୍ଷ୍ଣ ଦୃଷ୍ଟି ଦିଆ ଯାଉଥିବା ବିଡିଓ ଜୀବନ ଚନ୍ଦ୍ର ମଲିକ ସୂଚନା ଦେଇଛନ୍ତି।

# ଶ୍ରୀମଦ୍ ଭାଗବତ ହେଉଛି ମୁକ୍ତିର ଶାସ୍ତ୍ର



ବମ୍ପିଲୋ ମଠରେ ୭ ଦିନ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ପାରାୟଣ।

ବିରିଡି,୨୯।୧୧(ଡି.ଏନ୍.ଏ.)

ଶ୍ରୀମଦ୍ ଭାଗବତ ହେଉଛି ମୁକ୍ତିର ଶାସ୍ତ୍ର। ଶ୍ରୀମଦ୍ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ମୁକ୍ତି କ୍ଷେତ୍ରରେ ଓଡ଼ିଆ ଅନୁବାଦ କରିଥିଲେ। ଭାଗବତକୁ ପାଠ କଲେ ବିକାରଗ୍ରସ୍ତ ମନୁଷ୍ୟର ବୁଦ୍ଧି ବିବେକ ଜାଗ୍ରତ ହୁଏ ଓ ଶାନ୍ତି ମିଳେ। ଉତ୍ତମ ପରିବାର ଗଠନରେ ଭାଗବତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶ୍ରୀକୃଷ୍ଣ ଚରଣାରବିନ୍ଦରେ ଭକ୍ତି ପାଇଁ ଶ୍ରୀମଦ୍ ଭାଗବତ ପଠନ ଏକାନ୍ତ ଆବଶ୍ୟକ ବୋଲି ବିରିଡ଼ି ବ୍ଲକ ଅନ୍ତର୍ଗତ ବାସନ୍ଦରା ପଞ୍ଚାୟତର ବହୁ ପୁରାତନ ବମ୍ପିଲୋ ମଠରେ ୭ ଦିନ ବ୍ୟାପି ଚାଲିଥିବା ଶ୍ରୀମଦ୍ ଭାଗବତ ପାରାୟଣରେ ବୈଷ୍ଣବ ଓ ସାଧୁସନ୍ଥମାନେ ମତବ୍ୟକ୍ତ କରିଛନ୍ତି। ମଠର ମୁଖ୍ୟ ଶ୍ରୀ ଚରଣ ଦାସ, ଗୁରୁଭାଇ ବାଙ୍କ ବିହାରୀ ଦାସ, ଗୌରାଙ୍ଗ ଚରଣ ଦାସ, ପୂଜକ ଅଜୟ କୁମାର ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ନରେଶ କୁମାର ମହାପାତ୍ର, ବ୍ରଜ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇ ଭାଗବତ ଆଲୋଚନା କରିଥିଲେ। ଏହି ପାରାୟଣ ଗତ ଶନିବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ମଠରେ ଶ୍ରୀ ଗୋପାଳଙ୍କ ପୂଜାର୍ଚ୍ଚନା ସହ ଭାଗବତ ପାଠ, ନାମ ସଂକୀର୍ତ୍ତନ, ଖଞ୍ଜଣୀ ଭଜନ ସହ ଭକ୍ତମାନଙ୍କ ଦ୍ୱାରା ବିଭିନ୍ନ ଭକ୍ତିର ଅବତାରଣା ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ନାବାଳିକାଙ୍କୁ ବଳାତ୍କାର, କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦ୍ରାପଡା ଅଫିସ,୨୯।୧୧

ମହାକାଳପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗ୍ରାମର ଜଣେ ବ୍ୟକ୍ତି ଗତ ୧୫ ତାରିଖ ସନ୍ଧ୍ୟାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା ରୁଜୁ ହେବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହି ଘଟଣାର ପ୍ରତିବାଦ କରିବା ସହ ଗ୍ରାମର ମହିଳାମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ପୀଡିତାଙ୍କ ବାପା କହିଛନ୍ତି ଯେ, ଘଟଣା ଦିନ ସନ୍ଧ୍ୟାରେ ଘରେ ନାବାଳିକା ଝିଅ ଏକୁଟିଆ ଥିଲା। ଗ୍ରାମର ଜଣେ ବ୍ୟକ୍ତି ଏହି ସମୟରେ ଘର ଫୋନରେ ଝିଅକୁ ବାହାରକୁ ଆସି କିଛି ଜିନିଷ ନେଇଯିବା ପାଇଁ ଡାକିଥିଲେ। ଘର ବାହରକୁ ଝିଅ ଆସିବା ପରେ ସଂପୃକ୍ତ ବ୍ୟକ୍ତି ଜଣକ ଝିଅର ମୁହଁରେ ହାତ ଦେଇ ଗ୍ରାମ ବାହାରକୁ ନେଇ ବଳାତ୍କାର କରିଥିଲେ। ଏଥିସହିତ ୧୦୦ ଟଙ୍କା ଦେଇ କାହାରିକୁ ଘଟଣା ସଂପର୍କରେ ନ କହିବା ପାଇଁ କହିଥିଲେ। ଏହି ଘଟଣା ଝିଅ କହିବା ପରେ ଥାନାରେ ମାମଲା ହୋଇଛି। ତେବେ ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯାଇଛି। ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ମହିଳା ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ।

# ଶିଳ୍ପ ବାଣିଜ୍ୟ ମେଳା ଉଦ୍‌ଘାଟିତ



ବାଣିଜ୍ୟ ମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଳିଙ୍ଗନଗର,୨୯।୧୧(ଡିଏନଏ)

ଓଡ଼ିଶାର ସର୍ବପୁରାତନ ଶିଳ୍ପ ବାଣିଜ୍ୟ ମେଳା ଶୁକ୍ରବାର ଯାଜପୁର ରୋଡସ୍ଥିତ ଗୋଶାଳା ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଏମ୍‌ସିର ରିଜିଓନାଲ ମ୍ୟାନେଜର ମନୋଜ ପତି ଓ ଶିଳ୍ପ ବାଣିଜ୍ୟ ମେଳାର ଅଧକ୍ଷ ଜିତେନ୍ଦ୍ର ପ୍ରତିହାରି, ଦିନେଶ ମସ୍କରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମନାଭ ସ୍ୱାଇଁ, ସଂଗ୍ରାମ କେଶରୀ ରାଉତ, ଗୋବିନ୍ଦ୍ର ଚନ୍ଦ୍ର ଦାସ, ମାନସ ରଞ୍ଜନ ସାମଲ, ଶୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ୧୦ଦିନ ଧରି ଚାଲି ଡିସେମ୍ବର ୯ରେ ଉଦ୍‌ଯାପିତ ହେବ। ମେଳା ପଡ଼ିଆରେ ୩୦୦ ଷ୍ଟଲ ପଡ଼ିଥିବାବେଳେ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଦୋଳି, ଖାଦ୍ୟ ଓ ଅନ୍ୟାନ୍ୟ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ବିଭିନ୍ନ ହସ୍ତଶିଳ୍ପର ଷ୍ଟଲ ସହିତ ଅନେକ ଶିଳ୍ପସଂସ୍ଥାର ଷ୍ଟଲ ପଡ଼ିଛି। ପ୍ରତି ସନ୍ଧ୍ୟାରେ ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ। ତେବେ ଶୁକ୍ରବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଯାଜପୁର ରୋଡ଼ ଅଞ୍ଚଳର କୁନି କୁନି ପିଲା ବିଭିନ୍ନ ପ୍ରକାରର ନୃତ୍ୟ, ଗୀତ ପ୍ରଦର୍ଶନ କରିଥିଲେ।

### ଏନ୍‌ଏଚ୍ ୫ (କ)ଠାରୁ କୁନ୍ଦଳ ରାସ୍ତା କାର୍ଯ୍ୟ ନିମ୍ନମାନର ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ନିର୍ବାହୀ ଯନ୍ତ୍ରୀ

ଚଣ୍ଡିଖୋଲ,୨୯।୧୧(ଡି.ଏନ.ଏ)

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ ଅନ୍ତର୍ଗତ ଚଣ୍ଡଖୋଲ ସବଡିଭିଜନ ଅଧୀନରେ ରହିଛି ଏନ୍‌ଏଚ୍ ୫ (କ)ଠାରୁ କୁନ୍ଦଳ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା। ଏହି ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। 'ବର୍ଷେ ପୂରିନି, ଉଠିଗଲା ପିଚୁ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ନିବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁ ସମ୍ପୃକ୍ତ ରାସ୍ତା ସମ୍ପର୍କରେ ତଦନ୍ତ କରିବାକୁ ସହକାରୀ ନିବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେବାର ବର୍ଷକ ମଧ୍ୟରେ କେତେକ ସ୍ଥାନରେ ପିଚୁ ଉଠି ଯାଇଥିଲାବେଳେ ଢଳେଇ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। କେତେକ ସ୍ଥାନରେ କଂକ୍ରିଟ୍ ରୋଡ଼ରୁ ଗୋଡ଼ି ଉଠିଗଲାଣି। ଏପରିକି ଏହି ରାସ୍ତାର ସହିକା ନିକଟରେ ପିଚୁ ଦବି ଯାଇଥିବା ଦେଖାଯାଇଛି। ସୂଚନା ଥାଉକି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କରାଯାଇଥିବା ସମ୍ପୃକ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ନାମକରଣରେ ତ୍ରୁଟି କରାଯାଇ ଏଥିରେ ଅନିୟମିତତା କରିବାକୁ ଚେଷ୍ଟା କରାଯାଇଛି। ସମ୍ପୃକ୍ତ ରାସ୍ତାଟି ଜାତୀୟ ରାଜପଥ ୫ନଂ(କ) ଠାରୁ କୁନ୍ଦଳ ପର୍ଯ୍ୟନ୍ତ ୨ କିଲୋମିଟର ନିର୍ମାଣ କରାଯିବ ବୋଲି ଉଲ୍ଲେଖ ରହିଛି। ମାତ୍ର ସମ୍ପୃକ୍ତ ରାସ୍ତାଟି ସାନ ବ୍ରାହ୍ମଣୀ ମୌଜାର ୫ନଂ (କ) ଜାତୀୟ ରାଜପଥଠାରୁ କାଙ୍କୁଲା ଗ୍ରାମ ପର୍ଯ୍ୟନ୍ତ ଯାଇଛି। ଏହା ମଧ୍ୟରେ ଗରଗାଲି ଓ ସଇକା ମୌଜା ରହିଥିବାବେଳେ କୁନ୍ଦଳ ଗ୍ରାମକୁ ରାସ୍ତା ଛୁଇଁନାହିଁ। ୧କୋଟି ୨୦ଲକ୍ଷ ୯୯ହଜାର ଟଙ୍କା ବ୍ୟୟରେ ନିର୍ମାଣ




କରାଯାଇଥିବା ସମ୍ପୃକ୍ତ ରାସ୍ତାଟି ୨୦୧୭ ସେପ୍ଟେମ୍ବର ୧୪ରେ କାର୍ଯ୍ୟ ଅବଧି ଶେଷ ହେବ ବୋଲି ଉଲ୍ଲେଖ ରହିଛି। ମାତ୍ର ଏହାର ଶେଷ ୨୦୧୯ ମାର୍ଚ୍ଚରେ କରାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ନିର୍ମାଣକାରୀ ସଂସ୍ଥା କୌଣସି କଥାକୁ ଭୃକ୍ଷେପ ନ କରି ରାସ୍ତା କାର୍ଯ୍ୟ ଶେଷ କରିଥିଲା। ସେଥିପାଇଁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁଙ୍କୁ ପଚାରିବାରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରୁ, ରାସ୍ତା କାମ କରୁଥିବା ଠିକାସଂସ୍ଥାକୁ ସମ୍ପୂର୍ଣ୍ଣ ପଇସା ଦିଆଯାଇ ନାହିଁ। କ୍ଷେତ୍ର ପରିଦର୍ଶନ କଲା ପରେ ଯଦି କୌଣସି ସ୍ଥାନରେ ତ୍ରୁଟି ହୋଇଥିବା ପରିଲକ୍ଷିତ ହେବ ତେବେ ଠିକା ସଂସ୍ଥାର ପାଉଣା କାଟି ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଉଦ୍ଧବଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

**ଭୁବନେଶ୍ୱର ୨୯।୧୧(ବ୍ୟୁରୋ):** ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ଉଦ୍ଧବଙ୍କୁ ଶୁଭେଚ୍ଛା। ତାଙ୍କ ନେତୃତ୍ୱ ଏବଂ ସରକାରଙ୍କ କାର୍ଯ୍ୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ଆଶା।

### ଲୋକ ସଭାରେ ଉଠିଲା ସ୍ମିତାରାଣୀ ପ୍ରସଙ୍ଗ

**ଭୁବନେଶ୍ୱର୨୯।୧୧(ବ୍ୟୁରୋ):** କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଯାଜପୁର ଜିଲା ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ ଲୋକ ସଭାରେ ଉଠାଇଛନ୍ତି। ଶୁକ୍ରବାର ଶୂନ୍ୟକାଳ ଚାଲିଥିବା ସମୟରେ ଏହି ପ୍ରସଙ୍ଗ ଉଠାଇ ସପ୍ତଗିରି କହିଥିଲେ ଯେ, ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟଜନକ। ସ୍ଥାନୀୟ ପୋଲିସ ପ୍ରଶାସନ ଦ୍ୱାରା କରାଯାଉଥିବା ତଦନ୍ତ ସନ୍ଦେହଜନକ। ଦୃଢ଼ ଅନୁସନ୍ଧାନ କରା ନ ଯାଇ ସ୍ମିତାରାଣୀଙ୍କ ହତ୍ୟାକୁ ଆତ୍ମହତ୍ୟା ବୋଲି କୁହାଯାଇଛି। ଘଟଣାର ସିବିଆଇ ଯାଞ୍ଚ କରାଯାଉ ବୋଲି ସପ୍ତଗିରି ଦାବି କରିଥିଲେ। ଓଡ଼ିଶାରୁ କଂଗ୍ରେସରୁ ଗୋଟିଏ ଏମ୍‌ପି ହୋଇଥିଲେ ମଧ ତାଙ୍କ ସ୍ୱରକୁ ଚପାଯାଇପାରିବ ନାହିଁ, ଏହି ପ୍ରସଙ୍ଗରେ ନ୍ୟାୟ ମିଳିବା ପର୍ଯ୍ୟନ୍ତ ସେ ଲଢେଇ ଜାରି ରଖିବେ ବୋଲି ସପ୍ତଗିରି ନିଜ ଟୁଇଟରରେ ଉଲ୍ଲେଖ କରିଥିଲେ। ସପ୍ତଗିରି ଏହି ପ୍ରସଙ୍ଗ ଉପସ୍ଥାପନ କରୁଥିବା ସମୟରେ ବିଜେଡି ଏମ୍‌ପି ପିନାକୀ ମିଶ୍ର ଏହି ପ୍ରସଙ୍ଗରେ ତଦନ୍ତ ଚାଲୁଥିବା କହିଥିଲେ। ବିରୋଧୀମାନେ ଏହି ପ୍ରସଙ୍ଗରେ ଅଯଥା ରାଜନୀତି କରୁଥିବା ମିଶ୍ର କହିଥିଲେ।

### ଜବାବ ଦାଖଲ ପାଇଁ ସମୟ ଲୋଡ଼ିଲେ ବିଧାୟିକା

**ବରୀ ବିଧାନସଭା ନିର୍ବାଚନୀ ମାମଲା**

**କଟକ ଅଫିସ,୨୯।୧୧ :** ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ମାମଲାରେ ବରୀ ବିଧାୟିକା ସୁନନ୍ଦା ଦାସ ଜବାବ ଦାଖଲ କରିବା ନିମନ୍ତେ ସମୟ ଲୋଡ଼ିଛନ୍ତି। ବିଧାୟିକାଙ୍କ ଆବେଦନକୁ ଗ୍ରହଣ କରି ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜାନୁୟାରୀ ୩ ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ବିଧାୟିକା ନିଜର ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ସୂଚନାଥାଉ କି, ସୁନନ୍ଦାଙ୍କ ବିରୋଧରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ପରାଜିତ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସୁନନ୍ଦା ନିର୍ବାଚନ ସମୟରେ ଦେଇଥିବା ସତ୍ୟପାଠରେ ସତ୍ୟତା ନ ଥିବା ମଲ୍ଲିକ ପିଟିଶନରେ ଦର୍ଶାଇଥିଲେ। ସୁନନ୍ଦାଙ୍କ ନାମରେ ଫୌଜଦାରି ମାମଲା ଥିବାବେଳେ ସେ ଦାଖଲ କରିଥିବା ସତ୍ୟପାଠରେ ସେ କଥା ଉଲ୍ଲେଖ କରି ନ ଥିବା ପିଟିଶନରେ ଦର୍ଶାଯାଇଛି।

# ସଙ୍କୁଚିତ ହେଉଛି ପଦ୍ମ

- ୧୮ ମାସରେ ବଦଳିଯାଇଛି ଭାରତର ରାଜନୈତିକ ମାନଚିତ୍ର
- ବିଧାନସଭା ନିର୍ବାଚନଗୁଡ଼ିକରେ ଅଟକିଛି ଗୈରିକ ଦଳର ବିଜୟ ରଥ

**ନୂଆଦିଲ୍ଲୀ,୨୯।୧୧:** ୨୦୧୪ରେ ନରେନ୍ଦ୍ର ମୋଦି କେନ୍ଦ୍ରରେ କ୍ଷମତାସୀନ ହେବା ପରେ ହରିୟାଣା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ଭଳି ଗୋଟିଏ ପରେ ଗୋଟିଏ ରାଜ୍ୟ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା ଭାଜପା। ମୋଦି ଓ ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ନେତୃତ୍ୱରେ ଭାଜପାର ବିଜୟ ଯାତ୍ରା ଦିଲ୍ଲୀ ଓ ବିହାରକୁ ଛାଡ଼ିଦେଲେ ଅନେକ ରାଜ୍ୟରେ ବିନା ବାଧାରେ ବଜାୟ ରହିଥିଲା। ୨୦୧୮ ବେଳକୁ ଭାଜପା ୨୧ ରାଜ୍ୟ ଦଖଲ କରିସାରିଥିଲା। ଉକ୍ତ ରାଜ୍ୟଗୁଡ଼ିକରେ ଭାଜପା ନିଜେ କିମ୍ବା ଆଞ୍ଚଳିକ ଦଳଗୁଡ଼ିକ ସହ ମେଣ୍ଟ କରି କ୍ଷମତାରେ ରହିଥିଲା। କିନ୍ତୁ ୩ ଗୁରୁତ୍ୱପୂର୍ଣ୍ଣ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ଏହି ପ୍ରକ୍ରିୟାରେ ଅଙ୍କୁଶ ଲାଗିଥିଲା। କର୍ନାଟକରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ହେଁ ସରକାର ଗଠନ ପାଇଁ ଆବଶ୍ୟକ ବହୁମତ ପାଇ ନ ଥିଲା। କଂଗ୍ରେସ-ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗୈରିକ ଦଳକୁ ସରକାର ଗଠନ କରିବାକୁ ରୋକିଦେଇଥିଲା। ତେବେ କଂଗ୍ରେସ-ଜେଡିଏସ୍‌ର ୧୫ ବିଧାୟକ ଭାଜପାରେ ଯୋଗଦେବା ପରେ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ଘଟିଥିଲା। ଏହାସହ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ପାଇଁ ଆଉଥରେ ମୁଖ୍ୟମନ୍ତ୍ରୀ ହେବା ପଥ ଉନ୍ମୁକ୍ତ ହୋଇଥିଲା।

ସେପଟେ ୨୦୧୯ ସାଧାରଣ ନିର୍ବାଚନରେ ମୋଦିଙ୍କ ଜୋର୍‌ଦାର ବିଜୟ ସତ୍ତ୍ୱେ ପରବର୍ତ୍ତୀ ସମୟରେ ବିଧାନସଭା ନିର୍ବାଚନଗୁଡ଼ିକରେ ଭାଜପାର ବିଜୟ ରଥ ଅଟକିଯାଇଥିଲା। ହରିୟାଣାରେ ଭାଜପାକୁ ସରକାର ଗଠନ ପାଇଁ ନବଗଠିତ ଜନନାୟକ ଜନତା ପାର୍ଟି (ଜେଜେପି)ଉପରେନିର୍ଭରକରିବାକୁପଡ଼ିଛି।ସେହିପରିମହାରାଷ୍ଟ୍ରରେ ଗୈରିକ ଦଳ ତା'ର ସର୍ବପୁରାତନ ସହଯୋଗୀ ଶିବସେନା ସହ ବୁଝାମଣା କରିବାରେ ବିଫଳ ହେବାରୁ ଏହାର ପତନ ଘଟିଛି।

ମହାରାଷ୍ଟ୍ରରେ ଭାଜପା କ୍ଷମତାଚ୍ୟୁତ ହେବା ପରେ ୨୦୧୮ ମାର୍ଚ୍ଚ ତୁଳନାରେ ଭାରତର ରାଜନୈତିକ ମାନଚିତ୍ର ବଦଳିଯାଇଛି। ସମ୍ପ୍ରତି ଭାଜପା କେବଳ କର୍ନାଟକ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଗୁଜରାଟ, ଅରୁଣାଚଳପ୍ରଦେଶ ଓ ତ୍ରିପୁରାରେ ସଂଖ୍ୟାଗରିଷ୍ଠତା ସହ ସୀମିତ ରହିଛି। ଏହାର ତାତ୍ପର୍ଯ୍ୟ ହେଉଛି ଏହି ରାଜ୍ୟଗୁଡ଼ିକରେ କୌଣସି ସହଯୋଗୀ ଦଳ ମେଣ୍ଟରୁ ଓହରିଗଲେ ବି ଭାଜପାକୁ କ୍ଷମତାରେ ରହିବା ପାଇଁ ଫରକ୍ ପଡ଼ିବନାହିଁ। ଏହାବ୍ୟତୀତ ଅନ୍ୟ ୮ ରାଜ୍ୟରେ କ୍ଷମତା ପାଇଁ ଭାଜପା ସମ୍ପୂର୍ଣ୍ଣ ଭାବେ ଏହାର ସହଯୋଗୀ ଦଳଗୁଡ଼ିକ ଉପରେ ନିର୍ଭରଶୀଳ କିମ୍ବା ଏକ ଆଞ୍ଚଳିକ ଦଳର କନିଷ୍ଠ ସହଯୋଗୀ ଭାବେ ଅବତୀର୍ଣ୍ଣ ହୋଇଛି। ଭାଜପାର ସରକାର ଥିବା ୧୭ ରାଜ୍ୟ ମଧ୍ୟରୁ ୧୧ଟିରେ ବିଧାନସଭା ସଦସ୍ୟଙ୍କ ସଂଖ୍ୟା ୧୦୦ରୁ କମ୍। ତେଣୁ ଭାଜପା ପାଇଁ ଏହା ବଡ଼ ବିଜୟ ଭାବେ ପରିଗଣିତ ହୋଇ ନ ପାରେ।







# ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ନିର୍ଦ୍ଦେଶକ ଗିରଫ

- ସଂସ୍ଥା ନାମରେ ୨୮ କୋଟି ଟଙ୍କା ଠକେଇ ଅଭିଯୋଗ
- ଜମାକାରୀଙ୍କ ଅର୍ଥ ନେଇ ଫେରାର ଥିଲେ ଅଧିକାରୀ
- ପୂର୍ବରୁ ୪ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ସଂସ୍ଥାର ନିର୍ଦ୍ଦେଶକ ବାଲାରାଜୁ ମଲିକାର୍ଜୁନ ରାଜୁ(୫୪)ଙ୍କୁ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ଶୁକ୍ରବାର ଗିରଫ କରିଛି। ଇଓଡବ୍ଲ୍ୟୁର ଏକ ଟିମ୍ ଆନ୍ଧ୍ରପ୍ରଦେଶସ୍ଥିତ ତାଙ୍କ ଘରୁ ତାଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଏହାପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଥିବା ଜଣାପଡ଼ିଛି। ତାଙ୍କ ବିରୋଧରେ ଇଓଡବ୍ଲ୍ୟୁ କେସ୍ ନଂ-୧୬/୧୧ରେ ଆଇପିସି ଦଫା ୪୬୭, ୪୬୮, ୪୭୧, ୪୨୦, ୪୦୬, ୧୨୦(ବି) ଆଦି ରୁଜୁ କରାଯାଇ ତାଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଶସ୍ତ୍ର ଏଣ୍ଟରପ୍ରାଇଜର୍ସ ନାମକ ଏକ ସଂସ୍ଥାର ମୁଖ୍ୟ ଅଫିସ ଆନ୍ଧ୍ରପ୍ରଦେଶ ହୋଇଥିବାବେଳେ ୨୦୦୯ରେ ଓଡ଼ିଶାର ବାଲେଶ୍ୱର, ବାରିପଦା ସମେତ ଅନେକ ସ୍ଥାନରେ ଏହାର ଶାଖା ଅଫିସ ଖୋଲିଥିଲା। ସ୍ୱଳ୍ପ ଟଙ୍କା ସଞ୍ଚୟରେ ଅଧିକ ସୁଧ ଦେବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା ଏହି ସଂସ୍ଥା। ଏପରି କି ଟଙ୍କା ଦ୍ୱିଗୁଣିତ କରିଦେବାକୁ ବିଭିନ୍ନ ସ୍କିମ୍ କରି ବିଜ୍ଞାପନ ମାଧ୍ୟମରେ ଜମାକାରୀଙ୍କୁ ଲୋଭ ଦେଖାଇଥିଲା। ସାଧାରଣ ଲୋକେ ବିଜ୍ଞାପନ ଦେଖି ଅଧିକ ସୁଧ ଆଶାରେ ୨୦୦୯ରୁ ୨୦୧୦ ମଧ୍ୟରେ କୋଟି କୋଟି ଟଙ୍କା ଜମା କରିଥିଲେ। ହେଲେ ଜମାକାରୀଙ୍କ ଟଙ୍କା ମାଚ୍ୟୁଅର ହେବା ପରେ ସଂସ୍ଥାର କର୍ମକର୍ତ୍ତାମାନେ ସେମାନଙ୍କୁ ଟଙ୍କା ଦେବା ପରିବର୍ତ୍ତେ ଅଫିସରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଉକ୍ତ ସଂସ୍ଥା ଏଭଳି ଭାବେ ଓଡ଼ିଶାରୁ ୨୮କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଟଙ୍କା ନ ପାଇ ଠକେଇର ଶିକାର ହୋଇଥିବା ବାରିପଦା ଟାଉନ ଅଞ୍ଚଳର କ୍ଷୀରୋଦ ଚନ୍ଦ୍ର ବାରିକ ଏ ନେଇ ଇଓଡବ୍ଲ୍ୟୁରେ ୨୦୧୧ ମେ ୨୧ରେ ଏକ ଅଭିଯୋଗ କରିଥିଲେ। ଏହି ଆଧାରରେ ଇଓଡବ୍ଲ୍ୟୁ କେସ୍ ନଂ-୧୬/୧୧ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ପ୍ରଥମେ ସଂସ୍ଥାର ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ମ୍ୟାନେଜିଂ ଡାଇରେକ୍ଟର ଭି. ସମ୍ପଥ, ବାରିପଦା ବ୍ରାଞ୍ଚ ଅଫିସର ପ୍ରାର୍ଥସାରଥି ଜେନା, ତପନ ବାରିକ ଏବଂ ସଦାଶିବ ନାୟକ। ଏହି ମାମଲାରେ ନିର୍ଦ୍ଦେଶକ ରାଜୁ ଫେରାର ରହିଥିଲେ। ସେ ଆନ୍ଧ୍ରପ୍ରଦେଶସ୍ଥିତ ନିଜ ଘରେ ରହୁଥିବା ଖବର ପାଇ ଇଓଡବ୍ଲ୍ୟୁ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ଘରୁ ଏକାଧିକ କାଗଜପତ୍ର ଜବତ ହୋଇଥିବା ଜଣାପଡ଼ିଛି।

# ସରକାରୀ ଦଳକୁ ବିରୋଧୀଙ୍କ କଡ଼ା ସମାଲୋଚନା

**ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭା ବନ୍ଦ ପ୍ରସଙ୍ଗ**

- ଜବାବ ରଖିଲା ବିଜେଡି

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବିଧାନସଭାର ଶୀତ ଅଧିବେଶନ ଧାର୍ଯ୍ୟ ସମୟର ୧୭ଦିନ ପୂର୍ବରୁ ବନ୍ଦ କରିଦିଆଗଲା। ଏହି ଅଧିବେଶନରେ ବିରୋଧୀ ଶାସକ ଦଳକୁ ବିଭିନ୍ନ ପ୍ରସଙ୍ଗରେ ଅକଳରେ ପକାଇଥିଲେ। ସବୁ ପ୍ରସଙ୍ଗକୁ ଆଲୋଚନା କରିବାକୁ ଶାସକ ଦଳ ପଛଘୁଞ୍ଚା ଦେଇଥିବା ଭାଜପା ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଛି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ପ୍ରସଙ୍ଗରେ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିଷ୍ଣୁ କହିଛନ୍ତି ଯେ, ବିଧାନସଭା ଆରମ୍ଭରୁ ବିରୋଧୀ ଭାଜପା ଯାଜପୁର ଜିଲାର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସରକାରଙ୍କୁ ଘେରିଥିଲା। ହେଲେ ଅପଦସ୍ଥ ହେବା ଆଶଙ୍କାରେ ବିଜେଡି କଂଗ୍ରେସ ସହ ଷଡ଼ଯନ୍ତ୍ର କରି ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଆଲୋଚନା କରାଇ ଦେଇ ନ ଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ପ୍ରତିଦିନ ସାମ୍ନାକୁ ଆସୁଛି । ସେହିପରି ରାଜ୍ୟରେ ପାନୀୟ ଜଳ ଅଭାବ, ଚାଷ ଓ ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରଶାସନିକସ୍ତରରେ ଦୁର୍ନୀତି, ମହିଳା ସୁରକ୍ଷା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରିଥାଆନ୍ତା। ତେଣୁ ଶାସକ ଦଳ ଅଡୁଆରେ ପଡ଼ିବ ବୋଲି ଜାଣିପାରି ବିଧାନସଭାକୁ ଆଗୁଆ ବନ୍ଦ କରିଥିବା ସେଠୀ ଅଭିଯୋଗ କରିଛନ୍ତି। ସେହିପରି ଧାନ କ୍ରୟରେ ଟୋକନ ବ୍ୟବସ୍ଥା, ପିଆଜ ଦର ବୃଦ୍ଧି, ଶାସକଦଳ ବିଧାୟକ ପ୍ରଦୀପ ମହାରଥୀଙ୍କ ୧୦୦ କୋଟିର ଜମି ଦୁର୍ନୀତି, ଆଳୁ ମିଶନରେ ଟଙ୍କା ହଡ଼ପ, ବେସରକାରୀ ମେଡିକାଲରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନ ରହିବା ପରି ଅନେକ ସମ୍ବେଦଳଶୀଳ ପ୍ରସଙ୍ଗ ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ମୁକେଶ ମହାଲିଙ୍ଗ, ବିଧାୟିକା କୁସୁମ ଟେଟେ ଏବଂ ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବିଜେଡି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ବିରୋଧୀଦଳର ଉପନେତା ବିଷ୍ଣୁ ସେଠୀ ଖବରଦାତା ସମ୍ମିଳନୀରେ ଯେଭଳି ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିଛନ୍ତି, ତାହା ଜଣେ ବିଧାୟକଙ୍କ ମୁହଁରେ ଶୋଭା ପାଏନାହିଁ । ନିଜର ପଦମର୍ଯ୍ୟାଦା ଦୃଷ୍ଟିରୁ ସେହିସବୁ ଶବ୍ଦ ପ୍ରତ୍ୟାହାର କରନ୍ତୁ ବୋଲି ସସ୍ମିତ କହିଛନ୍ତି। ସେହିପରି ଭାଜପା ଅଧିବେଶନ ଚାଲିଥିବା ସମୟରେ ପ୍ରସଙ୍ଗ ନ ଉଠାଇ ବିଧାନସଭା ବନ୍ଦ ପରେ ଅଭିଯୋଗ ଆଣିଛନ୍ତି। ମଣ୍ଡିରେ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ଟୋକନ ବ୍ୟବସ୍ଥା ହୋଇଥିବାବେଳେ ସେଠୀ ଏହାକୁ ବିରୋଧ କରିଛନ୍ତି। ତେଣୁ ଧାନ ବିକ୍ରିରେ ଥିବା ଦଲାଲ ବ୍ୟବସ୍ଥାକୁ ଭାଜପା ନେତା ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅନ୍ୱେଷା ମହାରଣା



ସୁବ୍ରତ ବିଶ୍ୱାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଦରମା ସହିତ ରହିବା, ଖାଇବା ସୁବିଧା ଥାଇ, ଆୟୁର୍ବେଦିକ୍ କ୍ଲିନିକ୍ ପାଇଁ ମହିଳା କର୍ମୀ ଆବଶ୍ୟକ।
ଯୋଗାଯୋଗ
9861193818

Urgently Required
A Sales Manager for SP& CFA of JK-Lakshmi Cement in Puri District. Candidate must be Experienced / Native in Puri District.
Cell : 9040096746 / 9040096740
E-mail - logisticsaikrupa@gmail.com

Urgent Required
Experience Lady Candidate for Backend Job. Salary 7K-10K. Work Place Bhubaneswar. The candidate should have well experience in Computer Knowledge.
Contact : 8327770813 7609947073

ବ୍ଲକ୍ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9853844830

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଟର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

REQUIRED A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

URGENTLY REQUIRED
(HOTEL JOB)
SALARY - 10000 TO 17000
INDIAN COOK-2, CHINESE COOK-2, WAITER (LADIES)-2, SWEEPER-2, ALL ROUNDER COOK-1
MOBILE NUMBER -
7008447669,9438752527,9861990534

URGENT REQUIRED
FLYING JET JEWELLERY
A leading direct sales company in India.
ISO Certified -9001-2015
Required 100 nos. of male and female for every District in Odisha.
Post Sales/ Marketing Executive. And Team Leader
Qualifications 10th pass and above can apply.
Age Limit- 21 to 50
Direct Company recruitment. Interested Franchisers also can contact us.
Address :- John House building, 2nd Floor, Goutam Nagar, Bhubaneswar. Land mark- Mausima temple.
For more details contact to :- 8596095964, 9178719177
E-mail : flyingjetonline@gmail.com

**ନୋଟିସ୍**

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ବ୍ରେଲ୍‌ରେ ଛପାଗଲା ଏଡ୍‌ସ ସଚେତନତା ପୁସ୍ତିକା

**ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ, ଉପକୃତ ହେବେ ଦୃଷ୍ଟିବାଧିତ**

**ବ୍ରହ୍ମପୁର ଅଫିସ,୨୯।୧୧**

ଓଡ଼ିଶାରେ ଏଡ୍‌ସ ଭଳି ଏକ ଭୟଙ୍କର ରୋଗର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଚଳିତବର୍ଷ ପ୍ରଥମ ଥର ପାଇଁ ବ୍ରେଲ୍‌ରେ ଏଡ୍‌ସ ସଚେତନତା ପୁସ୍ତିକା ଛପାଯାଉଛି। ଦୃଷ୍ଟିବାଧିତଙ୍କୁ ଏଡ୍‌ସର କାରଣ, ନିରାକରଣ, ଭୟାବହତା ଏବଂ ଅନ୍ୟାନ୍ୟ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁରରେ ଥିବା ରାଜ୍ୟର ଏକମାତ୍ର ସରକାରୀ ବ୍ରେଲ୍ ମୁଦ୍ରଣାଳୟରେ ଏହି ପୁସ୍ତିକା ଛପା ଚାଲିଛି। ଚଳିତବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦୃଷ୍ଟିବାଧିତଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନ କରିବା ଦିଗରେ ଆଲୋଚନା ହୋଇଥିଲା। ସେମାନଙ୍କ ପାଖରେ ମୁଦ୍ରିତ ବାର୍ତ୍ତା ପହଞ୍ଚାଇବାର ଏକମାତ୍ର ମାଧ୍ୟମ ହେଲା ବ୍ରେଲ୍। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓଏସ୍‌ଏସିଏସ୍) ତରଫରୁ ବ୍ରେଲ୍ ପୁସ୍ତିକା ଛାପିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ରହ୍ମପୁରସ୍ଥିତ ରେଡକ୍ରସ୍ କମ୍ପ୍ୟୁଟରୀକୃତ ବ୍ରେଲ୍ ମୁଦ୍ରଣାଳୟକୁ ଗତ ୨୭ତାରିଖରେ ବ୍ରେଲ୍ ପୁସ୍ତକ ଛାପିବା ପାଇଁ ବରାଦ ଦିଆଯାଇଥିଲା। ମ୍ୟାନେଜର୍ ପ୍ରକାଶ ନାରାୟଣ ରଥଙ୍କ କହିବାନୁଯାୟୀ, 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଶୀର୍ଷକରେ ୧୬ ପୃଷ୍ଠାର ଏହି ପୁସ୍ତିକା ଛାପିବା ଆରମ୍ଭ ହୋଇଛି । ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳନ ହେଉଛି। ଏହା ପୂର୍ବରୁ ସମସ୍ତ ଛପାକାର୍ଯ୍ୟ ସାରିବାକୁ କୁହାଯାଇଛି।

ଜିଲା ଏଡ୍‌ସ ନିରାକରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ)ର ଜିଲା ପ୍ରକଳ୍ପ ପରିଚାଳକ ହେମନ୍ତ କୁମାର ଦାସ କହିଛନ୍ତି, ଡିସେମ୍ବର ୧ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁସ୍ତିକାକୁ ଉନ୍ମୋଚନ କରିବା ପରେ ଦୃଷ୍ଟିବାଧିତଙ୍କୁ ବଣ୍ଟାଯିବ। ପୁସ୍ତିକାରେ ଏଡ୍‌ସର କାରଣ, ନିରାକରଣ, କ'ଣ କଲେ ସଂକ୍ରମଣ ବ୍ୟାପିବ ନାହିଁ, ଏଚ୍‌ଆଇଭି କ'ଣ, ଯୌନ ରୋଗ, ଏଡ୍‌ସ ରୋଗୀଙ୍କ କିଭଳି ଯତ୍ନ ନିଆଯିବ, ପରିବାର ସଦସ୍ୟଙ୍କ କର୍ତ୍ତବ୍ୟ, ଏଡ୍‌ସ ରୋଗୀଙ୍କ ବିଭିନ୍ନ ଅଧିକାର, ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ଯୋଜନା, କେମିତି ଏଡ୍‌ସ ପରୀକ୍ଷା କରାଯିବ ଆଦି ସହ ସଚେତନତା ସମ୍ପର୍କିତ ଅନେକ ତଥ୍ୟ ମୁଦ୍ରିତ ହୋଇଛି ।




ବ୍ରେଲ୍‌ରେ ଛପାହୋଇଥିବା ଏଡ୍‌ସ ସଚେତନତା ପୁସ୍ତକ ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.74 (12) | 336.36 ↓ 40,793.81 | 95.10 ↓ 12,056.05 | ₹143 ↑ 38,695.00 | ₹108 ↑ 45,375.00 |



ସରକାର ଅର୍ଥନୀତିକୁ ସୁଧାରିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏହା ଶୀଘ୍ର ସ୍ଥିତାବସ୍ଥାକୁ ଫେରିବା ନେଇ ଆଶା ରହିଛି।
**-ସନ୍ଦୀପ ସୋମାନି, ଫିକି ସଭାପତି**



୪.୫% ଜିଡ଼ିପି ଅଭିବୃଦ୍ଧି ଗ୍ରହଣଯୋଗ୍ୟ ନୁହେଁ। ଏହା ଅତ୍ୟନ୍ତ ଚିନ୍ତାଜନକ ପ୍ରସଙ୍ଗ ଭାବେ ଉଭା ହୋଇଛି।
**-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**



# ୨ ଲକ୍ଷ କୋଟିର ଋଣ ରାଇଟ ଅଫ୍ କଲେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୯-୧୧**

- ସର୍ବାଧିକ ରାଇଟ ଅଫ୍ କରିଛି ଏସ୍‌ବିଆଇ
- ୨୦୧୭-୧୮ ତୁଳନାରେ ୪୨% ଅଧିକ

ଦେଶରେ ସୂଚୀଭୁକ୍ତ ୪୨ ବାଣିଜ୍ୟିକ ବ୍ୟାଙ୍କ ୨୦୧୮-୧୯ରେ ୨.୧୨ ଲକ୍ଷ କୋଟି ଟଙ୍କାର ଅନାଦାୟ ଋଣ ରାଇଟ ଅଫ୍ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପାର୍ଲାମେଣ୍ଟକୁ ଦିଆଯାଇଥିବା ସୂଚନାରୁ ଏହା ସାମ୍ନାକୁ ଆସିଛି। ୨୦୧୭-୧୮ରେ ରାଇଟ ଅଫ୍ ହୋଇଥିବା ଋଣ ପରିମାଣଠାରୁ ଏହା ୪୨% ଅଧିକ ରହିଛି। ଏହି ସମୟରେ ବ୍ୟାଙ୍କ ୧.୫ ଲକ୍ଷ କୋଟି ଟଙ୍କାର ଋଣ ରାଇଟଅଫ୍ କରିଥିଲେ। ରାଇଟଅଫ୍ କରାଯାଇଥିବା ଋଣ ବ୍ୟାଙ୍କଗୁଡ଼ିକର ମୋଟ ଅନାଦାୟ ଋଣ(ଏନ୍‌ପିଏ)ର ୨୦% ରହିଥିବା ଜଣାପଡ଼ିଛି। ବ୍ୟାଙ୍କ ସାଧାରଣତଃ ସେମାନଙ୍କ ବାଲାନ୍ସ ସିଟକୁ ସ୍ୱଚ୍ଛ ଦେଖାଇବା ଲାଗି ଏନ୍‌ପିଏକୁ ସେମାନଙ୍କ ଖାତାରେ ଦେଖାଇ ନ ଥାନ୍ତି। ଅର୍ଥାତ୍ ବାଦ୍ ଦେଇଥାନ୍ତି। ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକର ବାଲାନ୍ସ ସିଟ୍ ସ୍ୱଚ୍ଛ ହେବା ସହ କ୍ଷତି ଏବଂ ଲାୟାବିଲିଟି କମ୍ ହୋଇଥାଏ। ବ୍ୟାଙ୍କଗୁଡ଼ିକ ରାଇଟ ଅଫ କରିଥିବା ଋଣ ଏବଂ ବାଲାନ୍ସ ସିଟକୁ ବାଦ ଦିଆଯାଇଥିବା ଋଣ ଯାହା ୪ ବର୍ଷ ହେଲା ପ୍ରଦାନ କରାଯାଇଥିବା ତାକୁ ଆରବିଆଇ ନିୟମ ମୁତାବକ ଏନ୍‌ପିଏ ବୋଲି ବିଚାର କରାଯାଇଥାଏ।

୨୦୧୪-୧୫ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଶାସନ କ୍ଷମତାକୁ ଆସିବା ପରେ ଦେଶର ବ୍ୟାଙ୍କଗୁଡ଼ିକ ୫.୭ ଲକ୍ଷ କୋଟି ଟଙ୍କାର ଋଣ ରାଇଟ ଅଫ୍ କରିଛନ୍ତି। ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କଥା ବିଚାରକୁ ନେଲେ ଏମାନେ ଅଧିକ ପରିମାଣର ଚାପଗ୍ରସ୍ତ ଋଣକୁ ସେମାନଙ୍କ ବାଲାନ୍ସ ସିଟ୍‌ରୁ ହଟାଇଛନ୍ତି। ୨୦୧୮-୧୯ରେ ବ୍ୟାଙ୍କଗୁଡ଼ିକ ୧.୯ ଲକ୍ଷ କୋଟି ଟଙ୍କାର ଋଣ ରାଇଟଅଫ କରିଛନ୍ତି। ମୋଟ ବାଣିଜ୍ୟିକ ବ୍ୟାଙ୍କ କରିଥିବା ଋଣ ରାଇଟ ଅଫ୍‌ର ଏହା ୯୦%। ୨୦୧୪-୧୫ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଯେଉଁ ପରିମାଣର ଋଣ ରାଇଟଅଫ କରିଥିଲେ ସେହି ତୁଳନାରେ ୨୦୧୮-୧୯ର ରାଇଟଅଫ୍ ହୋଇଥିବା ଋଣ ପରିମାଣ ପ୍ରାୟ ୪ ଗୁଣ ଅଧିକ। ସେମାନଙ୍କ ବାଲାନ୍ସ ସିଟରୁ ହଟାଇଛନ୍ତି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହି ସମୟରେ ସର୍ବାଧିକ ୫୬,୫୦୦ କୋଟି ଟଙ୍କା ଋଣ ଏହାର ବାଲାନ୍ସ ସିଟରୁ ହଟାଇଛି। ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକରେ ଅନାଦାୟ ଋଣ ଦ୍ରୁତ ହାରରେ ବଢ଼ୁଥିବାରୁ ଏଭଳି ବୃହତ୍ତ ରାଇଟ ଅଫ୍ ହେଉଥିବା ଦେଖାଯାଉଛି। ୨୦୧୪-୧୫ରେ ବ୍ୟାଙ୍କଗୁଡ଼ିକରେ ଏନ୍‌ପିଏ ୩.୨ଲକ୍ଷ କୋଟି ଟଙ୍କା ରହିଥିଲା।ମାତ୍ର ଗତ ୪ବର୍ଷରେ ଏହା ୩ ଗୁଣ ବଢ଼ି ୨୦୧୮-୧୯ରେ ୯.୪ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୫୬.୪୭%

**ଭୁବନେଶ୍ୱର,୨୯-୧୧(ବ୍ୟୁରୋ)**

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ସେପ୍ଟେମ୍ବରରେ ୩୨୨ ପଏଣ୍ଟ ଥିଲା। ଅକ୍ଟୋବରରେ ୩ ପଏଣ୍ଟ ବଢ଼ି ଏହା ୩୨୫ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୩୮ ପଏଣ୍ଟ ଥିଲା। ଏଥିରେ ୨ ପଏଣ୍ଟ ବୃଦ୍ଧି ପାଇ ୩୪୦ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୨୦ ପଏଣ୍ଟ ଥିବା ବେଳେ ଏଥିରେ ୩ ପଏଣ୍ଟ ବୃଦ୍ଧି ଘଟିଛି। ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ଅର୍ଦ୍ଧବାର୍ଷିକ କ୍ଲୋଜିଂ ପାଇଁ ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ କରାଯାଏ ନାହିଁ।

ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪.୪୭% ବୃଦ୍ଧି ଘଟି ୧୫୬.୪୭% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ସେମାନେ ଜାନୁୟାରୀ ପହିଲାରୁ ପାଇବେ। ଓଡ଼ିଶା ବ୍ୟତୀତ ସାରା ଦେଶର ଅବସରପ୍ରାପ୍ତ ଓ କାର୍ଯ୍ୟରତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୪% ବୃଦ୍ଧି ଘଟି ୨୧% ହୋଇଛି। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାର ୮ ଲକ୍ଷ ଅବସର ପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀ ବର୍ତ୍ତମାନ ୧୨%ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୯% ବଢ଼ିଛି। ଏମାନେ ପିଛିଲା ଭାବେ ୫% ଜୁଲାଇ ପହିଲାରୁ ଏବଂ ଅବଶିଷ୍ଟ ୪% ଜାନୁୟାରୀ ପହିଲାରୁ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମଡିମାନେ ମଧ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତା ୪% ବଢ଼ିଛି। ସେମାନେ ୨୧% ମହଙ୍ଗା ଭତ୍ତା ଜାନୁୟାରୀ ପହିଲାରୁ ପାଇବେ। ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୭୧.୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୬% ବୃଦ୍ଧି ଘଟି ୭୪.୪% ହୋଇଛି। ଏହା ଫେବୃୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ସେମାନେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଜାନୁୟାର ୨୧ରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୬୫.୧% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୨.୬% ବୃଦ୍ଧି ଘଟି ୬୭.୭ % ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ଶୁକ୍ରବାର ଅନେକ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନ ଏବଂ ପେନସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ୩୧ ହଜାର ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ପେନସନ ସଂଶୋଧନ କରାଯାଇଛି। ପ୍ରାୟ ୩ ହଜାର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନକୁ ଅପେକ୍ଷା କରିଛନ୍ତି। ସୋମବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

# ସୁନା ଗହଣାରେ ବାଧ୍ୟତାମୂଳକ ହେବ ହଲ୍‌ମାର୍କ

**ନୂଆଦିଲ୍ଲୀ,୨୯-୧୧**

୨୦୨୧ ଜାନୁୟାରୀ ୧୫ଠାରୁ ସୁନା ଗହଣାରେ ହଲମାର୍କକୁ ବାଧ୍ୟତାମୂଳକ କରାଯିବ। ସୁନା ଗହଣାର ଗୁଣବତ୍ତା ପ୍ରସଙ୍ଗକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ନେଇଥିବା କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ଶୁକ୍ରବାର ସୂଚନା ଦେଇଛନ୍ତି। ଏଥି ଲାଗି ସରକାର ଏକ ବିଜ୍ଞପ୍ତି ଆଗାମୀ ଦିନରେ ଜାରି କରିବେ। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବା ଲାଗି ଏକ ବର୍ଷ ସମୟ ଦେଇଛନ୍ତି। ଏହା ଦ୍ୱାରା ଜୁଏଲର୍ସମାନେ ସେମାନଙ୍କ ବର୍ତ୍ତମାନର ଗଚ୍ଛିତ ଗହଣାକୁ ବିକ୍ରି କରିବାକୁ ସମୟ ମିଳିତ।

# ଜିଡ଼ିପି ବୃଦ୍ଧି ନେଇ ଆଶାବାଦୀ: ସିଇଏ

ନୂଆଦିଲ୍ଲୀ,୨୯-୧୧ : ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ଉନ୍ନତ ହେବା ନେଇ ଆଶାବାଦୀ ରହିଥିବା ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) କେଭି ସୁବ୍ରମଣ୍ୟନ କହିଛନ୍ତି। ଦେଶର ଅର୍ଥନୈତିକ ଢାଞ୍ଚା ଏହାର ଦୃଢତା ଧାରା ଜାରି ରଖିବ ବୋଲି ସେ ମତ ରଖିଛନ୍ତି। ଚଳିତ ବର୍ଷ ପୁଞ୍ଜି ବଜାରରୁ ପୁଞ୍ଜି ଆଗମନ ଉନ୍ନତ ରହିଥିବା ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି।


e-mail ID : eerbkbj@rediffmail.com
Tel/FAX No. : 06657-220216

**Government of Odisha**
**OFFICE OF THE EXECUTIVE ENGINEER**
**KANTABANJI (R&B) DIVISION**

No.B-357 :- **Bid Identification No.03/ KBJ / 2019-20**

The Executive Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in Double Cover to be received in online mode only for Building and Road Works.

1) No. of work :- 1 No.
2) Nature of work :- Building work (Composit Tender)
3) Class of contractor :- B & A
4) Approximate value of work :- Rs.68.46 lakh (Online)
5) Tender cost :- Rs.10000/- (Online)
6) Available of Bid documents in online :- from 10:00 Hours of dt.10.12.2019 to 17:00 Hours of dt.22.12.2019
7) Date of Opening of bid :- 11:30 Hours on dt.26.12.2019 in online
8) Other details can be seen in the bidding documents from the e-procurement portal "https://tendersorissa.gov.in"
9) Any corrigendum / addendum will be displayed in the above e-procurement portal.

Sd./-Executive Engineer,
Kantabanji (R&B) Division

34099/11/0004/1920

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

F.No. J-11030(042)/2019-20/S&P Date: 27-11-2019

**TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites Tender for requirement **"(1) Supply of Medical Gas on Rate Contract & Cylinders on Rental/Security Deposit Basis** in Two Bid System". The tender document along with last date of submission of the tender can be viewed and downloaded from the official website **i.e. www.aiimsbhubaneswar.nic.in.** The sealed Tender will be received through Speed post/Reg. post/Courier/ by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document / tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar

**OFFICE OF THE DISTRICT MAGISTRATE & COLLECTORATE, RAYAGADA**
(SOCIAL WELFARE SECTION)
Rayagada District

No: 3693/XIV-74/2019 **TENDER CALL NOTICE** Date: 27/11/2019

Sealed Tenders are invited from registered travel agencies having valid GST certificate for Selection of Travel Agency for 'Providing Hired Vehicle on Call Basis' for Mission Shakti at district level. The details of Tender Document including General information may be referred from the district website www.rayagada.nic.in from Dt- 27/11/2019 to Dt-11/12/2019.

The Tender document completed in all respect shall be deposited towards EMD in the office of DSWO, Rayagada District on or before Dt-11/12/2019 by 4 P.M. through Register Post/Speed Post only. A sum of Rs.6000/- (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Rayagada payable at UCO Bank, Rayagada. The Tenders will be opened on 11/12/2019 at 05.00 P.M. in the Office chamber of DSWO Rayagada. The authority reserves the right to modify/cancel the Tender at any point of time, same will be published in the Dist. Website.

Sd/-District Social Welfare Officer, Rayagada

**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN - 756089

No.: FMU-Purchase-RUSA-390/2019/8234 Date: 29.11.19

**TENDER CALL NOTICE**

Sealed tenders are invited from the different agencies for Spare and Service Maintenance Agreement/AMC of different range and brand of Water Cooler-cum-Purifier/Storage Cooler-cum-Purifier in Old and New Campus of F.M. University, Balasore. The last date of receipt of tender on 09.12.2019 at 5.00 P.M. and shall be opened on 10.12.2019 at 04.00 P.M. The University authority reserves the right to cancel any or all tender without assigning any reason thereof. For details, visit our website: **www.fmuniversity.nic.in.**

**Sd./- Registrar**

Mail ID :- sepwdsbp@rediffmail.com
Fax & Ph. No. 0663-2412303

**GOVERNMENT OF ODISHA** No.B-358
**OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR**
**e - Procurement**
**BID IDENTIFICATION No SENC(R&B) /03/ 2019-20**

No.3694 Dtd. 27.11.2019

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No. of Road works= 06 (Six).
3. Tender Cost: Rs. 10,000/-
4. Class of contractor: "B" Class and "A" Class
5. Date & Time of available in web site & receipt of Bids From16.12.2019 to 17.00 Hours of 30.12.2019.
6. Date of opening of Technical Bid 31.12.2019 at 11.00 Hours.
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**
8. Any corrigendum / Addendum will be displayed in the website **www.tendersodisha.gov.in.**

Sd./- Superintending Engineer
Northern (R&B) Circle, Sambalpur

34035/11/0003/1920

# ପ୍ରଗତି ପଥେ ପଞ୍ଚାୟତ ସମିତି, ତିହିଡ଼ି, ଜିଲ୍ଲା-ଭଦ୍ରକ

**୨୦୧୮-୧୯-୨୦ ଆର୍ଥିକ ବର୍ଷରେ ନିମ୍ନଲିଖିତ ଯୋଜନାଗୁଡ଼ିକରେ ସରକାରୀ ଅର୍ଥ ବ୍ୟୟବରାଦ ହୋଇ ପଞ୍ଚାୟତ ସମିତି ତିହିଡ଼ି ପ୍ରଗତି ପଥରେ ଅଗ୍ରସର**

| ଯୋଜନା | ପ୍ରକଳ୍ପ ସଂଖ୍ୟା | ଅଟକଳ ମୂଲ୍ୟ |
|---|---|---|
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ୧୨୭ | ଟ୧,୯୦,୨୮,୫୬୪ |
| ତିତିଲି କ୍ଷୟକ୍ଷତି | ୬୨ | ଟ୨,୩୦,୬୨,୦୦୦ |
| ଫୋନି କ୍ଷୟକ୍ଷତି(୧୯-୨୦) | ୬୪ | ଟ୧,୦୬,୯୦,୦୦୦ |
| ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା ଅନୁଦାନ | ୨୭ | ଟ୪୫,୪୩,୨୩୬ |
| ଆମ ଗାଁ ଆମ ବିକାଶ | ୨୪୯ | ଟ୭,୭୫,୦୦,୦୦୦ |
| ଜାତୀୟ ପେନ୍‌ସନ ଯୋଜନା | ୭୯୪୪ ହିତାଧିକାରୀ | ଟ୪,୮୯,୯୭,୨୦୦ |
| ମଧୁବାବୁ ପେନ୍‌ସନ ଯୋଜନା | ୧୧୮୬୪ ହିତାଧିକାରୀ | ଟ୭,୮୮,୭୪,୮୦୦ |

ପ୍ରଧାନମନ୍ତ୍ରୀ ଆବାସ/ ବିଜୁ ପକ୍କାଘର ୨୦୧୮-୧୯-୧୬୬୫ ଓ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ୨୦୧୯-୨୦-୫୧୨୦, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୫୬୦୦୦ ଶ୍ରମ ଦିବସ ସୃଷ୍ଟି ହୋଇ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି।



**ବିଦ୍ୟୁତ୍‌ଲତା ନାୟକ**
**ବ୍ଲକ୍ ଅଧ୍ୟକ୍ଷା**



**ଦୀପକ କୁମାର ରାଉତ**
**ଭାରପ୍ରାପ୍ତ ବିଡିଓ, ତିହିଡ଼ି**

GOVERNMENT OF ODISHA O-564
OFFICE OF THE EXECUTIVE ENGINEER
RURAL WORKS DIVISON GAJAPATI PARLAKHEMUNDI
e-mail : rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 05/GJP/2019-20**

| | | |
|---|---|---|
| 1. | Name of the work | : Road work |
| 2. | Total No. Work | : 1 (One) No. of Road work |
| 3. | Estimated Cost | : Rs. 70.72 lakhs |
| 4. | Class of Contractor | : 'B' & 'A' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 05.12.2019 at 10.00 AM to 17.12.2019 upto 5.30 PM |
| 7. | Date and Time of Opening of Tender | |
| a. | Technical Bid | : 19.12.2019 at 11.30 AM |
| b. | Financial Bid | : 24.12.2019 at 11.30 AM |
| 8. | Last Date & Time of Seeking tender clarification | : 16.12.2019 upto 5.30 PM |
| 9 | Place of Opening | : As per Annexure |

Further details can be seen from the Website www.tenderorissa.gov.in

25158/11/0006/1920

EXECUTIVE ENGINEER
R.W. DIVN.GAJAPATI

# ବ୍ରହ୍ମପୁର ମହାନଗର ନିଗମ

ଏତଦ୍ୱାରା ବ୍ରହ୍ମପୁର ମହାନଗର ନିଗମର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ,

୧. ଆପଣଙ୍କ ଘର/ଅନୁଷ୍ଠାନ/ବ୍ୟବସାୟିକ ପ୍ରତିଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଏକ ଶାଗୁଆରଙ୍ଗର ଡ଼ଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ଏକ ନୀଳରଙ୍ଗର ଡ଼ଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ସକାଳ ଘ.୭.୦୦ମିରୁ ଘ.୮.୩୦ମି ମଧ୍ୟରେ ନିଗମର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଓ ପରିବେଶକୁ ସଫା ରଖନ୍ତୁ।
୨. ପ୍ରତ୍ୟେକ ବାଣିଜ୍ୟିକ ପ୍ରତିଷ୍ଠାନ/ସଂସ୍ଥା ସେମାନଙ୍କ ବ୍ୟବସାୟ ଗୃହ ଆଗରେ ଆବଶ୍ୟକୀୟ ଡଷ୍ଟବିନ୍ ସ୍ଥାପନ କରିବା ଅନିବାର୍ଯ୍ୟ। ନଚେତ୍ ଖିଲାପକାରୀଙ୍କ ଠାରୁ ଏସ୍.ଡ଼ବ୍ଲ୍ୟୁ.ଏମ୍. S.W.M. ଆଇନାନୁଯାୟୀ ଦଣ୍ଡିତ ସହିତ ଟ.୧୦,୦୦୦/-ଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ବାଧ ହେବେ।
୩. ସମସ୍ତେ ନିଜ ଘରର ପାଇଖାନା କିମ୍ବା ପାଖରେ ଥିବା ନିଗମର କମ୍ୟୁନିଟି ଏବଂ ପବ୍ଲିକ୍ ପାଇଖାନା ବ୍ୟବହାର କରନ୍ତୁ।
୪. ସ୍ୱଚ୍ଛତା ସକାଶେ ପ୍ରତି ୩ବର୍ଷରେ ଥରେ ନିଜ ନିଜ ଘରର ଲାଟ୍ରିନ୍ ସେପ୍‌ଟିକ୍ ଟାଙ୍କି ସଫା କରାଇ ନିଅନ୍ତୁ। ଅନ୍ୟଥା ଜୋରିମାନା ଆଦାୟ କରାଯିବ।
୫. ବର୍ଷାଜଳକୁ ସଂରକ୍ଷଣ କରନ୍ତୁ।
୬. ଘର ନିର୍ମାଣ ଏବଂ ଘରଭଙ୍ଗା ସାମଗ୍ରୀକୁ ନିଗମ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ୟୁଜର ଫି ଦେଇ ଜମା କରିବେ।







SWACHH SURVEKSHAN - 2020
DOWNLOAD SWACHHATA APP
for immediate resolution of sanitation issues

# SOUTHCO UTILITY
*Marching Towards Excellence...*
**Corporate Office: Kamapalli, Courtpeta, Brahmapur - 760004**

*Performance highlights towards Customer Satisfaction:*

- Power supply to Rural Households including BPL Households on priority basis as per the Rural Electrification Scheme of GoI and GoO.
- Huge Capital Investment under sytem improvement scheme for reliable and uninterrupted power supply.
- Replacement of Bare Conductors through AB cable in theft prone areas.
- Mobile Phone photo based spot billing for 15.67 lakhs of consumers.
- Grievance Redressal Forums (GRFs) established at Berhampur and Jeypore for quick redressal of the grievance of the consumers.
- Installation of prepaid meters planned for all Govt. consumers.
- SMS facilities to the consumers on generation of the bill and on payment of the energy bill as well as for new connection registration.
- Online new connection to the consumers.
- Customer care centre for quick redressal of consumer complaints through single window facilities for bill revision, bill deposit, meter replacement and new connection etc.
- Construction of new 33/11KV and 11/0.4 KV substations and upgradations.
- Construction of new 33 KV, 11 KV and LT lines.
- Alternate mode of collection facilities like Internet Banking (ICICI Bank, Bill Desk, ATOM Gateway) SBI PoS, Post Office, Ltz Cash, Common Service Centre (CSC) and Oxygen PoS etc.
- Planned for utility Energy Bill payment through different banks website and payment through Mobile Wallet.
- Engagement of SEFA-WSHGs in rural areas for collection of energy bills.
- Toll Free No. 1912 for receiving consumer complaints and redressal thereof.
- Functioning of Online cash collection centre from 8.00 A.M. to 8.00 P.M. for 365 days at different locations facilitating for making payment.

**Expanding Horizon to Power the Progress of Southern Odisha**
**SAVE ENERGY-SAVE NATION**

# ପ୍ରଗତିର ପଥେ ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର, ଯାଜପୁର

ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ବିଞ୍ଝାରପୁର ଅଞ୍ଚଳର ଧରିତ୍ରୀ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

- ୨୦୧୯-୨୦ ଆର୍ଥିକ ବର୍ଷରେ ବିଞ୍ଝାରପୁର ପଞ୍ଚାୟତ ସମିତି ପକ୍ଷରୁ ୩୨୪୨ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି।
- ଉପରୋକ୍ତ ହିତାଧିକାରୀଙ୍କୁ ମନରେଗା ଯୋଜନାରେ ୯୫ ଦିନର କାର୍ଯ୍ୟ ଦିବସ ଉପଲବ୍ଧ କରାଯାଇଛି।
- ଆବାସ ଯୋଜନାରେ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ୪ ମାସ ମଧ୍ୟରେ କିମ୍ବା ୬ ମାସ ମଧ୍ୟରେ ଶେଷ କଲେ ଯଥାକ୍ରମେ ୨୦୦୦୦ ଓ ୧୦୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।
- ୨୧୬୫୩ ହିତାଧିକାରୀଙ୍କ ମଧ୍ୟରୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୩୩୫୪ ଜଣ ଜାତୀୟ ଯୋଜନାରେ ୮୨୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି।
- ବିଭିନ୍ନ ପଞ୍ଚାୟତରେ ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥ ଅନୁଦାନକୁ ଉପଯୋଗ କରି ମାର୍କେଟ କମ୍ପ୍ଲେକ୍ସ ଓ ପୋଖରୀ ନିର୍ମାଣ କରାଯାଇଛି।
- ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୬୯୭୫ ଜଣ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଛି।
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୭୦ କୋଟି ଟଙ୍କା ବ୍ୟୟ କରଯାଇ ୯୭୫୪୯ କାର୍ଯ୍ୟଦିବସ ସୃଷ୍ଟି କରାଯାଇ ୩୪ ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି।
- ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୩୫୦୦୦ ହିତାଧିକାରୀଙ୍କୁ ପାଇଖାନା ପ୍ରଦାନ କରାଯିବା ସହିତ ବିଞ୍ଝାରପୁର ପଞ୍ଚାୟତ ସମିତିର ୨୯ ଗୋଟି ପଞ୍ଚାୟତର ୧୧୪ ଗ୍ରାମକୁ ସ୍ୱଜଳଧାରା ଯୋଜନାରେ ସ୍ୱଚ୍ଛ ପାନୀୟ ଜଳ ଓ ଆଲୋକୀକରଣ କରାଯାଇଛି।



**ଶ୍ରୀମତୀ ପ୍ରମିଳା ମଲ୍ଲିକ**
ମୁଖ୍ୟ ସଚେତକ, ଓଡ଼ିଶା ସରକାର
ଭୁବନେଶ୍ୱର



**ଶ୍ରୀଯୁକ୍ତ ନନ୍ଦକିଶୋର ସାମଲ**
ଅଧ୍ୟକ୍ଷ, ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର



**ଶ୍ରୀମତୀ ମିନତୀ ଜଗଦେବ**
ମଣ୍ଡଳ ଉନ୍ନୟନ ଅଧିକାରିଣୀ
ବିଞ୍ଝାରପୁର

# ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପ୍ରଗତି ପଥେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

୧. ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୋଟ ୩୦ଟି ପ୍ରକଳ୍ପ ପାଇଁ ୮କୋଟି ୧୮ ଲକ୍ଷ ଟଙ୍କା ମଞ୍ଜୁର।
୨. ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୨୯,୨୬୧ ଜଣ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୯୭୯. IAYରେ ୩୯୩୭ ପରିବାରକୁ ରାଶନ କାର୍ଡ ଯୋଗାଣ।
୩. ବ୍ଲକ ଅଞ୍ଚଳରେ ୭୮ଟି ନୂତନ ଅଙ୍ଗନ ୱାଡି ଗୃହ ନିର୍ମାଣ।
୪. ବ୍ଲକର ବିଭିନ୍ନ ଗ୍ରାମରେ ଢଳେଇ ରାସ୍ତା ନିର୍ମାଣ। ଅଧିକାଂଶ ଗ୍ରାମରେ ଶ୍ମଶାନ ଘାଟ, ଗାଧୁଆ ତୁଠ ନିର୍ମାଣ ହେବା ସହ ଅଧିକାଂଶ ପ୍ରକଳ୍ପ ହାତକୁ ନିଆଯାଇଛି।
୫. ଜୀବିକା ମିଶନ ମାଧ୍ୟମରେ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ନିମନ୍ତେ ଆର୍ଥିକ ସହାୟତ ସହ Bank Linkage କରାଯାଇଛି।
୬. ସ୍ୱଚ୍ଛଭାରତ-(ଗ୍ରାମୀଣ) ଅନ୍ତର୍ଗତ ଏ ଯାବତ୍ ୧୨ହଜାର ପାଇଖାନା ଗୃହ ନିର୍ମାଣ କରାଯାଇଛି

**ପବିତ୍ର ମୋହନ କାନୁନ୍‌ଗୋ**
**ବିଡିଓ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**

**ସୁଶାନ୍ତ ଦାସ**
**ଉପାଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**

**ଜ୍ୟୋତିର୍ମୟୀ ବେହେରା**
**ଅଧ୍ୟକ୍ଷା, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**

# ‘ହକି ଭଳି ଫିଫା ବିଶ୍ୱକପ୍ ବୃହତ୍ ସଫଳତା ପାଇବ’

ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆସନ୍ତା ବର୍ଷ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ। ବିଶ୍ୱସ୍ତରୀୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ଲାଗି ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପ୍ରୋଭିଜିନାଲ ଭେନ୍ୟୁର ଅନୁମୋଦନ ଲାଭ କରିସାରିଛି। ଏହି ଅବସରରେ ଫିଫାର ଏକ ଟିମ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି ନିରୀକ୍ଷଣ କରିଛନ୍ତି। ବିଶ୍ୱକପ୍ ପାଇଁ ଷ୍ଟାଡିୟମ ପ୍ରସ୍ତୁତି ନିରୀକ୍ଷଣ କରିବା ପରେ ଫିଫା ଟୁର୍ନାମେଣ୍ଟ ଓ ଇଭେଣ୍ଟ ଡିଭିଜନ ମୁଖ୍ୟ ଓଲିଭର ଭୋଗତ୍ ସନ୍ତୋଷ ଜାହିର କରିବା ସହିତ ଏଠାରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଲେ ବୃହତ୍ ସଫଳତା ଲାଭ କରିବ ବୋଲି ସେ କହିଛନ୍ତି।

‘ଭୁବନେଶ୍ୱର ହେଉଛି ଏପରି ଏକ ସହର ଯେଉଁଠାରେ ଖେଳକୁ ନେଇ ପ୍ରବଳ ଉତ୍ସାହ ରହିଛି। ତେଣୁ ଏଠାକୁ ଆସି ଆମେ ବହୁତ ଖୁସି ଅଛୁ। ହକି ବିଶ୍ୱକପ୍ ଏକବର୍ଷ ପୂର୍ବେ ଏଠାରେ ସଫଳତାର ସହ ଆୟୋଜିତ ହୋଇସାରିଛି। ଏବେ ଏହା ଫୁଟ୍‌ବଲକୁ ସ୍ଥାନାନ୍ତରିତ କରିବାର ସମୟ ଆସିଛି।



ଖବରଦାତା ସମ୍ମିଳନୀରେ ଫିଫା ଅଧିକାରୀଙ୍କ ସହ କ୍ରୀଡା ସଚିବ ବିଶାଲ ଦେବ।

ଭୁବନେଶ୍ୱର ଯଦି ଆୟୋଜନ ସହର ଅଧିକାର ଲାଭ କରେ ତେବେ ମୋର ପୂରା ବିଶ୍ୱାସ ରହିଛି କି, ହକି ବିଶ୍ୱକପ୍ ଭଳି ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ମଧ୍ୟ ବୃହତ୍ ସଫଳତା ଲାଭ କରିବ’ ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଲିଭର ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁଭଳି ଭାବେ ବିଶ୍ୱକପ୍ ଆୟୋଜନ ଲାଗି ଷ୍ଟାଡିୟମର ପ୍ରସ୍ତୁତି ଚାଲିଛି ଏହା ୪ଟି ସହର ମଧ୍ୟରୁ ଗୋଟିଏ ଭେନ୍ୟୁର ମାନ୍ୟତା ପାଇବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଲୋକାଲ୍ ଅର୍ଗାନାଇଜିଂ କମିଟି (ଏଲ୍‌ଓସି) ଟୁର୍ନାମେଣ୍ଟ ନିର୍ଦ୍ଦେଶିକା ରୋମା ଖାନ୍ନା ମଧ୍ୟ ଉପସ୍ଥିତ ରହିବା ସହିତ ଷ୍ଟାଡିୟମ ପ୍ରସ୍ତୁତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ତତ୍ପରତା ଦେଖାଦେଇଛି ସେଥିରେ ଖୁସି ଜାହିର କରିଛନ୍ତି।

## ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍

### ମାର୍ଚ୍ଚ ୨୬ରେ ଭାରତ– କାତାର ମ୍ୟାଚ୍

‘୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ଲାଗି ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୦ ଫେବ୍ରୁୟାରୀ ସୁଦ୍ଧା କଳିଙ୍ଗ ଷ୍ଟାଡିୟମର ପ୍ରସ୍ତୁତି ଓ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ପୂର୍ବରୁ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଓ ପୁରୁଷ ହକି ବିଶ୍ୱକପ୍ ଏଠାରେ ସଫଳତାର ସହ ଆୟୋଜନ କରିଛୁ। ତେଣୁ ଏଥର ମଧ୍ୟ ପୂର୍ଣ୍ଣ ବିଶ୍ୱାସ ରହିଛି କି, ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌କୁ ମଧ୍ୟ ସଫଳତାର ସହ ଆୟୋଜନ କରିବୁ’ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ବିଶାଲ ଦେବ କହିଛନ୍ତି। ସେହିଭଳି ଆସନ୍ତା ବର୍ଷ ମାର୍ଚ୍ଚ ୨୬ରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ କାତାର ମଧ୍ୟରେ ୨୦୨୨ ଫିଫା ପୁରୁଷ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ବୋଲି ସେ ଖବରଦାତା ସମ୍ମିଳନୀ ଅବସରରେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୯ରେ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓମାନଠାରୁ ୧–୦ ଗୋଲରେ ହାରି ଭାରତ ୨୦୨୨ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରୁ ଏକପ୍ରକାର ବଞ୍ଚିତ ହୋଇଛି।

### ୨୭ରେ ଘରୋଇ ଗ୍ରାଉଣ୍ଡରେ ଖେଳିବ ଓଡ଼ିଶା ଏଫ୍‌ସି

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଚଳିତ ବର୍ଷ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ଟିମ୍ ଆସନ୍ତା ଡିସେମ୍ବର ୨୭ରେ ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି। ଏହିଦିନ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳି ଘରୋଇ ଭେନ୍ୟୁରେ ଓଡ଼ିଶା ଦଳ ଏହାର ଅଭିଯାନ ଆରମ୍ଭ କରିବ। ପୂର୍ବରୁ ନଭେମ୍ବର ୨୪ରେ ଏଟିକେ ବିପକ୍ଷରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ୍ ଖେଳିବ ବୋଲି କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଲାଗି କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି କାମ ଚାଲିଥିବାରୁ ଓଡ଼ିଶା ଏଫ୍‌ସି ଏହାର ଘରୋଇ ମ୍ୟାଚ୍ ଖେଳିବାରେ ବିଳମ୍ବ ହୋଇଥିଲା।

# ସାଫ୍ ଗେମ୍ସରେ ଓଡ଼ିଶାର ସତ୍ୟଜିତ୍

ବାଲେଶ୍ୱର ଅଫିସ, ୨୯।୧୧

ବାଲେଶ୍ୱରର ଖୋଖୋ ଖେଳାଳି ସତ୍ୟଜିତ୍ ସିଂ ନେପାଳର କାଠମାଣ୍ଡୁଠାରେ ଆୟୋଜିତ ହେବାକୁ ଥିବା ସାଉଥ୍ ଏସିଆନ (ସାଫ୍) ଗେମ୍ସ ଖେଳିବା ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି। ଶୁକ୍ରବାର ଭାରତୀୟ ଖୋ ଖୋ ମହାସଂଘ ପକ୍ଷରୁ ବାଲାସାହେବ ପୋକର୍ଡେଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ପୁରୁଷ ଦଳରେ ସତ୍ୟଜିତ ସ୍ଥାନ ପାଇଛନ୍ତି। ନେପାଳର କାଠମାଣ୍ଡୁଠାରେ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ସାଫ୍ ଗେମ୍ସର ତ୍ରୟୋଦଶ ସଂସ୍କରଣ ଅନୁଷ୍ଠିତ ହେବ। ୨୦୧୬ରେ ପ୍ରଥମ ଥର ଲାଗି ସାଫ୍ ଗେମ୍ସରେ ଖୋ ଖୋ ଖେଳକୁ ସାମିଲ କରାଯାଇଥିଲା। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲା।

ବାଲେଶ୍ୱରର କୋଚ୍ ମଳୟ ରଞ୍ଜନ ବେହେରାଙ୍କ ଅଧୀନରେ ସତ୍ୟଜିତ୍ ଖୋ ଖୋ ପ୍ରଶିକ୍ଷଣ ନେଉଛନ୍ତି। ସତ୍ୟଜିତ ୨୦୧୬ରୁ ୨୦୧୯ ମଧ୍ୟରେ ଓଡ଼ିଶା ଜୁନିୟର ଓ ସିନିୟର ଖୋ ଖୋ ଦଳ ପକ୍ଷରୁ ଜାତୀୟସ୍ତରର ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିସାରିଛନ୍ତି। ପ୍ରକାଶଥାଉ କି, ସେ ୨୦୧୬ ମସିହାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହୋଇଥିବା ଖୋଖୋ ଟେଷ୍ଟ ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।




# ଚେନ୍ନାଇନ୍ ସହ ଡ୍ର’ ରଖିଲା ଓଡ଼ିଶା

ଚେନ୍ନାଇ, ୨୯।୧୧ (ପି.ଟି.)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ନବାଗତ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨–୨ ଗୋଲରେ ଡ୍ର’ରେ ଶେଷ ହୋଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ହିଁ ଉଭୟ ଦଳ ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ଘରୋଇ ଦଳର ନେରିଜୁସ ଭାଲସ୍କି ଡବଲ୍ ଗୋଲ୍‌ସ୍କୋର କରିଥିଲେ ମଧ୍ୟ ଚେନ୍ନାଇନକୁ ଜିତାଇପାରି ନ ଥିଲେ।

ମ୍ୟାଚ୍‌ର ୫୧ତମ ମିନିଟ୍‌ରେ ଚେନ୍ନାଇନ ପକ୍ଷରୁ ଭାଲସ୍କି ପ୍ରଥମ ଗୋଲସ୍କୋର କରି ଦଳକୁ ୧–୦ ଗୋଲରେ ଅଗ୍ରଣୀ କରାଇଥିଲେ। ତେବେ ଏହି ଖୁସି ବେଶି ସମୟ ପର୍ଯ୍ୟନ୍ତ ରହି ନ ଥିଲା। ଏହାର ୩ ମିନିଟ୍ ପରେ ଓଡ଼ିଶା ଏଫ୍‌ସି ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମଧ୍ୟକ୍ରମ ଖେଳାଳି ନନ୍ଦ କୁମାରଙ୍କ କ୍ରସ ପାସ୍‌କୁ ଜିସ୍କୋ ହର୍ନାଣ୍ଡିଜ ଫ୍ଲିକ୍ କରି ଚେନ୍ନାଇନ ଗୋଲପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ମ୍ୟାଚ୍ ୧–୧ ବରାବରସ୍ଥିତିକୁ ଆସିଥିଲା। ଏହାପରେ ୭୧ତମ ମିନିଟ୍‌ରେ ଚେନ୍ନାଇନର ଭାଲସ୍କି ବ୍ୟକ୍ତିଗତ ତଥା ଦଳ ପାଇଁ ୨ୟ ଗୋଲ କରିଥିଲେ। ଏଥର ମଧ୍ୟ ଓଡ଼ିଶା ଖେଳାଳି ପ୍ରତ୍ୟାବର୍ତ୍ତନ କରି ୧୧ ମିନିଟ୍ ପରେ ଗୋଲ ଶୁଝାଇ ଦେଇଥିଲେ। ଆଡ୍ରିଆନେ ସାନ୍ତାସଙ୍କ ଗୋଲବଳରେ ମ୍ୟାଚ୍‌କୁ ଓଡ଼ିଶା ୨–୨ସ୍ତରକୁ ଆଣିଥିଲା। ଏହାପରେ କୌଣସି ଗୋଲ ନ ହେବାରୁ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ଭାଗ କରିଥିଲେ। ଓଡ଼ିଶା ୬ଷ୍ଠ ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ ପରାଜୟ ଓ ୩ ଡ୍ର ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଚେନ୍ନାଇନ ୫ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନକୁ ଉଠିଛି।

# ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

ଡିସେମ୍ବର ୩ରେ ‘ବିଶ୍ୱ ଭିନ୍ନକ୍ଷମ ଦିବସ’ ଭାବେ ପାଳନ ହେବାକୁ ଯାଉଛି। ଏହି ଅବସରରେ ଏହି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଓଡିଶା ସରକାରଙ୍କ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍‌ଏସ୍‌ଇପିଡି) ପକ୍ଷରୁ ଶୁକ୍ରବାରଠାରୁ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ପାରା ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ସ୍ପୋର୍ଟ୍ସ ମିଟ୍‌କୁ ଓଡିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ପବ୍ଲିକ୍ ଏଣ୍ଟରପ୍ରାଇଜ୍, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସ୍ପୋର୍ଟ୍ସ ମିଟ୍‌ରେ ଏସ୍‌ଏସ୍‌ଇପିଡି ବିଭାଗର ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନିର୍ଦ୍ଦେଶକ ବ୍ରତାତୀ ହରିଚନ୍ଦନ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ ଜିଲାରୁ ଆସିଥିବା ଭିନ୍ନକ୍ଷମ ପ୍ରତିଯୋଗୀମାନଙ୍କ ମଧ୍ୟରେ ତିନିଚକିଆ ସାଇକେଲ ରେସ୍, ଶର୍ଟ ପୁଟ ଥ୍ରୋ, ଚେସ୍, ମ୍ୟୁଜିକ୍ ଚେୟାର, ହ୍ୱିଲ୍ ଚେୟାର ଚେସ୍, ହିଟ୍ ଥ୍ରୋ ଆଦି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନକାରୀ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ସ୍ଥାନରୁ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖେଳକୁଦ ବ୍ୟତୀତ ସଙ୍ଗୀତର ତରଙ୍ଗର ତାଳରେ ବଧିର ଲୋକମାନଙ୍କ ନୃତ୍ୟ ପ୍ରଦର୍ଶନ ଏବଂ ରାଜ୍ୟ ବାହାରୁ ଆସିଥିବା ଦୃଷ୍ଟିହୀନ ଗ୍ରୁପର ସଂଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ରହିଥିଲା ।



ଖରିଫ ଧାନ ସଂଗ୍ରହ, ୨୦୧୯-୨୦

ସୂଚନା

୧. କେଉଁ ତାରିଖରେ କେଉଁ ପଞ୍ଜୀକୃତ ଚାଷୀ କେତେ ପରିମାଣର ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ସେମାନଙ୍କୁ ଆଗୁଆ SMS ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯାଉଛି। ଏହି ତଥ୍ୟ ମଧ୍ୟ ସୋସାଇଟି/ନିକଟସ୍ଥ କଣ୍ଟ୍ରୋଲ ଦୋକାନରେ ଉପଲବ୍ଧ କରାଯାଉଛି।
୨. ଅମଳ କରିସାରିଥିବା ବା କରିବାକୁ ଯାଉଥିବା ଚାଷୀଙ୍କ ତଥ୍ୟକୁ ନିର୍ଭର କରି ଟୋକେନ ପ୍ରସ୍ତୁତ କରାଯାଉଛି। ଏହି ତଥ୍ୟ ସୋସାଇଟି କର୍ତ୍ତୃପକ୍ଷ ପ୍ରଦାନ କରୁଛନ୍ତି।
୩. ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସବୁ ବର୍ଗର ଚାଷୀ – କ୍ଷୁଦ୍ର, ମଧ୍ୟମ, ବଡ଼ – ଚାଷୀମାନଙ୍କୁ ସୁଯୋଗ ଦିଆଯାଉଛି।
୪. ପଞ୍ଜିକୃତ ଚାଷୀମାନଙ୍କଠାରୁ ଘୋଷିତ ଅମଳ ହାର ଅନୁସାରେ ସମସ୍ତ ବଳକା ଧାନ କ୍ରୟ କରାଯିବ।
୫. ନିର୍ଦ୍ଧାରିତ ତାରିଖରେ ମଣ୍ଡିକୁ ଧାନ ନ ଆଣି ପାରିଲେ ପରବର୍ତ୍ତୀ ସମୟରେ ମଧ୍ୟ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବ।
୬. ଚାଷୀମାନଙ୍କୁ ଟୋକେନ ପାଇଁ କ୍ରୟକାରୀ ସୋସାଇଟି ନିକଟକୁ ବାରମ୍ବାର ଦୌଡିବାକୁ ପଡିବ ନାହିଁ।
୭. ଚଳିତ ବର୍ଷ ଚାଷୀଙ୍କର ପରିଚୟ ଆଧାର ପ୍ରମାଣୀକରଣ ବ୍ୟବସ୍ଥାରେ କରାଯାଉଛି। ବୃଦ୍ଧ, ରୋଗଗ୍ରସ୍ତ ବା ଅକ୍ଷମ ବ୍ୟକ୍ତିମାନେ, ଆଧାର ପ୍ରମାଣୀକରଣ ପାଇଁ ମଣ୍ଡିରେ ଉପସ୍ଥିତ ନ ରହିପାରିଲେ ମଧ୍ୟ ସେମାନଙ୍କ ଧାନ କ୍ରୟ କରାଯିବ।
୮. ଏହା ମଣ୍ଡି ସ୍ତରରେ ଧାନ କ୍ରୟ ବିକ୍ରୟ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବ ଏବଂ ଚାଷୀଙ୍କୁ ଅନିଶ୍ଚିତତା ଓ ଆଶଙ୍କାରୁ ମୁକ୍ତ କରିବ।
୯. ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।
୧୦. ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ ସହ ଯୋଗାଯୋଗ କରନ୍ତୁ।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## ସଂକ୍ଷେପରେ

### ୧୨ରୁ ରାଜ୍ୟ ଜୁନିୟର କବାଡ଼ି

କଟକ ଅଫିସ,୨୯।୧୧- ଓଡ଼ିଶା କବାଡ଼ି ଆସୋସିଏଶନ ଓ ଏନ୍‌ଟିପିସି ଥର୍ମାଲ ପାୱାର ଷ୍ଟେଶନର ମିଳିତ ଆନୁକୂଲ୍ୟରେ ତାଳଚେର ଠାରେ ଆସନ୍ତା ଡିସେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୪୬ତମ ରାଜ୍ୟ ଜୁନିୟର କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏଥିରେ ୨୦ଟି ବାଳକ ଓ ୧୪ଟି ବାଳିକା ଦଳ ଅଂଶ ଗ୍ରହଣ କରିବେ। ଖେଳାଳିମାନଙ୍କ ବୟସ ୨୦ବର୍ଷରୁ କମ୍ ହୋଇଥିବା ବେଳେ ବାଳକ ବର୍ଗରେ ୭୦କେଜି ଓ ବାଳିକା ବର୍ଗରେ ୬୫କେଜିରୁ କମ୍ ଓଜନର ଖେଳାଳି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ। ରାଜ୍ୟ ଆସୋସିଏଶନ ସହ ଅନୁବନ୍ଧିତ ସମସ୍ତ ୟୁନିଟ୍ ଏ ଦିଗରେ ଧ୍ୟାନ ଦେବାକୁ ସମ୍ପାଦକ ଅଜୟ କୁମାର ବେହେରା ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ଖେଳାଳିମାନଙ୍କ ବୟସ ପ୍ରମାଣପତ୍ର ଦାଖଲ କରିବା ଜରୁରୀ ବୋଲି ଅଜୟ କହିଛନ୍ତି ।

### ଗୋଟିଏ ଓଭରରେ ମିଥୁନଙ୍କୁ ୫ ଉଇକେଟ



ନୂଆଦିଲ୍ଲୀ,୨୯।୧୧- ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ହରିୟାଣା ଓ କର୍ନାଟକ ମଧ୍ୟରେ ସୁରଟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପୂର୍ବତନ ଭାରତୀୟ ତଥା କର୍ନାଟକର ଅଭିଜ୍ଞ ପେସର ଅଭିମନ୍ୟୁ ମିଥୁନ ହ୍ୟାଟ୍ରିକ ସହ ଗୋଟିଏ ଓଭରରେ ୫ ଉଇକେଟ ନେଇ ଇତିହାସ ସୃଷ୍ଟି କରିଛନ୍ତି। ଚଳିତବର୍ଷ ଅଭିମନ୍ୟୁଙ୍କ ଏହା ଦ୍ୱିତୀୟ ହ୍ୟାଟ୍ରିକ। ପୂର୍ବରୁ ସେ ବିଜୟ ହଜାରେ ଟ୍ରଫିରେ ତାମିଲନାଡୁ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ ନେଇଥିଲେ। ହରିୟାଣା ଇନିଂସର ଅନ୍ତିମ ଓଭର ବୋଲିଂ କରିଥିଲେ ଅଭିମନ୍ୟୁ। ସେ ପ୍ରଥମ ବଲରେ ହିମାଂଶୁ ରାନା (୬୧)ଙ୍କୁ ଆଉଟ କରାଇଥିଲେ। ପରବର୍ତ୍ତୀ ବଲରେ ଆଉ ରାହୁଲ ତେୱତିଆ (୩୨)ଙ୍କ ଉଇକେଟ ନେଇଥିଲେ। ୩ୟ ବଲରେ ସୁମିତ କୁମାରଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ ଅଭିମନ୍ୟୁ। ଚତୁର୍ଥ ବଲରେ ସେ ପ୍ରତିପକ୍ଷ ଅଧିନାୟକ ଅମିତ ମିଶ୍ରାଙ୍କୁ ଆଉଟ୍ କରାଇଥିଲେ। ୫ମ ବଲ ୱାଇଡ ପକାଇବା ପରେ ଏକ ସିଙ୍ଗଲ ରନ୍ ବ୍ୟୟ କରିଥିଲେ। ଅନ୍ତିମ ବଲରେ ଜୟନ୍ତ ଯାଦବଙ୍କୁ ପ୍ୟାଭିଲିୟନ ବାଟ ଦେଖାଇଥିଲେ। ଫଳରେ ପରଫେକ୍ଟ ୫ ଉଇକେଟ ସଫଳତା ପାଇଥିଲେ। ଦେଶର ପ୍ରଥମ ବୋଲର ଭାବେ ଘରୋଇ କ୍ରିକେଟର ୩ ଫର୍ମାଟରେ ହ୍ୟାଟ୍ରିକ ନେବାର ସଫଳତା ପାଇଛନ୍ତି। ସେ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ହ୍ୟାଟ୍ରିକ ନେଇସାରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୨୦୦୯ରେ ପ୍ରଥମ ହ୍ୟାଟ୍ରିକ ହାସଲ କରିଥିଲେ।

# ପାକିସ୍ତାନ ବିପକ୍ଷରେ ଭାରତ ଅଗ୍ରଣୀ

**ଡେଭିସ୍ କପ୍**

ନୁର-ସୁଲତାନ,୨୯।୧୧(ପି.ଟି.)

କାଜାଖସ୍ତାନ ରାଜଧାନୀ ନୁର-ସୁଲତାନଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ୍ କପ୍ ମ୍ୟାଚ୍ ଆରମ୍ଭ ହୋଇଛି। ରାମ୍‌କୁମାର ରମାନାଥନ ଓ ସୁମିତ ନାଗାଲଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଶୁକ୍ରବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୨-୦ରେ ଅଗ୍ରଣୀ ହାସଲ କରିଛି। ଓପନିଂ ସିଙ୍ଗଲ୍ସ ମ୍ୟାଚ୍‌ରେ ରାମକୁମାର ୧୭ ବର୍ଷୀୟ ପାକିସ୍ତାନ ଖେଳାଳି ମହମ୍ମଦ ସୋଏବଙ୍କୁ ମାତ୍ର ୪୨ ମିନିଟ୍‌ରେ ହରାଇ ବିଜୟୀ ହୋଇଥିଲେ। ସେକେଣ୍ଡ ସେଟ୍‌ର ଷଷ୍ଠ ଗେମ୍‌ରେ ସୋଏବ ଲଢ଼େଇ କରିବା ଭଳି ଲାଗୁଥିଲେ। ତେବେ ସେ ରାମକୁମାରଙ୍କ ସମ୍ମୁଖରେ ମାମୁଲି ପ୍ରଦର୍ଶନ କରି ବେଶ୍ ଅପରିପକ୍ୱ ଲାଗୁଥିଲେ। ଫଳରେ ରାମକୁମାର ୬-୦, ୬-୦ ସେଟ୍‌ରେ ବିଜୟୀ ହୋଇଥିଲେ।



ରାମ୍‌କୁମାର ରମାନାଥନ ଏକ ରିଟର୍ନ ଶଟ୍ ମାରୁଛନ୍ତି।

ସେହିପରି ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ସୁମିତ ୬-୦, ୬-୨ ସେଟ୍‌ରେ ହୁଫାଇଜା ମହମ୍ମଦ ରହମାନଙ୍କୁ ପରାସ୍ତ କରିଥିଲେ। ମାତ୍ର ୬୪ ମିନିଟିରେ ସୁମିତ ମ୍ୟାଚ୍ ଜିତିନେଇଥିଲେ। ଏଥି ସହିତ ସୁମିତ କ୍ୟାରିୟରର ପ୍ରଥମ ଡେଭିସ କପ୍ ମ୍ୟାଚ୍ ବିଜୟ ହାସଲ କରିଥିଲେ। ପାକିସ୍ତାନର ଶ୍ରେଷ୍ଠ ଖେଳାଳିମାନେ ଏହି ଟାଇରୁ ଓହରିଯାଇଥିଲେ। ଇସ୍‌ଲାମାବାଦରୁ ନିରପେକ୍ଷ ଭେନ୍ୟୁକୁ ମ୍ୟାଚ୍ ସ୍ଥାନାନ୍ତର ନେଇ ଏମାନେ ବିରୋଧ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ଟାଇରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ।

ଏବେ ଅଭିଜ୍ଞ ଲିଆଣ୍ଡର ପେସ୍ ଓ ଡେଭିସ୍‌କପ୍ ପଦାର୍ପଣ କରିବାକୁ ଥିବା ଜୀବନ ନେଦୁନଚେଝିଆନ ଶନିବାର ଡବଲ୍ସ ରବରରେ ପାକିସ୍ତାନ ଯୋଡି ହୁଫାଇଜା ଓ ସୋଏବଙ୍କୁ ଭେଟିବେ। ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ୬ଥର ପରସ୍ପରକୁ ଭେଟିଛନ୍ତି। ତେବେ ଭାରତ କୌଣସି ଟାଇରେ ପରାଜୟବରଣ କରିନାହିଁ। ଡବଲ୍ସ ରବରରେ ବିଜୟୀ ହେଲେ ଲିଆଣ୍ଡରଙ୍କ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ଜିତିଲେ ଡେଭିସ୍ କପ୍ ଇତିହାସରେ ଲିଆଣ୍ଡର ସର୍ବାଧିକ ଡବଲ୍ସ ବିଜୟ ହାସଲ କରି ରେକର୍ଡ କରିବେ। ଏପର୍ଯ୍ୟନ୍ତ ଡେଭିସ୍ କପ୍‌ରେ ସେ ୪୩ଥର ବିଜୟୀ ହୋଇଛନ୍ତି। ପାକିସ୍ତାନକୁ ହରାଇ ଭାରତ ଏବେ ୱାର୍ଲ୍ଡ ଗ୍ରୁପ୍ କ୍ୱାଲିଫାୟର୍ସ ଖେଳିବାକୁ କ୍ରୋଏସିଆ ଯାତ୍ରା କରିବ। ଏହା ଆସନ୍ତା ମାର୍ଚ୍ଚ ୬ ଓ ୭ ତାରିଖରେ ଆୟୋଜନ ହେବ।

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଡୁଗୁ)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ ।
ଶୁଭେଚ୍ଛାସହ:
କେକେମା', ଅଜା, ଆଈ, ବାବା, ମାମା, ଦାଦା, ମିନି ଅପା, ଅଜୁ ପିଇସା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ନବ୍ୟା, ଲିନା ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୪୬୮

**ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା**



ଅନନ୍ୟା ପାତ୍ର (ଗୁନ୍ନୁ)
ଧ-୧୫୪୭୮

**7th Anniversary**



PABITRA & ELLORA
May Shree Jagannath Mahaprabhu shower his blessings upon both of you.
Wishing you a happy married life.
HAPPY ANNIVERSARY
D-63222

**Marriage Wish**



Santosh Bhaina & Sabita Apa
Nimapara
Wishing you happy, peace & healthy married life. Happy Married Anniversary to both.
With compliments from:
Tutu, Maama, Paree,
D-15469

# ଜାତୀୟ ବେଞ୍ଚ୍ ପ୍ରେସ୍: ଓଡ଼ିଶାକୁ ୩ ରୌପ୍ୟ

ଭୁବନେଶ୍ୱର,୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଦିଲ୍ଲୀର ଶିବାଜୀ ଷ୍ଟାଡିୟମରେ ଗତ ୨୩ରୁ ୨୭ ତାରିଖ ମଧ୍ୟରେ ଖେଳାଯାଇଥିବା ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାର ରାକେଶ ଶତପଥୀ ସିନିୟର ୮୩ କେ.ଜି. ବିଭାଗରେ ୧୬୭. ୫ , ସୂର୍ଯ୍ୟକାନ୍ତ ପ୍ରଧାନ ୧୦୫ କେ.ଜି ବିଭାଗରେ ୧୭୫ ଓ ନାରାୟଣ ସେଠୀ ମାଷ୍ଟର୍ସ-୨ ବିଭାଗରେ ୬୬ କେ.ଜି. ବର୍ଗରେ ୧୦୦ କେ.ଜି. ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ସୁଜିତ କୁମାର ଗିରି, ବାଦଲ ବେହେରା ଓ ବିଜୟ ଚକ୍ରବର୍ତ୍ତୀ ନିଜ ନିଜ ବିଭାଗରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି।

ପାୱାର ଲିଫ୍ଟିଂ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ଦଳର କୋଚ୍ ଭାବେ ଶକ୍ତିରଞ୍ଜନ ବାରିକ ଦାୟିତ୍ୱ ତୁଲାଇଥିଲେ। ଦଳର ସଫଳତା ପାଇଁ ସଭାପତି କଳିକେଶ ନାରାୟଣ ସିଂ ଦେଓ, ଉପସଭାପତି ପରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଚିତ୍ତ ରଞ୍ଜନ ସ୍ୱାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହାମିଲଟନ ଟେଷ୍ଟ: ଲଥାମଙ୍କ ଶତକ

ହାମିଲଟନ,୨୯।୧୧(ଏଏଫ୍‌ପି)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଓପନର ଟମ୍ ଲଥାମଙ୍କ ଅପରାଜିତ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫୪.୩ ଓଭରରେ ୩ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲଥାମ ୧୦୧ ଏବଂ ହେନେରି ନିକୋଲ୍ସ ୫ ରନ କରି ଅପରାଜିତ ରହିଛନ୍ତି। ବର୍ଷା କାରଣରୁ ଖେଳ ଶୀଘ୍ର ସମାପ୍ତ ହୋଇଥିଲା। ଚା'ପାନ ବିରତି ପରେ ମାତ୍ର ୩ଟି ବଲ୍ ଖେଳା ଯିବାପରେ ପ୍ରଥମ ଦିନର ଖେଳ ସମାପ୍ତ ହୋଇଥିଲା।

# ୭ ମାସ ପରେ ଆଲୋକିତ ହେଲା ଷ୍ଟାଡିୟମ



କଟକ ଅଫିସ,୨୯।୧୧

ଗତ ମେ ୫ ତାରିଖ ପରଠାରୁ ଅନ୍ଧାର ହୋଇପଡ଼ିଥିବା ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପୁନର୍ବାର ଆଲୋକିତ ହୋଇଛି । ସାମୁଦ୍ରିକ ଝଡ଼ ଫନୀରେ ଉଜୁଡ଼ି ଯାଇଥିବା ବାରବାଟୀ ଷ୍ଟାଡିୟମରେ ପ୍ରାୟ ୭ ମାସ ପରେ ଫ୍ଲଡଲାଇଟ୍ ଶୁକ୍ରବାର ସମ୍ପୂର୍ଣ୍ଣ ଭାବେ ଜଳିଛି । ତେବେ ଏହା ପରୀକ୍ଷାମୂଳକ ଭାବେ ଜଳାଗଲା । ଏବେ ନିୟମିତ ଭାବେ ଷ୍ଟାଡିୟମର ଫ୍ଲଡଲାଇଟ୍ ଜଳାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ କୁହାଯାଇଛି । 'ଦେବ ମସ୍କୋ' ଟିମ୍ ଫ୍ଲଡଲାଇଟ୍ ମରାମତି ଦାୟିତ୍ୱରେ ଅଛି । ଆଉ ୨୨ଦିନ ପରେ ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ଦଳ ମଧ୍ୟରେ ମୁକାବିଲା ହେବ । ଫ୍ଲଡଲାଇଟ୍ କାର୍ଯ୍ୟକ୍ଷମ ହେବା ପରେ ମ୍ୟାଚ୍‌କୁ ନେଇ କ୍ରିକେଟପ୍ରେମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି ।

**ବାରବାଟୀ ଦିନିକିଆ ଆଉ ୨୨ ଦିନ**

# ଦିବାରାତ୍ର ଟେଷ୍ଟ: ୱାର୍ନର, ଲାବୁସ୍କାନଙ୍କ ଶତକ

ଆଡିଲେଡ୍,୨୯।୧୧(ଏଏଫ୍‌ପି)

ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ଶୁକ୍ରବାର ଦିବାରାତ୍ର (ଦ୍ୱିତୀୟ) ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୫ ରନରେ ବିଜୟ ହାସଲ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଦମ୍‌ଦାର ଆରମ୍ଭ କରିଛି। ଓପନର ଡେଭିଡ ୱାର୍ନର ଓ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନଙ୍କ ଅପରାଜିତ ଶତକ ସହାୟତାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ବୃହତ୍ ସ୍କୋର ଛିଡ଼ା କରିବାର ସମ୍ଭାବନା ସୃଷ୍ଟି କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୭୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ୱାର୍ନର ୧୬୬ ଓ ଲାବୁସ୍କାନ ୧୨୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଓପନର ଜୋ ବର୍ନ୍ସ ୪ ରନ କରିଥିବା ବେଳେ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦୀଙ୍କ ବଲରେ ଉଇକେଟକିପର ମହମ୍ମଦ ରିଜୱାନଙ୍କୁ କ୍ୟାଚ୍ ଦେଇ



ଡେଭିଡ ୱାର୍ନର

ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଦ୍ୱିତୀୟ ଉଇକେଟରେ ୱାର୍ନର ଓ ଲାବୁସ୍କାନ ରେକର୍ଡ ଅପରାଜିତ ୨୯୪ ରନ ସଂଗ୍ରହ କରି ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲେ।

ୱାର୍ନର ୨୨୮ଟି ବଲର ସମ୍ମୁଖୀନ ହୋଇ ୧୯ଟି ଚୌକା ମାରିଛନ୍ତି। ସେହିପରି ଲାବୁସ୍କାନ ୨୦୫ଟି ବଲର ସମ୍ମୁଖୀନ ହୋଇ ୧୭ଟି ଚୌକା ମାରିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ୱାର୍ନର କ୍ରମାଗତ ଦୁଇଥର ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ଏହା ୱାର୍ନର କ୍ୟାରିୟରର ୨୩ତମ ଟେଷ୍ଟ ଶତକ। ସେହିପରି ଲାବୁସ୍କାନ ଦ୍ୱିତୀୟ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଗାବାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଲାବୁସ୍କାନ ୧୮୫ ଓ ୱାର୍ନର ୧୫୪ ରନର ଶତକୀୟ ପାଳି ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୭୩ ଓଭରରେ ୩୦୨/୧ (ଡେଭିଡ ୱାର୍ନର- ୧୬୬*, ମାର୍ନସ ଲାବୁସ୍କାନ- ୧୨୬*, ଶାହିନ ଶାହ ଆଫ୍ରିଦି- ୧/୪୮)।

# ୱେଷ୍ଟଇଣ୍ଡିଜ୍ ବିଜୟୀ

ଲକ୍ଷ୍ନୌ,୨୯।୧୧(ପି.ଟି.)

ଏଠାରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଶୁକ୍ରବାର ୯ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ଅଫ୍ ସ୍ପିନର ରାଖିମ କର୍ନୱାଲ କ୍ୟାରିୟର ଶ୍ରେଷ୍ଠ ୧୦ ଉଇକେଟ ଅକ୍ତିଆର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ମାତ୍ର ୩ ଦିନ ମଧ୍ୟରେ ଆଫଗାନିସ୍ତାନ ପରାସ୍ତ ହୋଇଛି।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ପ୍ରଥମ ଇନିଂସରେ ୬୮.୩ ଓଭରରେ ୧୮୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୮୩.୩ ଓଭରରେ ୨୭୭ ରନ କରି ଅଲଆଉଟ ହେବା ସହ ୯୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆଫଗାନିସ୍ତାନ ୪୩.୧ ଓଭରରେ ୧୨୦ ରନରେ ଅଲଆଉଟ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ୬.୨ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୩୩ ରନ କରି ବିଜୟୀ ହୋଇଛି। ଜନ୍ କ୍ୟାମ୍ପବେଲ ୧୯ ଓ ସାଇ ହୋପ୍ ୬ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୯/୭ରୁ ଖେଳ ଆରମ୍ଭ କରି ଆଫଗାନିସ୍ତାନ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଜଜାଇ ୨ ରନରୁ ଖେଳ ଆରମ୍ଭ ୭ ରନକରି ଆଉଟ ହୋଇଥିଲେ। ଏହାପରେ ଅଧିନାୟକ ରସିଦ ଖାଁ ୧, ୟାମିନ୍ ଅହମ୍ମଦ ୧ ରନ କରି ଆଉଟ ହୋଇଥିବା ବେଳେ ଜାହିର ଖାଁ ବିନା ସ୍କୋରରେ ଅପରାଜିତ ରହିଥିଲେ।

ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜାସନ ହୋଲ୍ଡର, କର୍ନୱାଲ ଓ ରୋଷ୍ଟନ ଚେଜ୍ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଭାରତୀୟ ଫୁଟ୍‌ବଲ ଲାଗି ଶୁଭ ସଙ୍କେତ

ବାଇଚୁଙ୍ଗ୍ ଭୁଟିଆ

କେତେଦିନର ବିଶ୍ରାମ ପରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ପ୍ରତ୍ୟାବର୍ତ୍ତନ କରିଛି। ଏଥି ସହିତ ତାରକା ଫୁଟବଲରମାନେ ମଧ୍ୟ ମ୍ୟାଚ୍ ଖେଳିବା ପାଇଁ ପ୍ରସ୍ତୁତ ହେବା ସହ ପଡିଆକୁ ଫେରିବା ପାଇଁ ବ୍ୟଗ୍ର ରହିଛନ୍ତି। ଇତିମଧ୍ୟରେ ଭାରତୀୟ ଫୁଟବଲ୍‌ରେ ଏକ ବଡ଼ ଅଗ୍ରଗତି ଦେଖିବାକୁ ମିଳିଛି। ମାଞ୍ଚେଷ୍ଟର ସିଟି ଏବେ ଭାରତରେ ପହଞ୍ଚିଯାଇଛି। ବିଶ୍ୱବ୍ୟାପୀ ମାଞ୍ଚେଷ୍ଟର ସିଟିର ପ୍ରଶଂସକ ରହିଛନ୍ତି। ଏବେ ଭାରତୀୟ ଫୁଟବଲ୍‌ରେ ମଞ୍ଚେଷ୍ଟର ନିଜର ଉତ୍ସାହ ଦେଖାଇଛି। ଏହା ନିଶ୍ଚିତ ଭାବେ ଏକ ବଡ଼ କଥା। ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶଧନ କ୍ରୟ କରି ମାଞ୍ଚେଷ୍ଟର ଏହାର ପ୍ରମାଣ ଦେଇଛି। ଅବଶ୍ୟ କେତେକେ ଏହାକୁ ଏକ ନକାରାତ୍ମକ ଦୃଷ୍ଟିରେ ଦେଖିବାକୁ ପିଛାଇବେ ନାହିଁ। ମାଞ୍ଚେଷ୍ଟର ମାତ୍ର ଗୋଟାଏ କ୍ଲବ୍ ଉପରେ ଧ୍ୟାନ ଦେଇଛି ବୋଲି କହିବେ। କିନ୍ତୁ ଏହା ଏକ ଆରମ୍ଭ ମାତ୍ର। ଭାରତୀୟ ଫୁଟବଲ ପାଇଁ ଏହା ଏକ ଶୁଭ ସଙ୍କେତ ବୋଲି କୁହାଯାଇପାରେ।

ବିଶ୍ୱର ବଡ଼ବଡ଼ କ୍ଲବ ଏବେ ଭାରତୀୟ ଫୁଟବଲକୁ ଅତି ନିକଟରୁ ଅନୁଧ୍ୟାନ କରୁଛନ୍ତି। ଭାରତୀୟ ମାର୍କେଟଙ୍କୁ ମଧ୍ୟ ସେମାନେ ଭଲ ଭାବେ ଉପଲବ୍ଧି କରିବା ଆରମ୍ଭ କଲେଣି। ତେଣୁ ନିଶ୍ଚିତଭାବେ ଏହା ଏକ ସକାରାତ୍ମକ ଘଟଣା। ଆଗରୁ କ'ଣ ଏଭଳି କେବେ ହୋଇଛି ?

ମାତ୍ର ଗୋଟିଏ ଦିନରେ ଏଭଳି ବିକାଶ ହୋଇ ନ ଥାଏ। ଦୀର୍ଘ ଦିନର ରିସର୍ଚ୍ଚ ଓ ବିଶ୍ଳେଷଣ ପରେ ଏପରି ଘଟଣା ଘଟିଥାଏ। ରାତାରାତି ଏପରି ହେବା ସମ୍ଭବ ନୁହଁ। ତେଣୁ ଭାରତୀୟ ଫୁଟବଲର ଏହି ବିକାଶର ଅୟମାରମ୍ଭକୁ ପ୍ରଶଂସା କରାଯିବା ଉଚିତ୍। ଏହି ପାର୍ଟନରଶିପ୍ କେବଳ ଗୋଟିଏ କ୍ଲବ ପାଇଁ ନୁହଁ ପୂରା ଭାରତୀୟ ଫୁଟବଲ ପାଇଁ ଲାଭଦାୟକ ହେଉ ବୋଲି ଆଶା କରାଯାଇପାରେ। ଭାରତୀୟ ଫୁଟବଲର ବିକାଶ ଏହା ଦ୍ୱାରା ସମ୍ଭବ ବୋଲି ମୁଁ ବିଶ୍ୱାସ କରୁଛି।

ମୁମ୍ବାଇର ଯୁବ ପ୍ରତିଭାମାନଙ୍କର ବିକାଶ ହେଉ ଓ ଏମାନେ ବଡ଼ବଡ଼ ଟୁର୍ନାମେଣ୍ଟରେ ଖେଳି ନାମ କମାନ୍ତୁ ବୋଲି ଆଶା ରଖିଛି। ଭାରତ ଓ ଇଂଲଣ୍ଡରେ ଯୁବ ଫୁଟବଲରମାନେ ପ୍ରଶିକ୍ଷଣ ସୁବିଧା ହାସଲ କରନ୍ତୁ। ଏଥିପାଇଁ ଅବଶ୍ୟ ତୃଣମୂଳସ୍ତରରୁ ବିକାଶ ଆବଶ୍ୟକ। ଏଥିପାଇଁ ବିଭିନ୍ନ ଏକ୍ସଚେଞ୍ଜ୍ ପ୍ରୋଗ୍ରାମ, କୋଚ୍ ଏଜୁକେଶନର ଆବଶ୍ୟକତା ରହିଛି। ଫୁଟବଲର ଏହି ବିକାଶ ଦେଖିବାକୁ ମୁଁ ଅପେକ୍ଷା କରି ରହିଛି। ଅନ୍ୟ କ୍ଲବଗୁଡିକ ମଧ୍ୟ ଏହି ଭଳି ସୁବିଧା ପାଇବେ ବୋଲି ଆଶା କରୁଛି। ତେଣୁ ଆଗାମୀ କିଛି ବର୍ଷ ମଧ୍ୟରେ ବାର୍ସିଲୋନା, ରିଅଲ ମାଡ୍ରିଡ, ଚେଲସି ଭଳି ନାମୀଦାମୀ କ୍ଲବ ମଧ୍ୟ ଭାରତୀୟ ଫୁଟବଲ୍‌ରେ ନିଜର ଉତ୍ସାହ ଓ ଆଗ୍ରହ ଦେଖାଇବେ ବୋଲି ଆଶା କରାଯାଇପାରେ।

ଇଂଲଣ୍ଡର ଶ୍ରେଷ୍ଠ ଖେଳାଳିମାନେ ଆଇଏସ୍‌ଏଲ୍ ଖେଳିବାକୁ ନ ଆସିଲେ ମଧ୍ୟ ପ୍ରତିଭାସମ୍ପନ୍ନ ଫୁଟବଲମାନେ ଆସିବେ। ମୁମ୍ବାଇ ସିଟି ଚଳିତ ଆଇଏସ୍‌ଏଲ୍‌ରେ ୫ ମ୍ୟାଚ୍ ଖେଳି ୫ ପଏଣ୍ଟ ହାସଲ କରିଛି। ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନାହିଁ। ତେବେ ମାଞ୍ଚେଷ୍ଟର ସିଟି ଦଳର ଅଂଶଧନ କିଣିବା ଖବର ଖେଳାଳିଙ୍କ ପାଇଁ ଉତ୍ସାହ ଆଣିଦେବ। ଫଳରେ ଦଳର ପ୍ରଦର୍ଶନ ଆଗକୁ ଭଲ ହେବ ବୋଲି ଆଶା କରାଯାଇପାରେ।

(ଗେମ୍ ପ୍ଲାନ୍)

#WhatDrivesYou
EXIDE

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଚନ୍ଦ୍ର ଶେଖର ଖାଡଙ୍ଗା
ବଡ଼ପଦର, ବେଗୁନିଆ, ଖୋର୍ଦ୍ଧା
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ଗ୍ରାମବାସୀ ।
ଧ-୧୫୪୦୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରତ୍ନାକର ରଣା
ଦୁଲଣାପୁର, ଡମପଡ଼ା, ବାଙ୍କି, କଟକ
ଆବିର୍ଭାବ: ୦୩।୦୨।୧୯୩୫
ତିରୋଧାନ: ୨୦।୧୧।୨୦୧୯
ଆପଣଙ୍କର ପୁଣ୍ୟକର୍ମ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ସମସ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୧୪

**ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ୱର୍ଣ୍ଣଲତା ମହାପାତ୍ର
ଆବିର୍ଭାବ: ୨୪।୦୩।୧୯୬୫
ତିରୋଧାନ: ୧୮।୧୧।୨୦୧୯
ତୁମର ଚତୁର୍ଦ୍ଦଶାହରେ ଆମ୍ଭେ ସମସ୍ତ ପରିବାରବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ।
ଶୋକସନ୍ତପ୍ତ:
ସୁଧାଂଶୁ, ଶଶାଙ୍କ, ଇପ୍‌ସିତା, ସବ୍ୟସାଚୀ ଓ ସ୍ୱାତୀ
ଧ-୬୮୫୧୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦୁର୍ଗା ଚରଣ ବେହେରା
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୦।୦୪।୧୯୪୪
ସ୍ୱର୍ଗାରୋହଣ: ୨୦।୧୧।୨୦୧୯
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ ନିକଟରେ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକାକୁଳ ପରିବାର ସହ:
ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୫୪୬୦

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦/୨୦୧୯ Bhubaneswar, Saturday, November 30/2019


## ସଂକ୍ଷେପରେ

### ବୃଦ୍ଧଙ୍କୁ ଗୋଡ଼ରେ ଶହେ ମିଟର ଫିଙ୍ଗିଲା ହାତୀ

**ବଡ଼ଗାଁ/କୁତ୍ରା, ୨୯।୧୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନଖଣ୍ଡ ଅଧୀନ କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଯୋର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ରାତିରେ ଏକ ହାତୀ ଜଣେ ବୃଦ୍ଧଙ୍କୁ ଗୋଇଠା ମାରି ପ୍ରାୟ ଶହେ ମିଟର ଦୂରକୁ ଫିଙ୍ଗି ଦେଇଛି । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସିଆଲଯୋର ଗ୍ରାମର ଗୋବିନ୍ଦ ସା (୫୯)। ଗାଁକୁ ପଶିଆସିଥିବା ହାତୀପଲକୁ ଘଉଡାଇବାକୁ ଯାଇଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ଗୁରୁବାର ସିଆଲଯୋର ଗାଁ ନିକଟକୁ ୬ ହାତୀ ଥିବା ପଲ ପଶିଆସିଥିଲେ। ଏହା ଜାଣି ଗୋବିନ୍ଦଙ୍କ ସହିତ ଆଉ ୪ ଗ୍ରାମବାସୀ ହାତୀପଲ ଘଉଡାଇବାକୁ ଯାଇଥିଲେ। ହେଲେ ହାତୀପଲ ସେମାନଙ୍କୁ ଗୋଡ଼ାଇଥିଲେ । ଗୋବିନ୍ଦ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ଏକ ଗାତରେ ପଡିଯାଇଥିଲେ। ଏହି ସମୟରେ ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଧରିନେଇ ମହୁଲ ଗଛରେ ପିଟି ଦେବା ସହ ଗୋଡ଼ରେ ପ୍ରାୟ ଦେଢ଼ ଶହ ମିଟର ଦୂରକୁ ଫିଙ୍ଗି ଦେଇଥିଲା।

### ନାବାଳିକା ଗଣବଳାତ୍କାର ମାମଲା
### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ବାରିପଦା ଅଫିସ,୨୯।୧୧:** ମୟୂରଭଞ୍ଜ ଜିଲା ସହକାରୀ ଦୌରାଜଜ (ସ୍ପେସାଲ ଟ୍ରାକ) ଶାନ୍ତନୁ କୁମାର ଦାଶ ଶୁକ୍ରବାର ଏକ ଗଣବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକା ତାଙ୍କ ପରିବାର ସହିତ ଗତ ୨୦୦୫ ଅକ୍ଟୋବର ୧୧ ରାତିରେ ଦୁର୍ଗାପୂଜା ମେଳା ବୁଲିବାକୁ ଯାଇଥିଲେ। ସୁଯୋଗ ପାଇ ସେହି ଅଞ୍ଚଳର କାର୍ତ୍ତିକ ପାତ୍ର ଓ ଗଗନ ସିଂ ସମ୍ପୃକ୍ତ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ଏନେଇ ମୋରଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୬୮/୨୦୦୫) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଗଗନଙ୍କୁ ଗିରଫ କରିଥିବା ବେଳେ କାର୍ତ୍ତିକ ଫେରାର ହୋଇ ଯାଇଥିଲେ। ଗଗନଙ୍କୁ କୋର୍ଟ ୨୦୦୭ରେ ୧୦ ବର୍ଷ ଜେଲ ଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଥିଲେ। ୨୮ ଜୁଲାଇ ୨୦୧୭ରେ ପୋଲିସ କାର୍ତ୍ତିକଙ୍କୁ ଗିରଫ କରିଥିଲା। କୋର୍ଟ ପକ୍ଷରୁ ଶୁକ୍ରବାର ମାମଲାର ବିଚାର କରାଯାଇ ତାଙ୍କୁ ଉପରୋକ୍ତ ଦଣ୍ଡ ପ୍ରଦାନ କରାଯାଇଛି।

## ଏକାଧିକ ସ୍ଥାନରେ ଚାକିରି
# ବିଦା ହେଲେ ଦୁଇ ବ୍ଲକ କର୍ମଚାରୀ

**ଯାଜପୁର ଅଫିସ,୨୯।୧୧:** ଯାଜପୁର ଜିଲାରେ ୨ଜଣ ବ୍ୟକ୍ତି ୨ଟି ସ୍ଥାନରେ ଚଞ୍ଚକତା କରି ଚାକିରି ଅଡୁଆରେ ପଡିଛନ୍ତି। ଏହା ଜଣାପଡିବା ପରେ ଅର୍ଥ ଫେରସ୍ତ କରିବା ସହିତ ସେମାନଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରିବାକୁ ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ବ୍ଲକରେ ଅବହେଳା କରିଥିବା ଏହି ଦୁଇ କର୍ମଚାରୀଙ୍କୁ ସହଯୋଗ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସୂଚନାଯୋଗ୍ୟ ଯେ, ସୁଶାନ୍ତ କୁମାର ବିଶ୍ୱାଳ ପିତା ସତ୍ୟାନନ୍ଦ ଧର୍ମଶାଳା ବ୍ଲକରେ ଓ

### ସହଯୋଗୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ତ୍ରିଲୋଚନ ପ୍ରଧାନ, ପିତା ଶ୍ରୀବସ୍ତ ପ୍ରଧାନ ବଡଚଣା ବ୍ଲକରେ ଲଞ୍ଚ ଡ୍ରାଇଭର ଭାବେ କାମ କରୁଥିଲେ। ତେବେ ୨୦୧୬ରେ ଟଚ୍ ଷ୍ଟୋନ ଫାଉଣ୍ଡେଶନ, ଭୁବନେଶ୍ୱରଙ୍କ ଅଧୀନରେ ଚାଲିଥିବା ଆହାର କେନ୍ଦ୍ରରେ ସେମାନେ ଚାକିରି ଆରମ୍ଭ କରିଥିଲେ। ଯାଜପୁରରୋଡରେ ଏହି ଦୁଇ ବ୍ୟକ୍ତି ୨୦୧୬ରୁ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ପ୍ରଶାସନକୁ ସୂଚନା ମିଳିବାପରେ ଭାରପ୍ରାପ୍ତ ଜିଲାପାଳ ମହାନ୍ତି ନିଜେ ଏହାର ତଦନ୍ତ କରିଥିଲେ। ମହାନ୍ତି ଶୁକ୍ରବାର ଯାଜପୁରରୋଡ ଆହାର କେନ୍ଦ୍ର ପରିଦର୍ଶନ କରି ଏହି ଦୁଇ ବ୍ୟକ୍ତିଙ୍କୁ ଠାବ କରିବା ସହ ଠକାମିର ସତ୍ୟତା ସମ୍ପର୍କରେ ନିଶ୍ଚିତ ହୋଇଥିଲେ। ମହାନ୍ତି ଏଫ୍ଆଇଆର ରୁଜୁ ସହ ସୁଶାନ୍ତ ଓ ତ୍ରିଲୋଚନଙ୍କଠାରୁ ପ୍ରଦାନ କରାଯାଇଥିବା ଅର୍ଥ ଫେରସ୍ତ ଆଣିବା ପାଇଁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଟଚ୍ ଷ୍ଟୋନ ଫାଉଣ୍ଡେଶନ କର୍ତ୍ତୃପକ୍ଷଙ୍କୁ ଉଭୟ କର୍ମଚାରୀଙ୍କୁ ତୁରନ୍ତ ଆହାର କେନ୍ଦ୍ରରୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।






# ଘରୋଇକରଣ ବିରୋଧରେ ଗର୍ଜିଲେ କର୍ମଚାରୀ, ଶ୍ରମିକ

**ଯାଜପୁର ଅଫିସ,୨୯।୧୧**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍ଏମ୍ଟିସି, ଓଡିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମକୁ ରାଜ୍ୟ ସରକାର ଘରୋଇକରଣ କରିବାକୁ ଉଦ୍ୟମ କରୁଛନ୍ତି। ଏହା ବିରୋଧରେ କାରଖାନାର କର୍ମଚାରୀ ଓ ନୀଳାଚଳ ବିସ୍ଥାପିତଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ନେଇ ଶୁକ୍ରବାର ନୀଳାଚଳ ବଞ୍ଚାଓ ମିଳିତ ମଞ୍ଚ କଳିଙ୍ଗନଗର ପକ୍ଷରୁ ହଜାରେରୁ ଊର୍ଦ୍ଧ୍ୱ କର୍ମଚାରୀ, ଶ୍ରମିକ ଡୁବୁରୀ କପିଳେଶ୍ୱର ମନ୍ଦିରରୁ ବାହାରି କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇତିମଧ୍ୟରେ ଡୁବୁରୀ ଛକ, ନୀଳାଚଳ କାରଖାନା ମୁଖ୍ୟ ଫାଟକ, ଦାନଗଦୀ, ଜିଲା ଶ୍ରମ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ଏହି ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସ୍ଥାନୀୟ ଲୋକଙ୍କ ଜମି ଓ ଘରବାଡି ନେଇ ରାଜ୍ୟ ସରକାର ବିସ୍ଥାପିତଙ୍କୁ ପ୍ରତାରଣା କରୁଛନ୍ତି। ବିଜୁବାବୁଙ୍କ ଦ୍ୱିତୀୟ ଇସ୍ପାତ କାରଖାନା ସ୍ୱପ୍ନକୁ ରାଜ୍ୟ ସରକାର ନିଲାମ କରିବାକୁ ବସିଛନ୍ତି। ଏଥିପାଇଁ ଜନସାଧାରଣଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଂଗଠନର ସହଯୋଗ କାମନା କରିଥିଲେ।

କେନ୍ଦ୍ରୀୟ ଷ୍ଟିଲ ମନ୍ତ୍ରଣାଳୟ ଅଧୀନରେ ୧୯୮୪ମସିହାରେ ଦୈତାରୀ ନିକଟରେ ଦ୍ୱିତୀୟ ଇସ୍ପାତ କାରଖାନା ସ୍ଥାପନ ପାଇଁ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଏଥିପାଇଁ ପର୍ଯ୍ୟାକ୍ରମେ ନବେ ଦଶକରେ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ଗତ ୧୪।୧୨।୧୯୯୨ ତାରିଖରେ କେନ୍ଦ୍ର ସରକାରଙ୍କୁ ଏହି ପ୍ରକଳ୍ପକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ଆବେଦନ କରିଥିଲା। ୧୨।୪।୧୯୯୪ ତାରିଖରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା। କାରଖାନା ପ୍ରତିଷ୍ଠାର ୫ବର୍ଷ ମଧ୍ୟରେ ଏହାକୁ ସମନ୍ୱିତ ଇସ୍ପାତ କାରଖାନା ଭାବେ ପ୍ରତିଷ୍ଠା ନ କଲେ ଏହା କେନ୍ଦ୍ର ସରକାରଙ୍କ ନିକଟକୁ ପୁଣି ଫେରିଯିବ ବୋଲି କେନ୍ଦ୍ର ସରକାର ବୁଝାମଣାରେ ସର୍ତ୍ତ ରଖିଥିଲେ। ତେବେ ସମୟକ୍ରମେ ଓଡିଶା ସରକାର ଏହି କାରଖାନାକୁ ଚଳାଇବା ପାଇଁ ଏମ୍ଏମ୍ଟିସି ସହ ଭାଗୀଦାରି କରିଥିଲେ। ଏହାପରେ ଜମି ଅଧିଗ୍ରହଣ କରି ୨୦୦୦ରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏଥିରେ ୬୬୮ପରିବାରଙ୍କୁ ବିସ୍ଥାପିତ କରାଯାଇଥିବାବେଳେ ଏଯାଏ ୪୫୨ ଜଣଙ୍କୁ ନିଯୁକ୍ତି ମିଳିଛି। ଜମି ଅଧିଗ୍ରହଣ ସମୟରେ ଓଡିଶା ସରକାର ଦ୍ୱିତୀୟ ସରକାରୀ ଇସ୍ପାତ କାରଖାନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଉତ୍ପାଦନର ପ୍ରାୟ ଦୁଇ ଦଶନ୍ଧୀ ପରେ ମଧ୍ୟ ସମନ୍ୱିତ ଇସ୍ପାତ କାରଖାନା ହୋଇପାରି ନାହିଁ। ଏପରି କି ଇତିମଧ୍ୟରେ ଏମ୍ଏମ୍ଟିସି ନିଜର ପୁଞ୍ଜି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବାବେଳେ ରାଜ୍ୟ ସରକାର ମଧ୍ୟ ଅନୁରୂପ ପଦକ୍ଷେପ ନେଇ କାରଖାନାକୁ ଘରୋଇକରଣ କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ଆନ୍ଦୋଳନକାରୀମାନେ ବକ୍ତବ୍ୟ ରଖିଥିଲେ। ମଞ୍ଚର ଆବାହକ ରଞ୍ଜନ ନାୟକ, ବାବୁଲି ପୁର୍ତ୍ତି, ପ୍ରତାପ ଜେନା, ଅନନ୍ତ କୁମାର ଚାନ୍ଦ, ରାଜକିଶୋର ମହନ୍ତ, ସୁରେଶ ପ୍ରଧାନ, ଗଙ୍ଗାଧର ସାହୁ ପ୍ରମୁଖ ଘରୋଇକରଣ ଯୋଜନାକୁ ବିରୋଧ କରିବା ସହିତ କମ୍ପାନୀ କାରଖାନାର ସମସ୍ତ ୟୁନିଟକୁ ପୁନଃ କାର୍ଯ୍ୟକ୍ଷମ, ନିୟମିତ ମାସିକ ଦରମା ପ୍ରଭୃତି ଦାବି କରିଥିଲେ। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ଏଡିଏମ୍ ମିଶ୍ର କହିଛନ୍ତି ଯେ, ନୀଳାଚଳ କାରଖାନା ଶ୍ରମିକ ଓ କର୍ମଚାରୀଙ୍କ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।



ନୀଳାଚଳ କର୍ମଚାରୀ ଓ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ନୀଳାଚଳ ଇସ୍ପାତ ନିଗମ ଲିମିଟେଡ
- ବିଜୁ ବାବୁଙ୍କ ଦ୍ୱିତୀୟ ଇସ୍ପାତ ସ୍ୱପ୍ନ ହେବ ନିଲାମ
- ବିସ୍ଥାପିତଙ୍କ ମଧ୍ୟରେ ଉତ୍ତେଜନା, ଏଡିଏମ୍ ଅଫିସ ଘେରାଓ

# ଠିକା ଏଜେନ୍ସି ସୁପରଭାଇଜର ଥାନାରେ ଅଟକ

**ଭଦ୍ରକ ଅଫିସ, ୨୯।୧୧**

ଭଦ୍ରକ ପୌରପାଳିକାର ସଫେଇ ଓ ଅନ୍ୟ ଅସ୍ଥାୟୀ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଏକ ଠିକା ଏଜେନ୍ସିର ଜଣେ ସୁପରଭାଇଜରଙ୍କୁ ଭଦ୍ରକ ଟାଉନ ଥାନା ପୋଲିସ ଅଟକ ରଖିଛି। ଭଦ୍ରକ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁଙ୍କ ଅଭିଯୋଗକ୍ରମେ ଟାଉନ ପୋଲିସ ସୁପରଭାଇଜରଙ୍କୁ ନେଇ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସମ୍ପୃକ୍ତ ଠିକା ଏଜେନ୍ସି ଭଦ୍ରକସହରରେ ନିୟୋଜିତ ହୋଇଥିବା ସୁଇପର୍, ଡ୍ରାଇଭର ଓ ଅନ୍ୟ କେତେକ କର୍ମଚାରୀଙ୍କ ଇପିଏଫ୍, ଇଏସ୍ଆଇ ବାବଦ ଟଙ୍କା କାର୍ଯ୍ୟାଳୟରୁ ନେଉଥିଲେ ମଧ୍ୟ କମ୍ପାନୀରେ ଜମା କରୁ ନ ଥିଲେ। ସୁଇପରମାନେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୩ ଥର ଧାରଣା ଦେଇ ସେମାନଙ୍କ ଇପିଏଫ୍, ଇଏସ୍ଆଇ ଓ ଅନ୍ୟାନ୍ୟ ଟଙ୍କା ଦାବି କରିଥିଲେ। କିନ୍ତୁ ପୌରପାଳିକା ପକ୍ଷରୁ କୌଣସି ସମାଧାନ ହୋଇପାରୁ ନ ଥିଲା। ଶୁକ୍ରବାର ସମ୍ପୃକ୍ତ ସୁପରଭାଇଜର ପୌରପାଳିକାକୁ ଆସି ଆଲୋଚନା କରୁଥିବା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଉନ ପୋଲିସକୁ ଖବର ଦେଇଥିଲେ।






# ଭୁଲ୍ ଚିକିତ୍ସା ପାଇଁ ଛାତ୍ରଙ୍କ ମୃତ୍ୟୁ

**ଭଦ୍ରକ ଅଫିସ/ଚାନ୍ଦବାଲି,୨୯।୧୧(ଡି.ଏନ.ଏ.):** ଭୁଲ୍ ଚିକିତ୍ସା ପାଇଁ ଭଦ୍ରକ ଜିଲା ବାଂଶଡ଼ା ଥାନା ଘଣ୍ଟେଶ୍ୱରୀ ଗାଁର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କର ଗୁରୁବାର ମୃତ୍ୟୁ ଘଟିଛି। ମୃତକ ଘଣ୍ଟେଶ୍ୱରୀ ଗାଁର ଗଙ୍ଗାଧର ବାରିକଙ୍କ ପୁଅ ସୁରେଶ(୧୧)। ଏ ନେଇ ମୃତକଙ୍କ ବାପା ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ଶୁକ୍ରବାର ମୃତଦେହ ଘଣ୍ଟେଶ୍ୱର ଫାଣ୍ଡି ଆଗରେ ରଖି ଧାରଣା ଦେଇ କ୍ଷତିପୂରଣ ଦାବି କରିଥିଲେ। ବୁଧବାର ସେ ଜ୍ୱରରେ ପୀଡ଼ିତ ହେବାରୁ ପରିବାର ଲୋକେ ତାଙ୍କୁ ଘଣ୍ଟେଶ୍ୱର ବଜାରସ୍ଥିତ ଏକ କ୍ଲିନିକକୁ ନେଇଥିଲେ। ସେଠାରେ ଜଣେ ଫାର୍ମାସିଷ୍ଟ ଚିକିତ୍ସା କରିଥିଲେ। ସେ ବିନା ପରୀକ୍ଷାରେ ସୁରେଶଙ୍କୁ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ। ଜ୍ୱର ଓ ବାନ୍ତି ନ କମିବାରୁ ଗୁରୁବାର ତାଙ୍କୁ ପୁଣି ଇଞ୍ଜେକ୍ସନ ଦେଇଥିଲେ। ସୁରେଶ ଯନ୍ତ୍ରଣାରେ ଛଟପଟ ହେବାରୁ ପରିବାର ଲୋକେ ତାଙ୍କୁ ସନ୍ଧ୍ୟାରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଆରମ୍ଭର କିଛି ସମୟ ପରେ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଭୁଲ୍ ଚିକିତ୍ସା ଯୋଗୁ ସୁରେଶଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଏହାପରେ ସୁରେଶଙ୍କ ବାପା ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଫାର୍ମାସିଷ୍ଟ ଫେରାର ହୋଇଯାଇଥିବାବେଳେ ପୋଲିସ ଉକ୍ତ କ୍ଲିନିକ ଏବଂ ଔଷଧ ଦୋକାନ ସିଲ୍ କରିଛି।

# ରୂପେଶଙ୍କ ଜାମିନ ଆବେଦନ ଖାରଜ

**ଯାଜପୁର ଟାଉନ,୨୯।୧୧(ଡିଏନଏ)**

### ସ୍ମିତାରାଣୀ ମୃତ୍ୟୁ ମାମଲା

ଯାଜପୁର ଜିଲା ଧର୍ମଶାଳା ଥାନା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ଜାମିନ ଆବେଦନ ଶୁକ୍ରବାର ଜିଲା ଦୌରାଜଜ୍ କୋର୍ଟରେ ଖାରଜ ହୋଇଛି। ଗତ ୨୫ ତାରିଖରେ ଜିଲା ଦୌରାଜଜ୍ଙ୍କ କୋର୍ଟରେ ରୂପେଶଙ୍କ ଜାମିନ ଆବେଦନର ଶୁଣାଣି କରାଯାଇଥିଲା। ଧର୍ମଶାଳା ପୋଲିସ ସେହିଦିନ ୨ହଜାର ପୃଷ୍ଠାର ସିଡୀ ଉପସ୍ଥାପନ କରିଥିଲା। ଜିଲା ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ତାହା ପଢ଼ିବାକୁ ସମୟ ପାଇ ନ ଥିବାରୁ ଏହାର ଶୁଣାଣି ୨୯ ତାରିଖକୁ ଘୁଞ୍ଚିଥିଲା। ଉକ୍ତ ସିଡୀରେ କଲ୍ ଚାଟ୍ ଓ କିଛି ଫଟୋ ରହିଥିବାବେଳେ ରୂପେଶଙ୍କ ଓକିଲ ଆଇପିସିର ୩୦୬ ଦଫାରେ ଏହି ତଥ୍ୟ ଆବଶ୍ୟକ ନୁହେଁ ବୋଲି ଯୁକ୍ତି ରଖିଥିଲେ। ତେବେ ୨୯ ତାରିଖ ଶୁକ୍ରବାର ଜିଲା ଦୌରାଜଜ୍ ଏହାର ଶୁଣାଣି କରି ରୂପେଶଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ସୂଚନା ଥାଉକି, ରୂପେଶ ଅକ୍ଟୋବର ୧୮ରୁ ବିଚାରାଧୀନ କଏଦୀଭାବେ ଜେଲ୍‌ରେ ଅଛନ୍ତି। ପୂର୍ବରୁ ତଳ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ଜିଲା ଦୌରାଜଜ୍ଙ୍କ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ।






### କଟକ-ସମ୍ବଲପୁର ରାସ୍ତାର ସାପୁଆ ନଦୀ ପୋଲ ନିକଟରେ ଦୁର୍ଘଟଣା

# ଓଲଟିଲା ଯାତ୍ରାପାର୍ଟି ଟ୍ରକ୍: ୧୩ ଗୁରୁତର

**ଆଠଗଡ଼,୨୯।୧୧(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ସହର ଉପକଣ୍ଠ କନ୍ତୋଲ ଗ୍ରାମ ନିକଟସ୍ଥ ପୁରୁଣା କଟକ-ସମ୍ବଲପୁର ରାସ୍ତାର ସାପୁଆ ନଦୀ ପୋଲ ନିକଟରେ ଶୁକ୍ରବାର ସାବିତ୍ରୀ ଗଣନାଟ୍ୟ ନାମକ ଏକ ଯାତ୍ରା ପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅପରାହ୍ନ ପ୍ରାୟ ୩ଟାରେ ଟ୍ରକ୍‌ଟି ଏକ ବାଇକ୍‌କୁ ଧକ୍କାଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ବାଇକ୍ ଚାଳକ କନ୍ତୋଲ ଗ୍ରାମର ମନୋରଞ୍ଜନ ବେହେରା(୨୨) ଓ ବାଇକ୍ ପଛରେ ବସିଥିବା ବଳରାମ ସାହୁ (୨୦)ଙ୍କ ସମେତ ଯାତ୍ରା ପାର୍ଟି ଟ୍ରକରେ ଥିବା ୧୧ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତିରିକୁନ୍ଦ ଜଗତ୍‌ସିଂହପୁରର ବାବୁଲି ଭୋଇ, ବାରିହା ଆନନ୍ଦପୁର କେନ୍ଦୁଝରର ସନାତନ ବାରିକ, ନବରଙ୍ଗପୁରର ସରାଦୁ ବତ୍ରା, କଲି ବତ୍ରା, ସିନ୍ଧୁ ବତ୍ରା, ମଣ୍ଟୁ ବତ୍ରା, ବଅନ୍ତ ଭଦ୍ରକର ପ୍ରଭାସ ନାଏକ, କଣାସ ପୁରୀର ଅପୁନା ପାଇକରାୟ, ମାଣିକଯୋଡ଼ି ଅନୁଗୋଳର ସୁଶାନ୍ତ ନାୟକ ଓ ପାରାଦୀପର ପିଙ୍କୁ ମଲ୍ଲ ବୋଲି ଜଣାପଡ଼ିଛି। ଗୁରୁତରଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ ଓ ବାଇକ୍ ରାସ୍ତା ଉପରେ ପଡ଼ିଥିବାରୁ କଟକ-ସମ୍ବଲପୁର ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ଆଠଗଡ଼ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା। ଆଠଗଡ଼ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ତଥା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାଓ ପହଞ୍ଚି ଗୁରୁତରଙ୍କ ଅବସ୍ଥା ସମ୍ପର୍କରେ ବୁଝିବା ସହ କଟକ ପଠାଇବାର ବ୍ୟବସ୍ଥା କରିଥିଲେ। ଟ୍ରକଟି ଦୀର୍ଘ ସମୟ ଧରି ରାସ୍ତାରେ ପଡ଼ି ରହିବାରୁ ସମ୍ପୃକ୍ତ ରାସ୍ତାଦେଇ ଢେଙ୍କାନାଳ, ଅନୁଗୋଳ ସମେତ ପଶ୍ଚିମାଞ୍ଚଳରୁ ମଧୁସୂଦନ ସେତୁ ଦେଇ କଟକ ଆସୁଥିବା ଗାଡ଼ିଗୁଡ଼ିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଯାତ୍ରା ପାର୍ଟିର ପରିଚାଳକ ପହଞ୍ଚି ଥିଲେ ମଧ୍ୟ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଓ ସେଥିରେ ଥିବା ଅନେକ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଏହି କାରଣରୁ ରାସ୍ତା ଫାଙ୍କା କରିବାରେ ବିଳମ୍ବ ହୋଇଥିବା ପୋଲିସ ସୂଚନା ଦେଇଛି।


ଦୁର୍ଘଟଣାରେ ଓଲଟି ପଡ଼ିଥିବା ଟ୍ରକ୍।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛନ୍ତି, ସେ ହିଁ ଶକ୍ତିଶାଳୀ।

- ସେନେକା



## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ, ୨୯।୧୧(ସ୍ୱ.ପ୍ର.)- କୋରେଇ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଓ ହତ୍ୟା ଧମକ ଅଭିଯୋଗରେ ଶୁକ୍ରବାର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ତୁଳତି ଗ୍ରାମର ବନା ସିଂ। ପ୍ରକାଶ ଯେ, ଗୁରୁବାର କୌଣସି କାରଣକୁ ନେଇ ବନା ସମ୍ପୃକ୍ତ ମହିଳାଙ୍କୁ ଫୋନ୍‌ଯୋଗେ ଗାଳିଗୁଲଜ କରିବା ସହ ଘରେ ପଶି ହତ୍ୟା ଧମକ ଦେଇଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗ ମୁତାବକ ପୋଲିସ ଏକ ମାମଲା (ନଂ.୨୭୬/୧୯) ରୁଜୁକରି ବନାଙ୍କୁ ଗିରଫ କରିଥିଲା।

### ଆନ୍ତଃ କଲେଜ କ୍ରିକେଟ, ଚିତାଳ ବିଜୟୀ

ଯାଜପୁର ରୋଡ୍,୨୯।୧୧(ନି.ପ୍ର.)- ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେଠାରେ ଅନୁଷ୍ଠିତ ଆନ୍ତଃକଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଚିତାଳ କଲେଜ ବିଜୟୀ ହୋଇଛି। ପ୍ରଥମେ ଟସ୍‌ରେ ବିଜୟୀ ହୋଇ ହାଇଟେକ୍ କଲେଜ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ଉଇକେଟ୍ ହରାଇ ୧୨୮ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭମ୍ ସାହୁ ୪୫ରନ୍ କରିଥିଲେ। ଜବାବ୍‌ରେ ଚିତାଳ କଲେଜ ୧୬.୪ ଓଭର୍‌ରେ ୪ ଉଇକେଟ ହରାଇ ୧୨୯ ରନ୍ କରି ବିଜୟୀ ହୋଇଥିଲା। ଦଳର ସୟଦ ନାସିର ଅଲି ୨୮ ବଲ୍‌ରେ ୫୯ ରନ୍ କରି ଦି କର୍ଣ୍ଣର ଜୁଏଲାରୀ ତରଫରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ।

### ଶିକ୍ଷକ, ଅଭିଭାବକ ବୈଠକ

ଯାଜପୁର ରୋଡ୍,୨୯।୧୧(ନି.ପ୍ର.)- କୋରେଇସ୍ଥିତ କାହ୍ନୁଚରଣ ଜୁନିୟର ମହାବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଚିଦାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଇଂଲିସ ଅଧାପକ ବିରଞ୍ଚି ନାରାୟଣ ଦାସ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧାପକ ପ୍ରଶାନ୍ତ ଦ୍ୱିବେଦୀ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସ୍ମୃତିରଞ୍ଜନ ରାୟ ଛାତ୍ରୀଛାତ୍ରଙ୍କର ଶୃଙ୍ଖଳିତ ଭବିଷ୍ୟତ ପାଇଁ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ବରିଷ୍ଠ ଅଧାପକ ଅନିଲ କୁମାର ସାହୁ, ରବୀନ୍ଦ୍ର କୁମାର ବିଶ୍ୱାଳ, ଚିନ୍ତାମଣି ସାମଞ୍ଚଳ, ରଞ୍ଜନ କୁମାର ସାହୁ, ବିକ୍ରମ କିଶୋର ପାତ୍ର, କୈଳାସ ଚନ୍ଦ୍ର ରାଉତ, ମାୟାଧର ଜେନା, ଦିଗାମ୍ବର ସାହୁଙ୍କ ସମେତ ଶତାଧିକ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ■ ବେଆଇନ କଳାପଥର ଉତ୍ତୋଳନ

# ଥମୁନି ୱାଗନ ଡ୍ରିଲିଂ ବିସ୍ଫୋରଣର ଶବ୍ଦ

**ଯାଜପୁର ଅଫିସ,୨୯।୧୧**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଥର ଗ୍ରାନାଇଟ(କଳାପଥର) ଖଣି ଖାଦାନରେ ୱାଗନ ଡ୍ରିଲିଂ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଥମିବାର ନା ନେଉନାହିଁ। ଏହାର ପ୍ରତିବାଦରେ ଗତ ୨୩ ତାରିଖରେ ରାଇଛନ୍ଦା, ତାଳଜଙ୍ଗ, ରଖିଦେଇପୁର ଓ ଏଣ୍ଡଲବା ପଞ୍ଚାୟତର ଶତାଧିକ ପ୍ରଭାବିତ ଲୋକଙ୍କ ମଧ୍ୟରେ ଯେଉଁ ପୁଞ୍ଜିଭୂତ ଅସନ୍ତୋଷ ଦେଖିବାକୁ ମିଳିଥିଲା, ତା'ର କୋହଣସି ପ୍ରଭାବ ପଡ଼ିବା ଭଳି ମନେ ହେଉ ନାହିଁ। ଆନ୍ଦୋଳନକୁ ପ୍ରାୟ ୧ ସପ୍ତାହ ଅତିକ୍ରାନ୍ତ ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇପାରି ନାହିଁ। ଫଳରେ ବେଆଇନ ଭାବେ ୱାଗନ ଡ୍ରିଲିଂ କାରବାର କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି।

ଜଙ୍ଗଲ ଓ ପରିବେଶ, ୱାଗନ ଡ୍ରିଲିଂ ପ୍ରଭୃତି ଅନୁମତି ନ ଥାଇ ବାଘୁଆ, ଡଙ୍କାରୀ, ରାହାଡପୁର, ଆରୁହା, ଜାବରା ଓ ବିଛାଖଣ୍ଡି ଆଦି ପାହାଡ଼ରେ ରାତିଅଧିଆ ବେଆଇନ ଖନନ ଜାରି ରହିଛି। ଏଥିପାଇଁ ବାର୍ଷିକ ୫,୬୦୦ ଟନ୍ ୱାଗନ ଡ୍ରିଲିଂ ପାଇଁ ଅନୁମତି

**ଅଞ୍ଚଳବାସୀଙ୍କ ଦାବିକୁ ପ୍ରଶାସନର ଉପେକ୍ଷା**



ମିଳିଛି। କିନ୍ତୁ ଗୋଟିଏ ୱାଗନ ଡ୍ରିଲିଂରେ ୧୦ହଜାରରୁ ୭୦ହଜାର ଟନ୍ ପର୍ଯ୍ୟନ୍ତ କଳାପଥର ଉତ୍ତୋଳନ ହେଉଛି। ଏଥିପାଇଁ ବିଭିନ୍ନ ଗୋଦାମ ଘରେ ବିପୁଳ ପରିମାଣର ବେଆଇନ ବିସ୍ଫୋରକ ସାମଗ୍ରୀ ଆମୋନିଆ ନାଇଟ୍ରେଟ, ଇଲେକ୍ଟ୍ରିକାଲ ଟୋପି, ବ୍ଲାଷ୍ଟିଂ ମସଲା, ବ୍ଲାଷ୍ଟିଂ ସାର ଆଦି ଗଚ୍ଛିତ ଥିବା ଜଣାପଡିଛି। ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ପୁଣି ଏକ ଭୟର ବାତାବରଣ ସୃଷ୍ଟି କରିଛି। ୱାଗନ ବ୍ଲାଷ୍ଟିଂ ବନ୍ଦ ନ ହେଲେ ଏଠାରେ ଜୀବନଜୀବିକା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି। ୱାଗନ ବ୍ଲାଷ୍ଟିଂ ଯୋଗୁ ୧୫୦ ରୁ ୨୫୦ ଫୁଟ ଗଭୀର ପର୍ଯ୍ୟନ୍ତ ଭୂତଳ ଜଳସ୍ତରରେ ବିଭିନ୍ନ ରାସାୟନିକ ପଦାର୍ଥ ମିଶି ଥିବାରୁ ପାନୀୟ ଜଳ ବିଷାକ୍ତ ହୋଇଛି। ଏହାକୁ ବ୍ୟବହାର କରି ଡଙ୍କାରୀ ସମେତ ଆଖପାଖ ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଜନବସତିଠାରୁ ୫୦୦ ମିଟର ଦୂରତା ମଧ୍ୟରେ ୱାଗନ ଡ୍ରିଲିଂ ନ କରିବାକୁ ସରକାରୀ ଭାବେ ନିଷିଦ୍ଧ କରାଯାଇଛି। କିନ୍ତୁ ଲୋକଙ୍କ ଜୀବନଜୀବିକାକୁ ଭୃକ୍ଷେପ ନ କରି ପଥର ବ୍ୟବସାୟୀମାନେ କୌଣସି ଅନୁମତି ନ ଥିବା କଳାପଥର ଖାଦାନଗୁଡ଼ିକରେ ବେଆଇନ ଭାବେ ୱାଗନ ଡ୍ରିଲିଂ କରି ଚାଲିଛନ୍ତି। ଫଳରେ ଅଞ୍ଚଳରେ ମୃଦୁ ଭୂମିକମ୍ପର ଭ୍ରମ ସୃଷ୍ଟି କରୁଛି। ପ୍ରାୟ ୧୦ଟି ପଥର ଖାଦାନରେ ନିୟମିତ ଭାବରେ ୱାଗନ ଡ୍ରିଲିଂ କରାଯାଇ ପଥର ଉତ୍ତୋଳନ କରାଯାଉଛି। ୨୦୦ ରୁ ୩୦୦ ଫୁଟ ପର୍ଯ୍ୟନ୍ତ ଗାତ କରାଯାଇ ସେଥିରେ ଆମୋନିଆ, ପଟାସ, ଗନ୍ ପାଉଡର ପ୍ରଭୃତି ରାସାୟନିକ ଦ୍ରବ୍ୟ ଭର୍ତ୍ତି କରି ମେଶିନ ସାହାଯ୍ୟରେ ୱାଗନ ଡ୍ରିଲିଂ ହେଉଛି। ୱାଗନ ଡ୍ରିଲିଂ ପାଇଁ ରାଜ୍ୟ ବାହାରୁ ବିଶାରଦ ଆସୁଛନ୍ତି। ସରକାରୀ ଭାବେ ଶର୍‌ହୋଲ ଡ୍ରିଲ ଓ ଲଙ୍ଗ ହୋଲ ଡ୍ରିଲ କରିବାକୁ ନିୟମ ରହିଛି। ସଂପୃକ୍ତ ବିଭାଗ ଏଥିପାଇଁ ଅନୁମତି ମଞ୍ଜୁର କରିଥାଏ। ଲଙ୍ଗ ହୋଲ ଡ୍ରିଲରେ ସର୍ବାଧିକ ୬ ମିଟର ପର୍ଯ୍ୟନ୍ତ ଗାତ କରି ପାରିବେ। ଆଉ ଶଟ୍ ହୋଲ ଡ୍ରିଲରେ ୧ ରୁ ଦେଢ ମିଟର ଗାତ ଖୋଲି ଡ୍ରିଲିଂ କରିବାକୁ ନିୟମ ରହିଛି। ମାତ୍ର ଏହିସବୁ ନୀତି ନିୟମକୁ ଭୃକ୍ଷେପ ନ କରି ଭୂତଳ ଜଳସ୍ତର ପର୍ଯ୍ୟନ୍ତ ଗାତ ଖୋଲି ଡ୍ରିଲିଂ କରାଯାଉଛି। ଫଳସ୍ୱରୂପ କେବଳ ଡଙ୍କାରୀ ନୁହେଁ ମଧୁପୁରଗଡ଼, କୁକୁଡ଼ାଖାଲି, ଭୁବନପୁର, ପନ୍ତୁରୀ, ରଗଡିପଶି, ଚଢେଇଧରା, ପଇତରା, ଦୌଲତପୁର, ଗୋଗରସରା, ବରଡା, ଝଟିଆପଡା, କୁରିକେଣା, ବାଟିଯୋଡା, ବାରମାଣ, ଚଡକମରା, ସାହାଣିଡିହ, ଅଣ୍ଟିଆ, କମାଗଡ଼, ଭରତପୁର, ପଛୁଖୁଣ୍ଟି, ଇଚ୍ଛାପୁର, ବେଢା ପ୍ରଭୃତି ଗ୍ରାମବାସୀ ଏଥିଯୋଗୁ ପ୍ରଭାବିତ ହେଉଛନ୍ତି। ରାଜ୍ୟ ସରକାର ତଥା ପ୍ରଶାସନ ପକ୍ଷରୁ ଏକ୍ସପ୍ଲୋସିଭ ଲାଇସେନ୍ସ ପ୍ରଦାନ ବନ୍ଦ କରାଯାଇଛି। ବିସ୍ଫୋରଣ ଉପରେ ଦୃଢ କଟକଣା ଥିବା ସତ୍ତ୍ୱେ ଯାଜପୁର ଜିଲାର ଲଘୁ ଖଣିଜ ପଥର ଉତ୍ତୋଳନରେ କୌଣସି କଟକଣା ଲାଗୁ ହୋଇପାରୁ ନାହିଁ। ଏନେଇ ଅଞ୍ଚଳବାସୀ ୱାଗନ ଡ୍ରିଲିଂ ବନ୍ଦ କରିବାକୁ ଦାବି କରୁଥିବାବେଳେ ପ୍ରଶାସନ ଭୃକ୍ଷେପ ମଧ୍ୟ କରୁ ନାହିଁ। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ମାଇନିଂ ବିଭାଗର ଆପ୍ରୁଭ ପ୍ଲାନ ଅନୁସାରେ ବ୍ଲାଷ୍ଟିଂ ନ କଲେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଏହି ଦିଗକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

### ରାଜ୍ୟ ଜିଏସ୍‌ଟି କମିଶନରଙ୍କ ଯାଜପୁର ବାଣିଜ୍ୟ ରେଞ୍ଜ୍ କାର୍ଯ୍ୟାଳୟ ଗସ୍ତ

**ଯାଜପୁର ରୋଡ,୨୯।୧୧(ନି.ପ୍ର.)**

ରାଜ୍ୟ ଜିଏସ୍‌ଟି କମିଶନର ସୁଶୀଲ୍ କୁମାର ଲୋହାନୀ ଗୁରୁବାର ଯାଜପୁର ରୋଡ୍‌ସ୍ଥିତ ଯାଜପୁର ବାଣିଜ୍ୟ ରେଞ୍ଜ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜିଲା ଟ୍ୟାକ୍ସ ବାର ଆସୋସିଏଶନ୍ ସହ ଜିଏସ୍‌ଟି ଆଇନ୍ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଏକ କର୍ମଶାଳା କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାକୁ ବିଚାରକରି କର୍ମଶାଳା କରିବା ପାଇଁ କମିଶନର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ଗସ୍ତରେ କମିଶନର ସଶୀଲ କୁମାରଙ୍କ (ଆୟୁକ୍ତ) ସହିତ ସ୍ୱତନ୍ତ୍ର କମିଶନର ଆନନ୍ଦ ଶତପଥୀ, ଅତିରିକ୍ତ କମିଶନର ସୂର୍ଯ୍ୟ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ସଂଘ ସଭାପତି ବିବେକାନନ୍ଦ ମହାନ୍ତି, ସମ୍ପାଦକ ଧନେଶ୍ୱର ବାରିକ, ଆଇନଜୀବୀ ହେମନ୍ତ ପଥାଳ, ବିଦ୍ୟାଧର ମହାନ୍ତି, ଦୀପୁ ବାରିକ, ଦିଲୀପ୍ ନାୟକ, ରମାକାନ୍ତ ନନ୍ଦ, ରାଜେନ୍ଦ୍ର ଧୀର ସାମନ୍ତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ■ ଜିଲା ପ୍ରଶାସନର ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

# ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

**ଯାଜପୁର ରୋଡ୍,୨୯।୧୧(ନି.ପ୍ର.)**

ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ୫ଟି କାର୍ଯ୍ୟର ତଦାରଖ କରିଛି। ଏ ନେଇ ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ଦାସ, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ଲୋକ ସମ୍ପର୍କ ସୂଚନା ଅଧିକାରୀ ସନ୍ତୋଷ କୁମାର ସେଠୀ ଅଚାନକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚଢାଉ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ବଭିନ୍ନ ଅବ୍ୟବସ୍ଥାକୁ ନେଇ ପ୍ରଶାସନିକ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି ଗସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନୁପସ୍ଥିତ ରହିବା, ରକ୍ତ ଭଣ୍ଡାରରେ ରକ୍ତ ଅଭାବ, ମେଡିକାଲ ପରିସର ଅପରିଷ୍କାର ଏବଂ ରୋଗୀଙ୍କୁ ବିନା ବିଛଣାରେ ଖଟିଆରେ ଶୁଆଇବା ଭଳି ଅବ୍ୟବସ୍ଥାକୁ



ଭାରପ୍ରାପ୍ତ ଜିଲାପାଳଙ୍କ ସହ ବିଭିନ୍ନ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ।

ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ସରକାରଙ୍କ ୫ଟିକୁ କାର୍ଯ୍ୟ କରିବା ସହ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ପରାମର୍ଶ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ କେତେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ବିଭାଗର ବିଶେଶଜ୍ଞ ଡାକ୍ତର ପଦବୀ ଖାଲି ରହିଥିବା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ।

### ଖଣି ନିଗମର ସ୍ୱଚ୍ଛତା ପକ୍ଷ ପାଳନ

**କାଳିଆପାଣି,୨୯।୧୧(ଡି.ଏନ୍.ଏ.)**

ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ କାଳିଆପାଣି ଖଣି ଅଞ୍ଚଳରେ ଖଣି ନିଗମ କର୍ମଚାରୀଙ୍କ ପକ୍ଷରୁ ଶୁକ୍ରବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଦକ୍ଷିଣ କାଳିଆପାଣି ଖଣି ପରିଚାଳକ କାଠି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଓ ଖଣି ନିଗମ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ସହ କର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଏ ନେଇ ସକାଳେ ପ୍ରଥମେ କାର୍ଯ୍ୟାଳୟ ଚତୁଃପାର୍ଶ୍ୱ ଓ ପରେ ବଜାର ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ ହାସଦା, ନିଗମାନନ୍ଦ ସେଠୀ, ଅମୀୟ ଦାସ, ଆସୁତୋଷ ବେହେରା, ପ୍ରମୋଦ ସେଠୀ, ପ୍ରଣୟ ମହାପାତ୍ର, ପଙ୍କଜୀନି ଡାଙ୍ଗୁଆ, ପିଙ୍କି ଦଳ ବେହେରାଙ୍କ ସହ ବହୁ ଅଧିକାରୀ ଯୋଗଦେଇଥିଲେ।

## ■ କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଟପ୍ ଟେନ୍‌ରେ ଗଙ୍ଗାଧରପୁର, କଣ୍ଟିଗଡ଼ିଆ

**ଧର୍ମଶାଳା,୨୯।୧୧(ଡି.ଏନ୍.ଏ.)**

କଳ୍ପତରୁ ଦାସ ମେମୋରିଆଲ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ୫ମ କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ୨ଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଗଙ୍ଗାଧରପୁର ଓ କଣ୍ଟିଗଡ଼ିଆ ଦଳ ବିଜୟୀ ହୋଇ ଟପ୍ ଟେନ୍‌ରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ରେ ଗଙ୍ଗାଧରପୁର ଦଳ ବ୍ୟାଟିଂ କରି ୧୫ ଓଭର୍‌ରେ ୫ ଉଇକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁରେଶ ବେହେରା ୩୩ ଓ ଦେବଦାତା ସାମଲ ୩୨ ରନ୍ କରିଥିଲେ। ବିପକ୍ଷ ଚୋରମୁହାଁ ଦଳର ବିଜୟ ଦାସ ୨ ଓ ସୁରଜ ବେହେରା ଗୋଟିଏ ଉଇକେଟ୍ ପାଇଥିଲେ। ଜବାବ୍‌ରେ ଚୋରମୁହାଁ ଦଳ ବ୍ୟାଟିଂ କରି ୧୩.୨ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୧୦ ରନ୍ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସୁମନ ଦାସ ୩୦ ଓ ସ୍ମୃତିରଞ୍ଜନ ସାମଲ ୨୬ ରନ୍ କରିଥିଲେ। ବିପକ୍ଷ ଗଙ୍ଗାଧରପୁର ଦଳର ସୁରେଶ ବେହେରା ୪ ଓ ସୁନିଲ ସ୍ୱାଇଁ ୨ ଉଇକେଟ୍ ପାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବଡ଼କାଏମା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୯ ଉଇକେଟ୍ ହରାଇ ୯୯ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ସନ୍ତୋଷ ସର ୪୯ ଓ ଶକ୍ତିନନ୍ଦନ ରାୟ ୧୨ ରନ୍ କରିଥିଲେ। ଜବାବରେ କଣ୍ଟିଗଡ଼ିଆ ଦଳ ୧୨.୫ ଓଭରରେ ୪ ଉଇକେଟ୍ ହରାଇ ୧୦୫ ରନ୍ କରି ବିଜୟୀ ହୋଇଥିଲା। ଇନ୍ତେକାବ ଆଲମ୍ ଓ ଅମରେଶ ପରିଡ଼ା ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋର୍‌ରେ ସହାୟତା କରିଥିଲେ। ଗଙ୍ଗାଧରପୁର ଓ କଣ୍ଟିଗଡ଼ିଆ ଦଳ ଜାନୁୟାରୀ ୫ରୁ କଳ୍ପତରୁ ଦାସ ଷ୍ଟାଡିୟମରେ ହେବାକୁ ଥିବା ଟପ୍ ଟେନ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

## ■ ସଚେତନ ନାଗରିକ ମଞ୍ଚର ଗଣଧାରଣା ଚେତାବନୀ

# ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

**ଜେନାପୁର,୨୯।୧୧(ଡି.ଏନ୍.ଏ.)**

ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ମରାମତି, ୪ ଥାକିଆ ରାସ୍ତା ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ଦାବିକୁ ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରଶାଦ ମହାନ୍ତିଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଏଥିରେ ୧ ମାସ ମଧ୍ୟରେ ଚଣ୍ଡିଖୋଲ- ଦୁବୁରୀ ଜାତୀୟ ରାଜପଥ ମରାମତି ଓ ୨ ମାସ ମଧ୍ୟରେ ୪ ଥାକିଆ ରାସ୍ତା ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାମ ଆରମ୍ଭ ହେବା ନେଇ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଡିସେମ୍ବର ୩ରେ ସେଚେତନ ନାଗରିକ ମଞ୍ଚ ପକ୍ଷରୁ ଦିଆଯିବାକୁ ଥିବା ଧାରଣାକୁ ପ୍ରତ୍ୟାହୃତ କରାଯାଇଥିବା



ଜିଲା ପ୍ରଶାସନ ପକ୍ଷରୁ ବୈଠକ କରାଯାଉଛି ।

ଆବାହକ ସରୋଜକାନ୍ତ ବେହେରା ସୂଚନା ଦେଇଛନ୍ତି। ଏସ୍‌ପି ଚରଣ ସିଂ ମୀନା, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଶିବ କୁମାର ସାବତ, ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଡିଆଇପିଆର୍‌ଓ ସନ୍ତୋଷ କୁମାର ସେଠୀ, ଆର୍‌ଟିଓ ଲାଲ୍ ମୋହନ ସେଠୀ, ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, ଥାନାଧିକାରୀ ସରୋଜ କୁମାର ସାହୁ, ତହସିଲଦାର ସରୋଜ କୁମାର ପଣ୍ଡା, ଥାନାଧିକାରୀ ସୁଶାନ୍ତ କୁମାର ଦାସ, ଚଣ୍ଡିଖୋଳ ଟ୍ରାଫିକ୍ ଅଧିକାରୀ ବିଜୟିନୀ ମଲ୍ଲ, ସଚେତନ ନାଗରିକ ମଞ୍ଚ ଆବାହକ ବେହେରାଙ୍କ ସମେତ ଉପଦେଷ୍ଟା ପରମାନନ୍ଦ ସାହୁ, ବେଣୁଧର ପଣ୍ଡା, ସଭ୍ୟ ସୌମ୍ୟ ରଞ୍ଜନ ପଣ୍ଡା, ମହେଶ୍ୱର ବଳଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏହି ରାଜପଥଟି ଉପଯୁକ୍ତ ମରାମତି ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାଛଡା ପୋଲର ଉଭୟ ପାର୍ଶ୍ୱ ଦବିବା ସହ ପାଦଚଲା ରାସ୍ତାରେ ପକାଯାଇଥିବା ସ୍ଲାବ ଗୁଡିକ କିଛି ସ୍ଥାନରେ ଭାଙ୍ଗିଗଲାଣି। ଏ ସମ୍ପର୍କରେ ସଚେତନ ନାଗରିକ ମଞ୍ଚ ଏବଂ ସ୍ଥାନୀୟ ଜନସାଧାରଣ ପକ୍ଷରୁ ମରାମତି ଦାବିରେ ଗଣଧାରଣା ନେଇ ଚେତାବନୀ ଦିଆଯାଇଥିଲା। ଏ ନେଇ ଗୁରୁବାର ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ।






## ■ ବ୍ଲକସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

# ଜିଲାସ୍ତରକୁ ୬ ପ୍ରକଳ୍ପ ମନୋନୀତ

**ଧର୍ମଶାଳା,୨୯।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବାଣୀପୀଠଠାରେ ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି ଯୋଗଦେଇ ଥିଲେ। ବାଣୀପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରୋଜ ମହାନ୍ତି ସ୍ୱାଗତ ଭାଷଣ, ସହକାରୀ ଶିକ୍ଷକ ପ୍ରଭାତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଧର୍ମଶାଳା ବ୍ଲକ ବିଜ୍ଞାନ ଶିକ୍ଷକ ସଂଘ ସଭାପତି ରଶ୍ମିରଞ୍ଜନ ସାମଲ ବିଜ୍ଞାନ ପ୍ରଦର୍ଶନୀ ଉପରେ ଆଲୋକପାତ କରିଥିଲେ। ଏହି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ମୋଟ ୧୨୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ଜିଲାସ୍ତରକୁ ୬ଟି ପ୍ରକଳ୍ପ ମନୋନୀତ ହୋଇଛି। ଏହି ପ୍ରତିଯୋଗିତାକୁ ବିଚାରକ ଭାବେ ଧର୍ମଶାଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପିକା କେତକୀ ନାୟକ, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଅରବିନ୍ଦ ମହାନ୍ତି ଓ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ରୁଦ୍ରନାରାୟଣ ଧୀର, ପ୍ରୀୟାଂଶୁ ଦେବଗୁରୁ, ଶ୍ରଦ୍ଧାଞ୍ଜଳି ରାୟ, ଲଲାଟେନ୍ଦୁ ମହାପାତ୍ର, ସୂର୍ଯ୍ୟାଂଶୁ ପରିଡା, ଇତିଶ୍ରୀ ନନ୍ଦ, ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ମନୋନୀତ ହୋଇଥିଲା। ଶେଷରେ ପ୍ରବୋଧ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।




## ସଂକ୍ଷେପରେ

### ଟ୍ରେନ୍‌ରୁ ଖସିପଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ

ଜେନାପୁର,୨୯।୧୧(ଡି.ଏନ୍‌.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ରେଲୱେ ଷ୍ଟେସନ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁ ହୋଇଛି। ମୃତ ଯବକ ଜଣଙ୍କ ବିହାର ରାଜ୍ୟ ମିରା ମୋସରାଇ ଗ୍ରାମର ଭିଜୟା ମାଞ୍ଜିଙ୍କ ପୁଅ ଶୋଭନାଥ ମାଞ୍ଜା (୪୦)। ସେ ଧାରୁ ଆଣ୍ଡ ଶନ୍ ନାମକ ଏକ ଠିକା ସଂସ୍ଥା ଅଧୀନରେ ୨୨୬୧୩ ନମ୍ବର ଟେକାଉ ହଲଦିଆ ଏକ୍ସପ୍ରେସରେ ଟ୍ରେନ୍ ୨ ବର୍ଷ ହେବ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ଯାଜପୁର ରେଲୱେ ପୋଲିସ ଏସ୍‌ଆର ଗଣେଶ ପ୍ରସାଦ ନାୟକ ଓ କନଷ୍ଟେବଲ ସୋମନାଥ ମହାରଣା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଉଥିବା ଜଣାପଡ଼ିଛି। ପ୍ରକାଶ ଯେ, ଶୋଭନାଥ ଟେକାଉ ହଲଦିଆ ଏକ୍ସପ୍ରେସରେ ସଫେଇ କାମ କରୁଥିବାବେଳେ ଜେନାପୁର ଷ୍ଟେସନ ନିକଟରେ କୌଣସି କାରଣରୁ ସେ ଟ୍ରେନ୍‌ରୁ ଖସି ପଡ଼ିଥିବା ଅନ୍ୟକର୍ମଚାରୀମାନେ କହିଛନ୍ତି।

### ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର

ଯାଜପୁର ଟାଉନ,୨୯।୧୧(ଡିଏନଏ): ଯାଜପୁର ଜିଲାର ବ୍ରହ୍ମବରଦାଠାରେ ଲଘୁ ସମ୍ପ୍ରଦାୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବାକୁ ଥିବା ବିଶ୍ୱ ସମ୍ମିଳନୀ ଏକ ଚକ୍ରାନ୍ତକାରୀ ସମ୍ମିଳନୀ ବୋଲି ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ପକ୍ଷରୁ ପ୍ରତିବାଦ କରାଯାଇ ଜିଲାଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଏହି ପରିପ୍ରେକ୍ଷିରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ, ଭାଜପା ସହିତ ବିଭିନ୍ନ କ୍ଷେତ୍ର ପକ୍ଷରୁ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ସାକ୍ଷାତ କରାଯାଇ ଏଠାରେ ନିର୍ଦ୍ଦିଷ୍ଟ ଏକ ସମ୍ପ୍ରଦାୟ ପକ୍ଷରୁ ବାରମ୍ବାର ବିଶ୍ୱ ସମ୍ମିଳନୀ କରାଯାଇ ବିଭିନ୍ନ ହିନ୍ଦୁ ବିରୋଧୀ ଯୋଜନା ପ୍ରସ୍ତୁତ କରିବା, ହିନ୍ଦୁ ଧର୍ମ ସଂସ୍କୃତିକୁ ନଷ୍ଟ କଲାଭଳି ପରିବେଶ ସୃଷ୍ଟି କରିବା ସହିତ ଗୋ-ହତ୍ୟା କରାଯିବାକୁ ବିରୋଧ କରାଯାଇ ଆଲୋଚନା କରାଯାଇଥିଲା। ଏଥିପ୍ରତି ପୋଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଭିନ୍ନ କ୍ଷେତ୍ର ପକ୍ଷରୁ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବାକୁ ଥିବା ଉକ୍ତ ସମ୍ମିଳନୀ ଉପରେ ଜିଲା ପ୍ରଶାସନ ସତର୍କ ଦୃଷ୍ଟି ରଖିବାକୁ ଦାବି ହୋଇଥିଲା। ଏହି ଆଲୋଚନାରେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପଣ୍ଡା, ରାଜ୍ୟ ମୁଖପାତ୍ର ଚିନ୍ମୟ ସ୍ୱରୂପ ପଣ୍ଡା, ଜିଲା ସଭାପତି ବିନୋଦ ଶର୍ମା, ସାମାଜିକ ସମରସତା ବିଭାଗର କେନ୍ଦ୍ରାପଡ଼ା ବିଭାଗ ପ୍ରମୁଖ ଅରବିନ୍ଦ ଦାସ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସ, ଦୋଲଗୋବିନ୍ଦ ଜେନା, ପ୍ରଭାତ ମଲ୍ଲିକ, ଦେବୀ ପ୍ରସାଦ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ଏଥିପ୍ରତି ଦୃଢ଼ ପଦକ୍ଷେପ ନେବାକୁ ହିନ୍ଦୁ ଧାର୍ମିକ ସଂଗଠନଗୁଡ଼ିକ ପକ୍ଷରୁ ଦାବି କରାଯାଇଛି।

## ସରକାରୀ ନିର୍ଦ୍ଦେଶନାମାର ବ୍ୟତିକ୍ରମ

# ପୋତାହୋଇଗଲା ଜଳାଶୟ

ଯାଜପୁର ଅଫିସ,୨୯।୧୧

ଜଳାଶୟ କିସମ ଜମିକୁ ସୁରକ୍ଷା ଦେବାକୁ ସରକାର ଚିନ୍ତା କରୁଥିବାବେଳେ ଯାଜପୁର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମଣିଷ ନିଜର ସ୍ୱାର୍ଥ ସାଧନ ପାଇଁ ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ମଧ ପଛାଉ ନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଦାନଗଦୀ ତହସିଲ ଯଖପୁରା ମୌଜାର ଏକ ଶାଳ କିସମ ଜମିରେ ବିନା ପରିବେଶ ମଞ୍ଜୁରୀରେ ୧୨ଏକର ପରିମିତ ଜମିରେ ସାଇଜର ଲଜିଷ୍ଟିକ ପାର୍କ ନିର୍ମାଣାଧୀନ ରହିଛି। ତେବେ କେଉଁ ଆଧାରରେ କିଛି ପଟ୍ଟନାୟକ ପାର୍କ ନିକଟରେ ଥିବା ଏହି ଜମିକୁ ଇଉକୋ ବିକ୍ରି କରିଛି ତାହା ତଦନ୍ତ ସାପେକ୍ଷ। ଏହାସହ ଏହି ଜମିରେ ଥିବା ୨ଟି ଜଳାଶୟକୁ ବିଭିନ୍ନ ଅଞ୍ଚଳରୁ ମାଟି ଆଣି ବେଆଇନ ଭାବେ ପୋତି ଲଜିଷ୍ଟିକ ପାର୍କ ନିର୍ମାଣ କରାଯାଉଥିବା ଅଭିଯୋଗ ଉଠିଛି। ଏନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ମାମଲା ରୁଜୁ ହୋଇଛି। ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଏକ ଯୁଗ୍ମ ତଦନ୍ତକାରୀ ଦଳ ନିରୀକ୍ଷଣ କରି ଚଳିତ ନଭେମ୍ବରର ଦ୍ୱିତୀୟ ସପ୍ତାହରେ ରିପୋର୍ଟ ଦାଖଲ କରିଛନ୍ତି। ତେବେ ଏନ୍‌ଜିଟିର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ୬ତାରିଖରେ ହେବାକୁ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ରେକର୍ଡପତ୍ରକୁ ଓଲଟପାଲଟ କରି ଲଜିଷ୍ଟିକ ପାର୍କ ସପକ୍ଷରେ ଯିବାକୁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗକାରୀ ସମିତି ପକ୍ଷରୁ କୁହାଯାଇଛି।

ତହସିଲଦାରଙ୍କ ବିନା ଅନୁମତିରେ ୫୦ହଜାର ଘନମିଟରରୁ ଊର୍ଦ୍ଧ୍ୱ ମାଟି ମୋରମ ଆଦି ସାଇଜର ଲଜିଷ୍ଟିକ ପାର୍କରେ ବ୍ୟବହାର ହେଉଛି। ସମିତି ପକ୍ଷରୁ ହୋଇଥିବା ମାମଲା ଉପରେ ଏନ୍‌ଜିଟି ୯।୧୦।୨୦୧୯ରେ ଶୁଣାଣି କରି ଯାଜପୁର ଜିଲାପାଳ, ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫ୍‌ଓ) ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ଙ୍କୁ ଯୁଗ୍ମ ଭାବେ ତଦନ୍ତ କରି ୩ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହିକ୍ରମରେ ଗତ ଅକ୍ଟୋବର ୩୦ତାରିଖରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ ନେତୃତ୍ୱରେ କଟକ ବନଖଣ୍ଡ ଡିଏଫ୍‌ଓ ଓ ଏଡିଏମ କଳିଙ୍ଗନଗର ଘଟଣାସ୍ଥଳ



■ସାଇଜର ଲଜିଷ୍ଟିକ ପାର୍କର ବେଆଇନ ନିର୍ମାଣ
■ମନଇଚ୍ଛା ଚାଲିଛି ମାଟି ସଂଗ୍ରହ
■ରାଜସ୍ୱ ବିଭାଗ ନୀରବ, ବଢ଼ୁଥିଲା ମୂଲଚାଲ

ପରିଦର୍ଶନ କରି ତଦନ୍ତ କରିଥିଲେ। କିନ୍ତୁ ସମ୍ପୃକ୍ତ ମ୍ୟାପରେ କୌଣସି ଜଳାଶୟ ନାହିଁ ବୋଲି ତଦନ୍ତକାରୀ ଦଳ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଥିବା ସୂଚନା ମିଳିଛି। ପରୋକ୍ଷ ଭାବେ ତଦନ୍ତ ରିପୋର୍ଟ ଲଜିଷ୍ଟିକ ପାର୍କ ସପକ୍ଷରେ ଯାଉଥିବା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଯଖପୁରା ମୌଜାର ଖାତା ନମ୍ବର ୪୧୯ ଅନାବାଦୀ ପ୍ଲଟ ନମ୍ବର ୮୬୫ ଓ ୮୬୭, କିସମ ଶାଳଜଙ୍ଗଲ ୧୧.୯୭ ଏକର ଜମିରେ ଏକ ଲଜିଷ୍ଟିକ ପାର୍କ ନିର୍ମାଣାଧୀନ ରହିଛି। ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ମଞ୍ଜୁରୀ ଏବଂ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ପାଳନ ବିନା ଏହି ନିର୍ମାଣ ଚାଲିଛି। ଏପରିକି ପରିବେଶ ଅନୁମତି ମଧ ନିଆଯାଇ ନାହିଁ। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ଅଥରିଟି(ସିଜିଡବ୍ଲ୍ୟୁଏ)ର ମଞ୍ଜୁରୀ ବିନା ଭୂତଳ ଜଳ ବ୍ୟବହାର କରାଯାଉଛି। ଭୂତଳ ଜଳ ବୃଦ୍ଧି ପାଇଁ ଜଳାଶୟ କିସମ ଜମିକୁ ସୁରକ୍ଷା, ସଂରକ୍ଷଣ ଓ ପରିରକ୍ଷଣ କରିବାକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ ଜାନୁୟାରୀ ମାସରେ ପଦକ୍ଷେପ ନିଆଯାଇଛି। ଏଥିରେ ଜିଲାପାଳ ଆବାହକ, ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଛନ୍ତି। କିନ୍ତୁ ସାଇଜର ଲଜିଷ୍ଟିକ ପାର୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ବିଡ଼ମ୍ବନା ବୋଲି ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ସାଇଜର ପ୍ରାଇଭେଟଲିମିଟେଡ଼ର ପରିଚାଳକ ବିକାଶ ସିଂଙ୍କୁ ପଚାରିବାରେ ସେ କହିଛନ୍ତି ଇଡ୍‌କୋଠାରୁ ଆଇନ ଅନୁଯାୟୀ ଜମି ଗ୍ରହଣ କରି ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। କୌଣସି ପରିବେଶଗତ ଆଇନକୁ ଉଲ୍ଲଂଘନ କରାଯାଉ ନାହିଁ। ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ତଦନ୍ତ ରିପୋର୍ଟ ଏନ୍‌ଜିଟିରେ ଦାଖଲ ହୋଇ ସାରିଛି। ଏହାପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ବିଦ୍ୟାଳୟ ପରିଚାଳନା କମିଟି ପ୍ରଶିକ୍ଷଣ ଶିବିର

କୋରେଇ,୨୯।୧୧(ସ୍ୱ.ପ୍ର.)

କୋରେଇ ଶିକ୍ଷାମଣ୍ଡଳୀ ଅଧୀନ ପାଣିକୋଇଲି ସାଧନ କେନ୍ଦ୍ର ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଡ଼ିଆ ୟୁଜିଏମ ସ୍କୁଲରେ ଶୁକ୍ରବାର ସାଧନ କେନ୍ଦ୍ରସ୍ତରୀୟ ବିଦ୍ୟାଳୟ ପରିଚାଳନା କମିଟି ପ୍ରଶିକ୍ଷଣ ଶିବିର ସହଯୋଗ ଉଦ୍‌ଘାଟିତ ହୋଇଛି। ଏହାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସ ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଆ, ୟୁଜିଏମ୍‌ଇ, ତାଳପୁର ପ୍ରକଳ୍ପ ବିଦ୍ୟାଳୟ, ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟ, ଧନପୁର ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟାସଦସ୍ୟ, ଆଶା କର୍ମୀ ଅଙ୍ଗନୱାଡ଼ି କର୍ମୀ ଶିବିରରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ନୀଳମଣି ଦାସ, ପ୍ରମୋଦ ମଲ୍ଲିକ, ନିତ୍ୟାନନ୍ଦ ମଲ୍ଲିକ, ରାଜଶ୍ରୀ ମଲ୍ଲିକ, ଶଶିକାନ୍ତ ଜେନା, ଭରତ ସାହୁ, ବିକ୍ରମ ହାଉଦା, ମାନିନି ହୋନାଗା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶିଳ୍ପ ବାଣିଜ୍ୟ ମେଳା ଉଦ୍‌ଘାଟିତ




ବାଣିଜ୍ୟ ମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଳିଙ୍ଗନଗର,୨୯।୧୧(ଡିଏନଏ)

ଓଡ଼ିଶାର ସର୍ବପୁରାତନ ଶିଳ୍ପ ବାଣିଜ୍ୟ ମେଳା ଶୁକ୍ରବାର ଯାଜପୁର ରୋଡ଼ସ୍ଥିତ ଗୋଶାଳା ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଏମ୍‌ସିର ଜିଲୋଜାଲ ମ୍ୟାନେଜର ମନୋଜ ପତି ଓ ଶିଳ୍ପ ବାଣିଜ୍ୟ ମେଳାର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରତିହାରି, ବିନେଶ ମହନ୍ତା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମନାଭ ସ୍ୱାଇଁ, ସଂଗ୍ରାମ କେଶରୀ ରାଉତ, ଗୋବିନ୍ଦ ଚନ୍ଦ୍ର ଦାସ, ମାନସ ରଞ୍ଜନ ସାମଲ, ଶୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ୧୦ଦିନ ଧରି ଚାଲି ଡିସେମ୍ବର ୯ରେ ଉଦ୍‌ଯାପିତ ହେବ। ମେଳା ପଡ଼ିଆରେ ୩୦୦ ଷ୍ଟଲ ପଡ଼ିଥିବାବେଳେ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଦୋଳି, ଖାଦ୍ୟ ଓ ଅନ୍ୟାନ୍ୟ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ବିଭିନ୍ନ ହସ୍ତଶିଳ୍ପର ଷ୍ଟଲ ସହିତ ଅନେକ ଶିଳ୍ପସଂସ୍ଥାର ଷ୍ଟଲ ପଡ଼ିଛି। ପ୍ରତି ସନ୍ଧ୍ୟାରେ ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ। ତେବେ ଶୁକ୍ରବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଯାଜପୁର ରୋଡ଼ ଅଞ୍ଚଳର କୁନି କୁନି ପିଲା ବିଭିନ୍ନ ପ୍ରକାରର ନୃତ୍ୟ, ଗୀତ ପ୍ରଦର୍ଶନ କରିଥିଲେ।

## ୨୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ

କାଳିଆପାଣି,୨୯।୧୧(ଡି.ଏନ୍‌.ଏ.)

ସୁକିନ୍ଦା ଟାଟା କମ୍ପାନୀ ଖଣି କଲୋନୀ ପରିସରରେ ଥିବା କ୍ଷିପ୍ରାର୍ଟ ସ୍କୁଲର ୨୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଖେଳ ପଡ଼ିଆରେ ସମ୍ପାଦକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଣି କମ୍ପାନୀ ଖଣି ଉପଖଣ୍ଡପତି ଶୁଧାଂଶୁ ପାଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଅନିତା ପାଟେଲ ଓ ସ୍କୁଲର ଅଧ୍ୟକ୍ଷ ଏ.ରାଧା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ପାତ୍ର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିନିତା ମଲ୍ଲିକ, ଜିତା ରାଜ, ସୁପ୍ରଜ୍ଞ ନାୟକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## ମଦ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

ଯାଜପୁର ଟାଉନ,୨୯।୧୧(ଡିଏନଏ)

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଯାଜପୁର ଜିଲା କମିଟି ଆହ୍ୱାନରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶହଶହ ମହିଳା କିଆନାଳିଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଶିଶୁ ଓ ମହିଳାଙ୍କ ଉପରେ ଚାଲିଥିବା ବଳାତ୍କାର ରୋକି ସେମାନଙ୍କ ସୁରକ୍ଷା ଦେବା, ଅଶ୍ଳୀଳତା ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଯାଜପୁର ବଡ଼ ଡାକ୍ତରଖାନାର ଅବ୍ୟବସ୍ଥା ଦୂର କରିବା ଓ ନୂତନ ମୋଟରଯାନ ଆଇନରେ ଜୋରିମାନା ରାଶିର ବୃଦ୍ଧିକୁ ପ୍ରତ୍ୟାହାର କରିବା ଆଦି ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲା ସଭାନେତ୍ରୀ ଶାନ୍ତିଲତା ପାଣ୍ଡାଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ଯୋଗଦେଇ ଜିଲାର କୋଣ ଅନୁକୋଣରେ ମଦ ବିକ୍ରି ହେଉଥିବାବେଳେ ୭ବର୍ଷର ଶିଶୁଠାରୁ ଆରମ୍ଭ କରି ୮୦ ବର୍ଷର ବୃଦ୍ଧା ଆଦି କେହି ଘରେ ବାହାରେ କେଉଁଠାରେ ସୁରକ୍ଷିତ ନୁହଁନ୍ତି। ଏଥିସହ ଯାଜପୁର ଡାକ୍ତରଖାନାରେ ବିଭିନ୍ନ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା ଓ ସମସ୍ତ ଅବ୍ୟବସ୍ଥା ଦୂର କରିବା ନିମନ୍ତେ ପାଇଁ ଶୁକ୍ରବାର ଏହି ମହିଳା ବିକ୍ଷୋଭରେ ଏହିସବୁ ସମସ୍ୟାର ସମାଧାନ ପାଇଁ ଜିଲାବ୍ୟାପୀ ମହିଳା ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଜିଲା କମିଟି ନେତୃମଣ୍ଡଳୀ ଯଥା ଜିଲା ଉପସଭାନେତ୍ରୀ ସଂଯୁକ୍ତା ନାୟକ, ସୁଲୋଚନା ପ୍ରଧାନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ, ସମ୍ପାଦିକା ତରଙ୍ଗିଣି ଦାସ, ମାଧବୀ ମଲ୍ଲିକ ଓ ଲିଲି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।




ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ ଉତ୍ସବ

ଚଣ୍ଡିଖୋଲ,୨୯।୧୧(ଡି.ଏନ୍‌.ଏ)

ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ସୀମାରେ ଅବସ୍ଥିତ ପଞ୍ଚପାଣ୍ଡବଠାରୁ ବରେଣପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ଉନ୍ନତୀକରଣ ପାଇଁ ଶୁକ୍ରବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଳାନ୍ୟାସ ଉତ୍ସବରେ ଉଦ୍‌ଘାଟକ ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ମୁଖ୍ୟ ଅତିଥିଭାବେ ପାଟକୁରା ବିଧାୟିକା ସବିତ୍ରୀ ଅଗ୍ରୱାଲ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁ ୪.୫୨୧ କିମି ବ୍ୟାପୀ ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ୨୦୧୮-୧୯ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଛି। ଏହାର ଉନ୍ନତୀକରଣ ପାଇଁ ୧କୋଟି୯୦ଲକ୍ଷ ୯୮ହଜାର ୮୯ଟଙ୍କା ବ୍ୟୟ ଅଟକଳ କରାଯାଇଛି ଓ ଏହି କାର୍ଯ୍ୟ ୨୦୨୦ ମାର୍ଚ୍ଚରେ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ରାସ୍ତାର ୪.୪୫୦ କିଲୋମିଟର ରାସ୍ତାକୁ ପିଚୁ ଓ ୭୨ ମିଟର ରାସ୍ତାକୁ କଂକ୍ରିଟ୍ କରାଯିବା ସହିତ ଏକ ବକ୍ସ କଲଭର୍ଟ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ। ଉଦ୍‌ଘାଟକ ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଶତପଥୀ ଏହି ରାସ୍ତା ଉନ୍ନତୀକରଣ ପରେ ବଡ଼ଚଣା ଓ ଡେରାବିଶ ବ୍ଲକର ଲୋକେ ଉପକୃତ ହେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ସାହୁ, ଡେରାବିଶ ବ୍ଲକ ବିଜେଡି ସଭାପତି ଦେବେଶ ଆଚାର୍ଯ୍ୟ, ବଡ଼ଚଣା ଯୁବବିଜେଡି ସଭାପତି ଗଣେଶ୍ୱର ବରାଳ, ସରପଞ୍ଚ ସରସ୍ୱତୀ ବେହେରା, ଅର୍ଦ୍ଧେନ୍ଦୁ ଅଞ୍ଜନୀ ସିଂହ, ମନୋରମା ସାହୁ, ଭରତ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ଯାଜପୁର ଟାଉନ,୨୯।୧୧(ଡିଏନଏ)

**ରିଜିଓନାଲ ଡିଗ୍ରୀ କଲେଜ**

ରାମବାଗସ୍ଥିତ ରିଜିଓନାଲ ଡିଗ୍ରୀ କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ନଭେମ୍ବର ୨୯ରୁ ଆରମ୍ଭ ହୋଇ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲୁ ରହିବ। କଲେଜ ପରିଚାଳନା କମିଟି ସଭାପତି କେଦାର ନାରାୟଣ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଯୁକ୍ତ ୨ ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ବିଶ୍ୱମିତ୍ରା ଦାସ, ମମତା ମିଶ୍ର ଓ ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ବାଳିକାଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷାର ଗୁରୁତ୍ୱାରୋପ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ସୁଜିତା ଦାଶ ଓ ସରସ୍ୱତୀ ପଣ୍ଡା ପ୍ରଶିକ୍ଷକଭାବେ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶଶଧର ଦାଶ, ବିଜୟ କୁମାର ଦାଶ, ନିବେଦିତା ବେହୁରିଆ, ବିଜୟିନୀ ପାଞ୍ଜିଆ ସାମଲ, ଗୌରାଙ୍ଗ ଚରଣ ବେହେରା, ସତ୍ୟକାମ ମହାନ୍ତି, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରିୟରଞ୍ଜନ ପରିଡ଼ା, ହିମାଂଶୁ ରାଉତ, ଲିପ୍‌ସା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ରାଉତ, ଅନ୍ନପୂର୍ଣ୍ଣା ଦାସ, ଝିଲ୍ଲୀ ମଲ୍ଲିକ, ଜୟସ୍ମିତା ଦାଶ, କ୍ଷିରୋଦୀ ତନୟା ସାମନ୍ତ, କୃଷ୍ଣପ୍ରିୟା ସାହୁ, ମାନସୀ ମହାନ୍ତି, ଅନିତା ପଣ୍ଡା, ଅମର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।




ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

## ଏନ୍‌ଏଚ୍ ୫ (କ)ଠାରୁ କୁନ୍ଦଳ ରାସ୍ତା କାର୍ଯ୍ୟ ନିମ୍ନମାନର ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ନିର୍ବାହୀ ଯନ୍ତ୍ରୀ

ଚଣ୍ଡିଖୋଲ,୨୯।୧୧(ଡି.ଏନ୍‌.ଏ)

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ ଅନ୍ତର୍ଗତ ଚଣ୍ଡିଖୋଲ ସବଡିଭିଜନ ଅଧୀନରେ ରହିଛି ଏନ୍‌ଏଚ୍ ୫ (କ)ଠାରୁ କୁନ୍ଦଳ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା। ଏହି ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ସମ୍ପ୍ରତି ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। 'ବର୍ଷେ ପୂରିନି, ଉଠିଗଲା ପିଚୁ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁ ସମ୍ପୃକ୍ତ ରାସ୍ତା ସମ୍ପର୍କରେ ତଦନ୍ତ କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେବାର ବର୍ଷକ ମଧ୍ୟରେ କେତେକ ସ୍ଥାନରେ ପିଚୁ ଉଠି ଯାଇଥିଲାବେଳେ ଓଲଟା ରାସ୍ତାରେ ଫାଟ ସୃଷ୍ଟି ହୋଇଛି। କେତେକ ସ୍ଥାନରେ କଂକ୍ରିଟ୍ ରୋଡ଼ରୁ ଗୋଡ଼ି ଉଠିଗଲାଣି। ଏପରିକି ଏହି ରାସ୍ତାରେ ସହିକା ନିକଟରେ ପିଚୁ ଦବି ଯାଇଥିବା ଦେଖାଯାଉଛି। ସୂଚନା ଥାଉକି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କରାଯାଇଥିବା ସମ୍ପୃକ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ନାମକରଣରେ ତ୍ରୁଟି କରାଯାଇ ଏଥିରେ ଅନିୟମିତତା କରିବାକୁ ଚେଷ୍ଟା କରାଯାଇଛି। ସମ୍ପୃକ୍ତ ରାସ୍ତାଟି ଜାତୀୟ ରାଜପଥ ୫ନଂ(କ) ଠାରୁ କୁନ୍ଦଳ ପର୍ଯ୍ୟନ୍ତ ୨ କିଲୋମିଟର ନିର୍ମାଣ କରାଯିବ ବୋଲି ଉଲ୍ଲେଖ ରହିଛି। ମାତ୍ର ସମ୍ପୃକ୍ତ ରାସ୍ତାଟି ସାନ ବ୍ରାହ୍ମଣୀ ମୌଜାର ୫ନଂ (କ) ଜାତୀୟ ରାଜପଥଠାରୁ କାଙ୍କୁଲା ଗ୍ରାମ ପର୍ଯ୍ୟନ୍ତ ଯାଇଛି। ଏହା ମଧ୍ୟରେ ଗରଗାଲି ଓ ସଇକା ମୌଜା ରହିଥିବାବେଳେ କୁନ୍ଦଳ ଗ୍ରାମକୁ ରାସ୍ତା ଛୁଇଁନାହିଁ। ୧କୋଟି ୨୦ଲକ୍ଷ ୯୧ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସମ୍ପୃକ୍ତ ରାସ୍ତାଟି ୨୦୧୭ ସେପ୍ଟେମ୍ବର ୧୪ରେ କାର୍ଯ୍ୟ ଅବଧି ଶେଷ ହେବ ବୋଲି ଉଲ୍ଲେଖ ରହିଛି। ମାତ୍ର ଏହାର ଶେଷ ୨୦୧୯ ମାର୍ଚ୍ଚରେ କରାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ନିର୍ମାଣକାରୀ ସଂସ୍ଥା କୌଣସି କଥାକୁ ଭ୍ରୂକ୍ଷେପ ନ କରି ରାସ୍ତା କାର୍ଯ୍ୟ ଶେଷ କରିଥିଲା। ସେଥିପାଇଁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁଙ୍କୁ ପଚାରିବାରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ। ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରୁ ରାସ୍ତା କାମ କରୁଥିବା ଠିକାସଂସ୍ଥାଙ୍କୁ ସମ୍ପୂର୍ଣ୍ଣ ପଇସା ଦିଆଯାଇ ନାହିଁ। କ୍ଷେତ୍ର ପରିଦର୍ଶନ କଲା ପରେ ଯଦି କୌଣସି ସ୍ଥାନରେ ତ୍ରୁଟି ହୋଇଥିବା ପରିଲକ୍ଷିତ ହେବ ତେବେ ଠିକା ସଂସ୍ଥାର ପାଉଣା କାଟିଦିଆଯିବ ବୋଲି ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ମଣିପୁର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୁଜରାଟରୁ ଗିରଫ

**ଭାପୁର,୨୯।୧୧(ଡି.ଏନ୍.ଏ.)-** ନୟାଗଡ଼ ଜିଲା ଫତେଗଡ଼ ଥାନା ମଣିପୁର ଗ୍ରାମରେ ଗତ ଅକ୍ଟୋବର ୧୮ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଅର୍ଜୁନ ବଳିୟାରସିଂହ ନାମକ ଜଣେ ଯୁବକଙ୍କୁ ସେହି ଗ୍ରାମର ବାହାନ ଖଟେଇଙ୍କ ସମେତ ୮ ଜଣ ଗୁଳିକରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଫତେଗଡ଼ ଥାନାରେ ୧୭୮/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁଥିଲା। ପୋଲିସ ମୁଖ୍ୟ ଅଭିଯୁକ୍ତ ୮ଜଣଙ୍କ ବାଦ୍ ଅନ୍ୟଜଣଙ୍କୁ ଗିରଫ କରି ବସିଯାଇଥିଲା। ମୃତ ଅର୍ଜୁନଙ୍କ ପତ୍ନୀ ଓ ଗ୍ରାମବାସୀ ଏ ନେଇ ଥାନା ଘେରାଉ କରିବା ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବେ ବୋଲି ଅତିରିକ୍ତ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ଦଳ ଗୁଜରାଟ ଯାଇ ସୁରଟର ଆମ୍ରୋଲିରୁ ମୁଖ୍ୟ ଅଭିଯୁକ୍ତ ବାହାନ ଖଟେଇଙ୍କୁ ଗିରଫ କରିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଫତେଗଡ଼ ଥାନାରେ ନୂତନ ଆଇଆଇସି ଭାବେ ଦାୟିତ୍ୱ ନେବା ପରେ ଗିରିଜା ନନ୍ଦନ ପଟ୍ଟନାୟକଙ୍କ ଏହି ସଫଳତା ତାଙ୍କ ଲୋକପ୍ରିୟତା ବୃଦ୍ଧି କରିଛି।

### ବ୍ୟାଙ୍କ ସିକ୍ୟୁରିଟି ଗାର୍ଡଙ୍କ ବନ୍ଧୁକରୁ ଗୁଳି ଫୁଟି ଗ୍ରାହକ ଆହତ

**ପୁରୀ ଅଫିସ,୨୯।୧୧-** ପୁରୀ କୁମ୍ଭାରପଡା ଥାନା ଅଧୀନ ପୁରୁଣା ସଦର ଥାନା ଛକ ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ(ବିଓଆଇ)ର ସିକ୍ୟୁରିଟି ଗାର୍ଡଙ୍କ ବନ୍ଧୁକରୁ ଗୁଳି ଫୁଟି ଶୁକ୍ରବାର ଜଣେ ଗ୍ରାହକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେକଲିକତାର ମୋନାନା। ମୋନାନା ଏବେ ସୋଲାଖିଆ ବରଗଛ ଛକ ନିକଟରେ ରହୁଛନ୍ତି। ଗୁଳି ତାଙ୍କ ବାମ ପାର୍ଶ୍ୱ ପାଦରେ ବାଜିଛି। ଘଟଣାସ୍ଥଳରେ ପ୍ରଚୁର ରକ୍ତଛିଟା ପଡିଛି। ତାଙ୍କୁ ପ୍ରଥମେ ପୁରୀର ଏକ ଘରୋଇ ଚିକିତ୍ସାଳୟ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। କୁମ୍ଭାରପଡା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ ସିସିଟିଭି ଯାଞ୍ଚ କରାଯାଉଛି। ସିକ୍ୟୁରିଟି ଗାର୍ଡଙ୍କୁ ଥାନାରେ ଅଟକ ରଖାଯାଇଛି। ଗୁଳି ଫୁଟିଥିବା ବନ୍ଧୁକ, ଗୋଟିଏ ଖୋକା ଓ ଗୁଳି ଜବତ କରିଛନ୍ତି। ଏନେଇ ଥାନାରେ ୩୦୨/୧୯ରେ ମାମଲା ରୁଜୁ ହୋଇଛି। ସିଟି ଡିଏସ୍‌ପି କ୍ଷୀରସାଗର ନାୟକ କହିଛନ୍ତି ଯେ, ୨୦୧୬ରୁ ଏ.କେ ମହାରଣା ବ୍ୟାଙ୍କ ଅଫ ଇଣ୍ଡିଆ ପୁରୁଣା ସଦର ଥାନା ବ୍ରାଞ୍ଚରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ସେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ତାଙ୍କ ବାମ ପାର୍ଶ୍ୱରେ ବନ୍ଧୁକ ଧରିଥିଲେ। ହଠାତ୍ ବନ୍ଧୁକର ଫିତା ଛିଣ୍ଡିଯିବାରୁ ବନ୍ଧୁକ ଟି ହାତରୁ ଖସି ତଳେ ପଡି ଗୁଳି ଫୁଟିଥିଲା। ଏହି ସମୟରେ ଟଙ୍କା ଡିପୋଜିଟ୍ ଲାଗି ଆସିଥିବା ମୋନାନାଙ୍କ ବାମ ପାଦରେ ଗୁଳି ବାଜିଥିଲା। କୁମ୍ଭାରପଡା ଥାନା ଅଧିକାରୀ କୁଳମଣି ସେଠୀ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ସିସିଟିଭି ଯାଞ୍ଚ କରାଯିବାରୁ ସିକ୍ୟୁରିଟି ଗାର୍ଡଙ୍କ କାନ୍ଧରୁ ବନ୍ଧୁକ ଫିତା ଛିଣ୍ଡିଯିବାରୁ ଗୁଳି ଫୁଟି ଏହି ଘଟଣା ଘଟିଥିବା ଜଣାପଡିଛି। ଘଟଣାର ତଦନ୍ତ ଜାରି ରହିଛି। ବ୍ୟାଙ୍କ ପରିଚାଳକ ଭବାନୀ ଶଙ୍କର ଜାଲିଙ୍କୁ ପଚାରିବାରେ ଟଙ୍କା ରିକୋଭରି ଲାଗି ବାହାରକୁ ଯାଇଥିଲେ। ଖବରପାଇ ବ୍ୟାଙ୍କରେ ପହଞ୍ଚି ପୋଲିସକୁ ଖବରଦେଇଥିଲି। ଆହତ ଯୁବକଙ୍କୁ ପ୍ରଥମେ ପୁରୀ ପରେ ଭୁବନେଶ୍ୱର ସ୍ଥିତ ଏକ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବ୍ୟାଙ୍କ ବହନ କରିବ। ତେବେ ବ୍ୟାଙ୍କ ଭିତରେ ବିନା ସେଫ୍ଟି ବନ୍ଧୁକ ବ୍ୟବହାରକୁ ନେଇ କେତେଜଣ ଗ୍ରାହକ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

■ ସରକାରୀ କାର୍ଯ୍ୟାଳୟରେ ଗଡୁଛି ବିଦ୍ୟୁତ୍ ବିଲ୍

# ୩୯ ବିଭାଗର ବକେୟା ପଡ଼ିଛି ୨ କୋଟି ୭୭ ଲକ୍ଷ

**ନୟାଗଡ଼ ଅଫିସ,୨୯।୧୧**

ଘରୋଇ ହେଉ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରେ ଗୋଟିଏ ମାସରୁ ଅଧିକ ଦିନ ବିଲ୍ ପୈଠ ନ ହେଲେ ପର ଦିନ ବିଦ୍ୟୁତ୍ ବିଭାଗ ସଂଯୋଗ କାଟି ଦେଇଥାଏ। ଫଳରେ ବିଦ୍ୟୁତ୍ ଉପଭୋକ୍ତା ବିନା ବିଦ୍ୟୁତ୍‌ରେ ହନ୍ତସନ୍ତ ହୁଅନ୍ତି। ହେଲେ ଜିଲାର ବିଭିନ୍ନ ବିଭାଗରେ କୋଟି କୋଟି ଟଙ୍କାର ବିଦ୍ୟୁତ ବିଲ୍ ପୈଠ ନ ହୋଇ ବାକି ପଡିଥିବା ବେଳେ ସେମାନଙ୍କ ଉପରେ କିନ୍ତୁ ବିଦ୍ୟୁତ୍ ବିଭାଗର କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିନାହିଁ। ନୟାଗଡ଼ ଜିଲା ସେସ୍କୁ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଜିଲାର ୩୯ ବିଭାଗରେ ୨ କୋଟି ୭୭ ଲକ୍ଷ ୨୯ ହଜାର ୯୩୦ ଟଙ୍କା ବିଦ୍ୟୁତ ବିଲ୍ ବକେୟା ପଡ଼ିଛି। ଏମାନଙ୍କର କିନ୍ତୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉ ନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବାଧିକ ୬୭ ଲକ୍ଷ ୩୦ ହଜାର ୮୪୯ ଟଙ୍କା ବିଲ୍ ଗଡୁଥିବା ବେଳେ ଏହା ପଛକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪୦ ଲକ୍ଷ ୪୮ ହଜାର ୫୫୫ ଟଙ୍କା, ଜନସ୍ୱାସ୍ଥ୍ୟ ବିଭାଗର ୪୦ ଲକ୍ଷ ୨୩ ହଜାର ୪୨୫ ଟଙ୍କା, ପଞ୍ଚାୟତିରାଜ ବିଭାଗର ୨୯ ଲକ୍ଷ ୯୮ ହଜାର ୩୩୮ ଟଙ୍କା, ଦେବୋତ୍ତର ବିଭାଗର ୧୮ ଲକ୍ଷ ୯୮ ହଜାର ୩୮୧ ଟଙ୍କା, ଗୃହ ବିଭାଗର ୧୪ ଲକ୍ଷ ୫୭ ହଜାର ୮ ଟଙ୍କା ଭଳି ୩୯ଟି ବିଭାଗର ୨ କୋଟି ୭୭ ଲକ୍ଷ ୨୯ ହଜାର ୯୩୦ ଟଙ୍କା ବିଦ୍ୟୁତ ବିଲ୍ ବକେୟା ରହିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ଏତେ ଟଙ୍କା ବିଭାଗ କିପରି ଆଦାୟ କରି ନାହିଁ। ଏ ନେଇ ସେସ୍କୁ ନିର୍ବାହୀ ଯନ୍ତ୍ରୀ ସୁଜିତ୍ କୁମାର ସାହୁଙ୍କୁ ପଚାରିବାରୁ କୁହନ୍ତି, ବିଭିନ୍ନ ବିଭାଗର ବଳକା ଟଙ୍କା ଥିବା ନେଇ ସେମାନଙ୍କୁ କୁହାଯାଉଛି। ଦେବୋତ୍ତର ଓ ଶିକ୍ଷାବିଭାଗ ଠିକ୍ ସମୟରେ ବିଲ୍ କ୍ଲିୟର କରୁ ନ ଥିବା ବେଳେ ଅନ୍ୟମାନେ ଠିକ୍ ସମୟରେ ବିଲ୍ ପଇଠ କରୁଥିବା ନେଇ ସେ ପ୍ରକାଶ କରିଥିଲେ। ଶିକ୍ଷା ବିଭାଗର ବିଲ୍ ନ ମିଳିଥିବାରୁ ଶିକ୍ଷା କାର୍ଯ୍ୟାଳୟକୁ ୭ ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ କରାଯାଇଥିଲା। ତଥାପି ସେମାନେ ବଳକା ଟଙ୍କା ପଇଠ କଲେ ନାହିଁ। ପରେ ବାଧ ହୋଇ ବିଦ୍ୟୁତ୍ ବିଭାଗ ଶିକ୍ଷା କାର୍ଯ୍ୟାଳୟକୁ ଲାଇନ୍ ସଂଯୋଗ କରିଥିଲା।

**କେଉଁ ବିଭାଗର କେତେ ବକେୟା ବିଲ୍ (ଟଙ୍କାରେ)**

| | | | |
|---|---|---|---|
| କୃଷି ବିଭାଗ– | ୨୫୫୯୯ | ଆଇନ ବିଭାଗ – | ୭୬୭୫୩ |
| ଯୋଗାଣ ବିଭାଗ– | ୨୩୫୪ | ଉଠା ଜଳସେଚନ ପ୍ରକଳ୍ପ– | ୨୦୮୪୭ |
| ଜିଲାପାଳଙ୍କ କାର୍ଯ୍ୟାଳୟ– | ୩୩୮୨୨୪ | ପଞ୍ଚାୟତିରାଜ ବିଭାଗ– | ୨୯୯୮୩୩୮ |
| ବାଣିଜ୍ୟ ଏବଂ ପରିବହନ ବିଭାଗ– | ୨୧୫୬ | ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ– | ୧୭୭୮୪୮ |
| ସମବାୟ ବିଭାଗ– | ୪୭୯୮୮ | ଜଳବିଭାଜିକା ମିଶନ କାର୍ଯ୍ୟାଳୟ– | ୨୧୭୩ |
| ଦେବୋତ୍ତର ବିଭାଗ– | ୧୮୯୮୩୯୧ | ଜନ ସ୍ୱାସ୍ଥ୍ୟ ବିଭାଗ– | ୪୦୨୩୪୨୫ |
| କୃଷି ଓ କୃଷକ ସଶକ୍ତୀକରଣ ବିଭାଗ– | ୧୪୬୧୮୭ | ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ– | ୧୨୪୩୦ |
| ଜିଲା ଶିକ୍ଷା କାର୍ଯ୍ୟାଳୟ– | ୪୬୭୬ | ସିଭିଲ କୋର୍ଟ, ରେଜିଷ୍ଟ୍ରାର– | ୨୯୪୬୦୭ |
| ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ– | ୧୧୮୧ | ରାଜସ୍ୱ ବିଭାଗ– | ୧୨୫୨୨୬୪ |
| ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ– | ୪୦୨୦ | ଗ୍ରାମ୍ୟ ଉନ୍ନୟନ ବିଭାଗ– | ୩୬୮୭୫୪ |
| ଗ୍ରାମ୍ୟଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ– | ୪୫୧୫୦୮ | ଗ୍ରାମ୍ୟ କାର୍ଯ୍ୟ ଉନ୍ନୟନ ବିଭାଗ– | ୬୭୩୦୮୪୯ |
| ବିଜ୍ଞାପିତ ପରିଷଦ କାର୍ଯ୍ୟାଳୟ– | ୬୦୨୪୦୪ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ– | ୪୦୪୮୪୫୫ |
| ଅର୍ଥବିଭାଗ– | ୩୮୪୩୩ | ଦକ୍ଷତା ବିକାଶ ଓ ବୈଷୟିକ ତାଲିମ ବିଭାଗ– | ୧୪୨୨୭୮ |
| ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ– | ୮୧୫୭୪ | ଜିଲା ପଣ୍ୟାଗାର– | ୩୮୯୪ |
| ଜଙ୍ଗଲ ଓ ପରିବେଶ ବିଭାଗ – | ୨୪୦୨୬୦ | ଗମନାଗମନ ବିଭାଗ – | ୪୦୫୭୬ |
| ନିୟୋଜନ କାର୍ଯ୍ୟାଳୟ– | ୨୩୫୩ | ଜଳସମ୍ପଦ ବିଭାଗ – | ୪୨୮୩୮୩ |
| କ୍ରୀଡ଼ା ଓ ଯୁବ ସେବା ବିଭାଗ– | ୭୧୦୮୫ | ଆଦିବାସୀ ଓ ଜନଜାତି ବିଭାଗ କାର୍ଯ୍ୟାଳୟ– | ୪୦୯୧୩୫ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ – | ୧୧୩୮୪୦୧ | ମହିଳା ଓ ଶିଶୁ ବିକାଶ ବିଭାଗ – | ୨୧୨୦୮ |
| ଉଚ୍ଚ ଶିକ୍ଷା ବିଭାଗ– | ୧୨୧୮୫୯ | ପୂର୍ତ୍ତ ବିଭାଗ– | ୨୦୩୫ |
| ଗୃହ ବିଭାଗ– | ୧୪୫୭୦୦୮ | **ମୋଟ–** | **୨୭୭୨୯୯୩୩ ଟଙ୍କା** |

### ଶତାୟୁ ସାମାଜିକ କର୍ମୀଙ୍କ ପରଲୋକ

**ଖଣ୍ଡପଡା,୨୯।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କୋସକା ପଞ୍ଚାୟତ ରାମଚନ୍ଦ୍ରପୁର ମୌଜାର ଶତାୟୁ ସାମାଜିକ କର୍ମୀ ବିଦ୍ୟାଧର ବେହେରାଙ୍କ ଶୁକ୍ରବାର ଅପରାହ୍ନରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କୁ ୧୧୯ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସୂଚନା ଯୋଗ୍ୟ ଯେ, ବୟସାଧିକ ହୋଇଥିଲେ ମଧ୍ୟ ସ୍ୱର୍ଗତ ବେହେରା ପ୍ରାଞ୍ଜଳ ଭାବେ ବିନା ଚଷମାରେ ଭାଗବତ ଓ ଗୀତା ପାଠ କରି ପାରୁଥିଲେ। ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଦୀର୍ଘ ବର୍ଷରୁ ସେ ଏକ ଆବାସ ଯୋଜନାରେ ସାମିଲ ପାଇଁ ଆବେଦନ କରିଆସୁଥିଲେ ମଧ୍ୟ ପାଇ ପାରି ନ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କର ଶେଷ ଦର୍ଶନ ପାଇଁ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା, କୋସକା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବକ୍ତି ତାଙ୍କ ବାସଭବନରେ ସମାଗମ ହୋଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କର ପୁତ୍ର ଆନନ୍ଦ ବେହେରା ମୁଖାଗ୍ନି ଦେଇଥିଲେ।

■ ଖଣ୍ଡପଡ଼ା ବ୍ଲକସ୍ତରୀୟ ସମୀକ୍ଷା ବୈଠକ

## ଆର୍‌ଡି, ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତ ନେଇ ଉଦ୍‌ବେଗ

**ଖଣ୍ଡପଡା,୨୯।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା ସଭ୍ୟମାନେ ଯୋଗଦେଇ ଗୁହାଳ ଯୋଜନାରେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ଦାବି କରିଥିଲେ । ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନାରେ ଆପିକଲ ମାଧ୍ୟମରେ ଋଣ ପ୍ରଦାନ ଓ ଯୁବତୀ ଯୁବକମାନଙ୍କୁ କିଭଳି ଭାବେ ସ୍ୱାବଲମ୍ବୀ କରାଯାଇ ପାରିବ ସେନେଇ ବିଧାୟକ ପଟ୍ଟନାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଋଣ ପ୍ରଦାନ ପାଇଁ ବିଭିନ୍ନ ବ୍ୟାଙ୍କମାନଙ୍କୁ ନେଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ବିଡିଓ ପ୍ରମୋଦ କୁମାର ନାୟକ ସୂଚନା ଦେଇଥିଲେ । ବିଶେଷ କରି ଖଣ୍ଡପଡା ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ପ୍ରତ୍ୟେକ ଦିନ ବିଦ୍ୟୁତ ବିଭ୍ରାଟ ଦେଖାଦେବା ସହ ଲୋଭୋଲଟେଜ ଯୋଗୁ ସମସ୍ୟା ଉପୁଜୁଥିବା ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଅଭିଯୋଗ ଉଠାଇଥିଲେ। ଦୀର୍ଘ ମାସରୁ ଖଣ୍ଡପଡା ଅଞ୍ଚଳରେ ଏକ ବିଦ୍ୟୁତ ଗ୍ରୀଡ୍ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲେ ମଧ ଆବଶ୍ୟକ ଜାଗା(ଜମି)ର ବ୍ୟବସ୍ଥା ହୋଇପାରୁ ନ ଥିବାରୁ ଗ୍ରୀଡ ସ୍ଥାପନରେ ବିଳମ୍ବ ଯୋଗୁ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ନୂତନ ଗ୍ରୀଡ୍ ପାଇଁ ଆବଶ୍ୟକ ଜାଗା ଯୋଗାଇ ଦେବାକୁ ତହସିଲଦାର ପାର୍ଥସାରଥି ହାଁସଦା ସୂଚନା ଦେଇଥିଲେ । ଅପରପକ୍ଷରେ କୃଷି ବିଭାଗରେ କୃଷକମାନଙ୍କ ପାଇଁ ବିହନ ଓ ସାର ଯୋଗାଣ ସହ ମଣ୍ଡି ସମସ୍ୟା ସମ୍ପର୍କରେ କିଆଝର, କୋସକା, ରାଣୀପଡ଼ା ସରପଞ୍ଚ ଯଥାକ୍ରମେ ଚନ୍ଦ୍ରକାନ୍ତ ବଳିୟାର ସିଂହ, କୃଷ୍ଣଚନ୍ଦ୍ର ସାହୁ ଓ ଅକ୍ରୁର ମହାରଣା ପ୍ରମୁଖ ଅଭିଯୋଗ ଉଠାଇଥିଲେ । ଆୟୋଜିତ ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳ ସମ୍ପଦ ବିଭାଗ ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ସମସ୍ତ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ଏ ନେଇ ବିଧାୟକ ପଦକ୍ଷେପ ଗ୍ରହଣ କରିବାକୁ ସୂଚନା ଦେଇଥିଲେ । ଉକ୍ତ ବୈଠକରେ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତିମାଳା ମହାନ୍ତି ଯୋଗଦେଇ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।


ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟମାନେ।

## ମିନିଟ୍ରକ ତଳେ ଚାପି ହୋଇ ମହିଳା ମୃତ

**ଓଡ଼ଗାଁ,୨୯।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ବଳଭଦ୍ରପୁର ନିକଟରେ ମିନିଟ୍ରକ ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ହେଲେ ନିକଟସ୍ଥ ସାକେରୀ ପଞ୍ଚାୟତ କୁଶଢିପି ହରିଜନ ସାହିର ହୀରା ନାୟକ(୪୫) । ହୀରା ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ୱାମୀ ରାଜୁଙ୍କ ମୋପେଡ ପଛରେ ବସି ଓଡ଼ଗାଁ ଅଭିମୁଖେ ଆସୁଥିଲେ । ସେହି ସମୟରେ ରବିଗାଡ଼ିଆ–ବଳଭଦ୍ରପୁର ରାସ୍ତାରେ ସମ୍ମୁଖରୁ ଦ୍ରୁତ ଗତିରେ ଆସୁଥିବା ଏକ ମିନିଟ୍ରକକୁ ଦେଖି ରାଜୁ ଭାରସାମ୍ୟ ହରାଇବାରୁ ଉଭୟେ ମୋପେଡରୁ ଖସିପଡିଥିଲେ । ଫଳରେ ମିନିଟ୍ରକ ଚକାତଳେ ହୀରା ଚାପିହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ପୋଲିସ ମୃତଦେହ ଜବତ କରିବା ପରେ ୨୧୫/୧୯ରେ ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇବା ପରେ ମିନିଟ୍ରକ ଚାଳକ ଫେରାର ହୋଇଯାଇଥିବା ବେଳେ ଗାଡି ମାଲିକ ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚରିଡା ଗ୍ରାମର ବୋଲି ଜଣାପଡିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଓଡି୨୫ଡି୫୫୭୧ ନମ୍ବର ବିଶିଷ୍ଟ ମିନିଟ୍ରକ ଏବଂ ଓଡି୨୫ଏଫ୍ ୪୧୦୩ ନମ୍ବର ଥିବା ଟିଭିଏସ ଏକ୍ସେଲ ମୋପେଡ ଜବତ କରିଥିବା ଆଦର୍ଶ ଥାନା ଆଇଆଇସି ମମତା ପତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପରିବହନ ଆପ୍ ସୂଚନା ଅନୁସାରେ ପୋଲିସ ଜବତ କରିଥିବା ଗାଡି ଓ ମୋପେଡର ବୀମା ଓ ପ୍ରଦୂଷଣ ଅବଧି ନ ଥିବା ଜଣାଯାଇଛି । ଅନ୍ୟପକ୍ଷେ ମହିଳାଙ୍କ ଶବ ବ୍ୟବଚ୍ଛେଦ ହେବାପରେ ତାଙ୍କର କେତେକ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ଡାକ୍ତରଖାନାରୁ ମୃତଦେହ ନେବାକୁ ବିଳମ୍ବ କରିଥିଲେ । ଫଳରେ ତହସିଲଦାର ସ୍ୱାତୀଲେଖା ଦାଶ ୫ ହଜାର ଟଙ୍କାର ଏକ ଚେକ୍ ଏବଂ ପୋଲିସ ୧ ହଜାର ଟଙ୍କା ଦେବାରୁ ସେମାନେ ସନ୍ଧ୍ୟାରେ ମୃତଦେହ ନେଇଯାଇଥିବା ଜଣାଯାଇଛି।

## ମଣିଭଦ୍ରାରେ ୨୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଘାଟିତ


ମହାନଦୀ ଘାଟରୁ ଆସୁଥିବା କଳସ ଶୋଭାଯାତ୍ରା।

**ଗଣିଆ,୨୯।୧୧(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକର ପୁରାଣ ବର୍ଣ୍ଣିତ ମଣିଭଦ୍ରା ପାଦଦେଶରେ ଅବସ୍ଥିତ ମା' କଳାପାଟଙ୍କ ପୀଠରେ ୨୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସିଦ୍ଧଯୋଗୀ ବାବା ରାମଦାସଙ୍କ ୬୯ତମ ଜନ୍ମ ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ମହାଯଜ୍ଞ ଅବସରରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯାଇଥିଲା। ମହାନଦୀ ଓ ବୃତ୍ତଙ୍ଗ (କୁଶଭଦ୍ରା) ନଦୀର ସଙ୍ଗମସ୍ଥଳରୁ ୧୦୮ କଳସରେ ଜଳ ଆଣି ଶୋଭାଯାତ୍ରାରେ ଯାଇ ଘଟ ସ୍ଥାପନ କରାଯାଇ ଶୁଭାଧିବାସ କରାଯାଇଥିଲା। ଏହି ଅବସରରେ ବାବାଙ୍କର ଅନୁଗାମୀମାନେ ମା' କଳାପାଟଙ୍କ ଚରଣରେ ଓ ଯଜ୍ଞ ମଣ୍ଡପରେ ଗୁରୁ ରାମଦାସଙ୍କ ପାଦୁକାତଳେ ଦୀପଜାଳି ମହାଯଜ୍ଞର ସଫଳତା ନିମନ୍ତେ କୃପାଭିକ୍ଷା କରିବା ସହିତ ଉଦ୍‌ଘାଟନ କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ବାବା ରାମ ଦାସଜୀ ମହାରାଜଙ୍କ ଦ୍ୱାରା ୧୯୯୩ ମସିହାରୁ ପ୍ରତିବର୍ଷ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରତିବର୍ଷ ଓଡଣି ଷଷ୍ଠୀରେ ହୋଇଥାଏ। ଏହି ଯଜ୍ଞରେ ୪ଦିନ ବ୍ୟାପୀ ଘୃତଯଜ୍ଞ, ନାମ ସଂକୀର୍ତ୍ତନ, ହନୁମାନ ଚାଳିଶା ପଠନ, ସାଧୁ ସମ୍ମିଳନୀ, ପ୍ରବଚନ, ଭଜନ ସମାରୋହ, ଭାଗବତ ପାଠ ଇତ୍ୟାଦି କାର୍ଯ୍ୟକ୍ରମ ହେବାର ରହିଛି ବୋଲି ବାବାଙ୍କର ପଟ୍ଟଶିଷ୍ୟ ତଥା ଯଜ୍ଞ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥସାରଥି ମହାନ୍ତି, ସାଧୁସନ୍ଥ ପ୍ରତିନିଧି ବାବା ଲଳିତ ନାରାୟଣଙ୍କଠାରୁ ସୂଚନା ମିଳିଛି। ୪ ଦିନ ଧରି ଏହି ମେଳାରେ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ଜିଲା ପୋଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଘଟଣାସ୍ଥଳରେ ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି,ତହସିଲଦାର ମିତାଲି ପାତ୍ର, ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ,ଏବିଡିଓ ସରୋଜ କୁମାର ନାୟକଙ୍କ ସମେତ ପ୍ରାୟ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।




## ପୋଲିସ ଡାକରାରେ ଥାନାକୁ ଯାଇ ଜେଲ ଗଲେ ବୃଦ୍ଧ

**ରଣପୁର,୨୯।୧୧(ସ୍ୱ.ପ୍ର.)–** ନୟାଗଡ ଜିଲା ବ୍ରଜରାଜପୁର ପଞ୍ଚାୟତ ବାମଡ଼ା ଗାଁର ଏସ୍.କେ. ଦୟାନ୍ (୬୫)ନାମକ ଜଣେ ବ୍ୟକ୍ତି ରଣପୁର ପୋଲିସ ଡାକରା ପାଇ ଥାନାକୁ ଯାଇଥିଲେ । ସେ ୧ ହଜାର ଟଙ୍କା ଲାଞ୍ଚ ନ ଦେବାରୁ ତାଙ୍କୁ ପୋଲିସର ମିଥ୍ୟା ମାମଲାରେ ଫସି ରଣପୁର ସବ୍‌ଜେଲରେ ରହିବାକୁ ପଡିଛି । ପୋଲିସ ବିରୋଧରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବରିଷ୍ଠ ନାଗରିକଙ୍କର ଏଭଳି ଅଭିଯୋଗ ତଦନ୍ତ ସାପେକ୍ଷ । ରଣପୁର ଥାନା ଭିତରେ ସିସିଟିଭି ଲାଗିଥିବାରୁ ଫୁଟେଜ ଯାଞ୍ଚ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ବାମଡା ଗାଁର ଏସ୍.କେ. ଦୟାନ୍ କୁହନ୍ତି, ପୋଲିସ ଡାକିବା ପରେ ରଣପୁର ଥାନାକୁ ଗତ ୨୭ତାରିଖରେ ଯାଇଥିଲି। ଡାକିବାର କାରଣ ପଚାରିବାରୁ ମୋତେ ଗିରଫ କରାଗଲା । ଘରକୁ ଫୋନ ଯୋଗେ ଜଣାଇବି କହିବାରୁ ମନା କଲେ। କିଛି ସମୟ ପରେ ମୋ ମୋବାଇଲ ଫୋନ ମାଗିଲେ। ଫୋନ ନ ଦେବାରୁ ୧ ହଜାର ଟଙ୍କା ମାଗିଲେ। ଟଙ୍କା ଦେଲେ ଛାଡି ଦେବେ ବୋଲି କହିଲେ। ମୁଁ ଅରାଜି ହେବା ପରେ ମହିଳା ପୋଲିସକୁ ପଛରେ ଲଗାଇ ଫସାଇ ଦେଲେ । ଜେଲରୁ ମୁକୁଳିଲା ପରେ ଯାହା କିଛି ପଦକ୍ଷେପ ନେବି। ରଣପୁର ଆଇଆଇସି ରଶ୍ମିରଞ୍ଜନ ଦାଶ କୁହନ୍ତି, ୨୦୧୦ରେ ଦୟାନ୍‌ଙ୍କ ପୁଅ ଜଣେ ଯୁବତୀଙ୍କୁ ଅପହରଣ କରି ନେଇଥିଲେ । ଏହି ଘଟଣାରେ ଦୟାନ୍‌ଙ୍କ ପୁଅଙ୍କ ସମେତ ପରିବାରର ଅନ୍ୟ ସଦସ୍ୟଙ୍କୁ ଅଭିଯୁକ୍ତ କରି ମାମଲା ରୁଜୁ ହୋଇଥିଲା । ପରିବାରର ସଦସ୍ୟମାନେ ଜାମିନରେ ଯାଇଥିଲେ । ତେବେ କୋର୍ଟ ତାରିଖରେ ଅନୁପସ୍ଥିତ ରହିବାରୁ ଜିଆର କେସ ନଂ୧୮୮/୧୦ରେ ଏସ୍.କେ. ଦୟାନ୍‌ଙ୍କ ନାମରେ ରଣପୁର ଥାନାକୁ ୱାରେଣ୍ଟ ଆସିଥିଲା । ଗତ ୨୭ ତାରିଖରେ ରଣପୁର ଥାନା ପୋଲିସ ଏସ୍.କେ. ଦୟାନ୍‌ଙ୍କୁ ଗିରଫ କରିଥିଲା। ତେବେ ପୋଲିସ ବିରୋଧରେ ସେ ଯେଉଁ ଅଭିଯୋଗ ଆଣିଛନ୍ତି ସେଥିରେ ସତ୍ୟତା ନାହିଁ । ବରଂ ମହିଳା ପୋଲିସକୁ ମାଡମାରି ଥାନାରୁ ଖସଯିବାକୁ ସେ ଉଦ୍ୟମ କରିଥିଲେ। ସବ୍‌ଇନ୍ସପେକ୍ଟର ବିଦିତା ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ୨୫୮/୧୯ରେ ମାମଲା ରୁଜୁ କରି ତାଙ୍କୁ ଗୁରୁବାର ନୟାଗଡ କୋର୍ଟଚାଲାଣ କରିଥିଲା।





ଯେଉଁମାନଙ୍କର ସଂକୀର୍ଣ୍ଣ ଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି। -**ରାମକୃଷ୍ଣ ପରମହଂସ**



## ସଂକ୍ଷେପରେ

### ବିନା ବିଦ୍ୟୁତ୍‌ରେ ମୋବାଇଲ ଚାର୍ଜ ପ୍ରକଳ୍ପ କରି ଛାତ୍ର ସମ୍ମାନିତ

**ଭାପୁର,୨୯।୧୧(ଡି.ଏନ୍.ଏ.)**-ଭାପୁର ବ୍ଲକ କବିରାଜ ବୈଦ୍ୟନାଥ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଆୟୋଜିତ ବିଜ୍ଞାନମେଳାରେ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ସିଦ୍ଧେଶ୍ୱର ପଣ୍ଡାଙ୍କ ବିନା ବିଦ୍ୟୁତ୍‌ରେ ମୋବାଇଲ ଚାର୍ଜ ଶ୍ରେଷ୍ଠ ପ୍ରକଳ୍ପ ଭାବେ ବିବେଚିତ ହୋଇଥିଲା। ପ୍ରାକୃତିକ ଦୁର୍ବିପାକ ସମୟରେ ୮/୧୦ ଦିନ କାଳ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ରହୁ ନ ଥିବାରୁ ଏହି ନୂତନ ଚିନ୍ତାଧାରା ଦ୍ୱାରା ମୋବାଇଲ ଉପଭୋକ୍ତାମାନେ ଉପକୃତ ହୋଇପାରିବେ। ଅନ୍ୟ ୩ଟି ପ୍ରକଳ୍ପ ଶାଶ୍ୱତ କୁମାର ପଣ୍ଡାଙ୍କ ସୌରଶକ୍ତିର ଅଭିନବ ବ୍ୟବହାର, ଜ୍ଞାନରଞ୍ଜନ ପଣ୍ଡାଙ୍କ ରିମୋଟ ଦ୍ୱାରା କୀଟନାଶକ ବ୍ୟବହାର ଓ ତପସ୍ୱିନୀ ମିଶ୍ରଙ୍କ ଦ୍ୱାରା ଜଳ ଅମଳ ପ୍ରକଳ୍ପ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ଆଞ୍ଚଳିକ ଚାରୁଦେବୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିପିନ ବିହାରୀ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ମୋଟ ୩୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା।

### ବେଆଇନ ରେଳ ଟିକେଟ ବିକ୍ରି ଅଭିଯୋଗ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୨୯।୧୧:** ବେଆଇନ ରେଳ ଟିକେଟ ବିକ୍ରି ଅଭିଯୋଗରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଜଣଙ୍କୁ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ମୁଖ୍ୟରାସ୍ତାରେ ରହୁଥିବା ରବୀନ୍ଦ୍ର ପ୍ରସାଦ ସାହୁ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଇନ୍ସପେକ୍ଟର ଦିଲୀପ କୁମାର ସୂଚନା ଦେଇଛନ୍ତି। ରେଳବିଭାଗ ଅନୁମତି ବିନା ରବୀନ୍ଦ୍ର ବେଆଇନ ଭାବେ ଅନଲାଇନ ଟିକେଟ ବିକ୍ରି କରୁଥିବା ଆରପିଏଫ ଖବର ପାଇଥିଲା। ଏସଆଇ ଚନ୍ଦନ କୁମାର ତିୱାରୀ ଓ ତାଙ୍କ ଷ୍ଟାଫ ସେଠାରେ ପହଞ୍ଚି ରବୀନ୍ଦ୍ରଙ୍କ ଟିକେଟ କାଉଣ୍ଟରରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ନୂଆ ପ୍ରସ୍ତୁତ ହୋଇଥିବା ୧୨ ଓ ପୂର୍ବରୁ ବିକ୍ରି ହୋଇଥିବା ୨୮ ଟିକେଟ ଜବତ କରାଯାଇଛି।

### ଶିକ୍ଷକଙ୍କ ଘରୁ ଚୋରି

ଗୋପାଳପୁର,୨୯।୧୧: ଜଣେ ଶିକ୍ଷକଙ୍କ ଘରୁ ତାଲା ଭାଙ୍ଗି ଟଙ୍କା ଓ ମୂଲ୍ୟବାନ କାଗଜପତ୍ର ଦୁର୍ବୃତ୍ତମାନେ ଚୋରି କରିଛନ୍ତି। କରାପଲି ଗ୍ରାମର ପ୍ରଦୀପ କୁମାର ପଣ୍ଡା ଡୁରା ହାଇସ୍କୁଲରେ ଶିକ୍ଷକ ଅଛନ୍ତି। ଗୁରୁବାର ପୂଜା ପାଇଁ ନିଜ ଗ୍ରାମ ସୁବର୍ଣ୍ଣପୁରକୁ ବୁଧବାର ସନ୍ଧ୍ୟାରେ ପ୍ରଦୀପ ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଡାଡି ରୁପାଗହଣା, ୧୦୦୦ ଟଙ୍କା ଓ ମୂଲ୍ୟବାନ କାଗଜପତ୍ର ଚୋରି କରିନେଇଥିଲେ।

### ପଞ୍ଚାୟତ ପିଅନଙ୍କ ପରଲୋକ

**ଖଣ୍ଡପଡା,୨୯।୧୧(ସ୍ୱ.ପ୍ର.)**-ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ପିଅନ ଡମ୍ବରୁଧର ସାହୁ (୫୬)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ମାସ ଧରି ଅସୁସ୍ଥ ଥିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଖଳିସାହିସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁତ୍ର ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ■ ଖୋଲାଗଲା ସରକାରୀ ଧାନମଣ୍ଡି

# ୧୦ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟ

ନୟାଗଡ଼ ଅଫିସ,୨୯।୧୧




ଜିଲାପାଳ ଚାଷୀମାନଙ୍କୁ ସୂଚନା ଦେଉଛନ୍ତି।

- ■ ବିନା ଟୋକନରେ ଚାଷୀ ବିକ୍ରୟ କରିପାରିବେ ନାହିଁ ଧାନ
- ■ ଡିସେମ୍ବର ୧୮ ପରେ ମଣ୍ଡିରେ ବିକ୍ରି କରିବେ

ଜିଲା ଯୋଗାଣ ବିଭାଗ ଦ୍ୱାରା ନୟାଗଡ଼ ଜିଲାରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ଜରିଆରେ ଧାନ କିଣା ଯିବ। ଖଣ୍ଡପଡ଼ା ରୋଡ଼ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩ ଜଣ ଚାଷୀ ଧାନ ଆଣିଥିବା ବେଳେ ଜଣଙ୍କର ସାଧାରଣମାନ(ଏଫଏକ୍ୟୁ)ର ଧାନ ହୋଇଥିବାରୁ ତାଙ୍କଠାରୁ ଧାନ କ୍ରୟ କରାଯାଇଥିଲା। ବର୍ତ୍ତମାନ ଜିଲାର ଅଧିକାଂଶ ଜମିରେ ଧାନ ପାଚି ରହିଥିବାରୁ ଡିସେମ୍ବର ୧୮ ତାରିଖ ପରେ ଜିଲାର ୧୫୯ଟି ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଜିଲା ଯୋଗାଣ ଅଧିକାରୀ ଦେବଦତ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଜିଲାପାଳ ଟୁଡୁ କହିଥିଲେ ବର୍ତ୍ତମାନ ମଣ୍ଡି ଖୋଲିଥିଲେ ମଧ୍ୟ ଚାଷୀମାନେ ବ୍ୟସ୍ତ ନ ହୋଇ ଧାନକୁ ଶୁଖାଇ ସଫା କରି ୧୮ ତାରିଖ ପରେ ସାଧାରଣମାନର ଧାନ ଦେବେ। ଚଳିତ ବର୍ଷ ବିନା ଟୋକନରେ ଧାନ କ୍ରୟ କରାଯିବ ନାହିଁ। ତେଣୁ ଚାଷୀମାନଙ୍କ ଧାନ କିଣାଯିବାର ୭ ଦିନ ପୂର୍ବରୁ ମୋବାଇଲକୁ ମେସେଜ ଯିବ। ସେହିଭଳି ଚାଷୀମାନେ ଯେଉଁ ମଣ୍ଡିରେ ସେମାନଙ୍କ ନାମ ପଞ୍ଜିକୃତ କରିଥିବେ ୭ ଦିନ ପୂର୍ବରୁ ସେମାନେ ଧାନବିକ୍ରୟ କରିବା ପାଇଁ ସେମାନଙ୍କ ନାମ ତାଲିକା ମଣ୍ଡିରେ ଟଙ୍ଗାଯିବ। ବିନା ଟୋକନରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ନାହିଁ। ଯେଉଁ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଥିବେ ସେହି ଚାଷ ଆଧାର କାର୍ଡ଼ ଆଣି ମଣ୍ଡିରେ ଧାନ ବିକ୍ରି କରିପାରିବେ। ଅନ୍ୟ କେହି ବିକ୍ରି କରିପାରିବେ ନାହିଁ ବୋଲି ଜିଲାପାଳ ଟୁଡୁ ସୂଚନା ଦେଇଥିଲେ। ଧାନ ଦେବାର ୨ ଦିନ ଭିତରେ ଚାଷୀମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦିଆଯିବ। ଚଳିତ ବର୍ଷ ୪୦ ହଜାର ୮୦୪ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଥିବା ବେଳେ ସେମାନଙ୍କଠାରୁ ୧୦ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ପରେ ପରିସ୍ଥିତିକୁ ଦେଖି ଆଉ ଅଧିକା ଧାନ କିଣାଯିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ , ସହକାରୀ ଯୋଗାଣ ଅଧିକାରୀ ଜୟନ୍ତ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଚଳିତବର୍ଷ ସାଧାରଣ ଧାନର କ୍ୱିଣ୍ଟାଲ ମୂଲ୍ୟ ୧୮୧୫ ଟଙ୍କା ରହିଥିବା ବେଳେ ସରୁ ଧାନ ୧୮୩୫ ଟଙ୍କା ରହିଛି।

# ମୃଗବିହାରରେ ତାଲା ପଡ଼ିବା ନେଇ ଅସନ୍ତୋଷ

ଦଶପଲ୍ଲା,୨୯।୧୧(ଡି.ଏନ୍.ଏ.)

ଦଶପଲ୍ଲାସ୍ଥିତ କୁଆଁରିଆ ଡ୍ୟାମ ନିକଟରେ ଥିବା ମୃଗବିହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ତେବେ ଦୀର୍ଘ ୬ମାସ ହେଲାଣି ମୃଗବିହାର ଗେଟ୍‌ରେ ତାଲା ପଡ଼ିଛି। ଏ ନେଇ ସାମାଜିକକର୍ମୀ କୁଞ୍ଜବିହାରୀ ପାତ୍ର ଦଶପଲ୍ଲା ଥାନାରେ ଅଭିଯୋଗ କରି ପ୍ରତିକାର ପାଇଁ ଦାବି କରିଛନ୍ତି।

ପ୍ରକାଶଥାଉ କି, ଡ୍ୟାମଠାରେ ଥିବା ମୃଗବିହାରାରେ ୨୫୬ ମୃଗ ଅଛନ୍ତି। ଏହା ମହାନଦୀ ବନ୍ୟପ୍ରାଣୀ ବିଭାଗ ଅଧୀନରେ ଅଛି। କିନ୍ତୁ ଉକ୍ତ ମୃଗବିହାର ଗେଟ୍‌ରେ ଦୀର୍ଘ ୬ ମାସ ହେଲା ତାଲା ଝୁଲୁଛି। ତାଲା କାହିଁକି ପଡ଼ିଛି ଏବଂ କିଏ ପକାଇଛି ତା'ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ଦାବି କରିଛନ୍ତି।

କୁଆଁରିଆ ଡ୍ୟାମଠାରେ ଉକ୍ତ ମୃଗବିହାର ଥିବାବେଳେ ବର୍ଷସାରା ଏଠାକୁ ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ଅକ୍ଟୋବରଠାରୁ ଫେବୃୟାରୀ ପର୍ଯ୍ୟନ୍ତ ବହୁ ପର୍ଯ୍ୟଟକ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏଠାକୁ ଆସିଥାନ୍ତି। ଛୋଟଛୋଟ ପିଲାମାନେ ହରିଣ ଦେଖି ମନଖୁସି କରିଥାନ୍ତି। ବର୍ତ୍ତମାନ ଗେଟ୍‌ରେ ତାଲା ପଡ଼ିବା ଯୋଗୁ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରି ଫେରୁଥିବା ଜଣାଯାଇଛି। ସାମାଜିକକର୍ମୀ ପାତ୍ର ଥାନାରେ ଅଭିଯୋଗ ସହ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କୁ ଭେଟି ପ୍ରତିକାର ପାଇଁ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଥାନା ସେକେଣ୍ଡ ଅଫିସର ଚକ୍ରଧର ସିଂହଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିବା କହିଥିଲେ।



ଗେଟ୍‌ରେ ତାଲା ପଡ଼ିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ବୈଠକ

ନୂଆଗାଁ,୨୯।୧୧(ଡି.ଏନ.ଏ.)



ଦଶପଲା ବିଧାୟକଙ୍କ ସହ ସଂଘର ସଦସ୍ୟମାନେ।

ନୟାଗଡ ଜିଲା ନୂଆଗାଁ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୬ ତମ ବାର୍ଷିକ ବୈଠକ ଶୁକ୍ରବାର ନୂଆଗାଁ ହାଟଗୃହ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ନୂଆଗାଁ ବ୍ଲକର ପ୍ରାୟ ୩୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ଦଶପଲ୍ଲା ବିଧାୟକ ରମେଶ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ନୂଆଗାଁ ଶାଖାର ପରିଚାଳକ ବସନ୍ତ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ଦିବଂଗତ ୪ ବରିଷ୍ଠ ସଦସ୍ୟଙ୍କ ଅମରଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଗଠନ ସଂପାଦକ ପ୍ରତାପ କୁମାର ଦାଶ ବିବରଣୀ ପାଠ କରିଥିଲେ । ଉକ୍ତ ବୈଠକରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ ସଂଘର ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଶାସନ ତରଫରୁ ପ୍ରଦାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂଘର ସଭ୍ୟ ବସନ୍ତ କୁମାର ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠାର ୧୬ ବର୍ଷ ବିତି ଯାଇଥିଲେ ମଧ୍ୟ ସେମାନଙ୍କ ବୈଠକ ପାଇଁ ଘର ନ ଥିବା ନେଇ ସଂଘର କର୍ମକର୍ତ୍ତା ବିଧାୟକ ବେହେରାଙ୍କୁ ଅବଗତ କରାଇଥିଲେ । ବିଧାୟକ ଏହାକୁ ଗୁରୁତ୍ୱର ସହ ବିଚାର କରି ଏହାର ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁନିର୍ଭର ପ୍ରତିଶ୍ରୁତିଦେଇଥିଲେ ।

# ମହିଳା, ଯୁବତୀଙ୍କୁ ଆପତ୍‌କାଳୀନ ଯନ୍ତ୍ର ବଣ୍ଟନ

ପୁରୀ ଅଫିସ, ୨୯।୧୧

ବିଭିନ୍ନ ସମୟରେ ମହିଳା ଏବଂ ଯୁବତୀ ଅସଦାଚରଣ ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏମିତି କି ଏକୁଟିଆ ରାସ୍ତାରେ ଯିବା ବେଳେ ସେମାନଙ୍କ ସହିତ ଜୋରଜବରଦସ୍ତି କରାଯାଉଛି। ତେବେ ଏଥିରୁ ରକ୍ଷା ପାଇବା ପାଇଁ ଜାପାନର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମାସା ଓ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ମିଳିତ ଭାବେ ମହିଳା, ଯୁବତୀଙ୍କୁ ଆପାଦକାଳୀନ ଯନ୍ତ୍ର ବଣ୍ଟନ କରିଛନ୍ତି। ଶୁକ୍ରବାର ପୁରୀର ବହୁ ସଂଖ୍ୟକ ଯୁବତୀ ଓ ମହିଳାଙ୍କୁ ଏହି ଡିଭାଇସ ପ୍ରଦାନ କରାଯାଇଛି। ସେମାନେ ଯଦି କୌଣସି ଅସାମାଜିକ ଲୋକଙ୍କ ଶିକାର ହେବାକୁ ଯାଉଥାନ୍ତି ତେବେ ଏଥିରେ ଥିବା ସୁଇଚ୍‌କୁ ଚିପିଦେଲେ ଏହା ଖୁବ୍ ଜୋରରେ କିଛି ସମୟ ପର୍ଯ୍ୟନ୍ତ ବାଜି ଉଠିବ। ଆଖପାଖର ଲୋକେ ଏହି ଧ୍ୱନି ଶୁଣିବା ପରେ କୌଣସି ମହିଳା କିମ୍ବା ଯୁବତୀ ବିପଦରେ ପଡିଥିବା ଜାଣିପାରିବେ ଏବଂ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କଠାରୁ ତାଙ୍କୁ ରକ୍ଷା କରିପାରିବେ। ଯଦି ସମ୍ପୃକ୍ତ ବ୍ୟକ୍ତି ସମୟ ଅଭାବରୁ ଯାଇ ନ ପାରନ୍ତି ତେବେ ପୋଲିସକୁ ଫୋନ କରି ଜଣାଇ ପାରିବେ। ପୁରୀ ସହରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦେଶର ଅନ୍ୟାନ୍ୟ ସହରରେ ମଧ୍ୟ ଉପଲବ୍ଧ ହେବ ବୋଲି ସମ୍ପୃକ୍ତ ସଙ୍ଗଠନ କର୍ମକର୍ତ୍ତା କହିଛନ୍ତି। ସୂଚନାଯୋଗ୍ୟ, ଜାପାନର ମହିଳା ଓ ଯୁବତୀମାନେ ମଧ ପାଖରେ ଏହି ଡିଭାଇସ ରଖିଥାନ୍ତି।

# ଜିଲା ଯୁବ ଉତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୨୯।୧୧

ସଂସ୍କୃତି ଭବନରେ ଚାଲିଥିବା ଦୁଇଦିନିଆ ଜିଲା ଯୁବ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ନେହେରୁ ଯୁବକେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ମଞ୍ଚାସୀନ ଥିଲେ। ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଚଳିତବର୍ଷ ଯୁବ ଉତ୍ସବରେ ଜିଲାର ୧୧ଟି ବ୍ଲକରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନୀ ଦିବସରେ ସୁରେନ୍ଦ୍ର ନାୟକ, ସତ୍ୟପ୍ରିୟ ମହାପାତ୍ର, ଅଶୋକ କୁମାର ଦାସ, ନାରାୟଣ ପାଣ୍ଡେ, ଶକ୍ତିପ୍ରସାଦ ନାୟକ, ବିଜୟ କୁମାର ପଣ୍ଡା, ବିପିନ ବିହାରୀ ଦଳାଇ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଲୋକ ସଙ୍ଗୀତରେ କ୍ରିଷ୍ଣାମୋହନ ଓଡ଼ିଶୀ ମ୍ୟୁଜିକ୍ ଆଣ୍ଡ ଡ୍ୟାନ୍ସ ଏକାଡେମୀ, ଲୋକନୃତ୍ୟରେ ଜୟ ଜଗନ୍ନାଥ କଳା ଓ ସାଂସ୍କୃତିକ ପରିଷଦ, ଓଡ଼ିଶୀ ନୃତ୍ୟରେ ଜି. ସଞ୍ଜୟ, କୁଚିପୁଡି ନୃତ୍ୟରେ ଅନେଶ୍ୱର ରାଉଲ, ମଣିପୁରୀ ନୃତ୍ୟରେ ସୌଭାଗିନୀ ସ୍ୱାଇଁ, ଭାରତନାଟ୍ୟମ୍‌ରେ ଏଲ୍.ଡିମ୍ପଲସାଇ ରେଡ୍ଡୀ, ବାକ୍‌ପଟୁତାରେ ଏଲ୍. ଡିମ୍ପଲସାଇ ରେଡ୍ଡୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରଥମ ଦିନରେ ହିନ୍ଦୁସ୍ଥାନୀ ଭୋକାଲରେ ପୁରୀର ଶାଶ୍ୱତି ଦାଶ, ତବଲାରେ କଣାସର ବସନ୍ତ କୁମାର ସାହୁ, ମୃଦଙ୍ଗରେ ବ୍ରହ୍ମଗିରିର ତରୁଣ କୁମାର ବେହେରା, ବଂଶୀରେ ନିମାପଡ଼ାର ସୁବ୍ରତ ବେହେରା ଓ ହାରମୋନିୟମ୍‌ରେ ପୁରୀର ଚିନ୍ମୟ କୁମାର ମଲ୍ଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ଭଞ୍ଜନଗର ଓକିଲ ସଂଘର ୨ ଦିନିଆ ଗଣଧାରଣା

ଭଞ୍ଜନଗର,୨୯।୧୧(ଡି.ଏନ୍.ଏ.)

ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ୫ଦଫା ଦାବିନେଇ ଶୁକ୍ରବାର ୨ଦିନିଆ ଗଣଧାରଣା ଦିଆଯାଇଛି। ଆଇନଜୀବୀମାନେ କାର୍ଯ୍ୟବନ୍ଦ ସହ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଭଞ୍ଜନଗରକୁ ଘୁମୁସର ଜିଲା ଘୋଷଣା, ବ୍ରହ୍ମପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ବ୍ରହ୍ମପୁର ଭାୟା ଭଞ୍ଜନଗର ସମ୍ବଲପୁର ରେଳ ଲାଇନ ସଂଯୋଗୀକରଣ, ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା ପ୍ରମୁଖ ଦାବି ରହିଛି। ଘୁମୁସର ଜିଲା ଆନ୍ଦୋଳନ ୧୯୯୩ ମସିହାରୁ ପର୍ଯ୍ୟାୟକ୍ରମେ ଚାଲିଛି। ମୁଖ୍ୟମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ବଦଳୁଛି କିନ୍ତୁ ସରକାର ଦାବି ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହି ଆନ୍ଦୋଳନରେ ବାର ଆସୋସିଏଶନ ବହୁବର୍ଷ ହେବ ସାମିଲ ହୋଇଛି। ପ୍ରତ୍ୟେକ ମାସ ଶେଷ ୨କାର୍ଯ୍ୟ ଦିବସରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିଲେ। ଏହାପରେ ବ୍ରହ୍ମପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହୋଇଥିଲା। ଚଳିତ ମାସରୁ ଆଉ ୩ଟି ଦାବି ସେଥିରେ ସଂଯୋଗ କରାଯାଇଛି। ଆନ୍ଦୋଳନର ନେତୃତ୍ୱ ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ସମ୍ପାଦକ ଅଶୋକ କୁମାର ଜେନା ପ୍ରମୁଖ ନେଉଛନ୍ତି।

# ପୋଲରେ ପିଟିହେଲା ପିକ୍‌ଅପ୍, ଜଣେ ମୃତ

**ତୁମୁଡିବନ୍ଧ,୨୯।୧୧(ଡି.ଏନ୍.ଏ.)**-ତୁମୁଡିବନ୍ଧ ଥାନା ପବନ ଗାଁ ଛକ ନିକଟ ପୋଲରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ପିକ୍‌ଅପ୍ ପିଟିହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁମୁଡିବନ୍ଧ ପଞ୍ଚାୟତ ଡଙ୍ଗରପଦର ଗ୍ରାମର ସନ୍ତ ନାୟକ (୨୪)। ଏଥିରେ ଥିବା ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଣପୁର ଗ୍ରାମର ସତ୍ୟାନନ୍ଦ ନାୟକ (୩୨) ଓ ଶହଦେବ ନାୟକ (୩୦)ଙ୍କ ଅବସ୍ଥା ଗୁରୁତର ଅଛି।

# ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର

**ଗଞ୍ଜାମ,୨୯।୧୧(ଡି.ଏନ.ଏ.):** ଗଞ୍ଜାମ ଜୟଶ୍ରୀ ରୋଡ ପାର୍ଶ୍ୱରେ ଦୀର୍ଘ ବର୍ଷ ହେବ ବିଧବା ହେମ ନାୟକ (୮୦) ରହୁଥିଲେ। ତାଙ୍କ ଏକମାତ୍ର ପୁଅ ରାଜୁଙ୍କର ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଥିଲା। ଅସହାୟ ହେମଙ୍କ କେହି ନ ଥିବାରୁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଓ ରାଜନୈତିକ ବ୍ୟକ୍ତିମାନେ ମୃତଦେହ ସଂସ୍କାର କରିଛନ୍ତି। ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ ଓ ଗଞ୍ଜାମ ତହସିଲଦାର ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ତହସିଲଦାର ୫୦୦୦ ଟଙ୍କା ପ୍ରଦାନ କରିଛନ୍ତି। କାଇଁଚପୁର ସରପଞ୍ଚ ଶ୍ୟାମ ରେଡ୍ଡୀ ମୃତଦେହ ଦାହ ପାଇଁ ସାମଗ୍ରୀ ପ୍ରଦାନ କରିଥିଲେ। ସକ୍ଷମ ସଭାପତି ବସନ୍ତ କୁମାର ସାହୁ, ଓକିଲ ପଙ୍କଜ କୁମାର ବାରିକ, ସାମାଜିକ କର୍ମୀ ଉମାକାନ୍ତ ବେହେରା, ପୂର୍ବତନ କାଉନସିଲର ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ଦାମୋଦର ଗ୍ରାମ ଋଷିକୁଲ୍ୟା ନଦୀସ୍ଥିତ ଶ୍ମଶାନରେ ମୃତଦେହ ଦାହ କରିଥିଲେ।

## ■ ଲୋକ ପ୍ରତିନିଧିଙ୍କର ଖବରଦାତା ସମ୍ମିଳନୀ

# ରଣପୁର ବ୍ଲକରେ ଉନ୍ନୟନ କାର୍ଯ୍ୟରେ ପିସି ଅଭିଯୋଗ

ରଣପୁର,୨୯।୧୧(ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ ଲୋକପ୍ରତିନିଧିମାନେ।

- ■ ବିଡିଓଙ୍କ ବିରୋଧରେ ସ୍ୱର ଉତ୍ତୋଳନ
- ■ କାର୍ଯ୍ୟାନୁଷ୍ଠାନ ନ ହେଲେ ୧୫ ଦିନ ଭିତରେ ଆନ୍ଦୋଳନ

ନୟାଗଡ ଜିଲା ରଣପୁର ବିଡିଓଙ୍କ ବିରୋଧରେ ଲୋକପ୍ରତିନିଧିମାନେ ସ୍ୱର ଉତ୍ତୋଳନ କରିଛନ୍ତି । ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ପିଛା ୩୦୦ ଟଙ୍କା ଓ ଉନ୍ନୟନ କାର୍ଯ୍ୟରେ ୨୦ ପ୍ରତିଶତ ପିସି ନିଆଯାଉଛି । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ବିଭିନ୍ନ ଉନ୍ନୟନ ଯୋଜନାରେ ଦୁର୍ନୀତି ବଢ଼ିଚାଲିଛି । ଏଥିରେ ରଣପୁର ବିଡିଓଙ୍କର ସଂପୃକ୍ତି ରହିଥିବା ରଣପୁର ଡାକ ବଙ୍ଗଳାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଚମ୍ପାପେଡି ସରପଞ୍ଚ ନିର୍ମଳ ଗଜମଉସିଂହ, ଖଇରପଲ୍ଲୀ ସମିତି ସଭ୍ୟ ଦୁଃଶାସନ ଜେନା, ସମିତି ସଭ୍ୟ ଆନନ୍ଦ ନାୟକ, ମଞ୍ଜୁବାଳା ସାହୁ, କମଳା ସେଠୀ, ବିନୋଦିନୀ ଜଗଦ୍ଦେବ, ପ୍ରଭାତି ନାୟକ, ଗୀତାଞ୍ଜଳି ବଳିଆରସିଂହ, ସୌଦାମିନୀ ପ୍ରଧାନ ପ୍ରମୁଖ ବ୍ଲକରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କରିଥିଲେ । ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନକୁ ଲୋକ ପ୍ରତିନିଧିମାନେ ୧୫ ଦିନ ସମୟ ଦେଇଛନ୍ତି। ନଚେତ ରଣପୁର ବ୍ଲକ କାର୍ଯ୍ୟକୁ ଅଚଳ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବିଡଓ ରଶ୍ମିରେଖା ଦାସଙ୍କୁ ପଚାରିବାରୁ କିଛି କହି ପାରିବିନି କହି ଏଡାଇ ଯାଇଥିଲେ ।

ଲୋକ ପ୍ରତିନିଧିମାନଙ୍କର ଅଭିଯୋଗ ଅନୁଯାୟୀ ରଣପୁର ବ୍ଲକର ବୈଠକ ନିୟମ ଅନୁସାରେ କରାଯାଉ ନାହିଁ । ୧ବର୍ଷ ତଳେ ଅଗଷ୍ଟ ୨୮ରେ ବୈଠକ ହୋଇଥିଲା । ୨ମାସରେ ଥରେ ବୈଠକ ହେବାର ନିୟମ ରହିଛି । ହେଲେ ଅଗଷ୍ଟ ପରେ ଆଉ ବୈଠକ କରାଯାଉ ନାହିଁ । ସ୍ୱଚ୍ଛ ଭାରତରେ ନିର୍ମାଣ ହେଉଥିବା ପାଇଖାନା ପିଛା ତିନିଶହ ଟଙ୍କା ଲାଞ୍ଚ ନିଆଯାଉଛି। ହିତାଧିକାରୀ ପାଇଖାନା ନିର୍ମାଣ କଲେ ବିଲ୍ ପାଉ ନାହିଁ । ସ୍ୱୟଂ ସହାୟକ ଗୋଷ୍ଠୀ ପାଇଖାନା କଲେ ସଙ୍ଗେ ସଙ୍ଗେ ବିଲ୍ କରି ଦିଆଯାଉଛି । ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଇଖାନା ଦୁର୍ନୀତି ହୋଇଥିବାବେଳେ କଡବ ନୂଆଗଡ ପଞ୍ଚାୟତ ଦୁର୍ନୀତି ଅସଲ ମୁଖା ଖୋଲିଛି । ରାଜ୍ୟ ସରକାର ୫-ଟିରେ ସ୍ୱଚ୍ଛତା ଆଣୁଥିବାବେଳେ ରଣପୁର ବ୍ଲକରେ ୨୦ ପ୍ରତିଶତ ଉନ୍ନୟନ ଅର୍ଥରେ ପିସି ନିଆଯାଉଛି । ପିସି ନ ଦେଲେ କାମ ହେଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୦ରୁ ୨୫ ହଜାର ଟଙ୍କା ନ ଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳୁନି । ଯୋଗ୍ୟ ହିତାଧିକାରୀ ବାଦ୍ ପଡି ଅଯୋଗ୍ୟ ହତାଧିକାରୀ ଘର ହାତଉଛନ୍ତି। ଯାହାର ନଜୀର କେରେଣ୍ଡାଟାଙ୍ଗୀ ପଞ୍ଚାୟତ। ଏଠାରେ ଭିଜିଲାନ୍ସ ତଦନ୍ତ ଚାଲି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି । ବିଭିନ୍ନ ଉନ୍ନୟନମୂଳକ କମିଟି ଗଠନ କରିବାକୁ ଗତ ସଭାରେ ବିଡିଓ ପ୍ରତଶ୍ରୁତି ଦେଇଥିଲେ । ହେଲେ ଏ ଯାଏ କମିଟି ଗଠନ ହୋଇନାହିଁ। ମା' ମଣିନାଗ ପୀଠକୁ ରାସ୍ତା ଓ ଗୃହନିର୍ମାଣ ପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ଗୁମର ଫିଟନ୍ତା ବୋଲି ଲୋକପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଅଣଦେଖା କରି ବ୍ଲକର ସଭାସମିତି ଓ ଉନ୍ନୟନ କାମ ଚାଲିଛି ବୋଲି ସେମାନେ କହିଛନ୍ତି।

# ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଶେରଗଡ଼ କଲେଜ ପରିଦର୍ଶନ

ଶେରଗଡ,୨୯।୧୧(ଡି.ଏନ୍.ଏ.)



ଉଚ୍ଚଶିକ୍ଷା ନିର୍ଦ୍ଦେଶକ କଲେଜ ପରିଦର୍ଶନ କରୁଛନ୍ତି।

ଶେରଗଡ ସ୍ଥିତ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟକୁ ଶୁକ୍ରବାର ସହକାରୀ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବିଶ୍ୱମ୍ଭର ଷଡ଼ଙ୍ଗୀ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପରିଦର୍ଶନରେ ଆସିଥିଲେ। ପରେ ଯୁକ୍ତ ୩ର ଇଂରାଜୀ କ୍ଲାସକୁ ଯାଇ ଅଧ୍ୟାପକ ମୋବାଇଲରେ ପଢାଉଥିବାରୁ ବହି ଧରି କାହିଁକି ପଢାଉ ନାହାନ୍ତି ବୋଲି ପଚାରିଥିଲେ। ଏହାପରେ ପାଠାଗାର ନ ଥିବା ଓ କଲେଜ ପରିସରକୁ ଭଲ ରାସ୍ତା ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ୨୦୧୪ରୁ ଏହି ଡିଗ୍ରୀ ମହାବିଦ୍ୟାଳୟ ସରକାରୀ ଅନୁଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଛି। କିନ୍ତୁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରୁ ନ ଥିବାରୁ ଅନୁଦାନ ମିଳୁନାହିଁ। ଷ୍ଟାଫମାନେ କଲେଜର ପାଣ୍ଠିରୁ ଦରମା ନେଉଛନ୍ତି। ପ୍ରାୟ ୧୨.୩୦ ବେଳକୁ ଅଧ୍ୟକ୍ଷ ବିନୋଦ ଚନ୍ଦ୍ର କର ପହଞ୍ଚିଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ ନେଇ ତାଙ୍କୁ ପ୍ରଶ୍ନ ପଚରା ଯାଇଥିଲା। ଛାତ୍ରଛାତ୍ର ସଂଖ୍ୟା ଅଧିକ ଥିବାରୁ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ସହକାରୀ ଉଚ୍ଚଶିକ୍ଷା ନିର୍ଦ୍ଦେଶ କରିଥିଲେ। କଲେଜ ପରିସରରେ ପାଇଖାନା, ପାନୀୟଜଳ ବ୍ୟବସ୍ଥା, ରାସ୍ତା କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଦୁଇ ଅଧିକାରୀ କାଗଜପତ୍ର ଯାଞ୍ଚ କରିଥିଲେ। ତୁରନ୍ତ କଲେଜ ପରିଚାଳନା କମିଟି ଡକାଇ ସରକାରୀ ଅନୁଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।